# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ (୧୮ ପୃଷ୍ଠା+କ୍ରୁଡିଦିନ) Bhubaneswar, Sunday, September 28/2025 Page 18 ₹ 7.00

୫୧ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 304 ମୂଲ୍ୟ ₹୭/-







# ଓଡ଼ିଶାରେ ଚିପ୍‌ରୁ ଶିପ୍ ସବୁ ତିଆରି ହେବ: ପ୍ରଧାନମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ରାଜ୍ୟକୁ ଗସ୍ତ କରି ଲୋକଙ୍କ ଉନ୍ନତି କଳ୍ପେ ବିଭିନ୍ନ ପ୍ରକଳ୍ପ ଭେଟି ଦେଉଛନ୍ତି। ଏହି କ୍ରମରେ ସେ ଶନିବାର ଝାରସୁଗୁଡ଼ାଠାରେ ଦେଶ ପାଇଁ ୬୦,୦୦୦ କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ବ୍ରହ୍ମପୁର-ସୁରଟ୍ ମଧ୍ୟରେ ନୂତନ ରେଳ ଚଳାଚଳର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

- ୬୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ
- ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ
- ମୋହନ ଜଣେ କର୍ମଠ ମୁଖ୍ୟମନ୍ତ୍ରୀ: ମୋଦି

ଝାରସୁଗୁଡ଼ା, ୨୭।୯ (ଆଶିଷ ରଞ୍ଜନ ଦାଶ)

ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ କହିଛନ୍ତି, ପ୍ରକୃତି ଓଡ଼ିଶାକୁ ଅନେକ କିଛି ଦେଇଛି। ଏହି ଦଶକ ଓଡ଼ିଶା ପାଇଁ ବହୁ ମୂଲ୍ୟବାନ। ଓଡ଼ିଶା ବର୍ତ୍ତମାନ ଭାରତର ଶିଳ୍ପ ହବ୍ ହେବାକୁ ଯାଉଛି। ଆଜି ଆମେ କାହା ଉପରେ ନିର୍ଭର କରିବା ନାହିଁ। ଆମେ ଆତ୍ମନିର୍ଭର ହୋଇ ଆଗକୁ ବଢ଼ିବା। ଚିପ୍ ତିଆରି ପାଇଁ ୭୦ ହଜାର କୋଟିର ପ୍ରୋଜେକ୍ଟ ପ୍ରସ୍ତୁତ ହୋଇ ସାରିଛି, ଯାହା ଦ୍ୱାରା ୪.୫ ଲକ୍ଷ କୋଟିର ନିବେଶ ଓଡ଼ିଶାକୁ ଆସିବ। ଏହା ଦ୍ୱାରା ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ଏବଂ ଓଡ଼ିଶା ଏଥିରେ ଆଗରେ ରହିବ। ଗତ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାର ଲୋକମାନେ ଏକ ସଂକଳ୍ପ ନେଇଥିଲେ, ଯାହାର ମୂଲ୍ୟରେ ବର୍ତ୍ତମାନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ଏହି ୧୦ ବର୍ଷ ଭିତରେ ଓଡ଼ିଶା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଝାରସୁଗୁଡ଼ା ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ସର୍ବଭାରତୀୟ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ☞ପୃଷ୍ଠା-୮

# ଯୁବବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରେରଣାର ସ୍ରୋତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଗହଣରେ ଉପସ୍ଥିତ ଥିବାରୁ ସେବା ପକ୍ଷର ଏହି ଦିନଟି ସମସ୍ତଙ୍କ ପାଇଁ ଗୋଟିଏ ମହୋତ୍ସବର ଦିନ। ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ବିଧିର ବିଧାନ। କାରଣ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଠିକ୍ ୮ ବର୍ଷ ପୂର୍ବେ ☞ପୃଷ୍ଠା-୮






# ବିଜୟଙ୍କ ରାଲିରେ ଦଳାଚକଟା: ୩୧ ମୃତ



ତାମିଲନାଡୁର କରୁରଠାରେ ଶନିବାର ଟିଭିକେ ମୁଖ୍ୟ ବିଜୟ ପ୍ରଚାରଗାଡ଼ିରୁ ସମର୍ଥକଙ୍କୁ ସମ୍ବୋଧନ କରୁଥିବାବେଳେ ଦଳାଚକଟାର ଦୃଶ୍ୟ।

## ୫୦ରୁ ଅଧିକ ଆହତ

ଚେନ୍ନାଇ,୨୭।୯

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟା ହୋଇଛି। ଏଥିରେ ୬ ଶିଶୁଙ୍କ ସମେତ ଅନ୍ୟୂନ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ଆଶୁ ଆରୋଗ୍ୟ କାମନା କରିଛନ୍ତି।


ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଲିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ସେମାନେ ବିଜୟଙ୍କ ପାଇଁ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା କରି ରହିଥିଲେ। ବିଜୟ ବହୁ ବିଳମ୍ବରେ ରାଲି ସ୍ଥଳରେ ପହଞ୍ଚିଥିଲେ। ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଥିବାରୁ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ ହୋଇଥିଲା। ଦଳାଚକଟା ଯୋଗୁ ଅନେକ ସମର୍ଥକ ମୂର୍ଚ୍ଛା ହୋଇଯାଇଥିଲେ। ଏହା ଜାଣିବା ପରେ ବିଜୟ ଭାଷଣ ବନ୍ଦ କରି ପ୍ରଚାର ବସ୍‌ରୁ ଗହଳି ମଧ୍ୟକୁ ପାଣି ବୋତଲ ଫିଙ୍ଗିଥିଲେ। ଏଥିସହ ପୋଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଆହତ ଓ ମୂର୍ଚ୍ଛାଯାଇଥିବା ଲୋକଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ପ୍ରବଳ ଭିଡ଼ ଯୋଗୁ ବିଳମ୍ବରେ ହସ୍ପିଟାଲରେ ପହଞ୍ଚିଥିଲା। ଫଳରେ ବାଟରେ ଅନେକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଇତିମଧ୍ୟରେ ଷ୍ଟାଲିନ୍ ଆହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଚିକିତ୍ସା ଯୋଗାଇଦେବାକୁ କରୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କରୁର ସ୍ଥିତି ସମୀକ୍ଷା କରିଥିବା ନେଇ ଏକ ସୋସିଆଲ ମିଡିଆ ପୋଷ୍ଟରେ ଜଣାଇଛନ୍ତି। ଷ୍ଟାଲିନ୍ ରବିବାର କରୁର ଗସ୍ତ କରିବେ ବୋଲି ଜଣାପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଏସିଆ କପ୍ ଆଜି ଭାରତ-ପାକିସ୍ତାନ ଫାଇନାଲ

ଦୁବାଇ,୨୭।୯(ପି.ଟି.)

ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୭ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇ ଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିବା ବେଳେ ପାକିସ୍ତାନ ପେସର ହାରିସ ରୌଫ ପ୍ରତିପକ୍ଷ ବ୍ୟାଟରଙ୍କୁ ଗାଳି କରିବା ସହ ଯୁଦ୍ଧବିମାନ ଖସାଇବା ସଙ୍କେତ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରିବା ପରେ ପାକିସ୍ତାନୀ ଓପନର ସାହିବଜାଦା ଫର୍ହାନ ବ୍ୟାଟକୁ ବନ୍ଧୁକ ଭଳି ଦେଖାଇଥିଲେ। ଏଥିଯୋଗୁ ଉଭୟଙ୍କୁ ଆଇସିସି ପକ୍ଷରୁ ଦଣ୍ଡିତ ମଧ୍ୟ କରାଯାଇଛି। ଭାରତୀୟ ଦଳ ଫାଇନାଲ ଜିତିଲେ, ଚାମ୍ପିୟନ ଟ୍ରଫି ଏସିଆନ କ୍ରିକେଟ କାଉନସିଲ (ଏସିସି) ଓ ପିସିବି ମୁଖ୍ୟ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ପଡ଼ିପାରେ। କିନ୍ତୁ ଏଥିଲାଗି ବିସିସିଆଇ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ଏଥିଯୋଗୁ ଗତ ଦୁଇ ମ୍ୟାଚ୍ ଭଳି ଫାଇନାଲ ମଧ୍ୟ ବିବାଦୀୟ ରହିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ସର୍ବାଧିକ ୮ ଥର ଏସିଆ କପ୍ ଜିତିଥିବା ବେଳେ ପାକିସ୍ତାନ ମାତ୍ର ଦୁଇ ଥର ଟ୍ରଫି ହାତେଇଛି।



A quality product from
PAN BAHAR
शुभ नवरात्री
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961). Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258 | www.panbahar.in

# ଧରିତ୍ରୀ
DHARITRI







ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ଶନିବାର ୨ୟ ଜାତୀୟ ମେଡିଏଶନ କନଫରେନ୍ସ ୨୦୨୫କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭୂଷଣ ରାମକ୍ରିଷ୍ଣ ଗବଇ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉପସ୍ଥିତ ଅଛନ୍ତି।

## ୩ ବର୍ଷରେ ଶିକ୍ଷା ବିଭାଗ କିରାଣିଙ୍କ ବଦଳି ବାଧ୍ୟତାମୂଳକ

**ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)**

ଶିକ୍ଷା ବିଭାଗରେ କାର୍ଯ୍ୟରତ କିରାଣି(ମିନିଷ୍ଟେରିଆଲ ଷ୍ଟାଫ୍‌)ଙ୍କର ୩ ବର୍ଷରେ ବଦଳି ବାଧ୍ୟତାମୂଳକ କରାଯାଇଛି। ଯେଉଁ କିରାଣିମାନେ ଗୋଟିଏ ସ୍ଥାନରେ ୩ବର୍ଷ କିମ୍ବା ତା'ଠାରୁ ଅଧିକ ଦିନ ରହିଛନ୍ତି, ସେମାନଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଅଗଷ୍ଟ ୨୦ରେ ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଥିବା କିରାଣିଙ୍କ ମଧ୍ୟରୁ ୫୦ପ୍ରତିଶତ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବଶିଷ୍ଟ ୫୦ ପ୍ରତିଶତ କିରାଣିଙ୍କୁ ଆସନ୍ତା ବର୍ଷ ବଦଳି କରାଯିବ। ଯେଉଁମାନେ ଅଧିକ ବର୍ଷ ଧରି ରହିଛନ୍ତି, ସେମାନଙ୍କୁ ପ୍ରଥମେ ବଦଳି ଦିଗରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଏହି ନିୟମ ଶିକ୍ଷକଙ୍କ ପାଇଁ ଲାଗୁ କରାଯିବ ନାହିଁ। ପ୍ରତିବର୍ଷ ଏପ୍ରିଲ ୩୦ରୁ ୧୫ ଜୁନ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି ସମୟ ସୀମା ପରେ ଯଦି କାହାକୁ ବଦଳି କରାଯାଏ, ତେବେ ଏଥିପାଇଁ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଏହି ସମସ୍ତ କାର୍ଯ୍ୟକୁ ଠିକ ଭାବେ ପାଳନ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଶିଶୁ ସେବିକାମାନେ ଶିକ୍ଷାଦାନ, ଔଷଧ ଦେବେ ନାହିଁ

### ମାର୍ଗଦର୍ଶିକା ଜାରିକଲା ଓସେପା

**ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)**

ଶିଶୁ ସେବିକାମାନେ ଶିଶୁଙ୍କୁ ପାଠପଢ଼ାଇ ପାରିବେ ନାହିଁ। ସେମାନେ ଶିଶୁମାନଙ୍କ ଉପରେ ରାଗିବେ ନାହିଁ କି ଦଣ୍ଡ ଦେଇପାରିବେ ନାହିଁ। ଏମିତି କି ଶିଶୁମାନଙ୍କ ଦେହ ଅସୁସ୍ଥ ଲାଗିଲେ ସେବିକାମାନେ ସେମାନଙ୍କୁ କୌଣସି ଔଷଧ ସେବନ କରିବାକୁ ଦେଇପାରିବେ ନାହିଁ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ପ୍ରତି ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁ ବାଟିକା ☞ପୃଷ୍ଠା-୮

## ମା' ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ,୨୭।୯ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ପୋଇପାଣି ଗ୍ରାମରେ ମା' ମୋବାଇଲ ନ ଦେବାରୁ ନାବାଳକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ପୋଇପାଣି ଗ୍ରାମର ଶିଶୁବିଦ୍ୟାମନ୍ଦିରର ଗୁରୁଜୀ ଅର୍ଜୁନ ଚରଣ ମହାନ୍ତଙ୍କ ଏକମାତ୍ର ପୁଅ ଗୁଗୁଲି ଗଣେଶ ପ୍ରସାଦ ମହାନ୍ତ (୧୧)। ସେ କେନ୍ଦୁଝର ଟାଉନ ନିର୍ମଳା କନ୍‌ଭେଣ୍ଟ ଇଂଲିଶ ମିଡିୟମରେ ପଢୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ଗୁଗୁଲି ମାଆଙ୍କୁ ମୋବାଇଲ ଦେଖିବାକୁ ମାଗିଥିଲେ। ମା'ଜୟନ୍ତୀ ମୋବାଇଲ ଦେବାକୁ ମନାକରି ଜଙ୍ଗଲକୁ ଛତୁ ତୋଳିବାକୁ ପଳାଇଥିଲେ। ଅପରାହ୍ନରେ ଜେଜେ ମା' ବାସନ ମାଜୁଥିବା ବେଳେ ଗୁଗୁଲି ଗଣେଶ ଏକ ରଶି ସାହାଯ୍ୟରେ ଘର ଭିତର ସଂଘାରେ ଝୁଲି ପଡ଼ିଥିଲେ। ଜେଜେ ମାଆ କିଛି ସମୟ ପରେ କବାଟ ଖୋଲି ଗୁଗୁଲି ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପାଟି କରିବାରୁ ପଡ଼ୋଶୀ ଆସି ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି।

**ଆଜିର ସମ୍ପାଦକୀୟ**

ନୂଆ ଭାରତର ସ୍ଥିତି

## ପାକିସ୍ତାନର ବିଜୟ ଦାବିକୁ ପରିହାସ କଲା ଭାରତ

**ଜାତିସଂଘ,୨୭।୯**

ମେ' ୭ରୁ ୧୦ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦାବି କରିଥିବାବେଳେ ଶନିବାର ଭାରତ ଏହାର ପରିହାସ କରିଛି। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନ ଏୟାରବେସ୍ ଏବଂ ସାମରିକ ଭିତ୍ତିଭୂମି ଧ୍ୱଂସ ହୋଇଥିବାର ଚିତ୍ର ବିଜୟ ଭଳି ଦେଖାଯାଉଛି କି ବୋଲି ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟାଲ ଗେହଲଟ୍ କହିଛନ୍ତି। ସଂଘର୍ଷରେ କିଏ ବିଜୟୀ ହୋଇଥିଲା ତାହାର ପ୍ରମାଣ ବିଶ୍ୱ ନିକଟରେ ରଖାଯାଇଥିବା ୟୁଏନ୍‌ଜିଏର ୮୦ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଗେହଲଟ୍ କହିଛନ୍ତି। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା, ଯାହାର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ଅଛି। ପାକ୍ ପ୍ରଧାନମନ୍ତ୍ରୀଙ୍କ ଦାବି ଅନୁଯାୟୀ ଧ୍ୱଂସପ୍ରାପ୍ତ ରନ୍‌ୱେ ଏବଂ ଜଳିଯାଇଥିବା ହ୍ୟାଙ୍ଗରଗୁଡ଼ିକ ଯଦି ବିଜୟ ଭଳି ଦେଖାଯାଉଥାଏ, ତେବେ ଇସ୍‌ଲାମାବାଦ ତାହାକୁ ଉପଭୋଗ କରୁ ବୋଲି ଗେହଲଟ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଅସ୍ତ୍ରବିରତି ପାଇଁ ପାକିସ୍ତାନୀ ସେନା ଅନୁରୋଧ କରିଥିଲା। ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦ ମଧ୍ୟରେ ଥିବା ପ୍ରସଙ୍ଗଗୁଡ଼ିକରେ ତୃତୀୟ ପକ୍ଷ ହସ୍ତକ୍ଷେପ କରିବାର ସ୍ଥାନ ନ ଥିବା ଗେହଲଟ ଜାତିସଂଘରେ ସ୍ପଷ୍ଟ କରିଦେଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ପୁଣିଥରେ ଆତଙ୍କବାଦର ପ୍ରଶଂସା କରିଛନ୍ତି, ଯେପରି ଏହା ସେମାନଙ୍କ ବିଦେଶ ନୀତିର ମୁଖ୍ୟ ଭାଗ ବୋଲି ଗେହଲଟ୍ ଜାତିସଂଘ ସାଧାରଣ ସଭାରେ ଭାରତର ଉତ୍ତର ରଖିବା ଅଧିକାର ବଳରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଶାଖା ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ଏଥିପାଇଁ ନିଜକୁ ଦାୟୀ କରିଥିଲା। ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିଲା। ମେ' ୯ ପର୍ଯ୍ୟନ୍ତ ପାକିସ୍ତାନ ଅଧିକ ଆକ୍ରମଣ କରିବ ବୋଲି ଧମକ ଦେଉଥିବାବେଳେ ୧୦ ତାରିଖରେ ଏହାର ସେନା ଅସ୍ତ୍ରବିରତି ପାଇଁ ସିଧାସଳଖ ନିବେଦନ କରିଥିଲା। ଏହା ପୂର୍ବରୁ ଭାରତୀୟ ସେନା ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା। ସେହି ଧ୍ୱଂସର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ବୋଲି ଗେହଲଟ୍ କହିଛନ୍ତି।

**ଅପରେଶନ ସିନ୍ଦୂର**

**ଅସ୍ତ୍ରବିରତି ପାଇଁ ପାକ୍ ସେନା ନିବେଦନ କରିଥିଲା**



ପେଟାଲ ଗେହଲଟ୍

## ଭିଜିବ ଦଶହରା

**ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)**

ଦଶହରାକୁ ଭିଜାଇବ ବର୍ଷା। ଫିକା ପଡିପାରେ ପାର୍ବଣ। ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ଅକ୍ଟୋବର ୧ରୁ ବର୍ଷାର ପରିମାଣ ବଢ଼ିବା ନେଇ ଅନୁମାନ କରାଯାଉଥିବା



### ଅକ୍ଟୋବର ୧ରେ ଆଉ ଏକ ଲଘୁଚାପ

ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ୧ ତାରିଖରେ ଉତ୍ତର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅପରପକ୍ଷେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ସକ୍ରିୟ ରହିଛି। ଏହା ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବ। ତେବେ ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସାରା ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରବିବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଉପକୂଳ ଓଡ଼ିଶାର ☞ପୃଷ୍ଠା-୮






ରାଜ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ସମସ୍ତ ଓଡିଶାବାସୀ ଓ ଶ୍ରଦ୍ଧେୟ ଗ୍ରାହକମାନଙ୍କୁ ଶାରଦୀୟ ଶୁଭେଚ୍ଛା
THINK BIG...THINK RAJ...
RAJ ELECTRONICS
BUY 1 GET 3 OFFERS FREE*
Durga Puja Offer
ଏହି ପୂଜାରେ ଆପଣଙ୍କ ଘରକୁ ଆଣନ୍ତୁ ଆଉ ଏକ ଖୁସୀର ସମ୍ଭାର...
UPTO 47%* INSTANT DISCOUNT
UPTO ₹30,000 CASH BACK*
UPTO 10% GST MAHA SAVING MELA
UPTO GET 2 EMI REFUND* upto ₹15000 cash back
000 DOWN PAYMENT PROCESSING FEE DBD
LOWEST EMI ₹888* ONWARDS
INSTANT CASHBACK UPTO ₹3500*
EXCHANGE YOUR OLD PRODUCT AND SAVE UP TO ₹15000*
4 YEARS EXTENDED WARRANTY WITH EASY EMI
UPTO 36* MONTHS EMI FACILITY
FAST DELIVERY
10 YEARS WARRANTY
Free MINI* REFRIGERATOR
EMI: ₹ 2025/-
QLED EMI: ₹ 2999/- 3YEAR* ASSURANCE
OLED EMI: ₹ 2995/- 3YEAR* ASSURANCE
Google TV EMI: ₹ 1777/- 3YEAR* ASSURANCE
32" LED EMI: ₹ 1024/-
43" LED EMI: ₹ 990/-
55" LED EMI: ₹ 1999/-
65" LED EMI: ₹ 2995/-
75" LED EMI: ₹ 2995/-
200 Ltr. 195 Ltr. 215 Ltr.
EMI Starts : ₹ 999/-
Solo : EMI: ₹ 888/-
Grill : EMI: ₹ 888/-
Convention : EMI: ₹ 1499/-
AVAIL OFF SEASON OFFERS on AC
4in1
2025 New
1.0Ton 3* Inverter EMI: ₹ 2200/-
1.5Ton 3* Inverter EMI: ₹ 2400/-
1.5Ton 5* Inverter EMI: ₹ 1999/-
Front Load EMI: ₹ 1811/-
Fully Auto EMI: ₹ 990/-
Semi Auto EMI: ₹ 890/-
UPGRADE with NEW GEN. MOBILE
& SAVE upto ₹15,000/-
Price Starts- ₹ 7999/-*
958 33 84064/7735233453
EMI starts from ₹ 888/-*
EMI starts from ₹ 999/-*
Now Easy EMI Facility from your home
benow it's easy
BAJAJ FINSERV
IDFC FIRST Bank
HDB FINANCIAL SERVICES
HDFC BANK We understand your world
UPTO 7.5% INSTANT DISCOUNT* SBI card
#Min. Trxn.: ₹15,000; Max. Discount: ₹5,000 per card. Also valid on EMI Trxns. Validity: 20 Sep - 21 Oct 2025. T&C Apply.
Request To All Customer That, Please Check Our PRICE AND OFFERS Before You Purchase.
ଆଜି ହିଁ ଆସନ୍ତୁ
ସବୁଠାରୁ ଶସ୍ତା କେବଳ ରାଜ ଇଲେକ୍ଟ୍ରୋନିକ୍ସରେ
RAJ ELECTRONICS
BHUBANESWAR
BARAMUNDA : Near Bus Stand, Mob: 9238365729
PATIA : Opp. Idea Office, Mob: 9238365755
NAYAPALLY : Opp. Hotel Presidency, Mob: 9238365515
BAPUJI NAGAR : (Old Showroom) Mob: 9124942931
BAPUJI NAGAR : (Premium) Mob: 9238365728
CUTTACK Link Road, Madhupatna, Ph : 0671- 2342999 Mob : 9238365721
ANGUL Near TATA Motors Nalco Square Ph : 9124942933
TALCHER Sharma Chhak, Near IndusInd Bank Mob : 9124942932
ROURKELA Udit Nagar, Infront Of Vishal Mega Mart, Ph : 9238365730
BALASORE Near Hotel Suraj, Sahadev Khunta, Mob : 9124942935
JHARSUGUDA Near Bus Stand, Kali Mandir Road, Mob.: 9124942934
JAJPUR ROAD Chorda Traffic Chhak, By-Pass Road Mob : 9937475155
Bus Stand Bypass, Ph : 9238365722
JAJPUR TOWN Medical Road, Ph : 06728-222701 9238365724
BHADRAK Chapulia, Ph : 06784-250566, 9238365720
LG SAMSUNG SONY Panasonic Whirlpool Godrej LLOYD VOLTAS HITACHI Carrier BLUE STAR BOSCH Haier IFB MITSUBISHI KENT EUREKA FORBES HAVELLS BAJAJ
*T&C Apply. Offer applicable on selected products/Brand only. Pictures are indicative only. # Festive offers from Company only




# ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି: କଂଗ୍ରେସ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତମ ଥର ଲାଗି ଓଡ଼ିଶା ଗସ୍ତରେ ଆସିଛନ୍ତି। ଖଣିଜ ଦ୍ରବ୍ୟ, ପ୍ରାକୃତିକ ସମ୍ପଦକୁ ଖୋଲାଖୋଲି ଲୁଟକରି ପ୍ରାଚୁର୍ଯ୍ୟରେ ଭରା ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଏକ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଭାଜପା କେବଳ ବିଜ୍ଞାପନ ଓ ଭାଷଣରେ ସରକାର ଚଳାଇଛି। ତାଙ୍କ ସରକାର ଆସିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମରେ ହେବ ଏବଂ ଏହାର ଅନୁଦାନ ହଜାର ହଜାର କୋଟି କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେ ଦିଗରେ ପାହୁଣ୍ଡଟିଏ କାର୍ଯ୍ୟ ମଧ୍ୟ ଅଗ୍ରସର ହୋଇନାହିଁ। ହାଇକୋର୍ଟ ବେଞ୍ଚ ସ୍ଥାପନ ଅଞ୍ଚଳବାସୀଙ୍କ ଏକ ପୁରୁଣା ଦାବି ସେଥିପ୍ରତି ମଧ୍ୟ ସରକାର ଉଦାସୀନ। ଏସବୁ ପଶ୍ଚିମ ଓଡିଶାବାସୀଙ୍କ ପ୍ରତି ଧୋକା ବ୍ୟତୀତ ଅନ୍ୟ କିଛି ନୁହେଁ। ବିଜେଡି ସରକାର ଥିବାବେଳେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ଭାଜପା ଏବେ ଟ୍ରିପଲ ଇଞ୍ଜିନ ସରକାର ହୋଇ ମଧ୍ୟ ସମାଧାନ କରିପାରୁ ନାହିଁ। ଓଡିଶାକୁ ସ୍ୱତନ୍ତ୍ର ଅନୁଦାନ ତ ନାହିଁ ଖାଲିଟାରେ ପ୍ରଧାନମନ୍ତ୍ରୀ କାହିଁକି ବାରମ୍ବାର ଆସି ରାଜ୍ୟକୁ ବହୁ କୋଟି ଟଙ୍କାର ଖର୍ଚ୍ଚାନ୍ତ କରୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ଭାଜପା ଶାସନରେ ନିଅଁ ପକାଇବାକୁ ଲାଗିଗଲା ୧୧ ବର୍ଷ: ବିଜେଡି

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ଭାଜପା ଶାସନରେ ଯଦି ନିଅଁ ପକାଇବାକୁ ୧୧ ବର୍ଷ ପଲେଇଲାଣି ତେବେ ଛାତ ପାଇଁ କେତେଦିନ ଲାଗିବ। ସେମାନଙ୍କୁ କ'ଣ ସବୁବେଳେ ଲୋକ ଭୋଟ ଦେଉଥିବେ ନା ସେମାନେ ଶାସନରେ ଥିବେ ବୋଲି ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ପ୍ରମିଳା କହିଛନ୍ତି, ଯେବେଠାରୁ ଭାଜପା ସରକାରକୁ ଆସିଲାଣି ସେମାନେ ଯେତିକି ପ୍ରକଳ୍ପ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବା ଶୁଭ ଦେଇଛନ୍ତି ସେଥିରୁ କେତୋଟି ସାରିଲେଣି। ତାଳଚେର ସାର କାରଖାନା କେତେଦିନରେ ଚଲେଇବେ ବୋଲି କହିଥିଲେ। ମିଛ ପ୍ରଚାର ଛଡ଼ା ଭାଜପା ସରକାର କିଛି କରୁନାହିଁ। ରାଜ୍ୟରେ ବେକାରିଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ନାରୀ ନିର୍ଯାତନା ବଢ଼ିଛି। ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନକରି ସାର ଯୋଗାଇ ପାରୁନାହାନ୍ତି। ଖାଲି ନୂଆ ସ୍ୱପ୍ନ ଦେଖାଇବାରେ ଏମାନେ ମାହିର। କିନ୍ତୁ ସାଧାରଣ ଲୋକଙ୍କ ଆଶା କିଛି ଏଯାଏଁ ପୂରଣ ହେଲାନାହିଁ ବୋଲି ପ୍ରମିଳା କହିଛନ୍ତି।

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**


# ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ବାଲେଶ୍ୱର,୨୭।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଗତ ୯ ତାରିଖରେ ଡିଏସ୍‌ପି ନାୟକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୫୦୪ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଥିଲେ। ଏଥିରେ ୧୨୦ଜଣ ସାକ୍ଷୀଙ୍କ ନାମ ରହିଥିଲା।


କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।

ବିଭାଗୀୟ ଏଚ୍ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।






ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ

ପାଠେ ଶ୍ରୀଦୁର୍ଗାଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# ନୂଆ ଭାରତର ସ୍ଥିତି



## ଆକାର ପଟେଲ

'ଈଶ୍ୱର ତାଙ୍କ ଚମତ୍କାରିତା ପ୍ରଦର୍ଶନ କରିବା ପାଇଁ ରହସ୍ୟମୟ ତରିକାରେ ଆଗକୁ ବଢ଼ନ୍ତି' (ଗଡ୍ ମୁଭସ୍ ଇନ୍ ମିଷ୍ଟେରିୟସ ୱେଜ୍ ହିଜ୍ ୱଣ୍ଡର୍ସ ଟୁ ପରଫର୍ମ)– ଏହି ଐଶ୍ୱରୀୟ ସ୍ତୁତିକୁ ମୁଁ ସ୍କୁଲରେ ପଢ଼ିଥିଲି। ପ୍ରକୃତ କଥା ହେଉଛି ମନୁଷ୍ୟର ଜ୍ଞାନ ବାହାରେ ସାଧାରଣତଃ ଅଲୌକିକ ଘଟଣା ଘଟିଥାଏ, ଯେଉଁଠି ଉଚ୍ଚତର ଶକ୍ତି କାମ କରେ। ସେଭଳି କିଛି ଭାରତର ବୈଦେଶିକ ନୀତିରେ ଘଟୁଛି। ସରକାରଙ୍କ ପ୍ରଚାର ଅନୁଯାୟୀ ଏହି କ୍ଷେତ୍ରରେ ବଡ଼ ଜିନିଷ ହାସଲ ହୋଇଛି, କିନ୍ତୁ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ କେହି ଜାଣନ୍ତି ନାହିଁ। ତେବେ ଗୋଟିଏ ସପ୍ତାହ ମଧ୍ୟରେ ଜାତିସଂଘର ସାଧାରଣ ସଭାରେ ଆମର କ'ଣ ବିଜୟ ଘଟିଛି ସେ ସମ୍ପର୍କରେ ଜାଣିବା ପାଇଁ ଚାହିଁଲି ଏବଂ ଏଥିଲାଗି ମୋ ବନ୍ଧୁମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫାଇଲ ଉପଯୋଗୀ ହୋଇପାରେ ବୋଲି ଭାବିଲି। ଯଦି ତୁମେ ଏକ ବୈଦେଶିକ ନୀତିର ବୈଧ ତଥ୍ୟକୁ ପରଖିବ, ତେବେ ବୁଝିପାରିବ ଯେ ବିଶ୍ୱରେ ନୂଆ ଭାରତର ସ୍ଥିତି କେଉଁଠି। ଆମ ପଡ଼ୋଶୀଙ୍କଠାରୁ ଆରମ୍ଭ କରିବା। ମୁଁ ସୂଚିତ କରିପାରେ, ପାକିସ୍ତାନ ସହ ଆମ ସମ୍ପର୍କ ଖରାପ। ପାକିସ୍ତାନ ବିରୋଧରେ ଆମ ମିଲିଟାରି ଅପରେଶନକୁ ଶେଷ ନ କରି ସ୍ଥଗିତ ରଖିଥିବାରୁ ସେମାନଙ୍କ ସହ 'ଯୁଦ୍ଧ'ରେ ଅବତୀର୍ଣ୍ଣ ହୋଇଛୁ ବୋଲି କୁହାଯାଇପାରେ। 'ଯୁଦ୍ଧ'କୁ କୋଟେଶନ ଚିହ୍ନ ମଧ୍ୟରେ ରଖିବାର କାରଣ ହେଉଛି ଆମେ ବାସ୍ତବରେ ଯୁଦ୍ଧ ଘୋଷଣା କରିନାହୁଁ। ବାଂଲାଦେଶ ସେମାନଙ୍କ ପ୍ରଧାନମନ୍ତ୍ରୀଙ୍କୁ ଫେରାଇବା ଲାଗି ତାହା ଦାବି କରୁଛି, ଯେଉଁଥିରେ ତାଙ୍କୁ ଦଣ୍ଡିତ କରାଯାଇପାରେ। କିନ୍ତୁ ଆମେ ଏଯାବତ୍ ମନାକରି ଆସିଛୁ। ବାଂଲାଦେଶର ନେତା ସାର୍କକୁ ପୁନର୍ଗଠନ କରାଯିବାକୁ ଚାହୁଁଛନ୍ତି ଏବଂ ଭାରତ ଏହାକୁ ନିଷ୍କ୍ରିୟ କରିଦେବା ଅଭିଯୋଗ କରିଛନ୍ତି। ୨୦୨୨ରେ ଅଗ୍ନିପଥ ଯୋଜନା ଆରମ୍ଭ କରି ଭାରତୀୟ ଆର୍ମିରେ ନେପାଳୀମାନେ ଭାଗନେବାର ୨୦୦ ବର୍ଷର ସମ୍ପର୍କକୁ ଶେଷ କରିଦେଇଛନ୍ତି। ୨୦୧୫ରେ ନେପାଳୀଙ୍କ ବିରୋଧରେ କଟକଣା ସେମାନଙ୍କୁ କ୍ରୋଧିତ କରିଛି। ଗାଜାରେ ଗଣହତ୍ୟା ବନ୍ଦ କରିବା ପାଇଁ ଦାବି କରି ଶ୍ରୀଲଙ୍କା ଆମ ତୁଳନାରେ ଅଧିକ ସାହସ ଦେଖାଇଛି। କିଛିଦିନ ପୂର୍ବେ ସରକାରଙ୍କ ସମର୍ଥକମାନେ ମାଲଡେଭିସ ସହ ସମ୍ପର୍କ ନ ରଖିବାକୁ ଦାବି କରିଥିଲେ, କାରଣ ଆମେ ସେମାନଙ୍କ ଉପରେ ଅସନ୍ତୁଷ୍ଟ ଥିଲୁ। ଆମର ଏବେ ସେମାନଙ୍କ ସହ ବନ୍ଧୁତ୍ୱ ରହିଛି କି ନାହିଁ ତାହା ଅସ୍ପଷ୍ଟ। ଆମ ନେତାଙ୍କ ନିର୍ଦ୍ଦେଶରେ ଚାଇନିଜ ଟେଲିଭିଜନକୁ ନଷ୍ଟ କରିଥିଲୁ। ଏଥିପାଇଁ ଭାରତୀୟଙ୍କୁ କ୍ଷମା କରିଦିଆଯାଇପାରେ, କାରଣ କେବଳ ସେମାନେ ନୁହନ୍ତି, କେହି ବି ଏବେ ଚାଇନା ସହିତ ଆମ ସମ୍ପର୍କ କିଭଳି ରହିଛି ଜାଣନ୍ତି ନାହିଁ। ବିଗତ ଦିନରେ ତାଲିବାନକୁ ସମାଲୋଚନା କରୁଥିଲେ ବି ଏବେ ତାକୁ କାହିଁକି ଗ୍ରହଣ କରିଛୁ ସ୍ପଷ୍ଟ କରାଯାଉନାହିଁ। ୮ ବର୍ଷ ପୂର୍ବେ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେ ଇରାନଠାରୁ ତେଲ କିଣିବା ବନ୍ଦ କରିଥିଲୁ, ହେଲେ ସେମାନେ ଏବେ ମଧ୍ୟ ଆମ ତୀର୍ଥଯାତ୍ରୀଙ୍କୁ ଗ୍ରହଣ କରୁଛନ୍ତି।

ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଆମେ ଦୁଇଟି ବିରାଟ ରାଲିର ଆୟୋଜନ କରିଥିଲୁ। ତାଙ୍କ ପାଇଁ ଆମ କର୍ପୋରେଟ ଟ୍ୟାକ୍ସ ହ୍ରାସ କରିଥିଲୁ ଓ ଆମେରିକା ନିର୍ବାଚନରେ ହସ୍ତକ୍ଷେପ କରିଥିଲୁ। ସେହି ଟ୍ରମ୍ପ ଏବେ ଆମ(୨୫%) ତୁଳନାରେ ପାକିସ୍ତାନ(୧୯%) ଏବଂ ବାଂଲାଦେଶ(୨୦%) ଉପରେ କମ୍ ଟାରିଫ ଲାଗୁ କରିଥିଲେ ଓ ପରେ ଆମ ଉପରେ ଆଉ ୨୫% ବଢ଼ାଇଛନ୍ତି। ଏହା ବ୍ୟତୀତ ଏଚ୍- ୱାନ୍ -ବି ଭିଜା ଦେୟ ବୃଦ୍ଧି କରି ୧,୦୦,୦୦୦ ଡଲାର କରିଛନ୍ତି। ଏବେ ସେ ଫାର୍ମା ଉପରେ ଆଉ ଅଧିକ ଟାରିଫ ଲଗାଇଛନ୍ତି। ଏହା ନିଶ୍ଚିତ ଯେ, ଆମେରିକା ଆମ ବନ୍ଧୁ ନୁହେଁ। କିନ୍ତୁ ଇସ୍ରାଏଲ ଆମ ବନ୍ଧୁ। ଜାତିସଂଘରେ ଗଣହତ୍ୟାକୁ ଯୁକ୍ତିଯୁକ୍ତ ଦର୍ଶାଇ ନେତାନ୍ୟାହୁ ଅଭିଭାଷଣ ରଖିଥିବାବେଳେ ବିଶ୍ୱର ବହୁ ଦେଶର ପ୍ରତିନିଧିମାନେ ବାହାରକୁ ଚାଲିଯାଇଥିଲେ, ହେଲେ ଭାରତ ତାଙ୍କୁ ପ୍ରଶଂସା କରିଥିଲା। ତୁର୍କୀ ଓ ଆଜାରବୈଜାନ ହେଉଛନ୍ତି ଶତ୍ରୁ, କାରଣ ସେମାନେ ପାକିସ୍ତାନର ବନ୍ଧୁ। ସମଗ୍ର ଆଫ୍ରିକୀୟ ଉପମହାଦେଶ(୫୪ରୁ ୫୩ଟି ଦେଶ, ପୁରୁଣା ସ୍ୱାଜିଲାଣ୍ଡକୁ ଛାଡ଼ି ସମସ୍ତେ) ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ପ୍ରୋଗ୍ରାମର ଅଂଶ ଭାବେ ରହିଛନ୍ତି। ନିଶ୍ଚିତ ଯେ, ସେମାନଙ୍କ ଉପରେ ଆମର ଅଧିକ ପ୍ରଭାବ ନାହିଁ। ସମାନ କାରଣ ପାଇଁ କେନ୍ଦ୍ର ଏସିଆ ଓ ଆସିଆନ ରାଷ୍ଟ୍ରଗୁଡ଼ିକ କ୍ଷେତ୍ରରେ ମଧ୍ୟ ସମାନ କଥା ଘଟୁଛି। ଚାଇନା ସହ ଭାରତର ଥିବା ବାଣିଜ୍ୟର ମାତ୍ର ୧୦% ଏବଂ ଆଫ୍ରିକା ସହ ଥିବା ବାଣିଜ୍ୟର ଏକ ଚତୁର୍ଥାଂଶ ରହିଛି ଆସିଆନ ସହ। ରୁଷିଆ ସହ ଆମର ନେଣଦେଣ ସମ୍ପର୍କ। ଅସ୍ତ୍ରଶସ୍ତ୍ର ପାଇଁ ଆମେ ସମ୍ପୂର୍ଣ୍ଣ ଭାବେ ଏହାକୁ ଏକ ଉତ୍ସ ଭାବେ ବ୍ୟବହାର କରୁଛୁ ଏବଂ ଏବେ ତେଲ ପାଇଁ ତାହା କରୁଛୁ। ପ୍ରତିବଦଳରେ ସେମାନେ ଆମକୁ ବନ୍ଧୁ ନୁହେଁ, ବରଂ ଗ୍ରାହକ ଭାବେ ଦେଖୁଛନ୍ତି। ଆମକୁ କଦାପି ସହଯୋଗୀ ଭାବେ ବିଚାର କରୁନାହାନ୍ତି। ଇସ୍ରାଏଲକୁ କୋଳେଇ ନେବା ଯୋଗୁ ଭାରତ ଆରବ ଦେଶଗୁଡ଼ିକର ଲୋକମାନଙ୍କ ସମର୍ଥନ ହରାଇଛି। ଏହା ଆରବ ଦେଶଗୁଡ଼ିକ ସହ ଥିବା ସମ୍ପର୍କକୁ ପ୍ରଭାବିତ କରି ନ ପାରେ, କିନ୍ତୁ ଆରବର ଏକଚ୍ଛତ୍ରବାଦୀ ଶାସକମାନେ ଆମକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

ମୂଲ୍ୟବୋଧ ଦୃଷ୍ଟିରୁ ଆମେ ଧର୍ମନିରପେକ୍ଷ, ଉଦାରବାଦୀ ବ୍ୟବସ୍ଥାରୁ ଦୂରେଇ ଯାଇଛୁ, ଯେଉଁଠିକୁ ଏବେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ଯୁବପିଢ଼ି ଯୋଗୁ ଫେରିବାକୁ ବାଧ ହେଉଛନ୍ତି। ଆମ ବ୍ରିକ୍ସ ସହଯୋଗୀ ବ୍ରାଜିଲ ଆମେରିକାର ସାମ୍ରାଜ୍ୟବାଦକୁ ଦୃଢ଼ ଭାବେ ଅସ୍ୱୀକାର କରିଛି, ଯାହା ଆମେ କେବେ ବି କରିନାହୁଁ। ବିଶ୍ୱରେ ଭାରତ ଏମିତି ଏତେ ଏପାଖ ସେପାଖ ହେବା ଇତିହାସରେ କୌଣସି ସମୟରେ କେବେ ବି ଦେଖାଯାଇନାହିଁ। କାହା ପକ୍ଷରେ ରହିବ କିମ୍ବା କାହା ବିରୋଧରେ ଠିଆହେବ ତାହାକୁ ନେଇ ଅଧିକ ଦ୍ୱନ୍ଦ୍ୱରେ ପଡ଼ିବା ଏବଂ ଅଧିକ ଅପମାନିତ ହେବା ବି ଅତୀତରେ ଲକ୍ଷ୍ୟ କରାଯାଇନାହିଁ। ଏହା ପାଠକଙ୍କୁ ବୁଝିବାରେ ସାହାଯ୍ୟ କରିବ କାହିଁକି ଆମେ ଜଗତୀକରଣର ଅନେକ ବର୍ଷ ପରେ ଜି୨୦ ନେତୃତ୍ୱ ଓ ବିଶ୍ୱଗୁରୁ ତଥା ଅନ୍ୟସବୁ ବିଷୟରେ କହି ଏବେ ଆତ୍ମନିର୍ଭର କଥା କହୁଛୁ। ଏହାକୁ ଆମେ ନୂଆ 'ନୂତନ ଭାରତ'ର ସ୍ଥିତି ବୋଲି କହିପାରିବା।

Email:aakar.patel@gmail.com

# ପେନ୍‌ସନର ଟେନ୍‌ସନ



## ନଳିନୀକାନ୍ତ ଧର

ଭାରତ ଭଳି ବିକାଶୋନ୍ମୁଖୀ ଦେଶରେ ଯେଉଁଠି ଯୋଜନା ବାବଦ ଖର୍ଚ୍ଚ ଅଧିକ ହେବା ଆବଶ୍ୟକ ସେଠାରେ ଦରମା, ପେନ୍‌ସନ, ସୁଧ, ସବ୍‌ସିଡି, ପ୍ରତିରକ୍ଷା ଇତ୍ୟାଦିରେ ବଜେଟର ୭୧.୬୬ ପ୍ରତିଶତ (୨୦୨୫-୨୬) ରାଶି ବ୍ୟୟବରାଦ ହୋଇଯାଏ। ତେଣୁ ବିକାଶ ପାଇଁ ଯେତିକି ପୁଞ୍ଜି ଆବଶ୍ୟକ ଆମକୁ ସବୁବେଳେ ନିଅଣ୍ଟ ପଡ଼େ ଓ ବିତ୍ତୀୟ ନିଅଣ୍ଟକୁ ଭରଣା କରିବା ପାଇଁ ସରକାର ଉଭୟ ଦେଶୀୟ ଓ ବାହ୍ୟ ସୂତ୍ରରୁ ବହୁମାତ୍ରାରେ ଋଣ କରିଥାନ୍ତି। ପୂର୍ବ ପ୍ରଚଳିତ ପେନ୍‌ସନ ବ୍ୟବସ୍ଥାରେ ଭାରତବର୍ଷରୁ ବହୁରାଶି ଖର୍ଚ୍ଚ ହୋଇଥିବାରୁ ତତ୍କାଳୀନ ଏନ୍‌ଡିଏ ସରକାର ୨୦୦୪ ପରଠାରୁ ନୂତନ ପେନ୍‌ସନ ଯୋଜନା ଏନ୍‌ପିଏସ୍ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆରମ୍ଭ କରିବା ପରେ ସମୟାନୁକ୍ରମେ ସମସ୍ତ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିଥିଲେ। ଏହି ନୂତନ ଯୋଜନାର ବିଶେଷତ୍ୱ ହେଲା ଯେ ପୂର୍ବ ଯୋଜନାରେ କେତେ ପେନ୍‌ସନ ରାଶି ପାଇବେ ତାହା ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ନୂତନ ବ୍ୟବସ୍ଥା ଅନୁଯାୟୀ ନିଜସ୍ୱ ଦେୟର ଅର୍ଜିତ ରାଶି ଉପରେ ଆଧାରିତ ହୋଇଗଲା ଓ ସ୍ଥାୟିତ୍ୱ ମଧ୍ୟ ରହିଲା ନାହିଁ। ନୂତନ ପେନ୍‌ସନ ବ୍ୟବସ୍ଥା ଏନ୍‌ପିଏସ୍ ଯାହାକି ପୁଞ୍ଜିବଜାରରୁ ଆୟ ଉପରେ ନିର୍ଭରଶୀଳ, ତେଣୁ ଅବସର ପରେ କେତେ ପେନ୍‌ସନ ପାଇବେ ତାହା ନିର୍ଦ୍ଧାରିତ ନୁହେଁ ଓ ପେନ୍‌ସନ ରାଶି ମଧ୍ୟ ମୁଦ୍ରାସ୍ଫୀତି ସହ ତାଳଦେଇ ବୃଦ୍ଧି ପାଉ ନ ଥିବାରୁ ଏହା ବିଶେଷ ଆଦୃତ ହେଲା ନାହିଁ। ଦୀର୍ଘ ୨ଦଶନ୍ଧି ଧରି ପୁରୁଣା ପେନ୍‌ସନ ନୀତିକୁ ପୁନଃ ପ୍ରଚଳନ କରିବା ପାଇଁ ବିଭିନ୍ନ ସ୍ତରରେ ଦାବି ହୋଇ ଆସୁଛି ଓ ସ୍ଥଳ ବିଶେଷରେ ହିମାଚଳ ପ୍ରଦେଶ, ପଞ୍ଜାବ, ଛତିଶଗଡ଼ ଭଳି କେତେକ ରାଜ୍ୟ ପୂର୍ବ ପ୍ରଚଳିତ ପେନ୍‌ସନ ନୀତି ମଧ୍ୟ ପ୍ରଣୟନ କରିଛନ୍ତି।

ଭାରତ ସ୍ୱାଧୀନ ହେବା ସମୟରେ ଜଣେ ଭାରତୀୟଙ୍କର ହାରାହାରି ଆୟୁ ୩୨ ବର୍ଷ ଥିଲା , ଯାହାକି ବୃଦ୍ଧି ପାଇ ବର୍ତ୍ତମାନ ୭୨ରେ ପହଞ୍ଚିଛି। ଆଗାମୀ ଦିନରେ ଜନସାଧାରଣଙ୍କର ଆର୍ଥିକ ସ୍ୱଚ୍ଛଳତା, ସ୍ୱାସ୍ଥ୍ୟ ସଚେତନତା, ଚିକିତ୍ସା ବିଜ୍ଞାନର ଅଗ୍ରଗତି ଫଳରେ ଏହା ଆହୁରି ବୃଦ୍ଧି ପାଇବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କ୍ରମାଗତ ଭାବରେ ସରକାର ପୁରାତନ ପେନ୍‌ସନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବାକୁ ବିଭିନ୍ନ ଗୋଷ୍ଠୀର ଚାପର ସମ୍ମୁଖୀନ ହୋଇଥିଲେ ଓ ଶେଷରେ ବର୍ତ୍ତମାନ ସାର୍ବଜନୀନ ପେନ୍‌ସନ ବ୍ୟବସ୍ଥା (ୟୁପିଏସ୍) ପରି ଏକ ନୂତନ ପେନ୍‌ସନ ଯୋଜନା ପ୍ରଚଳନ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ଚଳିତ ସେପ୍ଟେମ୍ବର ଶେଷ ସୁଦ୍ଧା ନିଜର ସ୍ୱୀକୃତି ଦେବାପାଇଁ ସମୟ ନିର୍ଘଣ୍ଟ ହୋଇଛି। ପୂର୍ବ ପ୍ରଚଳିତ ନିର୍ଦ୍ଦିଷ୍ଟ ପେନ୍‌ସନ ଯୋଜନାର କେତୋଟି ମୁଖ୍ୟ ତ୍ରୁଟି ହେଲା, ଯେପରି ପ୍ରତିବର୍ଷ ରାଜକୋଷରୁ କେତେ ରାଶି ପେନ୍‌ସନ ବାବଦରେ ଯିବ ତାହା ଜଣା ନ ଥାଏ ଓ ବର୍ତ୍ତମାନ ସରକାରଙ୍କର ଖର୍ଚ୍ଚକୁ ଆଗାମୀ ବଂଶଧର ପାଇଁ ଏହାକୁ ଏକ ବୋଝ ଭାବରେ ଲଦି ଦିଆଯାଏ। ତେଣୁ ପୂର୍ବ ପେନ୍‌ସନ ବ୍ୟବସ୍ଥା ଓ ବର୍ତ୍ତମାନର ଏନ୍‌ପିଏସ୍ ବ୍ୟବସ୍ଥାର ଉଭୟର ଭାରସାମ୍ୟ ରଖି




ସରକାର ଏକ ନୂତନ ଯୋଜନା ୟୁପିଏସ୍ ଆଣିଛନ୍ତି ଓ ଏହି ଯୋଜନାରେ ପୂର୍ବ ପରି ୨୫ ବର୍ଷ ଚାକିରି କରିଥିଲେ ଅବସର ସମୟରେ ଶେଷ ୧୨ ମାସର ହାରାହାରି ଦରମାର ୫୦ ପ୍ରତିଶତ ପେନ୍‌ସନ ହେବ ଓ ଏହା ମୁଦ୍ରାସ୍ଫୀତି ସହ ଅତିରିକ୍ତ ଆକାରରେ ଡିଏ ମଧ୍ୟ ବୃଦ୍ଧି ପାଇବ। ପ୍ରସ୍ତାବିତ ନୂତନ ୟୁପିଏସ୍ ପେନ୍‌ସନ ବ୍ୟବସ୍ଥାରେ ସରକାର ପେନ୍‌ସନ ରାଶି ବାବଦରେ ୧୦ ପ୍ରତିଶତ ଓ ଅତିରିକ୍ତ ପେନ୍‌ସନ ପାଣ୍ଠିକୁ ୮.୫ ପ୍ରତିଶତ ସର୍ବମୋଟ ଦରମାର ୧୮.୫ ବିନିଯୋଗ କରିବେ। ପେନ୍‌ସନ ପାଇଁ ଗଚ୍ଛିତ ପାଣ୍ଠିରୁ ଅର୍ଜିତ ରାଶି ପେନ୍‌ସନ ଯଦି ନିଅଣ୍ଟ ହୁଏ ତା'ହେଲେ ସରକାର ସୃଷ୍ଟି କରିଥିବା ନିଜସ୍ୱ ପାଣ୍ଠିରୁ ଭରଣା କରିବେ। ଏହି ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କଲେ ବୁଝାଯାଏ ଯେ, ସରକାର ଭବିଷ୍ୟତ ପାଇଁ କୌଣସି ବୋଝ ରଖୁନାହାନ୍ତି ଓ ପ୍ରତ୍ୟେକ ଆର୍ଥିକ ବର୍ଷରେ ନିଜର ୧୦/୧୮ ପ୍ରତିଶତ ରାଶି ପେନ୍‌ସନ ଫଣ୍ଡକୁ ପ୍ରଦାନ କରିଦେଉଛନ୍ତି।

ତେବେ ଜଣେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ସେପ୍ଟେମ୍ବର ସୁଦ୍ଧା ସମ୍ମତି ପ୍ରଦାନ କରିବାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠୁଛି। ସେମାନେ ୟୁପିଏସ୍‌କୁ ବାଛିବେ ନା ଏନ୍‌ପିଏସ୍‌କୁ ବାଛିବେ ଦ୍ୱନ୍ଦ୍ୱରେ ଅଛନ୍ତି। ଏବେ ସୁଦ୍ଧା ଖୁବ୍ ଅଳ୍ପ ସଂଖ୍ୟକ ୫ ପ୍ରତିଶତରୁ କମ୍ ୟୁପିଏସ୍ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ସରକାର କୌଣସି ଯୋଜନାର ଢାଞ୍ଚାଗତ ପରିବର୍ତ୍ତନ କଲେ ଅଧିକ ଜନସଚେତନତା ସୃଷ୍ଟିକରିବାର ଆବଶ୍ୟକତା ଅଛି ଓ ନିକଟ ଅତୀତରେ ଇପିଏଫ୍‌ଓର ସଦସ୍ୟମାନେ ମଧ୍ୟ ଏହି କାରଣରୁ ବର୍ଦ୍ଧିତ ପେନ୍‌ସନ ପାଇଁ ଦ୍ୱନ୍ଦ୍ୱରେ ଅନେକେ ନିଜର ସମ୍ମତି ପ୍ରଦାନ କରି ନ ଥିଲେ। ୟୁପିଏସ୍‌ର ବିଶେଷତ୍ୱ ହେଲା ଏହାର ସ୍ଥାୟିତ୍ୱ ଓ ମୁଦ୍ରାସ୍ଫୀତି ସହ ବର୍ଦ୍ଧିତ ପେନ୍‌ସନ ରାଶି ଯାହାକି ପେନ୍‌ସନଭୋଗୀଙ୍କୁ ସୁହାଇବ। କିନ୍ତୁ ଏହି ଯୋଜନାରେ ଯଦି ପେନ୍‌ସନଭୋଗୀ ଉଭୟ ସ୍ୱାମୀ, ସ୍ତ୍ରୀ ମୃତ୍ୟୁବରଣ କରନ୍ତି କୌଣସି ମୂଳଧନ ସେମାନେ ଫେରିପାଇବେ ନାହିଁ। ନ୍ୟାଶନାଲ ପେନ୍‌ସନ ସ୍କିମ୍ ବା ଏନ୍‌ପିଏସ୍ ରେ କିନ୍ତୁ ଜଣେ ନିଜ ଗଚ୍ଛିତ ରାଶି ଫେରି ପାଇପାରୁଛନ୍ତି ଓ ଏଠାରେ ବିନିଯୋଗ ପ୍ରକ୍ରିୟାରେ ନିଜସ୍ୱ ସ୍ୱାଧୀନତା ମଧ୍ୟ ଅଧିକ। ବର୍ତ୍ତମାନ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଏନ୍‌ପିଏସ୍‌ର ପେନ୍‌ସନ ରାଶି କ'ଣ ୟୁପିଏସ୍ ସମକକ୍ଷ ହେବ। ବିଗତ ଦିନରେ ଭାରତର ପୁଞ୍ଜିବଜାରରେ ଅଭିବୃଦ୍ଧି ଭଲ ହୋଇଥିବାରୁ ଏନ୍‌ପିଏସ୍‌ରେ ମଧ୍ୟ ଭଲ ଅଭିବୃଦ୍ଧି ହୋଇଛି, କିନ୍ତୁ ଭବିଷ୍ୟତରେ ଏହା ବଜାୟ ରହିବ ତା'ର କୌଣସି ନିଶ୍ଚିତତା ନାହିଁ। କିନ୍ତୁ ଜଣେ ଯଦି ଦୀର୍ଘଦିନ ଅର୍ଥାତ୍ ୩୫/୪୦ ବର୍ଷ କାର୍ଯ୍ୟରତ ରହେ ଓ ଆଗାମୀ ୨/୩ ଦଶନ୍ଧି ଭାରତର ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧି ପାଇବ ହୋଲି ଆଶା କରାଯାଏ ଏନ୍‌ପିଏସ୍‌ରେ ହୁଏତ ସେ ଲାଭବାନ୍ ହୋଇପାରନ୍ତି ବୋଲି ବିଶେଷଜ୍ଞଙ୍କ ମତ। କିନ୍ତୁ ପରବର୍ତ୍ତୀ ସମୟରେ ଗଚ୍ଛିତ ରାଶିକୁ ଜୀବନକାଳ ଯେଉଁ ପେନ୍‌ସନ ପାଇବ ଏନ୍‌ପିଏସ୍‌ରେ ସ୍ଥାୟିତ୍ୱ ନ ରହୁ ନ ଥିବାରୁ ୟୁପିଏସ୍ ଶ୍ରେୟସ୍କର ବୋଲି ଅନେକେ ମଧ୍ୟ ମତ ପୋଷଣ କରନ୍ତି। ସ୍ୱାମୀ ଓ ସ୍ତ୍ରୀ ଉଭୟେ ପେନ୍‌ସନ ପାଇଁ ଯୋଗ୍ୟ ହୋଇଥିଲେ ଅନେକେ ୟୁପିଏସ୍ ବଦଳରେ ଏନ୍‌ପିଏସ୍‌କୁ ପସନ୍ଦ କରିବେ। କାରଣ ମୃତ୍ୟୁ ପରେ ମୂଳରାଶି ଉତ୍ତରାଧିକାରୀ ଫେରି ପାଇବେ। ସାମଗ୍ରିକ ଭାବରେ ବିଚାରକଲେ ଏନ୍‌ପିଏସ୍ ଠାରୁ ୟୁପିଏସ୍ ଭଲ ବିକଳ୍ପ। କେନ୍ଦ୍ର ସରକାର ଏହାକୁ ଲାଗୁ କଲାପରେ ରାଜ୍ୟ ସରକାରଙ୍କୁ ମଧ୍ୟ ଏହାର ପ୍ରଚଳନ ପାଇଁ ଚାପ ପଡ଼ିବ। ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଭଲ ନୁହେଁ। ତେଣୁ ସେମାନେ ଯଦି ୟୁପିଏସ୍‌କୁ ପ୍ରତ୍ୟାବର୍ତ୍ତନ କରନ୍ତି ବିତ୍ତୀୟ ନିଅଣ୍ଟ ଭଳି ସଙ୍କଟ ସୃଷ୍ଟି ହୋଇପାରେ।

ଭାରତରେ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ କେନ୍ଦ୍ର ଅଥବା ରାଜ୍ୟ ସରକାରରେ କାର୍ଯ୍ୟରତ। ବିଭିନ୍ନ ସାର୍ବଜନୀନ ଓ ଘରୋଇ ସଂସ୍ଥାରେ ନିଯୁକ୍ତ କର୍ମଚାରୀ ନିଜସ୍ୱ ଜମା ଅର୍ଥରାଶିରୁ ଇପିଏଫ୍‌ଓ ଅଥବା ଏନ୍‌ପିଏସ୍‌ରୁ ପେନ୍‌ସନ ପାଇଥାନ୍ତି। ଅଧିକାଂଶଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ନ୍ୟୂନ ଓ ମୁଦ୍ରାସ୍ଫୀତି ସହ ମଧ୍ୟ ବୃଦ୍ଧିପାଏ ନାହିଁ। ଭାରତରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ନୁହେଁ। ଭାରତ ପରି ସର୍ବ ବୃହତ୍ ଗଣତାନ୍ତ୍ରିକ ଦେଶରେ କୌଣସି ମୁଷ୍ଟିମେୟ ଗୋଷ୍ଠୀ ପାଇଁ ସରକାରୀ ରାଜସ୍ୱରୁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି ନ କରି ଜନସାଧାରଣଙ୍କର ନ୍ୟୂନତମ ଆବଶ୍ୟକତା ପୂରଣକରି ପେନ୍‌ସନ ନୀତି ନିର୍ଦ୍ଧାରଣ ହେବା ଆବଶ୍ୟକ। ସାର୍ବଜନୀନ ପେନ୍‌ସନ ବହୁଦିନରୁ ବିଚାରାଧୀନ ଅଛି ହେଲେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପରିଲକ୍ଷିତ ହେଉନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମଗ୍ରିକ ଭାବରେ ପେନ୍‌ସନ ବା ଅବସରକାଳୀନ ସାମାଜିକ ସୁରକ୍ଷାକୁ ସାର୍ବଜନୀନ ତଥା ସୁଦୃଢ଼ କରିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା
ମୋ: ୯୪୩୭୩୪୪୬୫୪

# ତର୍ଜମା ଆଣେ ବିଚାର ନିଷ୍କର୍ଷ



## ଭଗବାନ ଦାଶ

ଅପରାଧ, ଅପରାଧୀ ଓ ଅଭିଯୋଗକାରୀଙ୍କ ଭିଆଣ। ବିଚାର ଚାଲେ, ବିଚାରାଳୟ, ନ୍ୟାୟାଳୟରେ। ହାଜିର ହୁଅନ୍ତି ଉଭୟ। ବିଚାର ବଢ଼େ। ଅଭିଯୋଗକାରୀ ଅଭିଯୋଗ ବଖାଣେ। ଅଭିଯୁକ୍ତଙ୍କୁ ଅପରାଧୀ ବୋଲି ସାବ୍ୟସ୍ତ କରିବାକୁ ଯୁକ୍ତିସଙ୍ଗତ ନ୍ୟାୟ ବାଢ଼ନ୍ତି ଅଭିଯୋଗକାରୀ। ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ନିଜକୁ ମୁକ୍ତ କରିବାକୁ , ଦୋଷମୁକ୍ତ କରିବାକୁ ତାଙ୍କର ଆଇନସମ୍ମତ ଯୁକ୍ତି ଦର୍ଶାନ୍ତି।

ଉଭୟଙ୍କର ଜଣାଣର ଶୁଣାଣି କରନ୍ତି ନ୍ୟାୟାଧୀଶ। ଆଇନର ପରିସରରେ ରହି ବିଚାର ଶୁଣାନ୍ତି। ପରେ ବିଚାର ସନ୍ତୋଷଜନକ ହୋଇ ନ ଥିଲେ, ଉପର ବିଚାରାଳୟକୁ ବିଚାର ଆବେଦନ ଯାଏ। ଏପରିକି ଆବଶ୍ୟକ ହେଲେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ କେତେକ କ୍ରମାନ୍ୱୟରେ ବିଚାରପାଇଁ ପହଞ୍ଚିପାରେ। ପୂର୍ବ ବିଚାରରେ କିଛିଟା ବୈଷୟିକ ତଥ୍ୟ, ପ୍ରମାଣଗତ ସାକ୍ଷ୍ୟର ତାରତମ୍ୟର ଅଭାବ ଅନୁଭବ କଲେ, ସର୍ବୋଚ୍ଚ ନ୍ୟାୟାଳୟ ତାହାକୁ ପୁନର୍ବିଚାର ପାଇଁ ଗ୍ରହଣ କରିପାରନ୍ତି ନତୁବା ଅଗ୍ରାହ୍ୟ କରିପାରନ୍ତି। ପୁନର୍ବିଚାରରେ ଦଣ୍ଡ ଦେଇପାରନ୍ତି କିମ୍ବା କୋହଳ କରିପାରନ୍ତି କିମ୍ବା ବିଚାର ଠିକ୍‌ଥିବାର ନିର୍ଦ୍ଦେଶନାମା ଶୁଣାଇପାରନ୍ତି।

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରକୁ ସମ୍ବିଧାନସମ୍ମତ ମଣି ମାନି ନିଆଯାଏ। ପ୍ରଶ୍ନ ଉଠେ ସମ୍ବିଧାନ ବଡ଼ ନା ଲୋକ ସଭା ବଡ଼ ନା ରାଷ୍ଟ୍ରପତି ବଡ଼। ସ୍ୱାଭାବିକ ମଣିଷ ପାଇଁ ଏ ସବୁ ଶୁଣିବାକୁ ଭଲ ଲାଗେ। ସମ୍ବିଧାନର ଧାରା ବଦଳାଇବା କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କର ଅଛି। ସେଥିପାଇଁ ସମ୍ବିଧାନର ଧାରା ବାରମ୍ବାର ଲୋକାଭିମୁଖୀ ହୋଇ ସଂଶୋଧିତ ହୋଇପାରୁଛି। ବହୁଜନହିତାୟ ହୋଇଥିବାରୁ ସମ୍ବିଧାନକୁ ଆଖି ଆଗରେ ରଖି ବିଚାରଧାରା ଚାଲିଥାଏ। ସେହି ସମ୍ବିଧାନର ନିୟମରେ ହିଁ ଲୋକ ସଭା, ରାଜ୍ୟ ସଭା, ରାଜ୍ୟପାଳ, ବିଧାନ ପରିଷଦ, ବିଧାନ ସଭା ଏପରିକି ନ୍ୟାୟାଳୟ ଇତ୍ୟାଦିର ସୃଷ୍ଟି। ପ୍ରତ୍ୟେକଙ୍କର କାର୍ଯ୍ୟସୂଚୀ ଅଲଗା ଅଲଗା। ଜନ ପ୍ରତିନିଧି ଆଇନ ମନଇଚ୍ଛା ବଦଳାଇ ପାରିବେ ନାହିଁ, କିନ୍ତୁ ବଦଳାଇବା ପାଇଁ ସମ୍ବିଧାନସମ୍ମତ ସଂଖ୍ୟାର ସମର୍ଥନ ଥିଲେ ମଧ୍ୟ ଆଇନରେ ପରିବର୍ତ୍ତନ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ସ୍ୱୀକୃତି ଲୋଡ଼ିବା ଅବଶ୍ୟମ୍ଭାବୀ, ପ୍ରାପ୍ତି ହେଲେ ତାହା ଆଇନର ପରିସରଭୁକ୍ତ ହୋଇଥାଏ।

ସାଧାରଣତଃ ରାଜ୍ୟପାଳ ହୁଅନ୍ତୁ, ରାଷ୍ଟ୍ରପତି ସେମାନେ ନିରପେକ୍ଷ । ସବୁପକ୍ଷର। ଏହା କ'ଣ ବାସ୍ତବରେ ଆମ ଦେଶରେ ପ୍ରତିଫଳିତ ହେଉଛି କି? ଯେଉଁ ଦଳର ହାତବାରିସେ ହୋଇ ଯିଏ ସ୍ଥାପିତ ହୋଇଛନ୍ତି, ସେ ତ ତାଙ୍କର ନୀତି ଆଦର୍ଶକୁ ଆପଣାଇ ନେଉଛନ୍ତି, ପ୍ରାଧାନ୍ୟ ଦେଉଛନ୍ତି। ନିର୍ଭୀକ ନିରପେକ୍ଷ ବିଚାର ଲୁପ୍ତପ୍ରାୟ। ଆଇନରେ ନିରପେକ୍ଷତା ସର୍ବମାନ୍ୟ, କିନ୍ତୁ ଏହା ଆଜିକାଲି ସର୍ବସତ୍ୟ ନୁହେଁ। କାରଣ ଉକ୍ତ ପଦବୀଧାରୀ କୌଣସି ନା କୌଣସି ଦଳଭୁକ୍ତ। ଏଇ ତ ବ୍ୟତିକ୍ରମ। କେହି ଶତପ୍ରତିଶତ



ଭୋଟ ପାଇ ନିଜ ବଳରେ ନିର୍ବାଚିତ ହୋଇ ନ ଥାଆନ୍ତି। ତେଣୁ ପକ୍ଷ ଟାଣିବାରେ ଅସ୍ୱାଭାବିକତା ଆସିବନି କାହିଁକି? ପାର୍ଥକ୍ୟ ଏତିକି ଶତ ପ୍ରତିଶତ ସମର୍ଥନ ହାସଲ ନ କରିଥିଲେ ମଧ୍ୟ ସେମାନଙ୍କ ଦସ୍ତଖତରେ ହେବା ଆଇନଟି ଶତ ପ୍ରତିଶତ ଜନତାଙ୍କ ପାଇଁ। ଏହା ହିଁ ପ୍ରକୃତ ବ୍ୟତିକ୍ରମ। ଆଇନ ଥରେ ହେଲେ ତାହା ରହେ,କାର୍ଯ୍ୟକାରୀ ହୁଏ ବଦଳିବାଯାଏ। ସତ୍ତାଧାରୀ ହେବା ଆଉ ଆଇନ ବଦଳାଇବା ଏ ଦୁଇଟା ଏକାକଥା ନୁହେଁ। ଅଧିକା ଭାଗ ସତ୍ତାପ୍ରାପ୍ତ ହୁଏ, କିନ୍ତୁ ଆଇନ ବଦଳିବାକୁ ଦୁଇ ତୃତୀୟାଂଶର ଆବଶ୍ୟକତା ଅନିବାର୍ଯ୍ୟ ଏବଂ ଅପରିହାର୍ଯ୍ୟ ମଧ୍ୟ। ଏଇଠି କିଛିଟା ବହୁଜନଙ୍କର ସମର୍ଥନ ପ୍ରତଫଳିତ ହେବାର ଉପଲବ୍ଧି ହୁଏ।

କିନ୍ତୁ ବିଚାରାଳୟର ଧାରା ଭିନ୍ନ। ତର୍ଜମା ହୁଏ। ପକ୍ଷ ପ୍ରତିପକ୍ଷଙ୍କୁ ସୁଯୋଗ ଦିଆଯାଏ। ଉଭୟଙ୍କ କଥା ହାକିମ ଶୁଣନ୍ତି। ଉତ୍‌ଥାପିତ ପ୍ରଶ୍ନଗୁଡିକର ମୁହାଁମୁହିଁ ଉତ୍ତର ମଧ୍ୟ ଦେବାର ସୁଯୋଗ ମିଳେ। ଆଇନଜ୍ଞ ମାନଙ୍କର ଆଇନସମ୍ମତ ଯୁକ୍ତିତର୍କ ମନ୍ତବ୍ୟ ଶୁଣିଲାପରେ ଖଣ୍ଡପୀଠ ବିଚାର ଶୁଣାନ୍ତି। ସ୍ଥଳ ବିଶେଷରେ ଆପତ୍ତିର ଗୁରୁତ୍ୱ ଦେଖି ଖଣ୍ଡପୀଠ ହାକିମଙ୍କ ସଂଖ୍ୟାମଧ୍ୟ ବୃଦ୍ଧି କରିଥାନ୍ତି। ଆଇନର ଯଥୋଚିତ ଚର୍ଚ୍ଚାରୁ ନିଷ୍କର୍ଷ ଆସେ, ତାହା ଖଣ୍ଡପୀଠଙ୍କ ବିଚାରର ଫଳ ହୋଇ ପ୍ରକାଶିତ ହୁଏ ଏବଂ କାର୍ଯ୍ୟକାରୀ କରାଯାଏ । ଏଥିରେ ଯେ ଭୁଲଭଟକା ମୋଟେ ନାହିଁ ଏକଥା କହି ହୁଏ ନାହିଁ, ତଥାପି ଆଇନତଃ ତାକୁ ମାନିବାକୁ ବାଧ ହେବାକୁ ହୁଏ । ସେ ପ୍ରକାର ବିଚାର ସବୁକୁ ସମାନ। ସମକକ୍ଷ ସେହି ସ୍ତରର ମକଦ୍ଦମାରେ ଉଦାହରଣ ରୂପେ ନିଆଯାଇ ସମ୍ପ୍ରତି ବିଚାରକୁ ପରିସ୍ଥିତି ଦେଖି ସିଦ୍ଧ କରାଯାଏ।

ଲୋକପ୍ରତିନିଧି ବିଚାରରେ ଦଳୀୟ ପ୍ରଭାବ ପ୍ରତିଭାତ ହେଲାବେଳେ, ବିଚାରାଳୟରେ ନିର୍ଦ୍ଦଳୀୟ ପରିବେଶରେ ତର୍ଜମା ପୂର୍ବକ ବିଚାର ହୁଏ। ତେଣୁ ତାହା ଆପେକ୍ଷିକ ଭାବରେ ଗ୍ରହଣୀୟର ଭାବ ବହନ କରେ। ଜନ ସମର୍ଥନରେ ଆସିଥିବା ଲୋକମାନେ ଜନକଲ୍ୟାଣ ପାଇଁ ଭଲମନ୍ଦ ଭାବୁଥିବା ସବୁକାର୍ଯ୍ୟ ଯେ ଆଇନସମ୍ମତ ଏହା ଭାବିବାର ବେଳ ଆସିଛି। ତର୍ଜମା ବିନା ନିର୍ଯ୍ୟାସ ସମ୍ଭବ କି? ଆଉ ଯାହା ସମ୍ଭବ ଏବଂ ସତ୍ୟ ସେ ସବୁକୁ ତ ନ୍ୟାୟାଳୟରେ ଠିକ ବୋଲି ଧରିନେବାରେ କୌଣସି ପ୍ରତିବନ୍ଧକ ଆସେନି। କାରଣ ସମସ୍ତ ଜନହିତକର ଆଇନକୁ କେବେହେଲେ ଅସିଦ୍ଧ କରାଯାଏନି। ପରିଷଦରେ ନିୟୋଜିତ ଯୁକ୍ତିସଙ୍ଗତ ବିଚାର ନ୍ୟାୟାଳୟରେ ଅଧିକ ବିଚାରର ଶରବ୍ୟ ହୁଏ, ବେଳେ ବେଳେ ସ୍ଥିର ରହିପାରେ କିମ୍ବା ତା'ର ଗତି ବଦଳାଇପାରେ ସମ୍ବିଧାନର ଧାରା ମଧ୍ୟରେ।

ଅବଶ୍ୟ ନିଷ୍କର୍ଷ ଏତିକି ଆସିପାରେ, ଯାହା ଆସୁଛି ତାହା ସବୁକାଳ ପାଇଁ ଯେ ଅପରିବର୍ତ୍ତନୀୟ ଏ ଭାବନା କେବେ ମନକୁ ନ ଆସୁ। ପ୍ରତ୍ୟେକ ସୃଷ୍ଟ ଆଇନର ବିଚାରଧାରାକୁ ବିଶ୍ଳେଷଣ କଲେ ନୂତନ ଦିଗଦର୍ଶନ ମିଳେ। ପ୍ରଚଳିତ ଆଇନ ଯେ ପୁନଃ ସଂଶୋଧନ ପରେ ସଂସ୍ଥାପିତ ନ ହେବ ଏହା କିଏ କହିପାରିବ। ସଦା ସର୍ବଦା ପରିବର୍ତ୍ତନ ହିଁ ସ୍ଥିର।

ଗୁଣ୍ଡିଚା ବିହାର, ପୁରୀ
ମୋ:୮୨୪୯୦୮୨୪୦୦

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି । ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ଖାଦ୍ୟ ରୋଷେଇ ହେଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି । ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୮ ସେପ୍ଟେମ୍ବର ୧୯୭୬

- ଚୀନ ସଫଳତାର ସହିତ ଆଣବିକ ପରୀକ୍ଷା କରିଥିବା ନେଇ ଚୀନ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ଘୋଷଣା।
- ଇଣ୍ଡୋନେସିଆର ବଲି ଅଞ୍ଚଳରେ ଭୂକମ୍ପ ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ନିମନ୍ତେ ଭାରତର ସରକାରଙ୍କ ଦାନ ସ୍ୱରୂପ ୫୦୬ କିଲୋଗ୍ରାମ ଓଜନର ଔଷଧ ପ୍ରେରଣ।
- ତାମିଲ ସାହିତ୍ୟିକ ଶ୍ରୀ ପି.ଭି. ଆକିଲାନ୍ଦାନ ଏକାଦଶ ବାର୍ଷିକ ଜ୍ଞାନପୀଠ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 6 | 1 | | 8 | 7 | |
| | | | | | | 1 | | 2 |
| | | | 4 | 7 | | | | |
| 2 | 4 | | 3 | | | | | |
| 9 | 1 | | | | | | | 5 |
| | 6 | | | | | | | |
| 1 | | | 7 | 3 | | 2 | | 8 |
| | | | | 6 | | | 5 | 9 |
| | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 3 | 6 | 9 | 8 | 1 | 4 |
| 1 | 6 | 8 | 5 | 2 | 4 | 9 | 3 | 7 |
| 4 | 9 | 3 | 7 | 1 | 8 | 6 | 5 | 2 |
| 8 | 3 | 6 | 1 | 4 | 5 | 7 | 2 | 9 |
| 2 | 1 | 9 | 6 | 3 | 7 | 5 | 4 | 8 |
| 5 | 4 | 7 | 9 | 8 | 2 | 3 | 6 | 1 |
| 9 | 8 | 4 | 2 | 5 | 6 | 1 | 7 | 3 |
| 3 | 2 | 5 | 8 | 7 | 1 | 4 | 9 | 6 |
| 6 | 7 | 1 | 4 | 9 | 3 | 2 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ମାନ କମୁଛି

ମହାଶୟ,

ଶିକ୍ଷାର ଗମ୍ବୁଜ ଯେ ଦିନେ ଦିଲ୍ଲୀରୁ ଦୌଲତାବାଦ, ଚେନ୍ନାଇରୁ ଅହମ୍ମଦାବାଦ ଯାଇ ପହଞ୍ଚିପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର ସାଂପ୍ରତିକ ସମୟରେ ଶିକ୍ଷା ପୁସ୍ତକକୈନ୍ଦ୍ରିକ, ଯଦ୍ୱାରା ଶିକ୍ଷାର ପରିଧି କୂପ ମଣ୍ଡୁକ ସଦୃଶ, କେବଳ ନିର୍ଦ୍ଦିଷ୍ଟ ସ୍ଥାନ, କାଳ, ସମୟର ପରିଧି ମଧ୍ୟରେ ଆବଦ୍ଧ ହୋଇ ରହିଯାଉଛି। ପୁରାତନ ଗୁରୁକୁଳରେ ଦିଆଯାଉଥିବା ଶିକ୍ଷାରେ ଶିକ୍ଷା, ସଂସ୍କୃତି, ଆଚରଣ ବହୁ ପରିମାଣରେ ଭରପୂର ହୋଇ ରହିଥିଲାବେଳେ ମାତ୍ର ଆଜିକାଲିର ଶିକ୍ଷା ଗଦାଗଦା ବହିଥାକ ମଧ୍ୟରେ ସୀମିତ ହୋଇ ରହିଯାଉଛି। ବାସ୍ତବିକ ଶିକ୍ଷାର ପରିଧି କେବଳ ଟ୍ୟୁଶନ ଶିକ୍ଷାରେ ସୀମିତ ରହୁଛି। ଦୁଃଖର କଥା ଯେ ସରକାର ଗଦାଗଦା ସାଉଁଟା ଯୋଜନା ସରକାରୀ କଳରୁ ଖର୍ଚ୍ଚକରି ଜନହିତ ଉଦ୍ଦେଶ୍ୟରେ ପ୍ରୟୋଗ କରୁଛନ୍ତି, ମାତ୍ର ଏସବୁ ଆକାଶ କଇଁଆ ଚିଲିକା ମାଛର ଦୁଷ୍ପ୍ରାପ୍ୟ ସଂଯୋଗ ପରି ଅହେତୁକ ଅବସ୍ଥାରେ ପଡ଼ିରହୁଛି। ସରକାରୀ ବିଦ୍ୟାଳୟରେ ପାଠ ପଢିବାକୁ ସମସ୍ତ ଉପକରଣ ଥିବା ସତ୍ତ୍ୱେ ଶିକ୍ଷାର ମାନ ବୃଦ୍ଧି ପାଉନାହିଁ। ଶିକ୍ଷା ମନ୍ଦିରରେ ଯୌନ ନିର୍ଯାତନା, ଗଣ୍ଡଗୋଳ ରାଗିଂ ପରି ଚରମ ପଦକ୍ଷେପ ଦ୍ୱାରା ଶିକ୍ଷାର୍ଥୀର ଭବିଷ୍ୟତ ଗଢ଼ିବା ଆଗରୁ ହିଁ ଭାଙ୍ଗିପଡୁଛି। ଉନ୍ନତମାନର ଯୋଜନା ଅଛି ସତ, ମାତ୍ର ସଫଳ ପ୍ରୟୋଗ ନାହିଁ। ବିଦ୍ୟାଳୟ ଅଛି ସତ, ମାତ୍ର ପାଠପଢ଼ା ନାହିଁ, ଯୋଉଥିପାଇଁ ଶିକ୍ଷାର ମାନଦଣ୍ଡ ବଢିବ କ'ଣ ବରଂ କମିକମି ଯାଉଛି। ଆଜି ବି ସ୍ୱାଧୀନତାର ଏତେ ବର୍ଷ ବିତିଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳରେ ଶିକ୍ଷା ପହଞ୍ଚିପାରିନାହିଁ।

**– ପ୍ରଶାନ୍ତ କୁମାର ଜେନା, ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟିଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ଚମ୍ପକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା–ଗୋରି!
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି


metroselfie@gmail.com



@ ଆହୂତି



@ ବୁବୁ



@ ପ୍ରଦୀପ



@ ଗୋବର୍ଦ୍ଧନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ ମାସରେ ୭୫ ଏମ୍‌ଏମ୍‌ଟି ପଣ୍ୟ କାରବାର

**■ ପାରାଦୀପ ଦେଶର ଦ୍ରୁତତମ ଅଭିବୃଦ୍ଧି ବନ୍ଦର**



ପାରାଦୀପ,୨୭।୯(ଶରତ ରାଉତ)


ପାରାଦୀପ ବନ୍ଦର ଚଳିତ ଆର୍ଥିକବର୍ଷର ୬ ମାସ ମଧ୍ୟରେ ଦେଶର ଦ୍ରୁତତମ ଅଭିବୃଦ୍ଧି ବନ୍ଦର ଭାବେ ଉଭା ହୋଇଛି। ଦେଶର ସମସ୍ତ ପ୍ରମୁଖ ବନ୍ଦର ମଧ୍ୟରେ ପଣ୍ୟ କାରବାର କ୍ଷେତ୍ରରେ ଏହା ସର୍ବାଗ୍ରେ ରହିଛି। ଚଳିତ ଆର୍ଥିକବର୍ଷର ସେପ୍ଟେମ୍ବର ୨୬ ସୁଦ୍ଧା ୭୫ ମିଲିୟନ ମେଟ୍ରିକ୍ ଟନ୍(ଏମ୍‌ଏମ୍‌ଟି) ପଣ୍ୟ କାରବାର କରିଛି। ଏହା ପୂର୍ବବର୍ଷ ତୁଳନାରେ ୫.୦୩% ଅଧିକ। ଗତ ଆର୍ଥିକବର୍ଷର ୧୦ ଦିନ ପୂର୍ବରୁ ପାରାଦୀପ ବନ୍ଦର ଏହି ଲକ୍ଷ୍ୟ ହାସଲ କରିଛି। ଏଥିରେ ଅଶୋଧିତ ତୈଳ ୧୭.୨୨, ତାପଜ କୋଇଲା ୨୨.୫୧ ଓ ଫଲ୍ସ ସାମଗ୍ରୀ ୨.୯୭ ମିଲିୟନ ମେଟ୍ରିକ୍ ଟନ୍ ରହିଛି। କେନ୍ଦ୍ର ସରକାରଙ୍କ ଗତିଶୀଳ ନୀତି ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏପରି ସଫଳତା ପାଇଁ ସମସ୍ତ କର୍ମଚାରୀ ଶ୍ରମିକ ଓ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ କୃତଜ୍ଞତା ଜଣାଇଛନ୍ତି।

# ସିଡିଏମ୍‌ଓଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି

ଯାଜପୁରଟାଉନ,୨୭।୯ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ବିରୋଧରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ରାଜୀବ ପଟ୍ଟନାୟକ ଭିଜିଲାନ୍ସ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଦାବିକରିଛନ୍ତି।

ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ବ୍ୟବହୃତ ହସ୍ପିଟାଲର ବେଡ୍‌ସିଟ ଏବଂ ଚାଦରର ସଫାସୁତରା ଓ ଲଣ୍ଡ୍ରି ବାବଦରେ ଗତ ୫ ବର୍ଷ ମଧ୍ୟରେ ଟେଣ୍ଡର ପ୍ରକ୍ରିୟାରେ ଘୋର ଅନିୟମିତତା ହୋଇଛି। ଏଥିରେ ପ୍ରାୟ ୪.୩୭ କୋଟି ଟଙ୍କାର ଅପବ୍ୟବହାର ହୋଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ମଧ୍ୟ ବେଡ୍‌ସିଟ୍ ସଫାସୁତରାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ, ବିଭିନ୍ନ ଟେଣ୍ଡର ସମ୍ବନ୍ଧୀୟ ନଥିପତ୍ର, ବିଲ୍ ଏବଂ ସେବା ଯୋଗାଇ ଦେବା ପାଇଁ ଯାହା ଆବଶ୍ୟକ ତାହା ଉପଲବ୍ଧ ନ ଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ବିଭାଗୀୟ ତଦନ୍ତ କରିବା ସହ ମୁଖ୍ୟ ଚିକିତ୍ସାଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇନଜୀବୀ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।






## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି


metroselfie@gmail.com



@ ଆହୂତି



@ ବୁବୁ



@ ପ୍ରଦୀପ



@ ଗୋବର୍ଦ୍ଧନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯେଉଁଠି ଶୁଭ ମନାସି ପଥଚାରୀ, ଯାନବାହନ ଅଟକେ


ଖଣ୍ଡପଡ଼ା,୨୭।୯
(ଅଜୟ କୁମାର ମହାରଣା)



ମା' ଶିମିଳିଚଣ୍ଡୀ ଠାକୁରାଣୀ

ପୁରାତନ କିମ୍ବଦନ୍ତୀ ହେଉ ଅବା ଲୋକକଥାକୁ ନେଇ ଦୀର୍ଘବର୍ଷରୁ ପ୍ରଚଳିତ ହୋଇ ଆସୁଥିବା ଘଟଣାକୁ ଅନ୍ଧବିଶ୍ୱାସ କୁହାଯାଉଥିବାବେଳେ ଅନେକ ଲୋକଙ୍କ ପାଇଁ ଏହା ଦୈବୀଶକ୍ତି ବୋଲି ବିଶ୍ୱାସ ରହିଛି। ଏପରି ଏକ ପ୍ରତ୍ୟକ୍ଷ ଠାକୁରାଣୀ ମା' ଶିମିଳିଚଣ୍ଡୀ। ଯେଉଁଠି ପଥଚାରୀ ହୁଅନ୍ତୁ କିମ୍ବା ଯାତ୍ରୀବାହୀ ବସ୍ କିମ୍ବା ବିଭିନ୍ନ ଯାନବାହନ ଏହି ରାସ୍ତା ଅତିକ୍ରମ କରିବା ବେଳେ କଡରେ ବିରାଜିତ ହୋଇଥିବା ଠାକୁରାଣୀଙ୍କ ନିକଟରେ ଟିକିଏ ଅଟକିଯାନ୍ତି, ନିଜର ଗନ୍ତବ୍ୟ ପଥରେ ଭଲରେ ଭଲରେ ପହଞ୍ଚିବା ପାଇଁ ଶୁଭ ମନାସିଥାନ୍ତି। କଣ୍ଟିଲୋ-ଫତେଗଡ଼ ରାଜ୍ୟ ରାଜପଥ ପଥରଚକଡ଼ା ପାନ୍ଥନିବାସ ସାମ୍ନାରେ ତଥା କୁକୁଡ଼ାଖାଇ ନାଳର ଅନତି ଦୂରରେ ଅବସ୍ଥିତ ମା' ଶିମିଳିଚଣ୍ଡୀ ଠାକୁରାଣୀ। ଯେଉଁଠି ପ୍ରତ୍ୟେକ ମଣିଷ ଶୁଭ ମନାସି ଘରୁ ବାହାରିଲା ବେଳେ ସୁମରଣା କରିଥାଏ ତା'ର ଇଷ୍ଟ ଦେବୀଙ୍କୁ।

ଶହ ଶହ ବର୍ଷ ପୂର୍ବେ ସମ୍ପୃକ୍ତ ଠାକୁରାଣୀଙ୍କ ମନ୍ଦିର ନିକଟରେ ଏକ ବିଶାଳ ଶିମିଳି ବୃକ୍ଷ ରହିଥିଲା। ଏହି ଶିମଳି ଗଛରେ ବିରାଜିତ ମା' ଶିମିଳି ଠାକୁରାଣୀ-ମଙ୍ଗଳା ସ୍ୱରୂପା। ଲୋକ ମୁଖରୁ ଶୁଣାଯାଏ ଏଠାରେ ଏକ ଭୂୟାଁ ବାସ କରୁଥିଲା। ଏହି ପ୍ରତ୍ୟକ୍ଷ ଠାକୁରାଣୀ ସେ କୁଆଡ଼େ କୁକୁଡ଼ାବଳିରେ ସନ୍ତୁଷ୍ଟ କରୁଥିଲେ। ଏହି ପରମ୍ପରା ରହିଥିବାରୁ ଏହି ଠାକୁରାଣୀଙ୍କ ନାମ ଶିମିଳିଚଣ୍ଡୀ ଠାକୁରାଣୀ ଓ ନିକଟରେ ରହିଥିବା ଏକ ନାଳ କୁକୁଡ଼ାଖାଇ ନାଳ ଭାବରେ ପରିଚିତ। ପ୍ରତ୍ୟହ ନିକଟସ୍ଥ ପଥରଚକଡ଼ା ଗ୍ରାମରୁ ଗୋପାଳୁଣୀ ଓ ଗୋପାଳମାନେ କଣ୍ଟିଲୋକୁ ଗାଈ ଦୁଗ୍ଧ ଓ ଦହି ବିକ୍ରିକରି ଆସିବା ସମୟରେ ସେମାନେ ନିଶ୍ଚିତ ଭାବରେ ଏହି ମା'ଙ୍କ ନିକଟରେ ଖାଣ୍ଟି ତଥା ନିରୋଳା କ୍ଷୀର କିଛି ଅର୍ପଣ କରିଥାନ୍ତି। ଯଦିବା କୌଣସି ଗୋପାଳୁଣୀ କିମ୍ବା ଗୋପାଳ ଏ ପ୍ରକ୍ରିୟାରେ ତ୍ରୁଟି କରିଥାନ୍ତି ତେବେ ସେମାନଙ୍କର ଅଘଟଣ ଘଟିଥାଏ ବୋଲି ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ କହିଛନ୍ତି। ଏହାଛଡ଼ା ଏହି ପଥ ଅତିକ୍ରମ କରୁଥିବା ବେଳେ ପଥଚାରୀ ହୁଅନ୍ତୁ ଅବା କୌଣସି ଯାନବାହନରେ ଯାତ୍ରା କରୁଥିବା ଯାତ୍ରୀ ବିଶେଷକରି ପ୍ରତ୍ୟହ ମା'ଙ୍କ ମନ୍ଦିର ସାମ୍ନାରେ ଗାଡ଼ିକୁ ଟିକିଏ ଅଟକାଇ ସେଠାରେ ଦୀପଟିଏ ଜାଳି ଦାନବାକ୍ସରେ କିଛି ଅର୍ଥ ପକାଇ ଯାତ୍ରା କରିଥାନ୍ତି। ମା' ଶିମିଳିଚଣ୍ଡୀଙ୍କ ନାମ ସୁମରଣାକରି ଆଗକୁ ବଢ଼ିଲେ ପଥଚାରୀ କି ଯାତ୍ରୀମାନେ ବିନା ବାଧାରେ ଘରେ ପହଞ୍ଚିଥାନ୍ତି ବୋଲି ବିଶ୍ୱାସ ରହିଛି। ଅତୀତରେ ଠାକୁରାଣୀ ଏକ ଗଛ ମୂଳେ ପୂଜା ପାଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ମା'ଙ୍କ ପାଇଁ ଛୋଟିଆ ମନ୍ଦିରଟିଏ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ନିଜର ମନସ୍କାମନା ପୂରଣ ହେବା ପରେ ଠାକୁରାଣୀଙ୍କ ପାଇଁ ସେହି ପୁରାତନ ମନ୍ଦିର ସ୍ଥାନରେ ଏକ ନୂତନ ମନ୍ଦିର ରାଜ୍ୟ ରାଜପଥ କଡ଼ରେ ନିର୍ମାଣ କରାଇଛନ୍ତି କଣ୍ଟିଲୋ ବାପୁଜୀ ନଗରସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ସାହୁ।






## ସଂକ୍ଷେପରେ

### ଟ୍ରକ୍ ପଛରେ ହାଇୱା ପିଟିହୋଇ ଡ୍ରାଇଭର ମୃତ

ଧର୍ମଶାଳା,୨୭।୯(ବଟକୃଷ୍ଣ ପରିଡ଼ା): ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ମା'ତାରିଣୀ ଛକ ନିକଟରେ ଅପରାହ୍ନ ୩ଟାରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ହାଇୱା ଧକ୍କା ହୋଇଛି। ଫଳରେ ହାଇୱା ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଚାଳକ ବିହାର ଅଞ୍ଚଳର ଆଲୋକ ଯାଦବ(୩୦) ବୋଲି ସୂଚନା ମିଳିଛି। ଓଡି୨୯ଡି୮୬୬ ଟ୍ରକ୍ ଘଟଣାସ୍ଥଳରେ ଛିଡ଼ା ହୋଇଥିଲା। ଏହି ସମୟରେ ଓଡି୧୪ଏଡି୮୬୨୨ ହାଇୱା ଆସି ଟ୍ରକ୍ ପଛରେ ଧକ୍କା ହୋଇଥିଲା। ହାଇୱା ଚାଳକ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ନିରୂପମା ଜେନା ସୂଚନା ଦେଇଛନ୍ତି।

### ନୂତନ ଜିଲା କଂଗ୍ରେସ ସଭାପତିଙ୍କୁ ସ୍ୱାଗତ

ଚଣ୍ଡିଖୋଲ,୨୭।୯(ପ୍ରଦୀପ୍ତ କୁମାର ପୃଷ୍ଟି): ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଜିଲା କଂଗ୍ରେସ ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ଯାଜପୁର ଜିଲା କଂଗ୍ରେସ ସଭାପତି ଭାବେ ମାଗୁଣି ବଟକୃଷ୍ଣ ଜେନାଙ୍କୁ ଚୟନ କରାଯାଇଥିବାରୁ ବଡ଼ଚଣା କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ବଡ଼ଚଣା ନେତା ଅଜୟ ସାମଲ କହିଛନ୍ତି, ଜେନାଙ୍କ ଦିଗଦର୍ଶନ ଓ ନେତୃତ୍ୱରେ ବଡ଼ଚଣା କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ପୂର୍ବତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ଦେବେନ୍ଦ୍ର ସାମଲ, ବିଳାସ ଚନ୍ଦ୍ର ବାରିକ, ସେକ୍ ରିୟାସତ ଅଲ୍ଲି, କରୁଣା କର ରଣା, ଅଜୟ ଜେନା, ବଟକୃଷ୍ଣ ଦାସ, ରମେଶ ଚନ୍ଦ୍ର ଜେନା, ଖଗେଶ୍ୱର ବେହେରା, ମାଧବ ମଲ୍ଲିକ, ଅଶୋକ ରାଉତ, ଅଚ୍ୟୁତା ନନ୍ଦ ପଣ୍ଡା, ମନୋରଞ୍ଜନ ମଲ୍ଲିକ, ଅଶୋକ ବେହେରା, ଶକ୍ତିରଞ୍ଜନ ରାଉତ, କାହ୍ନୁ ଚରଣ ଦାସ, ମହନି ଚରଣ ମହାନ୍ତି, ସୁଧାଂଶୁ ଶେଖର ଜେନା ଓ ବାମଦେବ ସାମଲ ପ୍ରମୁଖ ନୂତନ ଜିଲା ସଭାପତିଙ୍କୁ ସ୍ୱାଗତ ଜଣାଇଛନ୍ତି।

# ଶିଳ୍ପୀଙ୍କ ଶେଷ ସ୍ପର୍ଶରେ ମା' ଦୁର୍ଗା

## ଧରାପୃଷ୍ଠରେ ଆବିର୍ଭାବ ହେବେ ଜଗଜ୍ଜନନୀ

ଯାଜପୁରଟାଉନ,୨୭।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଧରାପୃଷ୍ଠରେ ଆବୀର୍ଭାବ ହେବେ ଜଗତ ଜନନୀ ମା' ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ପୁରପଲ୍ଲୀ। ମା'ଙ୍କୁ ସ୍ୱାଗତ କରିବା ପାଇଁ ପୂଜା ମଣ୍ଡପରେ କରାଯାଇଛି ବ୍ୟାପକ ଆୟୋଜନ। ରବିବାର ୨୮ ତାରିଖରେ ମା'ଙ୍କ ଷଷ୍ଠୀ ପୂଜା ଅନୁଷ୍ଠିତ ହେବ। ସେଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାଜପୁର ସହରର ସମସ୍ତ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାରେ କାରିଗର ତୂଳୀର



ଶେଷ ସ୍ପର୍ଶ ଦେଇସାରିଛନ୍ତି। ସେହିପରି ମଣ୍ଡପରେ ରଙ୍ଗୀନ ଆଲୋକମାଳା ଓ ଫୁଲରେ ସାଜସଜ୍ଜା ମଧ୍ୟ କରାଯାଇଛି। ପୂଜା କମିଟି କର୍ମକର୍ତ୍ତା ସମସ୍ତ ପ୍ରସ୍ତୁତି ସାରିଲେଣି। କିଛି ମଣ୍ଡପରେ ମା'ଙ୍କୁ ଚାନ୍ଦିର ଆଭୂଷଣରେ ସଜା ଯାଇଥିବା ଦେଖିବାକୁ ମିଳିଛି। ମା' ଦୁର୍ଗାଙ୍କ ସମେତ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତିକ ପ୍ରମୁଖ ପାର୍ଶ୍ୱ ଦେବଦେବୀଙ୍କ ସାଜସଜ୍ଜା ଅତି ଚିତାକର୍ଷକ ହୋଇଛି। ଯାଜପୁର ସହରର ଅନେକ ଘରୁଆ ପୂଜା ମଣ୍ଡପରେ ମଧ୍ୟ ମା'ଙ୍କୁ ଅତି ସୁନ୍ଦର ଭାବେ ସଜାଗଲାଣି। ସହରର ଅତି ପ୍ରାଚୀନ କୁହାଯାଉଥିବା ସିଂହଘର, ବଲ୍ଲଭଘର, ସେନ୍‌ଘରର ଦୁର୍ଗାଙ୍କୁ ବଙ୍ଗୀୟ ରୀତିରୀତିରେ ପୂଜା କରାଯାଉଥିବାରୁ ସେଠାରେ ମା'ଙ୍କର ଆଭୂଷଣ ଅତି ସୁନ୍ଦର ଭାବେ କରାଯାଇଛି। ଷଷ୍ଠୀ ସନ୍ଧ୍ୟାରେ ବେଲବରଣୀ ପୂଜା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ମହାବୀର ଛକ ପୂଜା କମିଟି ପକ୍ଷରୁ ଚଳିତ ଥର ପାଲା ପରିବେଷଣ କରାଯିବ। ଓଡ଼ିଶାର ପାରମ୍ପାରିକ ପାଲା ସଂସ୍କୃତି ହଜିଯାଉଥିବାରୁ ଏହାକୁ ଉଜ୍ଜୀବିତ ରଖିବା ଓ ଯୁବପିଢ଼ିଙ୍କ ମନରେ ପାଲା ସଂସ୍କୃତିକୁ ସୂଚେଇ ଦେବା ଉଦ୍ଦେଶ୍ୟରେ କମିଟି ପାଲା ପରିବେଷଣ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ଧାରଣା



ମଙ୍ଗଳପୁର ଥାନା ଆଗରେ ଧାରଣା ଦେଇଥିବା ପାରିପଦା ଗ୍ରାମବାସୀ।

## ସମ୍ପର୍କୀୟ ଦିଅରଙ୍କ ନିର୍ଯାତନା ସହି ନ ପାରି ମହିଳା ଆତ୍ମହତ୍ୟା କରିବା ଘଟଣା

ଦଶରଥପୁର,୨୭।୯(ସୁଶାନ୍ତକୁମାରବେହୁରିଆ): ମହିଳାଙ୍କୁ ନିର୍ଯାତନା ଦେଇଥିବା ସମ୍ପର୍କୀୟ ଦିଅରଙ୍କୁ ଗିରଫ ଦାବିରେ ଶନିବାର ପାରିପଦା ଗ୍ରାମବାସୀ ମଙ୍ଗଳପୁର ଥାନା ଆଗରେ ମୃତଦେହ ରଖି ଧାରଣା ଦେଇଛନ୍ତି। ଅଭିଯୁକ୍ତ ଗିରଫ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ କରାଯାଇଛି। ଥାନାଧିକାରୀ ଜଗଦୀଶ କର ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଛି। ବାବାଜୀ ଚରଣ ଦାସ, ବିଜୟ ଦାସ, ରାଜେଶ ଦାସ, କୃଷ୍ଣଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ଉମାକାନ୍ତ ଦାସ, ସୁବାସୀ ଦାସ, ରୋଜି ଦାସ, ରୀତା ଦାସ, ବର୍ଷା ଦାସ, ଫୁସି ଦାସ, ରୁକ୍ମଣୀ ଦାସଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣାରେ ସାମିଲ ହୋଇଥିଲେ।

ପାରିପଦା ଗ୍ରାମର ସମ୍ପୃକ୍ତ ମହିଳା ଘରେ ଏକା ରହୁଥିବାବେଳେ ସିଦ୍ଧାର୍ଥ ଦାସ(୨୪) ନାମକ ସମ୍ପର୍କୀୟ ଦିଅର ତାଙ୍କୁ ପ୍ରେମ ନିବେଦନ କରିବା ସହ ତାଙ୍କ ମୋବାଇଲକୁ ଅଶ୍ଳୀଳ ମ୍ୟାସେଜ ପଠାଉଥିଲେ। ସମ୍ପୃକ୍ତ ମହିଳା ଏ ସମ୍ପର୍କରେ ତାଙ୍କ ସ୍ୱାମୀ ଏବଂ ଶ୍ୱଶୁରଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଫଳରେ ବାଧହୋଇ ମହିଳା ଜଣକ ଶୁକ୍ରବାର ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। ଏନେଇ ପୋଲିସ ନଂ.୨୭୨/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଦେଶରେ ପ୍ରସ୍ତୁତ ଦ୍ରବ୍ୟ ବ୍ୟବହାର ପାଇଁ ପରାମର୍ଶ

ଚଣ୍ଡିଖୋଲ/ଛତିଆ,୨୭।୯ (ପ୍ରଦୀପ୍ତ ପୃଷ୍ଟି/ସୌମ୍ୟରଞ୍ଜନ ସାହୁ): ଯାଜପୁର ଜିଲା ଭାଜପା ପକ୍ଷରୁ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପିପିମଣ୍ଡପ ପ୍ରାଙ୍ଗଣରେ ଗୁରୁବାର ରାତିରେ ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ ଓ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ଯାଜପୁର ଜିଲା ସଂଯୋଜକ ବିକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ବିଦେଶୀ ଦ୍ରବ୍ୟକୁ ଗୁରୁତ୍ୱ ନ ଦେଇ ଦେଶରେ ପ୍ରସ୍ତୁତ ଦ୍ରବ୍ୟର ବ୍ୟାପକ ବ୍ୟବହାର ସାଙ୍ଗକୁ ସ୍ଥାନୀୟ ଅଞ୍ଚଳର ଉତ୍ପାଦିତ ସାମଗ୍ରୀର ଚାହିଦା ବଜାରରେ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏନେଇ ସେପ୍ଟେମ୍ବର ୨୫ରୁ ଡିସେମ୍ବର ୨୫ପର୍ଯ୍ୟନ୍ତ ୯୦ ଦିନ ଧରି ଜିଲା ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସୂଚନା ଦେଇଥିଲେ।

# ତାରିଣୀପ୍ରସାଦ, ଅସୀମା ଓସିଏସ୍ କୃତକାର୍ଯ୍ୟ



ତାରିଣୀ ପ୍ରସାଦ ଗୋଛାୟତ।



ଅସୀମା ଅନ୍ୱେଷା।

ଧର୍ମଶାଳା,୨୭।୯(ବଟକୃଷ୍ଣ ପରିଡ଼ା): ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ(ଓସିଏସ୍)-୨୦୨୩ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଧର୍ମଶାଳା ବ୍ଲକ୍ ଅଧୀନ ଚାରିବାଟିଆ ଗ୍ରାମର ପ୍ରମୋଦ ଗୋଛାୟତଙ୍କ ପୁଅ ତାରିଣୀ ପ୍ରସାଦ ଗୋଛାୟତ ୯୯ ର୍ୟାଙ୍କ୍ ଓ ଧର୍ମଶାଳା ମହାବିଦ୍ୟାଳୟର ଫିଜିକ୍ସ ଡେମୋନ୍‌ଷ୍ଟ୍ରେଟର୍ ବିନୟ ସାମଲଙ୍କ ଝିଅ ଅସୀମା ଅନ୍ୱେଷା ୧୮ ର୍ୟାଙ୍କ୍‌ରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଧର୍ମଶାଳା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା ପ୍ରମୁଖ ୨ କୃତକାର୍ଯ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାରିଣୀପ୍ରସାଦଙ୍କ ବାପା ଜଣେ ଇଞ୍ଜିନିୟର ହୋଇଥିବାବେଳେ ମା' ଶିକ୍ଷୟିତ୍ରୀ। ତାରିଣୀପ୍ରସାଦ ଭୁବନେଶ୍ୱରରରେ ରହି ଓସିଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେହିପରି ଅସୀମା ଜାରକା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମାଟ୍ରିକ ପାସ୍ କରିଥିଲେ। ରେଭେନ୍‌ସା କଲେଜ୍‌ରେ ଯୁକ୍ତ ୨ ଏବଂ ଓୟୁଏଟିରେ ଏଗ୍ରୀକଲ୍‌ଚରରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ନାଗପୁରରେ ଇକୋନମିକ୍ସରେ ପିଜି ସାରି ଓସିଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ।

## ସଫଳତା ପାଇଲେ ଅବସରପ୍ରାପ୍ତ ନୌସେନା କର୍ମଚାରୀ

ଯାଜପୁରରୋଡ୍,୨୭।୯ (ପବିତ୍ର ରଞ୍ଜନ ମହାନ୍ତି): ଓଡ଼ିଶା ସିଭିଲ୍ ସର୍ଭିସ(ଓସିଏସ୍) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କୃତକାର୍ଯ୍ୟ ହୋଇଛନ୍ତି ଜଣେ ପୂର୍ବତନ ନୌସେନା କର୍ମଚାରୀ। ସେ ୩୨୪ ନମ୍ବର ର୍ୟାଙ୍କ ରଖି ବ୍ୟାସନଗର ପାଇଁ ଗୌରବ ଆଣିଛନ୍ତି। ସେ ହେଲେ ବ୍ୟାସନଗର ପୌର ପରିଷଦ କୋପଣ୍ଡ ଗ୍ରାମର ପ୍ରଫୁଲ କୁମାର ମଲ୍ଲିକଙ୍କ ପୁଅ ଶ୍ରୀକାନ୍ତ କୁମାର ମଲ୍ଲିକ। ପରିବାର କହିଲେ ଘରେ ବାପା, ମା', ୪ ଭାଇ ଭଉଣୀ, ସ୍ତ୍ରୀ ଏବଂ ତାଙ୍କର ଗୋଟିଏ ଝିଅ। ସେ ଯୁକ୍ତ ୨ ପରୀକ୍ଷା ଦେବା ପରେ ନିଜ ଉଦ୍ୟମରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ହେଲେ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ପାଇଁ କାମ କରିବା ତାଙ୍କର



ସ୍ୱପ୍ନ ଥିଲା। ସେ ଯେତେବେଳେ ଗ୍ରାମକୁ ଆସନ୍ତି ସାଧାରଣ ଲୋକଙ୍କ କଷ୍ଟକୁ ଦେଖି ଅତି ଦୁଃଖ ଅନୁଭବ କରନ୍ତି। ତେଣୁ ନୌସେନାରୁ ଅବସର ନେବା ଦିନଠାରୁ ଓସିଏସ୍ ପରୀକ୍ଷା ଦେବାକୁ ଚିନ୍ତା କରିଥିଲେ। ଏକ ବର୍ଷ ପରିଶ୍ରମ କରିବା ପରେ ଶେଷରେ ସଫଳତା ପାଇଥିଲେ। ଏହି ସଫଳତା ପାଇଁ ତାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଜାତୀୟ ସେବା ଯୋଜନା ପକ୍ଷରୁ ନିଶାମୁକ୍ତ ଅଭିଯାନ

ଯାଜପୁରରୋଡ୍,୨୭।୯ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ନିଶା ମୁକ୍ତ ଅଭିଯାନ ଓ ରକ୍ତଦାନ ସଂପର୍କିତ ସେଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା ଲଳିତା ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲା ଯୋଜନା ଅଧିକାରୀ ନିରଞ୍ଜନ ପାତ୍ର ଓ ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ ଯୋଗଦେଇ ନିଶାମୁକ୍ତି ଓ ରକ୍ତଦାନ ସମ୍ପର୍କିତ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୋଜନା ଅଧିକାରୀ ଅଧ୍ୟାପିକା ଆୟେଶା ପରିଡ଼ା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେବା ଯୋଜନା ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଚିତ୍ତରଞ୍ଜନ ବଳ, ଜ୍ୟୋତିପ୍ରକାଶ ରାଉତ, ଗୋବର୍ଦ୍ଧନ ନାୟକ, ହୃଷୀକେଶ ତ୍ରିପାଠୀ, ସରୋଜ ଜେନା, ସୁରେନ୍ଦ୍ର ମଲ୍ଲିକ, ବିଦ୍ୟାଧର ବେହେରା, ଅଧ୍ୟାପିକା ଦୀପ୍ତିମୟୀ ରାଉତ, ଇପାଞ୍ଜଳି ନାୟକ, ଅନିମା ପ୍ରଧାନ, ସଂଯୁକ୍ତା ବେହେରା, ଅରୁଣା ବାହେତୀ, ଜ୍ୟୋତିର୍ମୟୀ ରାଉତ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। ଯୋଜନାର ସହାୟିକା କଲ୍ୟାଣୀ ପରିଡ଼ା, ସୁକାନ୍ତି ଦାସ, ସତ୍ୟଭାମା ସ୍ୱାଇଁ, ରମେଶ ସ୍ୱାଇଁ ଓ ପ୍ରଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟକିରାଣି କଲ୍ୟାଣୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉତ୍ସବ

ରସୁଲପୁର,୨୭।୯(ରଞ୍ଜିତ ରାଉତ): ଯାଜପୁର ଜିଲା ଶ୍ରୀରାମପୁର ଖଣ୍ଡର ମୁଗୁପାଳ ମଣ୍ଡଳରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଆଖିଆ ବଜାରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ପଣ୍ଡା ଯୋଗଦେଇ ଭାରତ ଅତୀତ ଭବିଷ୍ୟତ ଯୁବକମାନଙ୍କ ଉପରେ ନିର୍ଭର କରୁଛି। ଏ ଦିଗରେ ସଂଘ ପରିବାର ଅଙ୍ଗୀକାର ବଦ୍ଧ ଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା କାର୍ଯ୍ୟବାହ ଅମିୟ ସାମଲ ଯୋଗଦେଇ ସଂଘର ଶତାବ୍ଦୀର ବୌଦ୍ଧିକ ଓ ସଂସ୍କାରମୂଳକ ଯାତ୍ରା କିପରି କଠିନ ଥିଲା ଏବଂ ଭବିଷ୍ୟତରେ ସଂଘ ସମାଜ ପାଇଁ କ'ଣ ସବୁ କାର୍ଯ୍ୟକ୍ରମ ହାତକୁ ନେବାକୁ ଲକ୍ଷ୍ୟ ରଖିଛି ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସହ ଜିଲା କାର୍ଯ୍ୟବାହ ସନ୍ଦୀପ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଗୁପାଳ ମଣ୍ଡଳର ୯ଟି



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଶାଖା ଓ ୨ ସାପ୍ତାହିକ ମିଳନର ୧୮୦ ସ୍ୱୟଂସେବକ ଯୋଗ ଦେଇଥିଲେ। ସ୍ୱୟଂସେବକଙ୍କ ଗୁଣାତ୍ମକ ସଞ୍ଚାଳନ ହାଇଟେକ ମହାବିଦ୍ୟାଳୟ ଆଗରେ ଥିବା ଶାଖାପଡ଼ିଆରୁ ବାହାରିଥିଲା। ଏହାକୁଆଖିଆ ବଜାରର ମଧୁବନ ରୋଡରୁ ଚଣ୍ଡୀପୁର ଓ ବଜାର ଗଳିପୋଲ ଦେଇ ସାରଙ୍ଗପୁର ମନ୍ଦିରଠାରୁ ଶାଖା ପଡ଼ିଆକୁ ଫେରିଥିଲା। ସ୍ୱୟଂସେବକଙ୍କ ଦ୍ୱାରା ବ୍ୟାୟମ, ଯୋଗ, ଆସନ ଇତ୍ୟାଦି ଶାରୀରିକ ପ୍ରଦର୍ଶନୀ କରାଯାଇଥିଲା। ଶେଷରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା, ବିଭାଗ ଓ ପ୍ରାନ୍ତର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଶ୍ରୀରାମପୁର ଖଣ୍ଡର କାର୍ଯ୍ୟକର୍ତ୍ତା ଯଶୋବନ୍ତ ଦାସ, ଅଜୟ ପୃଷ୍ଟି, ସ୍ୱାଧୀନ ରାଉତ, ଅମିୟ ସାହୁ, ପ୍ରମୋଦ ଦଳେଇ, ସନାତନ ନାୟକ, ତପନ ପଣ୍ଡା, ଅକ୍ଷୟ ପଣ୍ଡା, ଅନୁପମ ପଣ୍ଡା, ଅମିୟ ସାହୁ, ପ୍ରଦୀପ ଗିରି, ଅଂଶୁମାନ କର ଓ ସୁବାସ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମଣ୍ଡଳ କାର୍ଯ୍ୟବାହ ପୂର୍ଣ୍ଣଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

## ୭୦ତମ ର୍ୟାଙ୍କ୍‌ରେ ମୈତ୍ରୀ ମହାନ୍ତି

ଯାଜପୁରଟାଉନ,୨୭।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ବ୍ଲକ ଜାହାନପୁର ପଞ୍ଚାୟତ କପିଳେଶ୍ୱର ଗ୍ରାମର ବିବେକାନନ୍ଦ ମହାନ୍ତିଙ୍କ ଝିଅ ମୈତ୍ରୀ ମହାନ୍ତି ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍)ପରୀକ୍ଷାରେ ୭୦ତମ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ମୈତ୍ରୀଙ୍କୁ ଏଥିପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ମୈତ୍ରୀ



ଜଣାଶୁଣା ଡାକ୍ତର ନନ୍ଦକିଶୋର ମହାନ୍ତିଙ୍କ ଝିଆରୀ ମଧ୍ୟ।

## ବାଣ ତିଆରି ସ୍ଥାନରେ ପୋଲିସର ଚଢ଼ାଉ

ରସୁଲପୁର,୨୭।୯(ରଞ୍ଜିତ ରାଉତ): କୁଆଖିଆ ଥାନା କଲଣ ପଞ୍ଚାୟତ ନୂଆହାଟ ଗ୍ରାମରେ ବେଆଇନ ବାଣି ତିଆରି ହେଉଥିବା ଖବର ପାଇ ଶନିବାର ପୋଲିସର ଏକ ୪ଜଣିଆ ଟିମ୍ ଚଢ଼ାଉ କରିଛି। ଏହି ସମୟରେ ବାଣ ପ୍ରସ୍ତୁତ କରୁଥିବା ଭ୍ରମର ମଲିକ(୪୨)ଙ୍କୁ ପୋଲିସ ଟିମ୍ କାବୁ କରି ଅଟକ ରଖିଛି। ଭ୍ରମରଙ୍କ ଘରେ ହାତ ତିଆରି ବୋମା ପ୍ରସ୍ତୁତ କରାଯାଉଥିବା ପୋଲିସ ଟିମ୍ ଜାଣିବାକୁ ପାଇଛି। ସେଠାରୁ ବାଣ ପ୍ରସ୍ତୁତ ପାଇଁ ଗଚ୍ଛିତ ହୋଇ ରଖାଯାଇଥିବା ବିସ୍ଫୋରକ ସାମଗ୍ରୀ, ବିକ୍ରୀ ପାଇଁ ପ୍ରସ୍ତୁତ ହୋଇଥିବା ବାଣ ଜବତ କରାଯାଇଛି। ଏ ନେଇ ଥାନାରେ ନଂ.୩୮୦/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଟାଟା ପାୱାର ପକ୍ଷରୁ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଟାଟା ପାୱାର ଅଧିକାରୀ ଓ ବିଦ୍ୟାଳୟର ଛାତ୍ରୀଛାତ୍ର।

ରସୁଲପୁର,୨୭।୯(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଟାଟା ପାୱାର ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭବେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଛର ଉପକାରିତା ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ସଚେତନ କରାଯାଇଛି। ମୁଖ୍ୟଅତିଥି ଟାଟାପାୱାର କୁଆଖିଆ ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ ମଲ୍ଲିକ, ସମ୍ମାନିତ ଅତିଥି ଭାବରେ କୁଆଖିଆ ସେକ୍ସନ ମ୍ୟାନେଜର ଚିତ୍ତରଞ୍ଜନ ଭୂୟାଁ, ବିଭାଗୀୟ ବାଣିଜ୍ୟିକ ମୁଖ୍ୟ ଚିତ୍ତରଞ୍ଜନ ଜେନା, ବିତ୍ତ ବିଭାଗ ମୁଖ୍ୟ ରାଜୀବଲୋଚନ ନାଏକ, ଶିକ୍ଷକ ଅକ୍ଷୟ ସାହୁ, ମୋନାଲିସା ବେହୁରା, ମୋନାଲିସା ଭଞ୍ଜ, ସୂର୍ଯ୍ୟମଣି ରାଉତ ପ୍ରମୁଖ ଯୋଗଦେଇ ଗଛ ହିଁ ଜୀବନ ବୋଲି ମତ ରଖିବା ସହ ପ୍ରତ୍ୟେକ ପିଲା ସେମାନଙ୍କ ଜନ୍ମ ଦିନରେ ଚାରାରୋପଣ କରିବା ସହ ତା'ର ଯତ୍ନନେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିସରରେ ଅତିଥିଙ୍କ ଦ୍ୱାରା ନାନା ଚାରା ଲଗାଯାଇଥିଲା। ଏହାର ଯତ୍ନ ନେବା ଦିଗରେ କମ୍ପାନୀ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। କମ୍ପାନୀ ପକ୍ଷରୁ ବିଦ୍ୟାର୍ଥୀଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଶିକ୍ଷକ ଓ ଟାଟା ପାୱାର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାରକା ବଜାରରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା

# ଅଧା ଆଲୁଅ, ଅଧା ଅନ୍ଧାର

କାଏମା, ୨୭।୯( ଶିବପ୍ରସାଦ ମହାନ୍ତି): ଯାଜପୁର ଜିଲାର ଜାରକା ଅଞ୍ଚଳରେ ଅନେକ ସମୟରେ ଅଧା ଆଲୁଅ ଅଧା ଅନ୍ଧାର ଭଳି ପରିସ୍ଥିତି ଦେଖିବାକୁ ମିଳୁଛି। କାରଣ ରାସ୍ତା ପାର୍ଶ୍ୱରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟଗୁଡ଼ିକ ମାସରେ ଅଧାଦିନ ଜଳିଲେ ଅବଶିଷ୍ଟ ଦିନ ବନ୍ଦ ରହୁଛି। ମଙ୍ଗଳବାର ସନ୍ଧ୍ୟାରେ ଜାରକା ଫାଣ୍ଡି ନିକଟରୁ ପୁରୁଣା ୟୁକୋ ବ୍ୟାଙ୍କ ରାସ୍ତା ମଧ୍ୟ ଦେଇ ଯାଇଥିବା ସର୍ଭିସ୍ ରୋଡରେ ଥିବା ଲାଇଟ୍‌ଗୁଡ଼ିକ ଜଳୁ ନ ଥିଲା। ଫଳରେ ଅନ୍ଧକାର ଭିତରେ ଲୋକଙ୍କ ଯାତାୟାତରେ ନାନା ପ୍ରକାର ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ବିଶେଷକରି ସନ୍ଧ୍ୟାରେ ସେଠାରେ ଗହଳି ହେଉଥିବାରୁ ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ହଇରାଣ ହୋଇଥିଲେ।

ଜିଲାର ପ୍ରମୁଖ ବଜାର ମଧ୍ୟରେ



ଜାରକା ଅଞ୍ଚଳ ପରିଗଣିତ ହୁଏ। ଜାରକା ବଜାର ମଧ୍ୟ ଭାଗରେ ୧୬ ନମ୍ବର ଜାତୀୟ ରାଜପଥ ରହିଛି। ଯାହାଦ୍ୱାରା ଜାରକା ବଜାର ଦୁଇ ଭାଗରେ ବିଭକ୍ତ ହୋଇ ଉପର ବଜାର ଓ ତଳ ବଜାର ଭାବେ ପରିଗଣିତ ହୋଇଥାଏ। ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସହ ଲୋକଙ୍କ ଭିଡ଼ ସକାଳୁ ରାତି ଯାଏ ଲାଗି ରହିଥାଏ। ସେହିପରି ଜାତୀୟ ରାଜପଥର ଜାରକା ମଧ୍ୟ ଭାଗରେ ଥିବା ଫ୍ଲାଏ ଓଭର ବ୍ରିଜ୍ ଦୁଇପାର୍ଶ୍ୱରେ ଅନେକ ବେସରକାରୀ ସ୍କୁଲଠାରୁ ଆରମ୍ଭ କରି ନୃତ୍ୟ ଓ ସଙ୍ଗୀତ ଶିକ୍ଷାଦାନ କେନ୍ଦ୍ର, ଜିମ୍ ସେଣ୍ଟର୍, ମଲ୍ ଓ ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ଔଷଧ ଦୋକାନ ମାନ ଗଢ଼ି ଉଠିଛି। ଏଥିଲାଗି ସନ୍ଧ୍ୟା ସମୟରେ ଏହି ସବୁ ସ୍ଥାନରେ ଭିଡ ଦେଖାଯାଇଥାଏ। ଜାତୀୟ ରାଜପଥର ଫ୍ଲାଏଓଭର ବ୍ରିଜ୍ ଦୁଇପାର୍ଶ୍ୱରେ ଅନେକ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଯାହାଦ୍ୱାରା ଦୁଇ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ ଆଲୋକିତ ହୋଇଥାଏ। ଏହି ରାସ୍ତା ଦେଇ ଅନେକ ଛାତ୍ରୀଛାତ୍ର ଓ ମହିଳା ସୁରକ୍ଷିତ ଭାବେ ଗମନାଗମନ କରିଥାନ୍ତି। କିନ୍ତୁ ଦୁଃଖର କଥା ଏହି ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ମାସରେ ଅଧା ଦିନ ଜଳିଲେ ଅବଶିଷ୍ଟ ସମୟରେ ବନ୍ଦ ରହେ। ଯାହାଦ୍ୱାରା ରାସ୍ତା ଘାଟ ଅନ୍ଧକାରମୟ ହୋଇଯାଏ। ଚୋରି, ରାହାଜାନୀ ଭଳି ସ୍ଥିତି ଦେଖିବାକୁ ମିଳେ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲାଗିଥିବା ଲାଇଟ୍‌ଗୁଡ଼ିକ କାହିଁକି ବନ୍ଦ ରୁହେ ତାହାର କାରଣ ଅସ୍ପଷ୍ଟ ରହିଛି। ତେଣୁ ଏହି ଲାଇଟ୍ ପାଇଁ ବ୍ୟବହୃତ ସାମଗ୍ରୀର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିବା ସହ ଏହାକୁ ଲଗାଇଥିବା ସଂସ୍ଥା ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସଂସ୍ଥାର ମନମୁଖି କାର୍ଯ୍ୟ ଉପରେ ପ୍ରଶାସନ କଡ଼ା ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ବାଘ ଆକ୍ରମଣରେ ଜଣେ ଗୁରୁତର**

ମହାକାଳପଡ଼ା, (ପ୍ରତାପ ଚନ୍ଦ୍ର ସ୍ୱାଇଁ): ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ହେତାମୁଣ୍ଡିଆ ସଂରକ୍ଷିତ ଜଙ୍ଗଲର ନଦୀକୂଳରେ ଶନିବାର ଶଙ୍କର ଜେନା (୪୫) ମାଛ, କଙ୍କଡ଼ା ଧରୁଥିବାବେଳେ ବାଘ ଆକ୍ରମଣ କରି ଖଣ୍ଡିଆ ଖାବରା କରି ଦେଇଛି। ଶଙ୍କରଙ୍କୁ ସାଧାମାନେ ନିକଟ ବଟିଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଜଙ୍ଘରେ ଷ୍ଟିଚ ପଡ଼ିଛି ପରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜର ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରେ ନଦୀ, ନାଳ ଓ ଜଙ୍ଗଲରେ ପ୍ରବେଶ ନ କରିବାକୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।

# ତହସିଲ ପ୍ରଶାସନର ତାରବାଡ଼ କଟାକୁ ନେଇ ଉତ୍ତେଜନା

- ଗ୍ରାମବାସୀ ଅତିରିକ୍ତ ତହସିଲ୍‌ଦାରଙ୍କ ଗାଡ଼ି ଆଗରେ ବସି ୫ ଘଣ୍ଟା ଅଟକାଇଲେ
- ପ୍ରତିଶ୍ରୁତି ପରେ ହଟିଲେ ଗ୍ରାମବାସୀ

ରାଜକନିକା, ୨୭।୯ (ସଞ୍ଜୟ କୁମାର ଦାଶ)

ଅନଶନ, ଗଣଧାରଣା ଓ ପ୍ରତିବାଦ ପରେ ଦୀର୍ଘଦିନ ଧରି ରାଉତ ବର୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ କନିକା ତହସିଲ ପ୍ରଶାସନ ଦ୍ୱାରା ଜବରଦଖଲ ମୁକ୍ତ କରାଯାଇଥିଲା। ହେଲେ ଜବରଦଖଲକାରୀ ଉକ୍ତ ରାସ୍ତାକୁ ବାହାରି ପାରୁ ନ ଥିବା ଅଭିଯୋଗକ୍ରମେ ଶନିବାର କନିକା ତହସିଲ ପ୍ରଶାସନ ପକ୍ଷରୁ ଦେବବଲ୍ଲଭ ସେଠି ମଧାହ୍ନରେ ଘରଣୀପ୍ଲଟରେ ପଡ଼ୁଥିବା ତାରବାଡ଼କୁ କାଟିଦେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ପ୍ରଶାସନର ଏକତରଫା ଆଇନକୁ ପ୍ରତିବାଦ କରି ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ଆଗରେ ୫ ଘଣ୍ଟା କାଳ ଶତାଧିକ ମହିଳାପୁରୁଷ ବସି ପ୍ରତିବାଦ କରିଥିଲେ। ରାଜକନିକା ପୋଲିସର ହସ୍ତକ୍ଷେପ, ତହସିଲ ପ୍ରଶାସନର ପ୍ରତିଶ୍ରୁତି ପରେ ଗ୍ରାମବାସୀ ଉଠିଥିଲେ। ସୂଚନାଯୋଗ୍ୟ, ରାଜକନିକା ବ୍ଲକ ଓ୍ୱିଲୋକ୍ୟପୁର ପଞ୍ଚାୟତ ରାଉତବର୍ଗୀ ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଜଣ ଛାତ୍ରଛାତ୍ରୀ ପଢ଼ିଥାନ୍ତି। ସ୍କୁଲକୁ ଯାତାୟାତ ପାଇଁ ଥିବା ମୁଖ୍ୟରାସ୍ତାଟିକୁ ଗାଁର ଜଣେକ ବ୍ୟକ୍ତି ଅବରୋଧ କରିଥିଲେ। ଏହି ରାସ୍ତା କଚ୍ଚା ଓ ଅଣସରିଆ ହୋଇଥିବାରୁ ଛାତ୍ରଛାତ୍ରୀ ବର୍ଷାଦିନେ କାଦୁଅ ପାଣିରେ ପଶି ସ୍କୁଲ ଯାଇଥାନ୍ତି। ବିଭିନ୍ନ ସମୟରେ ସ୍କୁଲ ଯିବା ବାଟରେ ପିଲାମାନେ ପଡ଼ି ଘରକୁ ଫେରିଥାନ୍ତି। ରାସ୍ତାର ଦୁଇପାର୍ଶ୍ୱରେ ଘଞ୍ଚଜଙ୍ଗଲ ଥିବାରୁ ସାପର ଭୟ ଥିବା ଛାତ୍ରଛାତ୍ରୀ କହିଛନ୍ତି। ବର୍ଷା ହେଲେ ଅଭିଭାବକ ପିଲାମାନଙ୍କୁ ସ୍କୁଲ ଛାଡ଼ୁନାହାନ୍ତି। ଏହି ରାସ୍ତା ସମସ୍ୟାର ସମାଧାନ ପାଇଁ ଅନେକଥର ପ୍ରଶାସନକୁ ଗୁହାରି କରିଥିଲେ ବି ସୁଫଳ ନ ମିଳିବାରୁ ଗତ ୧୫ ତାରିଖରେ କନିକା ତହସିଲ କାର୍ଯ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଗଣଧାରଣା ଦେଇଥିଲେ। ଏଠାରେ କନିକା ତହସିଲଦାର ଭାନୁମତି ମାଝୀ ପକ୍ଷରୁ ଧାରଣାରତ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ଗତ ୧୬ ତାରିଖରେ ଡିମାର୍କେଶନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ଉପସ୍ଥିତିରେ ତହସିଲ ପ୍ରଶାସନ ମାପ କରି ରାସ୍ତା ଚିହ୍ନଟ ପରେ ଖୁଣ୍ଟ ପକାଯାଇଥିଲା। ତେବେ ୨୪ ତାରିଖରେ ତହସିଲ ପ୍ରଶାସନ ପକ୍ଷରୁ ପୋଲିସ ଉପସ୍ଥିତିରେ ତାରବାଡ଼ ଲଗାଯାଇଥିଲା। ତାରବାଡ଼ ଲାଗିବା ଫଳରେ ଜବରଦଖଲକାରୀଙ୍କୁ ଚଳପ୍ରଚଳରେ ଅସୁବିଧା ଉପୁଜିଥିବା ନେଇ ତହସିଲରେ ଅଭିଯୋଗ କରିଥିବା ଅତିରିକ୍ତ ତହସିଲଦାର ସେଠି କହିଥିଲେ। ତେବେ ଅତିରିକ୍ତ ତହସିଲଦାରଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରି ଗାଁ ମଝିରାସ୍ତାରେ ବସି ରହିଥିଲେ। ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ସାମ୍ନାରେ ବସି ଗ୍ରାମବାସୀ ପ୍ରତିବାଦ କରିଥିଲେ। ସେମାନେ କହିଥିଲେ, ଯେଉଁ ପ୍ରଶାସନ ତାରବାଡ଼ କରିଥିଲେ, ସେହି ପ୍ରଶାସନ ଆଜି କାହିଁକି ତାରବାଡ଼କୁ କାଟିଛନ୍ତି। ଯେପର୍ଯ୍ୟନ୍ତ ତାରବାଡ଼ ପୁଣି ନ କରିବେ ସେ ପର୍ଯ୍ୟନ୍ତ ଅତିରିକ୍ତ ତହସିଲଦାରଙ୍କୁ ଅଟକ ରଖାଯିବ ବୋଲି ଗ୍ରାମବାସୀ କହିଥିଲେ।



ଗ୍ରାମବାସୀ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ଅଟକାଇଛନ୍ତି।

## ଓସିଏସ୍ ପରୀକ୍ଷାରେ ରାଜନଗରରୁ ୩ କୃତକାର୍ଯ୍ୟ



ରାଜେନ୍ଦ୍ର ମାଝୀ



ଶାଶ୍ୱତୀ ମହାପାତ୍ର



ସୁଧୀର ରଞ୍ଜନ ଦେବଶର୍ମା ଦାଶ

ରାଜନଗର, ୨୭।୯ (ଭାସ୍କର ରାଉତରାୟ)

ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଚଳିତବର୍ଷ ରାଜନଗର ବ୍ଲକରୁ ୩ ଜଣ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି କୃତୀ ପରୀକ୍ଷାର୍ଥୀମାନେ ହେଲେ ଗଡ଼ିଆମାଳ ଗ୍ରାମର ରାଜେନ୍ଦ୍ର ମାଝୀ, ମଣ୍ଡୁଆ ଗ୍ରାମର ସୁଧୀର ରଞ୍ଜନ ଦେବଶର୍ମା ଦାଶ, ରାଜପୁର ଗାଁର ଶାଶ୍ୱତୀ ମହାପାତ୍ର। ଏହାକୁ ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏକକାଳୀନ ଗୋଟିଏ ବ୍ଲକରୁ ୩ ଜଣ ଓଏଏସ୍ ପାଇବା ଅଞ୍ଚଳ ପାଇଁ ଗୌରବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ମହମ୍ମଦଙ୍କୁ ଅସମ୍ମାନ ଅଭିଯୋଗରେ ଜଣେ ଗିରଫ

କେନ୍ଦ୍ରାପଡ଼ା, ୨୭।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ଥାନା ଅଞ୍ଚଳରେ ମହମ୍ମଦଙ୍କ ବାଣୀକୁ ଅସମ୍ମାନ କରିଥିବା ଅଭିଯୋଗରେ ଶୁକ୍ରବାର ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ସେ ହେଉଛନ୍ତି ରାହୁଲ ଥାପା। ସେ ନେପାଳ ଦେଶର ହୋଇଥିବା ବେଳେ ସହରର ଡିମିରୁହାଣି ଅଞ୍ଚଳରେ ରହୁଛନ୍ତି। ଶୁକ୍ରବାର ତାଙ୍କ ସାମାଜିକ ଗଣମାଧ୍ୟମରେ ଫଟୋ ସହିତ ଉର୍ଦ୍ଦୁରେ କିଛି ଲେଖାଥିବା ପୋଷ୍ଟ କରିଥିଲେ। ଏ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ବିରୋଧରେ ନଂ. ୨୦୮/୨୫ରେ ମାମଲା ରୁଜୁ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଦିଲୀପ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ରାହୁଲଙ୍କ ସ୍ତ୍ରୀ ମମତା ଥାନାରେ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଟାଉନ ଥାନା ଅଞ୍ଚଳର ୩ ଜଣ ଯୁବକ ଶିବ ଦେବଦେବୀଙ୍କୁ ଅସମ୍ମାନ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ତେବେ ଏ ନେଇ ଥାନାରେ ଅଦ୍ୟାବଧି ମାମଲା ହୋଇ ନ ଥିବା ସୂଚନା ମିଳିଛି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଲା

ଡେରାବିଶ, ୨୭।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ଏଣର ପଞ୍ଚାୟତ ଅରାଖଣ୍ଡ ଗ୍ରାମର ଏକ ଜଙ୍ଗଲିଆ ସ୍ଥାନରୁ ଜଣେ ବୃଦ୍ଧଙ୍କ ମୃତଦେହ ଶନିବାର ମିଳିଛି। ମୃତ ବୃଦ୍ଧ ହେଲେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ହଳଦିଆ ପଞ୍ଚାୟତ ଓଲକଣା ଗ୍ରାମର ଗୌରାଙ୍ଗ ଚରଣ ମହାରଣା (୭୫)। ପରିବାର ସୂତ୍ରନା ଅନୁଯାୟୀ, ଗୌରାଙ୍ଗ ଗତ ଶୁକ୍ରବାରଠାରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ପକ୍ଷରୁ ଭଦ୍ରେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅରାଖଣ୍ଡ ଗ୍ରାମସ୍ଥିତ ହନୁମାନ ମନ୍ଦିରର ଅନତିଦୂରରେ ଥିବା ଏକ ଜଙ୍ଗଲିଆ ସ୍ଥାନରେ ଜଣେ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଡେରାବିଶ ଥାନାକୁ ଖବର ଦେଇଥିଲେ। ପରିବାର ଲୋକ ସେଠାରେ ଗୌରାଙ୍ଗଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଲଗାଣ ବର୍ଷା: ଧୋଇଯିବ ଦୁର୍ଗାପୂଜା



ଯଜ୍ଞ ପଡ଼ିଆରେ ମିନାବଜାର ପଡ଼ିବାକୁ ଥିବା ବେଳେ ପାଣିରେ ବୁଡ଼ି ରହିଛି।

ପଟ୍ଟାମୁଣ୍ଡାଇ, ୨୭।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସହରରେ ୨୭ଟି ମେଢ଼ ଉତ୍ସବର ଶୋଭାବର୍ଦ୍ଧନ କରିବାକୁ ଯାଉଛି। ପୂଜା ମାହୋଲକୁ ଅଧିକ ମନୋରମ ଓ ଆକର୍ଷଣୀୟ କରିବାକୁ ମିନାବଜାରଠାରୁ ଆରମ୍ଭ କରି ଅନେକ ମନୋରଞ୍ଜନକାରୀ ସଂସ୍ଥା ତାଙ୍କର ସରଞ୍ଜାମ ଧରି ପଟ୍ଟାମୁଣ୍ଡାଇରେ ହାଜର ହୋଇଛନ୍ତି। ସବୁ ଆଶା ଓ ସ୍ୱପ୍ନକୁ ପାଣିଫୋପେଇ ଭଳି ମିଳାଇଦେଉଛି ଲଗାଣବର୍ଷା। ଲଗାଣବର୍ଷା ଯୋଗୁ ପଟ୍ଟାମୁଣ୍ଡାଇ ସହର ଜଳାର୍ଦ୍ର ହୋଇପଡ଼ିବା ସହିତ ସହରର ବିଭିନ୍ନ ସ୍ଥାନରେ ବର୍ଷାପାଣି ଘୁଞ୍ଚୁ ରହୁଛି। ପଟ୍ଟାମୁଣ୍ଡାଇ ସହରର ଅନେକ ରାସ୍ତାଘାଟରେ ବର୍ଷାପାଣି ଭରି ରହିଛି। ଏଥିସହ ହସ୍ପିଟାଲ ଛକଠାରୁ ପଟ୍ଟାମୁଣ୍ଡାଇ କଲେଜ ରୋଡ଼ ଖାଦିମ ଶୋ'ରୁମ୍ ସମ୍ମୁଖ ରାସ୍ତା ଓ ସରକାରୀ ବାଳିକା ହାଇସ୍କୁଲ ରାସ୍ତାରେ ବର୍ଷାପାଣି ଜମାଇଛି। ପଟ୍ଟାମୁଣ୍ଡାଇ ଯଜ୍ଞ ପଡ଼ିଆରେ ମିନାବଜାର ପଡ଼ିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ବର୍ଷାପାଣିରେ ତାହା ବୁଡ଼ିରହିଛି। ଫଳରେ ମିନା ବଜାର ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ସହରରୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ୍ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଲଗାତାରଜନିତ ଲଗାଣବର୍ଷା ସବୁକିଛି ପାଣିରେ ପକାଇଦେଇଛି। ଶାରଦୀୟ ଦୁର୍ଗାପୂଜା ଉତ୍ସବ ପାଇଁ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗିଥିବାବେଳେ ବର୍ଷାଯୋଗୁ ଥରେ ବିଭିନ୍ନ ବ୍ୟବସାୟ କରି ଲାଭବାନ୍ ହେବାକୁ ଆଶା ରଖିଥିବା ବ୍ୟବସାୟୀମାନେ ଲଗାଣବର୍ଷା ଦେଖି ଚିନ୍ତିତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ପୌର ପ୍ରଶାସନ ପକ୍ଷରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିବାରୁ ଭଙ୍ଗାରୁଜା କ୍ୟାବିନ ଗିଣ ପଡ଼ି ମାହୋଲକୁ ଆହୁରି ଖାଁ ଖାଁ କରିଦେଇଛି। ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉତ୍ସବରେ

### ବରିଷ୍ଠ ନିବାସରେ ଜିଲ୍ଲା ସେସନ ଜଜ୍

ପଟ୍ଟାମୁଣ୍ଡାଇ, ୨୭।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲାର ଭାଇଚାରା ସହର ପଟ୍ଟାମୁଣ୍ଡାଇରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ମିଳିତଭାବେ ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି। ମାତ୍ର

## ଜ୍ଞାନଦେବୀ ନର୍ସିଂ ସ୍କୁଲରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ



ଡ. ନିରଞ୍ଜନ କର ସ୍ୱାସ୍ଥ୍ୟ ସଚେତନତା ଉପରେ ଉଦ୍‌ବୋଧନ ଦେଉଛନ୍ତି।

ପାଟକୁରା, ୨୭।୯ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ କୋରୁଆସ୍ଥିତ ଜ୍ଞାନଦେବୀ ନର୍ସିଂ ସ୍କୁଲରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପରିବେଶବିତ୍ ପ୍ରକୃତିବନ୍ଧୁ ସନ୍ତୋଷ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ନିରଞ୍ଜନ କର ଯୋଗଦେଇ ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲାବେଳେ ସଂକ୍ରାମକ, ଯକ୍ଷ୍ମା, ରକ୍ତହୀନତା, ଥାଲାସେମିଆ ଆଦି ରୋଗର ଚିହ୍ନଟ କରାଯିବା ସହିତ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରିକି ଜଣେ ସୁସ୍ଥ ନାରୀ ହିଁ ଏକ ସଶକ୍ତ ପରିବାର ଗଢ଼ିତୋଳିପାରିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଶଶିରେଖା ଦାସ, ପ୍ରୋଗ୍ରାମ ମ୍ୟାନେଜର ଊଷାରାଣୀ ବାରିକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଲିଜାଶ୍ରୀ ନାୟକ, ମହିଳା ସ୍ୱାସ୍ଥ୍ୟକର୍ମୀ ଅଞ୍ଜଳି ପଣ୍ଡା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭବନାଥ ନାୟକ, ଏଏନ୍‌ଏମ୍ ଦେବସ୍ମିତା ମାଝି, ଅଧ୍ୟାପିକା ଯୋଗାଜିନ୍ ସାମଲ, ମୌସୁମୀ ପ୍ରିୟଦର୍ଶିନୀ, ସୋନାଲିକା ନାୟକ, ପ୍ରୀତି ପ୍ରିୟଦର୍ଶିନୀ ଯୋଗଦେଇ ମହିଳାଙ୍କ ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକର୍ମୀମାନେ ନର୍ସିଂ ସ୍କୁଲର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲାବେଳେ ମନୋସ୍ୱିନୀ ଜେନା, ଦେବାଶିଷ ସାମଲ, ରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଖାଦ୍ୟ, ସ୍ୱାସ୍ଥ୍ୟ, ପରିବେଶ ପ୍ରତି ଗୁରୁତ୍ୱାରୋପ



ଖରିନାସୀ ବରିଷ୍ଠ ନାଗରିକ ନିବାସରେ ଜିଲ୍ଲା ସେସନ ଜଜ୍ ଏ.ଇ. ମହାନ୍ତି।

ମହାକାଳପଡ଼ା, ୨୭।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଖରିନାସୀସ୍ଥିତ ବରିଷ୍ଠ ନିବାସରେ ଶନିବାର ଜିଲ୍ଲା ସେସନ ଜଜ୍ ଏ.ଇ. ମହାନ୍ତି ପହଞ୍ଚି ଅନ୍ତେବାସୀଙ୍କ ସହ ଦୁଃଖସୁଖ ଆଲୋଚନା କରିଥିଲେ। ଏହି ନିବାସରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା ଜିଲ୍ଲାର ୨୫ରୁ ଅଧିକ ବୃଦ୍ଧବୃଦ୍ଧ ଘର ଛାଡ଼ି ରହୁଛନ୍ତି। କେତେଜଣ ବୃଦ୍ଧାବୃଦ୍ଧଙ୍କ କହିବା କଥା, ପରିଣତ ବୟସରେ ନିଜ ବୋହୂପୁଅମାନଙ୍କଠାରୁ ନିର୍ଯାତିତ ହେଉଛନ୍ତି। ନିଜ ଜନ୍ମକଲା ଝିଅପୁଅଙ୍କୁ କୋଳରେ ବସେଇ ମଣିଷ କଲେ। ସେମାନେ ଆଜି ବଡ଼ହୋଇ ଜନ୍ମକଲା ମାତାପିତାଙ୍କୁ ଖାଇବାକୁ ଦେଉନାହାନ୍ତି। ମା'ବାପାଙ୍କଠାରୁ ସମ୍ପତ୍ତି ହାତେଇ ନେଇ ଶେଷକୁ ଘର କରୁଛନ୍ତି ବୋଲି ଅନ୍ତେବାସୀ ନିଜର ଜୋହରଭରା କଣ୍ଠରେ କହିଛନ୍ତି। ଏହି ଅବସରରେ ସେସନ ଜଜ୍ ସେମାନଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ, ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏପ୍ରକାର ବୋହୂପୁଅମାନେ ନିଜ ମା'ବାପାଙ୍କୁ ଅବହେଳା କଲେ ଆଇନରେ ଆଶ୍ରୟ ନେଇପାରିବେ। ସେଥିପାଇଁ ବିନା ଶୁଳ୍କରେ ଆଇନଗତ ସହାୟତା ଯୋଗାଇଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ସମୟରେ ବିନା ଶୁଳ୍କରେ ଆଇନ ସହାୟତା ଶିବିର ଅନୁଷ୍ଠିତ ହେଉଛି। କେତେଜଣ ଅନ୍ତେବାସୀଙ୍କ କହିବା କଥା, ଏଠାରେ ବହୁତ ଭଲରେ ଅଛୁ। ଏହି ବରିଷ୍ଠ ନିବାସ ଆମର ଶେଷଠିକଣା ବୋଲି କହିଛନ୍ତି। ଏହି ବରିଷ୍ଠ ନିବାସ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଉଛି। ଏଠାରେ ଅନ୍ତେବାସୀମାନଙ୍କର ସାପ୍ତାହିକ ରୁଟିନ୍ ଅନୁସାରେ ଖାଦ୍ୟ, ସ୍ୱାସ୍ଥ୍ୟ ଓ ପରିବେଶ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପ୍ରତି ସବୁବେଳେ ଦୃଷ୍ଟି ଦିଆଯାଉଛି ବୋଲି ପରିଚାଳକ ପବିତ୍ର କୁମାର ପରିଡ଼ା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିବାସରେ ଉପସ୍ଥିତ ଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା, ଜନକଲ୍ୟାଣ ସେବାସଂସ୍ଥା ତଥା ବରିଷ୍ଠ ନିବାସ ପରିଚାଳକ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଯୋଗିତାରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

ଡେରାବିଶ, ୨୭।୯ (ବେବର୍ତ୍ତା ଅଜୟ ଦାସ)



ବିଦ୍ୟାଳୟରେ ଦିବ୍ୟାଶ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବିହାରରାଜ୍ୟର ପାଟ୍ନାସ୍ଥିତ ପାଟଳିପୁତ୍ରରେ ଏନ୍‌ସ ସମ୍ପର୍କିତ ପ୍ରାଦେଶିକସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଡେରାବିଶ ବ୍ଲକ କୁନ୍ଦୁଳୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଦିବ୍ୟାଶ୍ରୀ ଦାସ ୩ୟ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି। ପ୍ରତିଯୋଗିତା ଆୟୋଜକ ଜାତୀୟ ରେଡ଼୍ କ୍ରସ ସୋସାଇଟି ପକ୍ଷରୁ ଦିବ୍ୟାଶ୍ରୀଙ୍କୁ ଟ୍ରଫି, ମାନପତ୍ର ସହ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଜାତା ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିବ୍ୟାଶ୍ରୀ ଏହି ସଫଳତା ହାସଲ କରିଛନ୍ତି। ତାଙ୍କ ଏହି କୃତିତ୍ୱ ସମଗ୍ର ଡେରାବିଶକୁ ଗୌରବାନ୍ୱିତ କରିଛି। ସେ ଘରକୁ ଫେରିବା ପରେ ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଅଙ୍ଗନବାସୀ ଭେଟି ଶୁଭେଚ୍ଛା ଜଣାଇଛନ୍ତି। କୃତିତ୍ୱ ପାଇଥିବା ଦିବ୍ୟାଶ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ମାତାପିତାଙ୍କ ସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ନୋଡାଲ ପ୍ରିନ୍ସିପାଲ ପଦ୍ମନାଭ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଦିବ୍ୟାଶ୍ରୀଙ୍କ ଏହି କୃତିତ୍ୱ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ଦେବ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡା. ଦେବସ୍ମିତାଙ୍କୁ ଅଭିନନ୍ଦନ



ଡା. ଦେବସ୍ମିତା ଶର୍ମାଙ୍କୁ ରାଜକନିକାର କଂଗ୍ରେସ ନେତା ଓ କର୍ମୀମାନେ ଶୁଭେଚ୍ଛା ଜଣାଉଛନ୍ତି।

ରାଜକନିକା, ୨୭।୯ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ନୂତନ ସଭାନେତ୍ରୀ ଭାବେ ଆଜି ନିର୍ବାଚନମଣ୍ଡଳର ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମାଙ୍କୁ ନିଯୁକ୍ତି ମିଳିଛି। ଏହାକୁ ନେଇ ଜିଲ୍ଲାର କଂଗ୍ରେସ କର୍ମୀ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀମାନେ ବାଣ ଫୁଟାଇ, ମିଠା ବାଣ୍ଟି ଉତ୍ସବ ମନାଇଛନ୍ତି। ଡା. ଶର୍ମାଙ୍କ ଲୋକପ୍ରିୟତା, ଦୃଢ଼ ସାଙ୍ଗଠନିକ ଦକ୍ଷତାକୁ ପାଥେୟକରି ଏଆଇସିସି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। ଶନିବାର ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ଶୁଭେଚ୍ଛା ଜଣାଯାଇଛି। ଆଗାମୀ ଦିନରେ ସମସ୍ତ ନେତୃତ୍ୱ ଓ କଂଗ୍ରେସ କର୍ମୀମାନେ ତାଙ୍କ ହାତମୁଠାକୁ ଟାଣକରି ଜିଲ୍ଲା ସଂଗଠନକୁ ମଜଭୁତ କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ଭାଜପାର ରକ୍ତଦାନ ଶିବିର : ୧୭୨ ୟୁନିଟ୍ ରକ୍ତ ସଂଗ୍ରହ



ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା ଶିବିର କାର୍ଯ୍ୟକ୍ରମ ଅନୁଧ୍ୟାନ କରୁଛନ୍ତି।

ପାଟକୁରା, ୨୭।୯ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ କୋରୁଆ ନୋଡାଲ ଆଇଟିଆଇ ପରିସରରେ ଶନିବାର ପ୍ରଧାନମନ୍ତ୍ରୀ ସେବାପକ୍ଷ ଅବସରରେ ପାଟକୁରା ଭାଜପା ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ୧୭୨ ୟୁନିଟ୍ ରକ୍ତ ସଂଗ୍ରହିତ ହୋଇଛି। ରାଜ୍ୟ ଭାଜପା ମୁଖପାତ୍ର ତଥା ପାଟକୁରା ଭାଜପା ନେତା ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱ ଓ ଦଳର ଛାତ୍ରଆ କର୍ମୀଙ୍କ ସହଯୋଗରେ ଶୁଭେଚ୍ଛାଗଣ ବର୍ଷା ସତ୍ତ୍ୱେ ଶିବିରକୁ ଆସି ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ,

### ପ୍ରଧାନମନ୍ତ୍ରୀଙ୍କ ସେବାପକ୍ଷ

କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ, ମଣ୍ଡଳ ସଭାପତି ସନ୍ତୋଷ ରାଉତରାୟ, ମଣ୍ଡଳ ସଭାପତି ମୃତ୍ୟୁଞ୍ଜୟ ଲେଙ୍କା, ସରପଞ୍ଚ ଅମିୟ କୁମାର ଜେନା, ଋଷ୍ଟିରଞ୍ଜନ ସ୍ୱାଇଁ, ମାନସ ରାଉତ, ଉମେଶ ମହାରଣା, ଚିତ୍ତରଞ୍ଜନ ସେଠୀ, ଶିବବ୍ରତ ମହାପାତ୍ର, ଶାନ୍ତିଲତା ପଟ୍ଟନାୟକ, ଅଜିତ୍ ସାମନ୍ତ ନାୟକ, ରଞ୍ଜନ ସେଠୀଙ୍କ ସମେତ ଅନେକ ସକ୍ରିୟ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। କୋରୁଆ ନୋଡାଲ ଆଇଟିଆଇର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କଲେ ଜିଲ୍ଲାପାଳ

ରାଜନଗର, ୨୭।୯ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର ଶନିବାର ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳ ଗୃହ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ସମ୍ବନ୍ଧୀୟ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ କାମର ଅଗ୍ରଗତି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୀମର ମହାନ୍ତି, ବିଡିଓ ଅନିରୁଦ୍ଧ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ପାଇଁ ଚକ୍ରାନ୍ତ

### ବିଧାନସଭାରେ ବିରୋଧ କଲେ ବିଧାୟକ

ପଟ୍ଟାମୁଣ୍ଡାଇ, ୨୭।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନ ନଗର ପଞ୍ଚାୟତ ବରଡ଼ାଠାରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଉଦ୍ୟମକ୍ରମେ ଏକ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଗତ ସରକାର ସମୟରେ ନିଗିତ ନିଷ୍ପତ୍ତି ନିଆଯାଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଯୋଗେ ଏହାର ଶୁଭ ଦେଇଥିଲେ। ପରେ ବିଜ୍ଞାନ କେନ୍ଦ୍ର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସରକାର ପରିବର୍ତ୍ତନ ପରେ ପଟ୍ଟାମୁଣ୍ଡାଇର ବରଡ଼ାରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ପାଇଁ ଚକ୍ରାନ୍ତ ହୋଇଥିବା ଶୁଣିବାକୁ ମିଳୁଛି। ତେବେ ଏହାର ସତ୍ୟାସତ୍ୟ ଓ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ବିଧାୟକ ସାହୁ ବିଧାନସଭାରେ ଏ ନେଇ ପ୍ରଶ୍ନ ଉତ୍ଥାପନ କରି ବିଭାଗୀୟ ମନ୍ତ୍ରୀଙ୍କଠାରୁ ଉତ୍ତର ଚାହିଁଥିଲେ। ବିଧାୟକଙ୍କ ପ୍ରଶ୍ନ ଉତ୍ତରରେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ, ଗଞ୍ଜାମ, କଳାହାଣ୍ଡି, ଓଡ଼ିଶାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣାଧୀନ ଥିବାବେଳେ କେନ୍ଦ୍ରାପଡ଼ା, ଜଗତସିଂହପୁର, କଳାହାଣ୍ଡି, ବୌଦ୍ଧ, ଖୋରଦ୍ଧା, ନୂଆପଡ଼ା ଏବଂ ଗଜପତିରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ୨୮।୨।୨୦୨୪ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିମଧ୍ୟରୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ଭିତରକନିକା ଜାତୀୟ ଉଦ୍ୟାନ ଦୃଷ୍ଟିରୁ ସର୍ବାଧିକ ପରିଦର୍ଶକଙ୍କ ଆଗମନକୁ ବିଚାରକୁ ନେଇ ସେ ସମୟରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପରବର୍ତ୍ତୀ ପରିବହନ ସଂଯୋଗର ଉପଲବ୍ଧତାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସଦର ମହକୁମାର କଚ୍ଛବେଦୀଶ୍ୱର ମନ୍ଦିର ଏବଂ ତତ୍ସଙ୍ଗରେ ଶିକ୍ଷାନୁଷ୍ଠାନ ନିକଟରେ ଅନ୍ୟ ଏକ ଉପଯୁକ୍ତ ଜାଗା ପ୍ରଦାନ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଏ ବାବଦରେ ଜିଲ୍ଲାପାଳଙ୍କଠାରୁ ଜାଗା ବିଷୟରେ ତ୍ୱରାନ୍ୱିତ ପ୍ରସ୍ତାବ ଆସିଲେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯାଇ ଜିଲ୍ଲା ବିଜ୍ଞାନ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭିତରକନିକାର ଜୈବବିବିଧତା ଉପରେ ଗବେଷଣା ପାଇଁ ଛାତ୍ରଛାତ୍ରୀ, ଗବେଷକ ଓ ପରିବେଶବିତ୍‌ଙ୍କ ପାଇଁ ବରଡ଼ା ଉପଯୁକ୍ତ ସ୍ଥାନ। ଏଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣର ଯଥାର୍ଥତା ରହିଛି। ରାଜ୍ୟ ସରକାର କେଉଁ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ସଦର ଓ ମହାକାଳପଡ଼ା ସୀମା ପର୍ଯ୍ୟନ୍ତ ନେବା ପାଇଁ ଉଦ୍ୟମ କରୁଛନ୍ତି ତାହା ରହସ୍ୟାବୃତ ହୋଇ ରହିଛି। ବରଡ଼ାରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ପାଇଁ ଚକ୍ରାନ୍ତ ବିଷୟରେ ଜଣାପଡ଼ିବା ପରେ ନିର୍ବାଚନମଣ୍ଡଳୀ ଅଞ୍ଚଳର ବିଭିନ୍ନ ସଙ୍ଗଠନ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ପରିବେଶବିତ୍ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ରାଜ୍ୟ ସରକାର ବରଡ଼ାରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତି ପରିବର୍ତ୍ତନ ନ କଲେ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବରପୁତ୍ର ଐତିହ୍ୟ ଗ୍ରାମ ତାଲିକାରେ ନୟାଗଡ଼ ଜିଲା

- ହାସ୍ୟକବି ଯଦୁମଣି, ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ନାଁ ସାମିଲ
- ଐତିହ୍ୟ ଗ୍ରାମ ପିଛା ଖର୍ଚ୍ଚ ହେବ ୧୪ କୋଟି
- ୨ ଥର ଅଣଦେଖା ପରେ ମିଳିଲା ନ୍ୟାୟ


ନୟାଗଡ଼,୨୭।୯(ଲୋକନାଥ ମିଶ୍ର)

ବିଳମ୍ବରେ ହେଲେ ମଧ୍ୟ ବରପୁତ୍ର ଐତିହ୍ୟ ଗ୍ରାମ ତାଲିକାରେ ନୟାଗଡ଼ ଜିଲା ସାମିଲ ହୋଇଛି। ୨୦୨୪ ଓ ୨୦୨୫ ବର୍ଷରେ ଜିଲାର ବରପୁତ୍ରମାନଙ୍କୁ ଉପେକ୍ଷିତ ଓ ଅଣଦେଖାକରି ରଖାଯାଇଥିଲା। ସରକାର ନୟାଗଡ଼ ଜିଲାକୁ ଭୁଲିଯାଇଥିବାରୁ ସାଧାରଣରେ ଏହାକୁ ଦୁର୍ଭାଗ୍ୟ ଦର୍ଶାଯାଇ ଅସନ୍ତୋଷ, କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେବେ ବରପୁତ୍ର ଐତିହ୍ୟ ତାଲିକାରେ ସଂଶୋଧନ ଆଣି ଶବ୍ଦର ଯାଦୁକର, ଓଡ଼ିଶା ମାଟିର ବିସ୍ମୟ ବିଦ୍ଧାଣି, ଆଶୁ ତଥା ବ୍ୟଙ୍ଗ କବି, ଓଡ଼ିଆ ସାହତ୍ୟର ଯୁଗ ପୁରୁଷ, ଉତ୍କଳଘଣ୍ଟ, ନୟାଗଡ଼ ମାଟିର ଗର୍ବ ଓ ଗୌରବ ଯଦୁମଣି ମହାପାତ୍ର ଏବଂ ଓଡ଼ିଶାର ଗର୍ବ ଓ ଗୌରବ ଜ୍ୟୋର୍ତ୍ତିବିଦ୍ ସାମନ୍ତ ଚନ୍ଦ୍ରଶେଖର ମହାମହୋପାଧ୍ୟାୟ(ପଠାଣି ସାମନ୍ତ) ନାଁକୁ ସାମିଲ କରାଯିବା ପରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି। ସେପଟେ ରାଜ୍ୟରେ ନୟାଗଡ଼ ଜିଲାର ୨ ଜଣ ବରପୁତ୍ରଙ୍କ ଭଳି ଓଡ଼ିଶାରେ ମୋଟରେ ୭୫ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ପ୍ରାୟ ୧୪ କୋଟି ଟଙ୍କା ଐତିହ୍ୟ ଗ୍ରାମ ଯୋଜନାରେ ଖର୍ଚ୍ଚ ହେବ । ୨୦୨୬ ଡିସେମ୍ବର ସୁଦ୍ଧା ଐତିହ୍ୟ ଗ୍ରାମରେ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଶେଷ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନେଇଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରୁଛି। ସରକାରଙ୍କର ଐତିହ୍ୟ ଗ୍ରାମରେ ଅନୁଦାନ ଖର୍ଚ୍ଚ ପରେ ପୂଜ୍ୟପୂଜା ପରମ୍ପରା ଆଗକୁ ବଢ଼ିବ। ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସାର୍ବଜନୀନ ସ୍ଥାନରେ ପ୍ରତିଷ୍ଠା ପରେ ବରପୁତ୍ରଙ୍କ ବିଷୟରେ ଉତ୍ତରପିଢ଼ି ସଚେତନ ରହିପାରିବେ, ଯାହାକି ସରକାରଙ୍କର ମହତ ଉଦ୍ଦେଶ୍ୟକୁ ସଫଳ କରିବ ବୋଲି କୁହାଯାଉଛି ।

ପ୍ରକାଶଯେ, ବରପୁତ୍ରମାନଙ୍କର ଜନ୍ମସ୍ଥଳୀକୁ ବରପୁତ୍ର ଐତିହ୍ୟ ଗ୍ରାମ କରାଯିବାକୁ ସରକାରୀସ୍ତରରେ ପଦକ୍ଷେପ ଆରମ୍ଭ ହୋଇଛି। ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରୁଥିବା କବି, ଜ୍ୟୋର୍ତ୍ତିବିଦ୍, ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, ଶିକ୍ଷାବିତ୍ ଓ ସମାଜ ସଂସ୍କାରକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଙ୍କ ଅବଦାନକୁ ସମ୍ମାନ ପାଇଁ ଏହି ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ କରିଥିଲେ । ପରେ ଏକାଧିକ ବୈଠକ କରାଯାଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨୩ ବରପୁତ୍ରଙ୍କ ଗ୍ରାମକୁ ବିକଶିତ କରିବା ପାଇଁ ଚୂଡ଼ାନ୍ତ କରାଯାଇଥିଲା। ତେବେ ପରେ ଏହା ୭୫ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି ।

ଅପରପକ୍ଷେ ଏକକ ଅଭିନୟର ଜନକ, କବି, ଲେଖକ, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ବାଞ୍ଛାନିଧି ସେନାପତି, ଭକ୍ତକବି ଭକ୍ତ ଚରଣ ଦାସ ଓ ସଦାନନ୍ଦ କବି ସୂର୍ଯ୍ୟ ବ୍ରହ୍ମା, ବିଶିଷ୍ଟ ସାରସ୍ୱତ ସାଧକ ବିନାୟକ ମିଶ୍ର, ଲାଇବ୍ରେରି ଆନ୍ଦୋଳନର ପୁରୋଧା ଦଶପଇସାର ରଜା ଦାଶିଆ ଅଜା, ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା, ଶହୀଦ କଷ୍ଟି ଡାକୁଆ, ବିପ୍ଳବୀ ତଥା ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ମିଶ୍ର, ନାଟ୍ୟକାର ଗୋବିନ୍ଦ ଚନ୍ଦ୍ର ସୁରଦେଓ, କବି ଅର୍ଜୁନ ବାରିକ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଭାପତି ଶ୍ରୀଧର ଦାଶଙ୍କ ପରି ଅନେକ ବରପୁତ୍ର ଅଖୋଜା ଅଲୋଡ଼ା ହୋଇରହିଛନ୍ତି ।

ଏନେଇ ବିଶିଷ୍ଟ ପାଲାଗାୟକ ମନୋଜ କୁମାର ମିଶ୍ର କୁହନ୍ତି, ନୟାଗଡ଼ର ବରପୁତ୍ରମାନଙ୍କୁ ଅଖୋଜା, ଅଲୋଡ଼ା ଓ ଅଣଦେଖା କରିବା ଜିଲାବାସୀଙ୍କୁ ବାଧିଥିଲା। ସରକାର ନିଷ୍ପତ୍ତି ବଦଳାଇ ଜିଲାର ୨ବରପୁତ୍ରଙ୍କ ନାଁ ଐତିହ୍ୟ ଗ୍ରାମ ତାଲିକାରେ ସଂଯୋଗ କରିବା ଗର୍ବ ଓ ଗୌରବର ବିଷୟ। ଆମ ଜିଲାରେ ୨ ବରପୁତ୍ରଙ୍କ ପାଇଁ ୨୮କୋଟି ଟଙ୍କା ଖର୍ଚ୍ଚ ହେବ। ଯେଉଁ ସ୍ଥାନରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରହିବ, ସମ୍ପୃକ୍ତ ସ୍ଥାନର ରୂପରେଖ ବଦଳିଯିବ । ତେବେ ସରକାର ଏ ଯୋଜନାକୁ ବନ୍ଦ ନ କରି ଅନ୍ୟ ବରପୁତ୍ରମାନେ କିଭଳି ଯୋଜନାରେ ସାମିଲ ହୋଇପାରିବେ ସେ ନେଇ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି ।


ପଠାଣି ସାମନ୍ତ।

## ଓସିଏସ୍ ପରୀକ୍ଷା: ନୟାଗଡ଼ରୁ ୪ଜଣଙ୍କ କୃତିତ୍ୱ

ନୟାଗଡ,୨୭।୯(ଲୋକନାଥ ମିଶ୍ର)

ଓଡିଶା ଲୋକସେବା ଆୟୋଗ ପକ୍ଷରୁ ପରିଚାଳିତ ଓଡିଶା ସିଭିଲ ସର୍ଭିସ (ଓସିଏସ୍)ପରୀକ୍ଷାରେ ନୟାଗଡ଼ ଜିଲାରୁ ୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜିତେଶ ପଣ୍ଡା ୩୯୧ ର୍‍ୟାଙ୍କରେ ରହିଛନ୍ତି । ଜିତେଶଙ୍କର ଘର ନୟାଗଡ ବ୍ଲକ ହରେକୃଷ୍ଣପୁର ହୋଇଥିବାବେଳେ ସେ ନୟାଗଡ ସହର ଦେୱାନ ବନ୍ଧସାହିରେ ସ୍ଥାୟୀ ବାସିନ୍ଦା ଅଟନ୍ତି । ପାସ୍ ୩୯୮ ତାଲିକାରେ ରଣପୁର ବ୍ଲକ ଗୋପାଳପୁର ଗାଁର ସାଇ ରମଣ ପାତ୍ର, ୩୭ ର୍‍ୟାଙ୍କ ଓ ୨୬୪ ର୍‍ୟାଙ୍କରେ ନୟାଗଡ ବ୍ଲକ ନବଘନପୁର ଗାଁର ଆଶିଷ କୁମାର ସେଠୀ ସ୍ଥାନ ପାଇଛନ୍ତି । ୩୦୪ ତମ ସ୍ଥାନରେ ନୟାଗଡ ପୁରୁଣା ସହରର ବୁଲୁ ସିଂଙ୍କ ଝିଅ ଲୋୟେଶା ସିଂ ଅନୁରୂପ ଭାବେ ଅଛନ୍ତି ।


ଜିତେଶ ପଣ୍ଡା

## ରାତିରେ ଗୋଦାମରେ ସାର ବିକ୍ରି ଅଭିଯୋଗ

**କେଶପାନିଆରେ ଚାପା ଉତ୍ତେଜନା**

ନୟାଗଡ,୨୭।୯(ଲୋକନାଥ ମିଶ୍ର)

ଓଡଗାଁ ବ୍ଲକ ପଞ୍ଚୁମୁ ପଞ୍ଚାୟତ କେଶପାନିଆ ପ୍ରାଥମିକ କୃଷି ସମବାୟ ସମିତିରେ ଶନିବାର ରାତିରେ ଗୋଦାମ ଖୋଲି ୟୁରିଆ ସାର ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ରାତିରେ ବେଆଇନ ସାର ବିକ୍ରିର ପ୍ରତିବାଦ ହୋଇଥିଲା। ଏପରିକି ଘଟଣାସ୍ଥଳକୁ ପୋଲିସ ଆସିବା ପରେ ସମିତିର କର୍ମଚାରୀ ଗୋଦାମ ବନ୍ଦକରି ଫେରାର ହୋଇଯାଇଥିଲେ। କେଶପାନିଆ ଅଞ୍ଚଳରେ ସାରର ଅଭାବୀବିକ୍ରି ଲାଗିଥିବା ବେଳେ ରାତିରେ ଗୋଦାମ ଖୋଲି ବେଆଇନ ଭାବେ ଅଧିକ ଦରରେ ବିକ୍ରି କରିବାକୁ ନେଇ ଚାପା ଉତ୍ତେଜନା ଦେଖା ଦେଇଛି। ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି ।

## ଘରୁ ବନ୍ଧୁକ ଜବତ:ଜେଲ ଗଲେ ବାପ, ପୁଅ

ନୟାଗଡ,୨୭।୯(ଲୋକନାଥ ମିଶ୍ର)

ଜମିବାଡି ବିବାଦକୁ ନେଇ ବନ୍ଧୁକ ଦେଖାଇ ହତ୍ୟା ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ନୟାଗଡ ସରିତାନଗରର ବାପା ରଙ୍କନାଥ ଲେଙ୍କ(୫୨) ଓ ପୁଅ ଆଦିତ୍ୟ ଲେଙ୍କା(୧୯)ଙ୍କୁ ଗିରଫ ପରେ ଜେଲ ପଠାଇଛି । ଜମିବାଡି ବିବାଦକୁ ନେଇ ନୟାଗଡ ତାରିଣୀନଗରର ଚରଣ ଗୁରୁଙ୍କୁ ବାପ ପୁଅ ଗତ ୨୪ ତାରିଖରେ ବନ୍ଧୁକ ଦେଖାଇଥିଲେ । ପୋଲିସ ରଙ୍କନାଥଙ୍କ ଘରୁ ବନ୍ଧୁକ ଜବତ କରିବା ସହ ନଂ.୩୮୧/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉଭୟଙ୍କୁ ଗିରଫ କରିଥିଲା।

## ଗୋସେବକଙ୍କ ସେବାରେ ସୁସ୍ଥ ହେଉଛି ଦୁର୍ଘଟଣାଗ୍ରସ୍ତ ଦାମୁଡ଼ି

**ଗୋଶାଳା ପ୍ରତିଷ୍ଠା ଦାବି**

ଓଡ଼ଗାଁ, ୨୭।୯(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଦେଇ ଯାଇଥିବା ୨୧ ନମ୍ବର ରାଜ୍ୟ ରାଜପଥର ଓଡ଼ଗାଁ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ସନ୍ଧ୍ୟାରେ ନୟାଗଡ଼ ପାଖରୁ ଆସୁଥିବା ଗୋଟିଏ ବୋଲେରୋ ଧକ୍କାରେ ରାସ୍ତାରେ ଥିବା ଦାମୁଡିଟିଏ ବହୁବାଟ ଘୋଷାରି ହୋଇ ଯିବାପରେ ଛିଟିକି ପଡ଼ି ଗୁରୁତର ହୋଇଥିଲା। ଘଟଣାସ୍ଥଳରୁ ବୋଲେରୋ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାକୁ ଅଟକାଇ ଥିଲେ। ଖବରପାଇ ଘଟଣାସ୍ଥଳରେ ରଘୁନାଥ ଯୁବ ସେନା ଗୋ ସେବା ପରିଷଦ ସଦସ୍ୟମାନେ ପହଞ୍ଚି ଚିକିତ୍ସକଙ୍କ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ଗୁରୁତର ଦାମୁଡିର ଚିକିତ୍ସା କରିଥିଲେ। ଗୋସେବକ ପରିଷଦ ସଦସ୍ୟମାନଙ୍କ ଦୀର୍ଘ ୮ ଦିନର ଅକ୍ଲାନ୍ତ ପରିଶ୍ରମ ଯୋଗୁ ବଞ୍ଚିବାର ଆଶା ନ ଥିବା ବଳଦଟି ଧୀରେ ଧୀରେ ସୁସ୍ଥ ହେଉଥିବାରୁ ସେବକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ତେବେ ସେବାକାର୍ଯ୍ୟ ଜାରି ରହିଥିବା ବେଳେ ବଳଦ ମାଲିକ ଦୂରେଇ ରହିବା ଓ ଚିକିତ୍ସାରେ ପ୍ରାଣୀ ଚିକିତ୍ସାଳୟର ଅବହେଳା ବ୍ୟଥିତ କରୁଛି ବୋଲି ପରିଷଦର ସଭାପତି ତପନ ସାମନ୍ତରାୟ, ସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ ଓ କୋଷାଧ୍ୟକ୍ଷ ଶୁଭମ୍ ନନ୍ଦଙ୍କ ସହିତ ଅନ୍ୟ ସଭ୍ୟମାନେ କହିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ଗାଁ ଏନ୍‌ଏସି ଦ୍ୱାରା ଗୋରୁଙ୍କୁ ଗୁହାଳରେ ବାନ୍ଧିରଖିବା ପାଇଁ ବାରମ୍ବାର ସଚେତନ କରାଯାଉଥିବା ବେଳେ ନିଜର ଏବଂ ଅନ୍ୟର ସୁରକ୍ଷା ପାଇଁ ପୋଲିସ ଏବଂ ଏନ୍‌ଏସି ମାଧ୍ୟମରେ ମିଳିତ ସଚେତନ କରାଯାଉଛି। ତେବେ ଏଥିପ୍ରତି ମାଲିକମାନେ ସତର୍କ ନ ରହିବା ଦୁଃଖ ଓ ପରିତାପର ବିଷୟ। ଏନ୍‌ଏସି ତରଫରୁ ଗୋଶାଳା କିମ୍ବା କାଞ୍ଜି ଆହୁଦା ପ୍ରତିଷ୍ଠା ବିଚାରାଧୀନ ଥିବା ବେଳେ ଗୋରୁ ମାଲିକଙ୍କୁ ସଚେତନ କରିବାକୁ ଏହାକୁ ତୁରନ୍ତ ଖୋଲିବାକୁ ଦାବି ହୋଇଛି ।


ଦାମୁଡ଼ିକୁ ଗୋସେବକମାନେ ଚିକିତ୍ସା କରୁଛନ୍ତି।

## ଚୋରି ସୁନା ସହ ୩ ମୋବାଇଲ ଫୋନ୍, ୨ ବାଇକ୍ ଜବତ: ୩ ଗିରଫ


ଗିରଫ ଅଭିଯୁକ୍ତ ଏବଂ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

**ଖଣ୍ଡପଡ଼ା ପୋଲିସର ଚଢ଼ାଉ**

ଖଣ୍ଡପଡ଼ା, ୨୭।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପୋଲିସ ପକ୍ଷରୁ ୨ଟି ଘଟଣାରେ ଚଢ଼ାଉ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ ସହ ସେମାନଙ୍କଠାରୁ ଚୋରି ହୋଇଥିବା ସୁନା,୩ ମୋବାଇଲ ଫୋନ୍ ଓ ୨ଟି ବାଇକ୍ ଜବତ କରାଯାଇଛି । ଥାନାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଗିରଫ ୨ ଲୁଟେରା ହେଲେ କୃଷ୍ଣ ସାହୁ(୪୫) ଓରଫ ପାଇ ଓ କୈଳାସ ପ୍ରଧାନ (୨୪) ଓରଫ କଇ ବୋଲି ପୋଲିସ ସୂଚନା ଦେଇଛି। ଉଭୟଙ୍କ ଘର ନୟାଗଡ଼ ସହରର ଜଜାଙ୍ଗି ସାହିରେ ବୋଲି ଜଣାପଡିଛି ।

ପ୍ରକାଶଯେ, ଖଣ୍ଡପଡ଼ା ସୌମ୍ୟବିହାର ପରିସରରୁ ଗତ ୨୫ ତାରିଖ ରାତିରେ ୨ଟି ମୋବାଇଲ ଫୋନ୍‌ଓ ନଗଦ ୩ ହଜାର ଟଙ୍କା କେହି ଚୋରିକରି ନେଇଥିବା ସେଠାରେ ରହୁଥିବା ବଢ଼େଇସାହିର ହରିଶଙ୍କର ମହାରଣା ଥାନାରେ ୨୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଖଣ୍ଡପଡ଼ା ଥାନା ଗଉଡ଼ବୋଦସା ଗ୍ରାମର ସୁଶାନ୍ତ ବସ୍ତି(୨୭) ଓରଫ ଜିତୁଙ୍କୁ ଗିରଫକରି ତାଙ୍କଠାରୁ ୨ଟି ମୋବାଇଲ ଫୋନ୍ ଜବତ କରିବା ସହ ସେ ବ୍ୟବହାର କରୁଥିବା ଏକ ଚୋରା ବାଇକ୍‌କୁ ଜବତ କରିଥିବା ପୋଲିସ ସୂଚନା ଦେଇଥିଲା।

ସେହିପରି ଅନ୍ୟ ଏକ ଘଟଣାକ୍ରମେ ଗତ ୨୫ ତାରିଖ ରାତିରେ ଖଣ୍ଡପଡ଼ା ଥାନା ଶିଖରପୁର ଛକରେ ପାନଦୋକାନ କରିଥିବା କୌଶଲ୍ୟା ସାହୁ(୫୪)ଙ୍କଠାରୁ ୨ ଜଣ ଲୁଟେରା ଏକ ବାଇକ୍ ଯୋଗେ ଆସି ପାନ ଓ ସିଗାରେଟ୍ ମାଗିଥିଲେ। ଏହି ବାହାନାରେ ସେ ପିନ୍ଧିଥିବା ୧୬ ଗ୍ରାମ ଓଜନର ଏକ ସୁନାଚେନ୍‌କୁ ଲୁଟିନେବା ସମୟରେ ସେ ପାଟି କରିବାରୁ ତାଙ୍କୁ ଧକ୍କାମାରି ଘଟଣାସ୍ଥଳରୁ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ପୋଲିସ ଲୁଟେରାଙ୍କଠାରୁ ଚୋରି ହୋଇଥିବା ୧୧ଗ୍ରାମ ଓଜନର ସୁନା ଜବତ କରିବା ସହ ସେମାନେ ବ୍ୟବହାର କରୁଥିବା ଏକ ଚୋରା ବାଇକ୍ ଓ ମୋବାଇଲ ଫୋନ୍ ଜବତ କରିଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ୨ଟି ମାମଲା ରୁଜୁହୋଇଥିବା ବେଳେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନେ ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ନେଇ ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ସମ୍ମିଳନୀରେ ଏସ୍‌ଡିପିଓଙ୍କ ସମେତ ଖଣ୍ଡପଡ଼ା ଥାନାଧିକାରୀ ନୀହାର ରଞ୍ଜନ ମହାନ୍ତି, ଏସ୍‌ଆଇ ଗୋପବନ୍ଧୁ ମଲ୍ଲିକ ଓ ମନସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ପାର୍ବତୀଙ୍କ ପାଖରେ ଲାଗିହେଲା ଆମିଷ ଭୋଗ

**ଲ ପୀଠରେ ଷୋଳଦିନାତ୍ମକ ପାର୍ବଣ ପୂଜା**

ଶରଣକୁଳ, ୨୭।୯ (ଦୀପକ କର )

ଚଳିତ ପବିତ୍ର ପାର୍ବଣ ଋତୁରେ ଶରଣକୁଳ ପ୍ରସିଦ୍ଧ ଲ ମନ୍ଦିରରେ ଅଧିଷ୍ଠାତ୍ରୀ ଦେବୀ ମା’ ପାର୍ବତୀଙ୍କ ପୀଠରେ ପବିତ୍ର ଆଶ୍ୱିନ ମୂଳାଷ୍ଟମୀରୁ ଆରମ୍ଭ ହୋଇଛି ଷୋଳଦିନାତ୍ମକ ଚଣ୍ଡୀ ପାଠ ଓ ସ୍ୱତନ୍ତ୍ର ପୂଜା। ଏହି ପୂଜାରେ ଅବକାଶ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ଚଣ୍ଡୀପାଠ, ହୋମ, ଷୋଡଶପଚାର ପୂଜା, ଅନ୍ନ, ବ୍ୟଞ୍ଜନ ଭୋଗ ହୋଇଥାଏ। କିନ୍ତୁ ଶନିବାର ବିଧି ଅନୁସାରେ ପୀଠେ ଷଷ୍ଠ ପୂଜାରେ ମା’ଙ୍କ ନିକଟରେ ଲାଗି ହୋଇଛି ସ୍ୱତନ୍ତ୍ର ଆମିଷ ଭୋଗ। ଏହି ଭୋଗରେ ମାଛରେ ପ୍ରସ୍ତୁତ ବ୍ୟଞ୍ଜନ ଲାଗି ହୋଇଥାଏ। ଏହି ଆମିଷ ଭୋଗ ୩ ଦିନ ଧରି ଲାଗି ହେବା ବିଧି ରହିଛି। ଷୋଳଦିନାତ୍ମକ ପ୍ରତ୍ୟହ ମା’ଙ୍କ ଭୋଗ ଲାଗି ହେବାପରେ ଲ ଓ ଅନ୍ୟ ଠାକୁରଙ୍କ ନିକଟରେ ଭୋଗ ଲାଗିଥାଏ। କିନ୍ତୁ ଏହି ତିନିଦିନ ଧରି ଯଥା ଷଷ୍ଠୀ, ସପ୍ତମୀ ଏବଂ ଅଷ୍ଟମୀ ତିଥିରେ ସମସ୍ତ ଦେବଦେବୀଙ୍କ ପହୁଡ ହେଲାପରେ ମା’ଙ୍କ ନିକଟରେ ଆମିଷ ଭୋଗ ହେବାର ବିଧି ରହିଛି। ସେହିକ୍ରମରେ ଶନିବାର ଷଷ୍ଠୀ ପୂଜାରେ ସକାଳେ ଦୋଅଡ଼ ପର୍ବ ଆରମ୍ଭ ହୋଇ ବଲ୍ଲଭ ଭୋଗରେ ମୁଆଁ, ଉଖୁଡା, ଗୋପାଳ ଓ ଖୁରୁମା ଆଦି ଲାଗି ହୋଇ ଚଣ୍ଡୀପାଠ ଶେଷରେ ପଣା ଭୋଗ ଲାଗି ହୋଇଥିଲା। ପରେ ଶଙ୍ଖୁଡି ଭୋଗରେ କାନିକା, ଖେଚେଡ଼ି, ଖିରି, ସାକେରି, ଖଟା, ଭଜା ଓ ଆମ୍ବିଳ ସହ ମନ୍ଦିରର ସମସ୍ତ ଦେବଦେବୀଙ୍କ ଓ ଚାରିଦ୍ୱାରର କବାଟ ବନ୍ଦ କରାଯାଇ ଆମିଷ ଭୋଗ ପ୍ରସ୍ତୁତି ପାଇଁ ଅନୁମତି ମିଳିଲା ପରେ ସ୍ୱତନ୍ତ୍ର ଭାବେ ଆମିଷ ଭୋଗ ପ୍ରସ୍ତୁତ ହୋଇ ମା’ଙ୍କ ପର୍ବ ପୂଜକ ଦୁତୀକୃଷ୍ଣ ମିଶ୍ରଙ୍କ ପରାମର୍ଶ ଅନୁଯାୟୀ ମା’ଙ୍କ ନିକଟରେ ଆମିଷ ଭୋଗ ଲାଗି ହୋଇ ଆଳତି କରାଯାଇ ପହୁଡ଼ ପକାଯାଇଥିଲା। କିନ୍ତୁ ମହାଷ୍ଟମୀର ସ୍ୱତନ୍ତ୍ର ସନ୍ଧି ପୂଜା ଅବସରରେ ନିଶାର୍ଦ୍ଧରେ ମା’ଙ୍କ ସମ୍ମୁଖ ଛାମୁଣ୍ଡିଆରେ ସ୍ୱତନ୍ତ୍ର ଚୁଲିରେ ଆମିଷ ଭୋଗ ପ୍ରସ୍ତୁତ ହୋଇ ମା’ଙ୍କ ତୃପ୍ତି ନିମନ୍ତେ କୁଡ ଭୋଗ ଲାଗି କରାଯାଇ ଆଳତି ପରେ ପୂଜା ସମାପନ ହେବାର ବିଧି ରହିଛି। ଏହି ଆମିଷ ଭୋଗର ପ୍ରଚଳନ ବିଧି ବହୁ ପୁରାତନ କାଳରୁ ଚାଲି ଆସିଛି ବୋଲି ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ କହିଛନ୍ତି।

## ଖଣି କର୍ମଚାରୀଙ୍କୁ ଆକ୍ରମଣ: ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଛଡାଇ ନେଲେ ଦୁର୍ବୃତ୍ତ

ନୟାଗଡ,୨୭।୯(ଲୋକନାଥ ମିଶ୍ର)

ନୟାଗଡ଼ସଦର ଥାନା ବୋଦାପଡାଠାରେ ଶନିବାର ରାତିରେ ଖଣି କର୍ମଚାରୀଙ୍କୁ ଆକ୍ରମଣକରି ଦୁର୍ବୃତ୍ତମାନେ ଏକ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଛଡାଇ ନେଇଛନ୍ତି। ନୟାଗଡ଼ ଖଣି ବିଭାଗ ପକ୍ଷରୁ କୋସ୍କାର ଖଣି ଉପରେ ଶନିବାର ଚଢାଉ କରି ଏକ ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ଜବତ ଟ୍ରାକ୍ଟରକୁ ଖଣି କର୍ମଚାରୀମାନେ ନୟାଗଡ ଆଣୁଥିବା ବେଳେ ତାକୁ ବାଟରୁ ଦୁର୍ବୃତ୍ତମାନେ ଛଡାଇ ନେଇଥିଲେ। ଏନେଇ ଖଣି ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

## ପଦାରେ ପଡ଼ିଲା କଂଗ୍ରେସର ଅନ୍ତଃକନ୍ଦଳ

**ରାତିରେ ଜିଲା ସଭାପତିଙ୍କ ନାଁ ଘୋଷଣା**

**ଓଡ଼ଗାଁ ବ୍ଲକ୍ ସଭାପତିଙ୍କୁ ବଦଳାଇବାକୁ ସକାଳେ ଧମକ**


ନୟାଗଡ଼,୨୭।୯ (ଲୋକନାଥ ମିଶ୍ର)

ନୟାଗଡ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନାଁ ଶୁକ୍ରବାର ରାତିରେ ଘୋଷଣା କରାଯାଇଥିଲା। ଶନିବାର ଓଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବଦଳାଇବାକୁ ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ପ୍ରତୀକ ମହାପାତ୍ର ଧମକ ଦେବା ପରେ ଦଳୀୟ ଅନ୍ତଃକନ୍ଦଳ ପଦାରେ ପଡିଛି । ପ୍ରତୀକ ତାଙ୍କ ଫେସ୍‌ବୁକ୍ ଆଇଡିରେ ଶନିବାର ସକାଳେ ଲେଖିଥିଲେ ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପରିବର୍ତ୍ତନ ନିହାତି ଆବଶ୍ୟକ, ନ ହେଲେ ସମ୍ପୂର୍ଣ୍ଣ ବିରୋଧ ହେବ। ନବନିଯୁକ୍ତ ଜିଲା ସଭାପତିଙ୍କୁ ଅନୁରୋଧ ବୋଲି ଉଲ୍ଲେଖ କରିଥିଲେ। ପ୍ରତୀକଙ୍କ ଲେଖା କଂଗ୍ରେସରେ ଝଡ ସୃଷ୍ଟି କରିଛି। ପ୍ରତୀକଙ୍କ ଲେଖା ପରେ ସାମାଜିକ ଗଣମାଧ୍ୟମରେ ସମାଲୋଚନା ହୋଇଥିଲା ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଏହାର ପ୍ରତିବାଦ କରି କହିଛନ୍ତି, ନବନିଯୁକ୍ତ ଜିଲା ସଭାପତିଙ୍କ ସହ ମୋର ଭଲ ସମ୍ପର୍କ। ତେବେ ମୁଁ ପୂର୍ବତନ ଜିଲା ସଭାପତି ସତ୍ୟବାନ ନାୟକଙ୍କ ଜଣେ ସମର୍ଥକ। ତା ବୋଲି ମୋ ନାଁରେ ସାମାଜିକ ଗଣମାଧ୍ୟମରେ ଧମକ ସହ ଫୋନ ଯୋଗେ ଧମକ ଦେବା ଠିକ୍ ନୁହେଁ। ଏଭଳି ହେବା ଦ୍ୱାରା ମୋ ଭାବମୂର୍ତ୍ତି ଉପରେ ଆଞ୍ଚ ଆସିଛି । ବ୍ଲକରେ ବହୁ କଷ୍ଟରେ ସଙ୍ଗଠନକୁ ବଞ୍ଚାଇ ରଖିବାର ଫଳ କଣ ଏଇଆ ବୋଲି କହିଛନ୍ତି ।

ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ଦଳରେ ଅନ୍ତକନ୍ଦଳ ନାହିଁ। ସାମାଜିକ ଗଣମାଧ୍ୟମରେ ଯେଉଁ ପୋଷ୍ଟ ଆସିଛି ଦୃଷ୍ଟିକୁ ଆସିବା ପରେ ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ପ୍ରତୀକ ମହାପାତ୍ରଙ୍କୁ ତାଗିଦା କରାଯାଇଛି। ପରେ ପୋଷ୍ଟକୁ ସେ ଡିଲିଟ୍ କରି ଦେଇଛନ୍ତି। ମୁଁ ସମସ୍ତଙ୍କୁ ସାଥିରେ ନେଇ କାମ କରିଛି ଓ କରିବି । ଜିଲାରେ କଂଗ୍ରେସ ଲୋକାଭିମୁଖୀ କରି ସରକାରଙ୍କ ଦୁର୍ନୀତିର ମୁଖା ଖୋଲିବୁ ବୋଲି କହିଛନ୍ତି ।

## ଜଳ ସଙ୍କଟକୁ ମୁକାବିଲା କରିବାକୁ ସଂରକ୍ଷଣ ଜରୁରୀ

ଖଣ୍ଡପଡ଼ା,୨୭।୯
(ଅଜୟ କୁମାର ମହାରଣା)



ବଣ ପାହାଡ଼ ଘେରା ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଥିବା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ବର୍ଷତମାମ ପାନୀୟ ଜଳ ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ଏହି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ନତୁବା ଲୋକ ପ୍ରତିନିଧିମାନେ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ଅଞ୍ଚଳ ଦେଇ ମହାନଦୀ ଓ ଶାଖା କୁସୁମୀ, କୁଆଁରିଆ, ଡାହୁକା, ଲୁଣିଝରା, ଆମ୍ବନାଳ, ସୁନାମୁହିଁ ପ୍ରଭୃତି ନଦୀ ପ୍ରବାହିତ ହେଉଛି। ଏତଦ୍‌ବ୍ୟତୀତ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ସୁନାମୁହିଁ, ମୋଡ଼ାନାଳ, କୋସକା, ଗୋହିରିଆପଡ଼ା ସମେତ ଅନେକ ଛୋଟ ବଡ଼ ଜଳଭଣ୍ଡାର ରହିଛି। ମାତ୍ର ମହାନଦୀ ସମେତ ଶାଖା ନଦୀଗୁଡ଼ିକ ବର୍ଷାଋତୁ ସମୟରେ ମାତ୍ର ୨ରୁ ୩ ମାସକୁ ବାଦ୍ ଦେଲେ ବାକି ସମୟ ଶୁଖିଲା ପଡୁଛି। ନଦୀର ଜଳଧାର ସମୟାନୁକ୍ରମେ ଶୁଖିଯିବା ସହ ବର୍ଷକୁବର୍ଷ ନଦୀର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ନଦୀରୁ ଜଳସ୍ତର ଶୁଖିଯିବା ଯୋଗୁ ନଦୀ ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେବା ସହ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ନଦୀର ଜଳଧାରଣ କ୍ଷମତା ବୃଦ୍ଧି ନିମନ୍ତେ ମହାନଦୀ ସମେତ ଶାଖାନଦୀଗୁଡ଼ିକରେ ଛୋଟ ବଡ଼ ବ୍ୟାରେଜ ନିର୍ମାଣର ଆବଶ୍ୟକତା ଥିଲେ ହେଁ ଏଥିପ୍ରତି ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରତିବର୍ଷ ରାଜ୍ୟ ସରକାର ମାଳବନ୍ଧଗୁଡ଼ିକରେ ପଥର ପ୍ୟାକିଂ ସହ ସେଗୁଡ଼ିକର ଉନ୍ନତୀକରଣ ଦିଗରେ ଅର୍ଥ ବ୍ୟୟ କରୁଥିଲେ ହେଁ ବାସ୍ତବରେ ନଦୀଜଳ ସଂରକ୍ଷଣ ଦିଗରେ ଆଦୌ ଦୃଷ୍ଟି ନ ଦେବା ପରିତାପର ବିଷୟ। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳ ସଂରକ୍ଷଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଗଲେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ବିଶେଷ ଭାବେ ଉପକୃତ ହେବେ। ଏଥିସହ ନଦୀ ଉପରେ ନିର୍ଭରକରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ପରିବାରଗୁଡିକଠାରୁ ଆରମ୍ଭକରି ବର୍ଷତମାମ ନଦୀପଠାରେ ପନିପରିବା, ଆଖୁ ଚାଷକରି କୃଷକମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି। ନଦୀ ଜଳ ସଂରକ୍ଷଣର ଆବଶ୍ୟକତାକୁ ଉପଲବ୍ଧିକରି ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ପାଇଁ ରାଜ୍ୟ ସରକାଙ୍କ ଜଳ ସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଜଳ ସଂରକ୍ଷଣ ପ୍ରକଳ୍ପଗୁଡିକର ପୁନରୁଦ୍ଧାର ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଓଟିଇଟି ପରୀକ୍ଷା ଦେଲେ ଗଣଶିକ୍ଷାମନ୍ତ୍ରୀଙ୍କ ସ୍ତ୍ରୀ, ବିଧାୟକଙ୍କ ସ୍ତ୍ରୀ


ଚୈଇତି ଗଣ୍ଡ


ତରୁଣୀ ମାଝୀ

**ନବରଙ୍ଗପୁର,୨୭।୯ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ଶନିବାର ଓଟିଇଟି ପରୀକ୍ଷା ହୋଇଛି। ଏଠାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍ତ୍ରୀ ଚୈଇତି ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସ୍ତ୍ରୀ ତରୁଣୀ ମାଝୀ ପରୀକ୍ଷା ଦେଇଛନ୍ତି। ଚୈଇତି ଉମରକୋଟ ବ୍ଲକ୍ ଡଙ୍ଗରିଗୁଡ଼ା ୟୁଭି–୩ ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତରୁଣୀ ମାଝୀ ନନ୍ଦାହାଣ୍ଡି ଜେଟୁଗୁଡା ସ୍କୁଲରେ ଶିକ୍ଷକତା କରୁଛନ୍ତି। ତେବେ ଦୁହେଁ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ନିଜ ନିଜ କେନ୍ଦ୍ରରେ ଓଟିଇଟି ପରୀକ୍ଷା ଦେଇଛନ୍ତି। ନବରଙ୍ଗପୁର ଜିଲାରେ ୨ଟି ସିଟିଂରେ ଓଟିଇଟି ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ୪ଟି କେନ୍ଦ୍ରରେ ହୋଇଥିଲା। ୮୪୮ଜଣ ଶିକ୍ଷକଙ୍କ ମଧ୍ୟରୁ ୭୮୭ ଜଣ ପରୀକ୍ଷା ଦେଇଥିଲେ। ୬୧ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଦ୍ୱିତୀୟ ସିଟିଂ ୬ଟି କେନ୍ଦ୍ରରେ କରାଯାଇଥିଲା। ୧୫୯୮ଜଣଙ୍କ ମଧ୍ୟରୁ ୧୫୩୪ଜଣ ପରୀକ୍ଷା ଦେଇଥିବା ବେଳେ ୬୪ଜଣ ଶିକ୍ଷକ ଅନୁପସ୍ଥିତ ରହିଥିଲେ। ଏହି କେନ୍ଦ୍ରଗୁଡ଼ିକୁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ ପରିଦର୍ଶନ କରିଥିଲେ।

# ହାତଗୋଡ଼ ବାନ୍ଧି ଗର୍ଭବତୀଙ୍କୁ ମାଡ଼ମାରି ଲୁଟିନେଲେ ସୁନାଗହଣା

**ସୋର,୨୭।୯(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଟେଣ୍ଟେଇ ପଞ୍ଚାୟତ ବିରିପଡା ଗ୍ରାମରେ ଶୁକ୍ରବାର ରାତିରେ ଦୁଇଟି ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଜଣେ ଗର୍ଭବତୀ ମହିଳାଙ୍କ ହାତଗୋଡ ବାନ୍ଧି ମାଡ଼ ମାରି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଗ୍ରାମର ଅହଲ୍ୟା ନାୟକଙ୍କ ଘର କାମ ଚାଲୁଥିବାରୁ ସେ ପରିବାର ସହ ଏକ ଅସ୍ଥାୟୀ ଘରେ ରହୁଛନ୍ତି। ଶୁକ୍ରବାର ରାତିରେ ୪ଜଣ ଦୁର୍ବୃତ୍ତ ପଲିଥିନ ଚିରି ତାଙ୍କ ଘର ଭିତରକୁ ପଶିଥିଲେ। ପରେ ଅହଲ୍ୟାଙ୍କ ଗର୍ଭବତୀ ଝିଅକୁ ମାଡ଼ ମାରିବା ସହିତ ତାଙ୍କୁ ଓ ପରିବାରର ୩ଜଣଙ୍କୁ ହାତଗୋଡ ବାନ୍ଧି ଘରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ସୁନାଗହଣା ଓ ନଗଦ ୧୪ ହଜାର ଟଙ୍କା ଲୁଟିନେଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଥିବା ଝିଅ ରଶ୍ମିତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି ଉକ୍ତ ଗ୍ରାମର ଚକ୍ରଧର ବେହେରା ୨ ମାସ ହେବ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ଯାଇଥିବା ବେଳେ ରାତିରେ ତାଙ୍କ ଘରର ଝରକା ଭାଙ୍ଗି ସୁନା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଶନିବାର ଅପରାହ୍ଣରେ ସୋର ଥାନାରେ ପୃଥକ ଭାବେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଓସିଏସ୍ ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡେମୀର ୧୭୩ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)**

ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍)– ୨୦୨୩ ପରୀକ୍ଷା ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ପୂର୍ବବର୍ଷଗୁଡ଼ିକ ପରି ଚଳିତବର୍ଷ ମଧ୍ୟ ବାଜିରାଓ ଆଇଏଏସ୍ ଏକାଡେମୀ ସଫଳତା ହାସଲ କରିଛି। ଏକାଡେମୀର ୧୭୩ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସ୍ୱରୂପିଣୀ ପଟ୍ଟନାୟକ, ଦୀପସୀତା ବେହେରା, ସୁପ୍ରିୟା ମିଶ୍ର, ଅସୀମା ଅନ୍ୱେଷା, ଏମ୍ ଜି ସୁବର୍ଣ୍ଣ ମହାନ୍ତି, ଆକାଶ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଣ୍ଡା, କଲ୍ୟାଣୀ ସାହୁ, ମୃତ୍ୟୁଞ୍ଜୟ ରାଉଳ ଓ ସାଇ ରମଣ ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ୪୦ ର୍ୟାଙ୍କ ମଧ୍ୟରେ ରହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶୁଭ୍ରାଂଶୁ ଶେଖର ଓଝା ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସଚେତନତା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ

**ଆଜି ବିଶ୍ୱ ଜଳାତଙ୍କ ଦିବସ**

ଜଳାତଙ୍କ ଏକ ଭୂତାଣୁଜନିତ ରୋଗ। ପାଗଳା କୁକୁର କାମୁଡ଼ିଲେ ଏହି ରୋଗର ଆଶଙ୍କା ଅଧିକ ଥାଏ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି– 'ଆକ୍ଟ ନାଓଁ, ୟୁ ମି, କମ୍ୟୁନିଟିଜ୍'। ଅର୍ଥାତ୍ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି କେବଳ ମୁଁ ତୁମେ, ଆପଣ ଏବଂ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସ୍ଥାୟୀ ଚିକିତ୍ସା ପ୍ରାୟ ନାହିଁ। ଅର୍ଥାତ୍ ଜଳାତଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ମୃତ୍ୟୁ ପ୍ରାୟ ସୁନିଶ୍ଚିତ। ଏହି ରୋଗ କୁକୁର, ବିରାଡ଼ି, ବିଲୁଆ, ଗଧିଆ ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କଠାରୁ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନଙ୍କୁ ବ୍ୟାପିଥାଏ। ଜଳାତଙ୍କ ରୋଗ ଲାଇସା ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ମୁଖ୍ୟତଃ ବୁଲା ପାଗଳା କୁକୁର କାମୁଡ଼ିବା କିମ୍ବା ସେମାନଙ୍କ ଲାଳ ଦ୍ୱାରା ସୁସ୍ଥ ମନୁଷ୍ୟ କିମ୍ବା ପଶୁମାନଙ୍କୁ ବ୍ୟାପିଥାଏ। କ୍ଷତ ସ୍ଥାନ ଜଳାପୋଡ଼ା ଏବଂ କୁଣ୍ଡେଇ ହେବା, ସ୍ନାୟବିକ ଦୁର୍ବଳତା ଓ ଅକ୍ଷମତା, ପାଣି, ପବନ, ନିଆଁ, ଶବ୍ଦ ଏବଂ ଆଲୋକ ଆଦିକୁ ଭୟ କରିବା, ଅତ୍ୟଧିକ ପରିଶ୍ରମ ସହ୍ୟ କରି ନ ପାରିବା, ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଏବଂ ବାନ୍ତି ହେବା ହେଉଛି ଜଳାତଙ୍କର ପ୍ରମୁଖ ଲକ୍ଷଣ। ଯଦି ଗୋଟିଏ ସୁସ୍ଥ ପ୍ରାଣୀ କିମ୍ବା ମନୁଷ୍ୟକୁ ଏକ ବୁଲା କୁକୁର କାମୁଡ଼ିଦେଲା, ତେବେ ଡାକ୍ତରୀ ପରାମର୍ଶ କରି ଟିକା ନେବା ପୂର୍ବରୁ ଉକ୍ତ କାମୁଡ଼ା ଜାଗାଟିକୁ ଭଲ ଭାବରେ ସାବୁନ୍‌ରେ ଅତିକମ୍‌ରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ଧୋଇ ସାରିବା ପରେ ଉକ୍ତ ଜାଗାଟିକୁ ଚଳନ୍ତା ପାଣି ସ୍ରୋତ କିମ୍ବା ଟ୍ୟାପ୍ ପାଣିରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ତା'ପରେ ଉକ୍ତ ସ୍ଥାନଟିରେ ଆଣ୍ଟିସେପ୍ଟିକ ମଲମ କିମ୍ବା ଲୋଶନ ଲଗାନ୍ତୁ। କୌଣସି ପରିସ୍ଥିତିରେ ଉକ୍ତ ଜାଗାକୁ ବ୍ୟାଣ୍ଡେଜ କରନ୍ତୁ ନାହିଁ। ଉପରୋକ୍ତ ପ୍ରାଥମିକ ଚିକିତ୍ସା କରିସାରିବା ପରେ ଡାକ୍ତରୀ ପରାମର୍ଶ ଅନୁସାରେ ଟିକା ନିଅନ୍ତୁ।

– ଡା. ଅନନ୍ତ ଆଚାର୍ଯ୍ୟ

**ପୂର୍ବ ତଟ ରେଳପଥ**

**ବହୁମୁଖୀ ଏବଂ ଖାଦ୍ୟ ସରବରାହ ଷ୍ଟଲର ଇ-ନିଲାମ**

କ୍ରମ ସଂ.1: ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-6/7, କ୍ରମ ସଂ.2 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପିଲର ନଂ.11 ଏବଂ 12 ମଧ୍ୟରେ ପ୍ଲାଟଫର୍ମ ନଂ.-4, କ୍ରମ ସଂ.3 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପ୍ଲାଟଫର୍ମ ନଂ.-2&3, କ୍ରମ ସଂ.4 : ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-3।

ସଂରକ୍ଷଣ ବର୍ଗ : ବହୁମୁଖୀ ଷ୍ଟଲ(GMU) (କ୍ରମ ସଂ.1 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଅନୁସୂଚିତ ଜାତି)(କ୍ରମ ସଂ.2 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଶାରୀରିକ/ ମାନସିକ ବିକଳାଙ୍ଗ) (କ୍ରମ ସଂ.3 ପାଇଁ) ଏବଂ ତାଜା ଫଳ ଏବଂ ଜୁସ୍ ଷ୍ଟଲ SMU(ଅନୁସୂଚିତ ଜନଜାତି) (କ୍ରମ ସଂ.4 ପାଇଁ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.07.10.2025 ରିଖ 1530 ଘଣ୍ଟିକା ଠାରୁ (କ୍ରମ ସଂ.1 ପାଇଁ) ଏବଂ ତା.07.10.2025 ରିଖ 1100 ଘଣ୍ଟିକା ଠାରୁ (କ୍ରମ ସଂ.2 ରୁ 4 ପାଇଁ)।

ଦ୍ରଷ୍ଟବ୍ୟ: ଆଶାୟୀ ବିଡ୍‌ରଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଏବଂ ଯୋଗ୍ୟତା ମାନଦଣ୍ଡ, ସାଇଟ୍‌ର ବିବରଣୀ ଓ ଅନ୍ୟାନ୍ୟ ସବିଶେଷ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-641/Q/25-26

# କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସ ଦୋହରାଇଛି: ଭାଜପା

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ଦେଶର ଯେକୌଣସି ରାଜ୍ୟକୁ ଯେତେବେଳେ ବି ଯାଇପାରିବେ। ଏଥିପାଇଁ କାହାର ଅନୁମତି ନେବା ଆବଶ୍ୟକ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ପ୍ରଶ୍ନ ପଚାରି କଂଗ୍ରେସ ନିଜ ନିର୍ବୋଧତାର ପରିଚୟ ଦେଇଛି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାବଦରେ ଗାଳିଦେବା, କଟାକ୍ଷ କରିବା, ନିଚା ଦେଖାଇବା କଂଗ୍ରେସ ବରିଷ୍ଠ ନେତାମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି। ଶନିବାର ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମ୍ନସ୍ତରର ବକ୍ତବ୍ୟ ଦେଇ କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସକୁ ଦୋହରାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, କଥାରେ ଅଛି କୋଇଲାକୁ ଯେତେ ଧୋଇଲେ ବି ରଙ୍ଗ ବଦଳିବ ନାହିଁ। ସମାନ ଭାବେ ଯେତେ ପରାମର୍ଶ ଦେଲେ ବି କଂଗ୍ରେସର ଚରିତ୍ର ଓ ସ୍ୱଭାବ ବଦଳିବ ନାହିଁ। କଂଗ୍ରେସ ଭଳି ରାଷ୍ଟ୍ରୀୟ ଦଳର ନେତାମାନେ ଜଣେ ମହିଳା ଏମ୍‌ପିଙ୍କ ଚରିତ୍ର ସଂହାରକରି ବକ୍ତବ୍ୟ ଦେବା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଶାଳିନତା ଉଲ୍ଲଂଘନକରି ଅସଭ୍ୟ ଟିପ୍ପଣୀ ଦେବା କଂଗ୍ରେସର ଚିରାଚରିତ ସ୍ୱଭାବ। କଂଗ୍ରେସ ମୁଖପାତ୍ରଙ୍କ ବକ୍ତବ୍ୟ ନିଜର ବ୍ୟକ୍ତିଗତ ନା ଦଳୀୟ ତାହା ସ୍ପଷ୍ଟ କରିବା ଉଚିତ। ଆଜିର ଏଭଳି ହୀନ ବକ୍ତବ୍ୟ ପାଇଁ ଓଡ଼ିଶା ତଥା ଭାରତବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ

(1) ଟେଣ୍ଡର ସଂ.e-tender-BrKUR-251-2025,ତା.16.09.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ହରିଦାସପୁର-ପାରାଦ୍ୱୀପ ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/-।

(2) ଟେଣ୍ଡର ସଂ.e-tender-EASTKUR-252-2025,ତା.16.09.2025ରିଖ

ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ପାରାଦ୍ୱୀପ ଠାରେ ଗ୍ରୀଡ୍ ପୃଥକୀକରଣ କାର୍ଯ୍ୟ" ସମ୍ବନ୍ଧୀୟ ପ୍ରସ୍ତାବିତ ଟ୍ରାକ୍ ଯୋଡ଼ିବା (Linking)କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/-।

ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-647/Q/25-26

# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ବେପାରୀ ଗିରଫ

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**

ପୁରୀ ପୋଲିସକୁ ଅପରେଶନ ଚକ୍ର ମାଧ୍ୟମରେ ଏକ ବଡ଼ ସଫଳତା ମିଳିଛି। ସଦର ଥାନା ପକ୍ଷରୁ ଶନିବାର ନୀଳଚକ୍ରନଗରରେ ଚଢ଼ାଉ କରାଯାଇ ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ଥାନା ଅଞ୍ଚଳର ମହମ୍ମଦ ସାଜଦ(୩୦) ଓରଫ ରାଜା ଏବଂ ପୁରୀ ସଦର ଥାନା ଅନ୍ତର୍ଗତ ନୀଳଚକ୍ରନଗରର ସୁକାନ୍ତି ପଣ୍ଡା(୬୦)ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ପ୍ରଦାନ କରି କହିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ୨୦୦ଗ୍ରାମ ବ୍ରାଉନସୁଗର ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।

**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam (Aska) - 761111, Dist.: Ganjam, State: Odisha
Email id: askasugar@yahoo.co.in
GSTIN: 21AAAAT5989L1ZO

Letter No. GAD/F-200/1450 Date: 26.09.2025

**ADVERTISEMENT FOR CONTRACTUAL APPOINTMENT**

Fresh applications are invited from eligible candidates for filling of the post of "Cane Manager" on Contractual Basis for a period of one year and likely to be extended after satisfactory performance. The eligible candidates may apply in prescribed application form duly filled in and send through Speed Post/ Registered Post only on or before 28.10.2025. For details, please visit our website (www.askasugar.com).

Sd./- Managing Director

**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 24.09.2025

**E-PROCUREMENT TENDER NOTICE**

01. For tender detail please visit http://eproc.cgstate.gov.in
02. Concern Division : S. No. 1 to 2 Jashpur & S. No. 3 Manendragarh Division
03. S. No. 1 to 3 - 'D' Class and above Contractor
04. Bid submission due date - 15.10.2025

| S. No. | N.I.T. No. | Name of Work | P.A.C. in Lacks |
|---|---|---|---|
| 1 | 2 | 3 | 4 |
| 1 | 189 | Construction of Kandadhora to Ghumra Road Length 0.80 Km of District Jashpur (First Call) | 74.07 |
| 2 | 190 | Construction of First Floor at ITI Building duldula Distt. Jashpur (First Call) | 97.66 |
| 3 | 191 | Renovation of ITI Building at Lalpur Distt. MCB (C.G.) (First Call) | 46.35 |

Sd./- Superintending Engineer
P.W.D. Ambikapur Circle, Ambikapur
G-252603772/1

**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**Advertisement (In-House)**

No.E-414 : Interested **In-house candidates presently working** in other districts under NHM desiring to be posted in Dhenkanal district under NHM of OSH & FWS may log on to **www.dhenkanal.odisha.gov.in** for details (advertisement, terms and conditions & application form etc.).

**The fresh candidates or the candidates who are not working under National Health Mission of OSH & FW Society need not to apply for the above mentioned posts.**

Sd./- Chief District Medical & PH Officer, Dhenkanal
OIPR-10059/11/0026/2526

**GOVERNMENT OF ODISHA** No.A-687
**OFFICE OF THE SUPERINTENDING ENGINEER M.I.DIVISION, GANJAM NO-II, BERHAMPUR**
**QUOTATION/TENDER**
**CALL NOTICE I.D. NO./06/GMID-II/2025-26**

| | |
|---|---|
| Name of Work | : Hiring of private vehicle on monthly rent basis for official use under M.I. Division Ganjam No-II, Berhampur. |
| No. of Work | : 2 No. (Two) |
| Quotation/Tender Paper Cost | : NIL |
| Date, Time and place of availability of Quotation/ tender Paper | : From 10.00 A.M. of 03.10.2025 to 08.10.2025 up to 3.00 P.M. (During Office Hours) at M.I. Division, Ganjam No-II, Berhampur |
| Date, Time and Place of Opening of Quotation/ Tender | : At 04.00 P.M. on 08.10.2025 in the office of the Superintend Engineer, M.I. Division, Ganjam No-II, Berhampur |
| Name & Adderss of the Officer inviting Tender | : Superintending Engineer, M.I.Division Ganjam-II, Berhampur, Email : mi2_exe.engr@yahoo.co.in |

Sd./- Superintending Engineer
M.I. Divn., Ganjam-II, Berhampur
OIPR-32043/11/0033/2526

**ZILLA SWASTHYA SAMITI, JAJPUR**
**TENDER CALL NOTICE FOR HIRING OF VEHICLES**

No. 530 Date : 26.09.2025

No.E-415 : Sealed tenders are invited from Registered Agencies, Tour Operators, Individuals for hiring of commercial light diesel/petrol A/C vehicles towards engagement under DPMU, NHM, Jajpur, on monthly hiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.jajpur.odisha.gov.in. The bidders have to superscribe on the top left hand corner of the envelope "Quotation for hiring of vehicle under NHM, Jajpur" without which their quotations shall be rejected. The undersigned reserves the right to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

OIPR-10042/11/0019/2526 Sd./- CDM & PHO, Jajpur

**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, PO-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No.2896/NACP Dt.25.09.2025

National Competitive Bidding through e-procurement
Bid Identification No. **NAC-PDP-04/2025-26**

**No.C-1191** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of works : 4 (Four Nos.)
3. Estimate Cost : Rs.2,65,562/- to Rs.9,62,188/-
4. Class of Contractor : "C" or "D" Class
5. Date & Time of availability of Bid Documents in the portal : **9.00 A.M. on dt.26.09.2025 up to 05.00 P.M. on dt.17.10.2025**
6. Last date & time for receipt of Bids in the portal : **17.10.2025 at 05.00 P.M.**
7. Bid opening Date : **Dt.18.10.2025 at 11.00 A.M.**

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer
N.A.C. Padampur
OIPR-13118/11/0041/2526

**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**

**लापता: आवश्यक सूचना**


गुमशुदा भावना राज मरवा
उम्र–करीब 20 वर्ष।

सर्व साधारण को सूचित किया जाता है कि आवेदक रमेश राज मरवा के द्वारा अपनी बेटी **भावना राज मरवा उम्र–करीब 20 वर्ष की गुमशुदगी** के संबंध में संबंधित थाना जादुगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा भावना राज मरवा उम्र–करीब 20 वर्ष, पिता–रमेश राज मरवा, सा0–राखा कॉलोनी, थाना–जादुगोड़ा, जिला –पूर्वी सिंहभूम, जमशेदपुर** जो दिनांक–17.09.2025 को समय करीब 06:30 बजे घर से पानी लाने के लिए निकली थी एवं बहुत समय तक जब घर वापस नहीं आई तो परिवारवालों ने रिस्तेदार एवं पड़ोसियों से पुछताछ किया लेकिन कुछ पता नहीं चल सका।

गुमशुदा महिला का हुलिया निम्न प्रकार है :–कद–05 फीट 07 इंच, रंग–गोरी, बाल–काला, पहनावा–भगवा रंग की कुर्ती एवं काला रंग का पैजामा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| पुलिस उपाधीक्षक, मुसाबनी | : 9431706492 |
| थाना प्रभारी, जादुगोड़ा | : 9431706523 |

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.363129 Police(25-26):D

**DEPUTY DIRECTOR,**
**NANDANKANAN ZOOLOGICAL PARK**
P.O. - BARANG, DIST. - KHURDA, PIN - 754005
PHONE/FA NO-0674-2466075, 9437022023 (M)
Email : deputydirector.kanan@gmail.com
NANDANKANAN — Web : www.nandankanan.org

**e-PROCUREMENT NOTICE**

No.MM- Tender No. DD-NKN-21_/PMU/NKZP-2025-26 Dt. 24.09.2025

| | | | |
|---|---|---|---|
| 1 | Name of the work | : | Tender for construction of Entry Date Complex (RIGHT SIDE) at Gate no.2 inside Nandankanan Zoological Park for the year 2025-2026 |
| 2 | No. of works | : | 1 (one) no. |
| 3 | Date of availability of bid document in the portal | : | 26.09.2025 |
| 4 | Last date for receipt of bids in the portal | : | 08.10.2025 up to 5.00 P.M. |
| 5 | Date of pre-Bid meeting | : | 06.10.2025 at 11.00 A.M. |
| 6 | Date of opening of Technical Bid (Cover-I) | : | 09.10.2025 at 11.00 A.M. |
| 7 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park
OIPR-08070/11/0109/2526

**बैंक ऑफ़ बड़ौदा Bank of Baroda**
ବ୍ୟାଙ୍କ ଅଫ୍ ବରୋଦା, ଆରଓଏସ୍ଏଆର୍‌ବି ରାଞ୍ଚି, ୩ୟ ମହଲା, ଏଲ୍ ଏମ୍ ସ୍କୋୟାର୍, ସୁଜାତା ଚୌକ, ମେନ୍ ରୋଡ୍, ରାଞ୍ଚି-୮୩୪୦୦୧, ଝାଡ଼ଖଣ୍ଡ
ସଂଲଗ୍ନକ – ଗ

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି, ପରିଶିଷ୍ଟ - IV-କ [ନିୟମ ୬ (୨) ଏବଂ ୮ (୬)ର ବ୍ୟବସ୍ଥାବଳୀ ଦେଖନ୍ତୁ]**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୬(୨) ଏବଂ ୮(୬) ଅଧୀନରେ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ। ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ), ବନ୍ଧକଦାତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ସ୍ଥାବର/ଅସ୍ଥାବର ସମ୍ପତ୍ତି, ଯାହାର ଦଖଲ ବ୍ୟାଙ୍କ ଅଫ୍ ବରୋଦାର ପ୍ରାଧିକୃତ ଅଧିକାରୀ, ବନ୍ଧକ ଋଣଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଖାତା/ଗୁଡ଼ିକରୁ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯିବ। ଋଣଗ୍ରହୀତା/ଗଣ / ବନ୍ଧକଦାତା/ଗଣ ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକ ପରିସମ୍ପତ୍ତି/ଗୁଡ଼ିକ / ବକେୟା ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଓ ସମୟ, ଇଏମ୍‌ଡି ଏବଂ ବିଡ୍ ବୃଦ୍ଧି ପରିମାଣ ତଳେ ଦର୍ଶାଯାଇଛି:–

| କ୍ର. ସଂ. | ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାଗଣଙ୍କ ନାମ ଓ ଠିକଣା | ସୁରକ୍ଷିତ ପରିସମ୍ପତ୍ତି / ବନ୍ଧକ ସମ୍ପତ୍ତିର ବିବରଣୀ | ମୋଟ ବକେୟା ଦେୟ / ଇ-ନିଲାମର ତାରିଖ / ଇ-ନିଲାମର ସମୟ / ଆରମ୍ଭ ସମୟ ଓ ସମାପ୍ତି ସମୟ | ସଂରକ୍ଷିତ ମୂଲ୍ୟ / ଇଏମ୍‌ଡି ଜମା / ବିଡ୍ ବୃଦ୍ଧି ପରିମାଣ | ଦଖଲର ସ୍ଥିତି (ଗଠନମୂଳକ/ ବାସ୍ତବିକ) ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ |
|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଆରିଆନା ପାୱାର ଇନ୍‌ଫ୍ରା** **ପଞ୍ଜୀକୃତ କାର୍ଯ୍ୟାଳୟ:** ୧୧୯, ଆଶିୟାନା ଟ୍ରେଡ୍ ସେଣ୍ଟର, ୧ମ ମହଲା, ଆଦିତ୍ୟପୁର, ଜାମସେଦପୁର, ଜିଲ୍ଲା–ପୂର୍ବ ସିଂହଭୂମ୍–୮୩୧୦୧୩, ଝାଡ଼ଖଣ୍ଡ। **କାରଖାନା ଠିକଣା:** ପ୍ଲଟ୍ ନଂ.୬୮୦ ଓ ୬୮୧, ଗ୍ରାମ–ସାତପୁରି, ପୋଷ୍ଟ/ଥାନା – ଟିରିଙ୍ଗ, ଜିଲ୍ଲା: ମୟୂରଭଞ୍ଜ, ପିନ୍–୭୫୭୦୫୩, ଓଡ଼ିଶା। | ମେସର୍ସ ଆରିଆନା ପାୱାର ଇନ୍‌ଫ୍ରାର କାରଖାନା ଜମି ଓ ବିଲ୍ଡିଂର ନ୍ୟାୟୋଚିତ ବନ୍ଧକ, ଅବସ୍ଥିତ ସ୍ଥାନ: ମୌଜା– ସାତପୁରି, ଥାନା– ଟିରିଙ୍ଗ, ଥାନା ନଂ.୨୭, ତହସିଲ – ଟିରିଙ୍ଗ, ତହସିଲ ନଂ.୨୭, ଜିଲ୍ଲା ଉପ ନିବନ୍ଧନ କାର୍ଯ୍ୟାଳୟ ଅଧୀନରେ ସ୍ଥାନ ବହଳଦା, ଜିଲ୍ଲା– ମୟୂରଭଞ୍ଜ ଓ ରାଜ୍ୟ – ଓଡ଼ିଶା, ଖାତା ନଂ. ୫୫, ପ୍ଲଟ୍ ନଂ.୬୮୦ ଅଧୀନରେ ରେକର୍ଡଭୁକ୍ତ, ରକବା ୪୪ ଡେସିମିଲ ଓ ୬୮୧, ରକବା– ୪୪ ଡେସିମିଲ, ମୋଟ ରକବା– ୮୮ ଡେସିମିଲ। **ଚଉହଦୀ ନିମ୍ନ ଅନୁଯାୟୀ:** ଉତ୍ତର – ସଡ଼କ, ଦକ୍ଷିଣ – ସଡ଼କ, ପୂର୍ବ – ସଡ଼କ, ପଶ୍ଚିମ – ନାଳ | ଟ.୧,୫୯,୯୩,୧୨୫.୨୧/- + ଡିମାଣ୍ଡ ନୋଟିସ୍ ଅନୁଯାୟୀ ୦୧।୦୪।୨୦୨୧ଠାରୁ ଲାଗୁ ସୁଧ ଏବଂ ଶୁଳ୍କ ଏବଂ ଚୁକ୍ତିମୂଳକ ବକେୟା ଟ.୩,୨୯,୩୨,୬୦୧.୨୨/- ତା୩୧।୦୮।୨୦୨୫ରିଖ ସୁଦ୍ଧା ଯୁକ୍ତ ଖର୍ଚ୍ଚ ଓ ସୁଧ / ୨୯।୧୦।୨୦୨୫ ଅପରାହ୍ଣ ୨.୦୦ ଘଟିକାରୁ ୬.୦୦ ଘଟିକା | ଟ.୯୬,୩୦,୦୦୦.୦୦ / ଟ.୯,୬୩,୦୦୦.୦୦ / ଟ.୯୮,୦୦୦.୦୦ | ସାଙ୍କେତିକ / ୧୩।୧୦।୨୦୨୫ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୩.୦୦ ଘଟିକା |

**ଭାଗୀଦାର:**
୧) ଶ୍ରୀ ସୁଶୀଳ କୁମାର ଅଗରୱାଲ, ପିତା– ବୁଧ ଲାଲ ଅଗରୱାଲ, ଡୁପ୍ଲେକ୍ସ ନଂ. ୨୭, ଫେଜ୍–୧, ବିଜୟା ହେରିଟେଜ୍, ଅନିଲ ସୁର ପଥ, ଉଲିୟାନ, କାଦମା, ଜାମସେଦପୁର, ଜିଲ୍ଲା– ପୂର୍ବ ସିଂହଭୂମ୍ – ୮୩୧୦୦୫, ଝାଡ଼ଖଣ୍ଡ।
୨) ଶ୍ରୀ ଚନ୍ଦନ କୁମାର ସାହୁ, ପିତା– ନେପାଳ ଚନ୍ଦ୍ର ସାହୁ, ଟିଏରା–ଏଫ୍–୧୬୦୪, ଲୋଧା ସ୍ପ୍ଲେଣ୍ଡୋ ଘୋର, ବନ୍ଦର ରୋଡ୍, ଭୟଣ୍ଡରପଡ଼ା, ଜିଲ୍ଲା– ଠାଣେ (ପଶ୍ଚିମ)– ୪୦୦୬୧୫, ମହାରାଷ୍ଟ୍ର।
୩) ଶ୍ରୀ ରାଜେଶ କୁମାର ଯାଦବ, ପିତା– ରଙ୍ଗିଲାଲ ଯାଦବ, ବଜାରସାହି, ପୋଷ୍ଟ– ବହଳଦା, ଜିଲ୍ଲା: ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।
୪) ଶ୍ରୀ ସର୍ବେଶ୍ୱର ମହାନ୍ତ, ପିତା– ଶ୍ରୀ ଲକ୍ଷ୍ମୀଧର ମହାନ୍ତ, ସ୍ଥାନ– ବାନ୍‌କାଟି, ପୋଷ୍ଟ– ଉକମ, କୁମୁଡାସୋଲ, ବାଦାମପାହାଡ଼, ଜିଲ୍ଲା– ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।
୫) ଶ୍ରୀ ହରିଲାଲ ସାହୁ, ପିତା– ସ୍ୱର୍ଗତ ଗଦାଧର ସାହୁ, ବଜାରସାହି, ପୋଷ୍ଟ– ବହଳଦା, ଜିଲ୍ଲା– ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।
୬) ଶ୍ରୀ ନେପାଳ ଚନ୍ଦ୍ର ସାହୁ, ପିତା– ସ୍ୱର୍ଗତ ଗଦାଧର ସାହୁ, ବଜାର ସାହି, ବହଳଦା, ଜିଲ୍ଲା– ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍ ଲିଙ୍କ୍ https://www.bankofbaroda.in/e-auction ଏବଂ ଇ-ନିଲାମ ଏବଂ ଅନ୍‌ଲାଇନ ନିଲାମ ପୋର୍ଟାଲ https://baanknet.com ପରିଦର୍ଶନ କରନ୍ତୁ। ଆହୁରି ମଧ୍ୟ, ସମ୍ଭାବ୍ୟ ବିଡର୍‌ମାନେ ପ୍ରାଧିକୃତ ଅଧିକାରୀଙ୍କ ସହିତ ମୋବାଇଲ ନଂ. ୭୫୪୨୦୩୨୧୨୪ରେ ଯୋଗାଯୋଗ କରିପାରନ୍ତି।

ତାରିଖ: ୨୩।୦୯।୨୦୨୫, ସ୍ଥାନ: ରାଞ୍ଚି — ସ୍ୱା./- ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍** — ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ପରମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରେମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୦୬.୦୧.୨୦୨୫ ସୁଦ୍ଧା ଟ.୩,୨୬,୩୨୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ପରମାନନ୍ଦ ସାହୁ ଏବଂ ଶ୍ରୀ ପ୍ରେମାନନ୍ଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଏସ୍ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୬୦/୧୬୩୪ ଏବଂ ୫୯/୧୬୩୫, କ୍ଷେତ୍ର: ଏକର୦.୦୪% ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଧୋବା ସାହୁ, ପୂର୍ବ: ପ୍ରଶାନ୍ତ ମହାରଣା, ପଶ୍ଚିମ: ସୁଦର୍ଶନ ପାତ୍ର |
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ହୃଷିକେଶ ରାଉତ,** ପିତା: ଧ୍ରୁବ ଚରଣ ରାଉତ, ସା/ପୋ.: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ସିଂ,** ପିତା: ଦୟାନିଧି ସିଂ, ସା: ରାମଚନ୍ଦ୍ରପୁର, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୩୦.୦୧.୨୦୨୫ ସୁଦ୍ଧା ଟ.୪,୬୪,୯୮୧.୦୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ହୃଷିକେଶ ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେରବୋଇ, ଥାନା: ଡେଲାଙ୍ଗ, ଏସ୍ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୭୯୬, ପ୍ଲଟ୍ ନଂ.: ୧୮୯୩, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୯୨, ଦକ୍ଷିଣ: ପ୍ଲଟ୍ ନଂ.: ୧୮୯୪, ପୂର୍ବ: ପ୍ଲଟ୍ ନଂ.: ୧୮୯୫, ପଶ୍ଚିମ: କେନାଲ |
| **ମୈତ୍ରୀ ବିହାର ଶାଖା /** **ଋଣଗ୍ରହୀତା: ମେସର୍ସ ମା ତାରିଣୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀଧର ସାହୁ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଲକ୍ଷ୍ମୀଧର ସାହୁ,** ପିତା: ୰ ନେତ୍ରାନନ୍ଦ ସାହୁ, **୨) ଶ୍ରୀ ଶିବ ପ୍ରସାଦ ସାହୁ,** ପିତା: ୰ ନେତ୍ରାନନ୍ଦ ସାହୁ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୪୬/୬୮୩, ସା: ଦାଢ଼ାପାଟଣା, ବାରଙ୍ଗ ରେଲୱେ ଷ୍ଟେସନ୍ ନିକଟ, ଥାନା: ବାରଙ୍ଗ, ଜିଲ୍ଲା: କଟକ-୭୫୪୦୦୫ | ୦୯.୦୬.୨୦୨୫ ସୁଦ୍ଧା ଟ.୧୯,୭୫,୨୦୯.୨୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୭.୨୦୨୫ / ୨୫.୦୯.୨୦୨୫ | ଶ୍ରୀ ଲକ୍ଷ୍ମୀଧର ସାହୁ ଏବଂ ଶ୍ରୀ ଶିବ ପ୍ରସାଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦାଢ଼ାପାଟଣା, ଥାନା: ବାରଙ୍ଗ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଖାତା ନଂ.: ୮୧/୨୧, ପ୍ଲଟ୍ ନଂ.: ୧୪୬/୬୮୩, କ୍ଷେତ୍ର: ୩୪୮୪.୮ ବର୍ଗଫୁଟ, କିସମ: ଜମି ସହିତ ବାସୋପଯୋଗୀ ବିଲ୍ଡିଂ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାମାନଙ୍କ ପ୍ଲଟ୍, ଦକ୍ଷିଣ: ଦିପାମଣି ହେମ୍ବ୍ରମ୍, ପୂର୍ବ: ବିକ୍ରେତାମାନଙ୍କ ପ୍ଲଟ୍, ପଶ୍ଚିମ: ଘରୋଇ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୬.୦୯.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସହିଦ ଭଗତସିଂ ବିଚାର ମଞ୍ଚ ପକ୍ଷରୁ ଆଲୋଚନା 'ବିପଦ ଗ୍ରସ୍ତ ଭାରତ ଓ ଆମ ପାଇଁ ଆହ୍ୱାନ', ସ୍ଥାନ: ନାଗଭୂଷଣ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍‌ଭେସନ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ 'ଆରମ୍ଭ' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ଅଡ଼ିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦେବଯୁଗ୍ ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କେଦାରଗୌରୀ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ହେ ଅପୂର୍ବା ସମ୍ଭ୍ରାନ୍ତ ପ୍ରକାଶନୀ ପକ୍ଷରୁ ୨୭ତମ ଜନ୍ମ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବ୍ଲକସ୍ତରୀୟ ଶ୍ରମିକ କଲ୍ୟାଣ ସହାୟତା ମେଳା, ସ୍ଥାନ: ସ୍ୱର୍ଣ୍ଣ ମଣ୍ଡପ, ସତ୍ୟବାଦୀ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲାର ବନ୍ଧୁମିଳନ, ସ୍ଥାନ: ବାଉତି ମନ୍ଦିର, କୁମାରବସ୍ତା, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପରିଚ୍ଛଳ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପରିଚ୍ଛଳ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ, ସ୍ଥାନ: ସହଦେବଖୁଣ୍ଟା ଉପସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକାର ଶୁଭ ଉନ୍ମୋଚନ ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ଭଜନ ଓ ପ୍ରବଚନ, ସ୍ଥାନ: ଖୁଣ୍ଟା ମଠ ପ୍ରାଙ୍ଗଣ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- କବିବର ରାଧାନାଥ ରାୟଙ୍କ ୧୭୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ଅପରାହ୍ନ ୨ଟା ୩୦।

## ଭଦ୍ରକ

- ଶହୀଦ ସ୍ମୃତି ଦିବସ, ସ୍ଥାନ: ଇରମ, ବାସୁଦେବପୁର, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଶତାବ୍ଦୀ ଉଦ୍‌ଘାଟନ ଦିବସ ପାଳନ, ସ୍ଥାନ: ମହିଷାପଦା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ମଞ୍ଜୁରୀରୋଡ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଟୋକା ଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ମା' ଦୁର୍ଗାଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୮ ଟା।

## ବ୍ରହ୍ମପୁର

- ଅନ୍ୱେଷା କଳାକେନ୍ଦ୍ରର ଯା'ଦେବୀ ସର୍ବଭୂତେଷୁ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା ୧୦।

## ଗଞ୍ଜାମ

- ଦୁର୍ଗା ପୂଜା, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଭା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦ ।
- କବି ସମ୍ରାଟ ସାହିତ୍ୟ ସଂସଦର ଉତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର

- ଉତ୍ତରେଶ୍ୱରୀ ପୀଠରେ ମହାସପ୍ତମୀ ପୂଜା, ସ୍ଥାନ: ସିହା ଗ୍ରାମ, ଏରସମା ବ୍ଲକ, ସମୟ: ପ୍ରାତଃ ୪ଟା।
- ଜାତୀୟସ୍ତରରେ ଜୁଡୋ ଖେଳିବା ପାଇଁ ଚୟନ, ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ଇନଡୋର୍ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମହାସପ୍ତମୀ ଅବସରରେ ମା' ଦୁର୍ଗାଙ୍କ ବଗଳାମୁଖୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ଭାଜପା ପକ୍ଷରୁ ଜିଏସ୍‌ଟି ସୁଧାର ସମ୍ପର୍କରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ କନକ ଦୁର୍ଗା ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଚକ୍ର ଓ ଉଦୟଭାନୁ କ୍ଲବ ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ବିଞ୍ଝାରପୁର ମଇନ୍ଦା ଲେଙ୍କାସାହି କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦବ୍ୟ ପାଦୁକା ଯାତ୍ରା, ସ୍ଥାନ:ନୟାଗଡ ବ୍ଲକ କେଶରପୁର, ଓଡଗାଁ ବ୍ଲକ ବାଉଁଶିଆ, ଗୁଞ୍ଜୁବାରଣ, ପାଟୁଳିସାହି ଛକ ସମେତ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ଦୁର୍ଗାପୂଜା ଅବସର ମହାସପ୍ତମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଶୁଣୀ ପୀଠ ; ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ ; କଣ୍ଟିଲୋ ଶ୍ମଶାନଚଣ୍ଡୀ ; ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ବିମଳାଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ଷଷ୍ଠୀରେ ବିଲ୍ୱବରଣ ପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ରାତି ୮ଟା ।

## ରାୟଗଡ଼ା

- ବିଲ୍ ପୂଜା ଓ ଗଙ୍ଗା ଆବାହନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ମାଁ ଦୁର୍ଗାଙ୍କ ଷଷ୍ଠୀ ପୂଜା ପାଇଁ କଳସୀ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଦଶହରା ପୂଜା ପାଇଁ ବିଲ୍ ବରଣ ଓ କଳସ ଅଧିବାସ, ସ୍ଥାନ: ବତ୍ରୀଶ ସିଂହାସନ ପରିସର ଓ ଗଙ୍ଗେଇଗୁଣି ନଦୀ ତୁଠ, ସମୟ: ସକାଳ ୮ଟା।

## ସମ୍ବଲପୁର

- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ସକାଳ ୮ଟା।
- ଶାରଦୀୟ ଦଶହରା ପୂଜା ସକାଶେ ପୀଠରେ ସପ୍ତମୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ମାଲାବାର ସୁନା ଓ ହୀରା ଶୋରୁମର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ସହଯୋଗ ନଗର ଛକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଲବକୁଶ ଅନୁଷ୍ଠାନ କଳାକାରଙ୍କ ଶ୍ରୀରାମ ଲିଲା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଦୁର୍ଗାପୀଠରେ କାତ୍ୟାୟନୀ ପୂଜା, ସ୍ଥାନ: ରୁଗୁଡିପଡ଼ା, ପିପି ଏକାଡେମୀ, ପେଲେସଲାଇନ୍, ଗାନ୍ଧୀନଗରପଡା, ଟିକ୍ରାପଡା, କନ୍ଧପାଲିପଡା, ଠିକାଦାରପଡା, ବଲାଙ୍ଗୀର ସମୟ: ସକାଳ ୭ଟା ।

## ରାଉରକେଲା

- ନବରାତ୍ରି ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଭାରତୀୟ ଆଇନଜୀବୀ ସଂଘ ସମ୍ମିଳନୀ, ସ୍ଥାନ: ଆଇଟିଡିଏ ହଲ୍, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଲୁଣିଆ ଓ ଇରମ ଶହୀଦ ସ୍ମୃତି ଦିବସ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣୀ ସମ୍ପଦ ବିଭାଗର ସମ୍ମିଳନୀ, ସ୍ଥାନ: ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଛେଣ୍ଡରେ ସତ୍‌ସଙ୍ଗ, ସ୍ଥାନ: ଅନୁକୂଳଚନ୍ଦ୍ର ସେବାଶ୍ରମ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା ।
- ରାସ୍ତା ପାର୍ଶ୍ୱ ଆଲୋକୀକରଣର ଶୁଭାରମ୍ଭ, ସ୍ଥାନ:ଆଶା କିରଣ ଛକ, ବରଗଡ଼,ସମୟ: ସନ୍ଧ୍ୟା ୫ଟା ୩୦।
- ଦୁର୍ଗା ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଉଦ୍‌ଘାଟନ,ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ମହାବୀର ସାଂସ୍କୃତିକ ଅନୁଷ୍ଠାନର ଭାବାର୍ପଣ ସଭା, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜୁନାଗଡ଼ ବ୍ଲକ ଚିଟୈଗୁଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଦୀର୍ଘଦିନରୁ ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ସହ ପ୍ରଶଂସିତ ହେବେ। ଆଜି ଆପଣ ଯାହାକୁ ଯାହା କହିବେ ସେ କଦାପି ନାହିଁ କରିବ ନାହିଁ। ମାତ୍ର ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେଇପାରେ।

**ବୃଷ** — କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ ଅସଫଳତା ହେତୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନର ଅପୂରଣୀୟ ଅଭିଳାଷ ମନରେ କ୍ରୋଧ ସୃଷ୍ଟି କରିପାରେ। ସଭାସମିତିର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** — ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ କଳହକୁ ପ୍ରୋତ୍ସାହିତ କରିପାରେ। କର୍ମକ୍ଷେତ୍ରରେ କୌଣସି ନିଷ୍ପତ୍ତି ପାଇଁ ବିବାଦ ବଢ଼ିବାର ଆଶଙ୍କା ରହିଛି ।

**କର୍କଟ** — ଆଜି ଦିନଟିରେ ଯାହା ପାଇବାକୁ ଇଚ୍ଛା କରିଛନ୍ତି, ତାହା ଶନିଙ୍କ ପ୍ରଭାବରୁ ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି।

**ସିଂହ** — ଦୀର୍ଘ ଦିନର ଯୋଜନାକୁ ବାସ୍ତବରୂପ ଦେବାରେ ଆଜି ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ସହକର୍ମୀମାନେ ଆବଶ୍ୟକ ସହଯୋଗ କରିବା ସାଙ୍ଗକୁ ପ୍ରଶଂସାରେ ଶତମୁଖ ହୋଇପାରନ୍ତି।

**କନ୍ୟା** — ଆଜିର କର୍ମକ୍ଷେତ୍ର ପ୍ରଶସ୍ତ ରହିବ ଏବଂ ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବଢ଼ିଯିବ। ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** — ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ସରକାରୀ କ୍ଷେତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବିଛା** — କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କ୍ରୟବିକ୍ରୟ ପରିପ୍ରେକ୍ଷୀରେ ଜମିଜମା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** — ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କାର୍ଯ୍ୟରେ ସାମିଲ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବାରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ ହୋଇଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଖୁସି ମନାଇପାରନ୍ତି।

**ମକର** — ପ୍ରତିକୂଳ ସମୟଜନିତ ଘରେ ବସି ରହିଥିଲେ ମଧ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟିଯିବ। ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ ଅଘଟଣ ଘଟାଇପାରନ୍ତି।

**କୁମ୍ଭ** — ସ୍ୱାସ୍ଥ୍ୟ ଭଲ ରହିବା ସହ ଅଭାବ ସୁଧାରିବାକୁ ଯାଇ ଧାରକରଜ କରିବାକୁ ବାଧ ହେବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବାର ସୁଯୋଗ ଲାଭ କରିବେ।

**ମୀନ** — ସମସ୍ୟା ରହିଥିଲେ ମଧ ବନ୍ଧୁଙ୍କ ପରାମର୍ଶ ଅନୁସାରେ ସମାଧାନ ପାଇଁ ଚେଷ୍ଟା କରିବେ। ନିଜ ଲୋକଙ୍କ ଈର୍ଷାପରାୟଣତାରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଅଜଣା ଅଶୁଣା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯାନ୍ତ୍ରିକଦ୍ରବ୍ୟ କିମ୍ବା ବିଦ୍ୟୁତ୍, ଲୌହ, ତୈଳାଦି ବ୍ୟବସାୟରୁ ଲାଭବାନ୍ ହେବେ।

ଆଜି ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ,ଭଗତ ସିଂହ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ପୀଠେ ତ୍ରିଦିନାତ୍ମକ ଦୁର୍ଗାପୂଜା, ସାୟଂକାଳେ ମୃଣ୍ମୟୀ ବିଲ୍ୱାଧିବାସରେ ମହାସପ୍ତମୀ ପୂଜା, ମୃଣ୍ମୟୀଦେବୀଙ୍କର ଷଷ୍ଠୀବିହିତପୂଜା, ସବିମଳା ଦେବୀଙ୍କ ପରାପୂଜା, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୬ ଗତେ ଘ.୦୩।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୪ ଗତେ ଘ.୦୫।୩୪ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଭିଜିବ ଦଶହରା...

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି। ବର୍ଷା ସମୟରେ ୩୦ ରୁ ୪୦ କି.ମି ପବନ ବହିବାର ସମ୍ଭାବନା ରହିଛି। ଆସନ୍ତା ୨ ଦିନ ଯାଏ ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣର କିଛି ସ୍ଥାନରେ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅକ୍ଟୋବର ୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବା ବେଳେ ୨୪ଟି ଷ୍ଟେଶନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ବଲାଙ୍ଗୀର ସାଲେଭଟାରେ ସର୍ବାଧିକ ୧୨୩.୨ ମିମି ବର୍ଷା ରେକର୍ଡ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସତୀ ଲୋ, ସତେଇ ହେଉଛୁ କେତେ?**
**ତୋହ ଘର ନିଆଁ ଅଣ୍ଟିରେ ପୂରେଇ**
**ଖତେଇ ହଉଛୁ କେତେ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସ୍ତିରୀ ହୋଇ ଯଦି ନ ଥିବ ଗୁଣ**
**ଧୋଇ କି ପିଇବ ସୁନ୍ଦର ପଣ?**

ଗୁଣ ନ ଥିଲେ ରୂପ ବ୍ୟର୍ଥ। ସ୍ତ୍ରୀ ରୂପବତୀ ହୋଇଥିଲେ ମଧ ଯଦି ତା' ଠାରେ ସ୍ନେହ, ଆଦର, ସେବା ତଥା ପତିବ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟା ହୋଇପାରି ନ ଥାଏ। ରୂପଠାରୁ ଗୁଣର ମହତ୍ତ୍ୱ ଖୁବ୍ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶାରେ ଚିପ୍‌ରୁ ...

ଯୋଗଦେଇ ପ୍ରଧାନମନ୍ତ୍ରୀ ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ କରିଥିଲେ। ସେ ବିଏସ୍‌ଏନ୍‌ଏଲ ସ୍ୱଦେଶୀ ୪-ଜି ସେବାର ଶୁଭାରମ୍ଭ କରିବା ସହ ସବୁଜ ପତାକା ଦେଖାଇ ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳ ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିଏସ୍‌ଏନ୍‌ଏଲ୍‌ର ୪-ଜି ସେବା ଏବେ ସାରା ଦେଶରେ ଆରମ୍ଭ ହେବା ସହିତ ଟେଲିକମ କ୍ଷେତ୍ରରେ ଭାରତ ବର୍ତ୍ତମାନ ପୃଥିବୀର ୫ଟି ଶ୍ରେଷ୍ଠ ରାଷ୍ଟ୍ର ମଧ୍ୟରେ ରହିଛି। ଓଡ଼ିଶାରେ ବିଏସ୍‌ଏନ୍‌ଏଲ୍ ୨,୪୭୨ଟି ଆଦିବାସୀ ତଥା ନେଟୱର୍କ ପହଞ୍ଚୁ ନ ଥିବା ଗ୍ରାମକୁ ଫୋନ୍ ସେବା ଯୋଗାଇ ପାରିଛି, ଯାହା ଆମ ପାଇଁ ଗୌରବର କଥା। ଦେଶରେ ବର୍ତ୍ତମାନ ୮୦ରୁ ଊର୍ଦ୍ଧ୍ୱ ଆଇଆଇଟି ତିଆରି ହେଉଥିବା ବେଳେ ଦେଶରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବହୁ ସୁଯୋଗ ସୃଷ୍ଟି କରିବ। ଭାଜପା ସରକାର ଗରିବ, ଦଳିତ, ଆଦିବାସୀଙ୍କୁ ମୂଳସ୍ତରରୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ତିଆରି କରାଯାଇଛି ଓ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ଆଦିବାସୀମାନେ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ବହୁ ଆଗରେ ରହିଛନ୍ତି। ୪ କୋଟିରୁ ଅଧିକ ପରିବାରକୁ ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀ ଆବାସ ମାଧ୍ୟମରେ ଘର ଦେଇ ଦେଶରେ ଇତିହାସ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ କର୍ମଠ ବ୍ୟକ୍ତି ବୋଲି ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିବା ସହିତ ଦେଶରେ ବର୍ତ୍ତମାନ ୪୦ ହଜାର ଆଦିବାସୀ ଗ୍ରାମ ଘୋଷଣା ହୋଇ ସାରିଲାଣି ଏବଂ ଆହୁରି କିଛି ଗ୍ରାମର ଉନ୍ନତି ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି।

ଆୟୁଷ୍ମାନ ଯୋଜନା ଅନ୍ତର୍ଭୁକ୍ତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମହିଳାମାନେ ଉପକୃତ ହେଉଛନ୍ତି। ୨୨ ସେପ୍ଟେମ୍ବରରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ସୁଧାର ଆସିଛି। ବହୁ ଜିନିଷ ଶସ୍ତା ହୋଇସାରିଛି। ଫଳରେ ଗରିବ ଲୋକମାନେ ଉପକୃତ ହେବା ସହିତ କୃଷକମାନେ ଏକ ଟ୍ରାକ୍ଟର କିଣିଲେ ଜିଏସ୍‌ଟିରୁ ୪୦ ହଜାର ଟଙ୍କା ଲାଭ ପାଇବା ସହିତ ବିଭିନ୍ନ କୃଷି ଉପକରଣ କିଣିଲେ ଲାଭବାନ ହେବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ନବରାତ୍ରର ଏହି ପବିତ୍ର ପର୍ବ ଚାଲିଥିବା ବେଳେ ମା' ସମଲେଶ୍ୱରୀ ଓ ରାମଚଣ୍ଡୀଙ୍କ ପାବନ ଭୂମିକୁ ପ୍ରଧାନମନ୍ତ୍ରୀ ପ୍ରଣାମ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜୟ ଜଗନ୍ନାଥ, ଜୟ ମା' ସମଲେଇ, ଜୟ ଜୟ ମା' ରାମଚଣ୍ଡୀଙ୍କ ଜୟ ଧ୍ୱନି କରି ଭାଷଣ ଆରମ୍ଭ କରିଥିଲେ। ଜୟ ଜଗନ୍ନାଥ, ଭାରତ ମାତା କୀ ଜୟ ସ୍ଲୋଗନ ଦେଇ ମୋଦି ଭାଷଣ ସାରିଥିଲେ। ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଭାରତର ଯୁବ ସମାଜ ପାଇଁ ଏକ ଆଦର୍ଶ ବୋଲି କହିବା ସହ 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମରେ ଓଡ଼ିଶାରେ ୧ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗା ଯାଇଛି ବୋଲି କହିଛନ୍ତି। ଆଜିର ଏହି ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ଓ ଏହି ଦିନଟି ସବୁଦିନ ପାଇଁ ମନେ ରହିବ କାରଣ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆମ ସହିତ ଉପସ୍ଥିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବଂ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସଭାସ୍ଥଳକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସିଥିବା ବେଳେ ବ୍ୟାରିକେଡ୍‌ରେ ଦେଖିବା ପାଇଁ ଥିବା ଲୋକଙ୍କୁ ଅଭିବାଦନ କରି ଝାରସୁଗୁଡ଼ା ଓଏମ୍‌ପି ଛକ ଦେଇ ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ପହଞ୍ଚିଥିଲେ। ମୋଦି ସଭା ମଞ୍ଚରେ ପହଞ୍ଚିଲା ପରେ 'ମୋଦି ମୋଦି' ସ୍ଲୋଗାନରେ ସଭାସ୍ଥଳ କମ୍ପି ଉଠିଥିଲା। ପ୍ରଧାନମନ୍ତ୍ରୀ ପ୍ରଥମେ ସଭାସ୍ଥଳରେ ଥିବା ଲୋକମାନଙ୍କୁ ଶୁଭେଚ୍ଛା ଓ ନମସ୍କାର ଜଣାଇବା ପରେ ଉପସ୍ଥିତ ଥିବା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭିନ୍ନ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଦିବାସୀ ଛାତ୍ରୀ ବର୍ଷା ଓ କମଳା ପ୍ରଧାନମନ୍ତ୍ରୀଙ୍କୁ ଏକ ସମ୍ବଲପୁରୀ ଲୋଗୋ ଦେଇ ଏବଂ ମୁଖ୍ୟମନ୍ତ୍ରୀ ସମଲେଶ୍ୱରୀଙ୍କ ଏକ ଫଟୋ ଦେଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ଯୁବବର୍ଗଙ୍କ ପାଇଁ ...

ସେପ୍ଟେମ୍ବର ୨୨ରେ ଆପଣଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଏହି ବିମାନବନ୍ଦର ବିଶେଷ ଭାବେ ପଶ୍ଚିମ ଓଡ଼ିଶା ବିକାଶର ଗତିକୁ ତ୍ୱରାନ୍ୱିତ କରିଛି। କିଛିଦିନ ପୂର୍ବେ ସମଗ୍ର ଦେଶ ହର୍ଷଉଲ୍ଲାସର ସହ ଆପଣଙ୍କ ଜନ୍ମଦିବସ ପାଳନ କରିଥିଲା। ସେପ୍ଟେମ୍ବର ୧୭ରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବେ ପାଳନ କରିବା ଏହାର ସବୁଠାରୁ ବଡ଼ ପ୍ରମାଣ। ଏହା ଆମ ପାଇଁ 'ସେବା ପର୍ବ'। ଏହି ସମାବେଶ ଯୁବବର୍ଗଙ୍କ ପାଇଁ ସମର୍ପିତ। ବିଶେଷକରି ୨୦୧୪ ପରେ ଦେଶର ଯୁବବର୍ଗଙ୍କ ପାଇଁ ଆପଣ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍'। ଦେଶର ଯୁବବର୍ଗଙ୍କ ପାଇଁ ଆପଣ ପ୍ରେରଣାର ସ୍ରୋତ ବୋଲି ମୋଦିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, 'ଅପରେଶନ ସିନ୍ଦୂର' ସହ ଦେଶର ସୁରକ୍ଷାକୁ ନେଇ ଆପଣ ଯେଉଁ 'ଲକ୍ଷ୍ମଣରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କ ମନପ୍ରାଣରେ ଏକ ନୂତନ ଉତ୍ସାହ ଭରିଦେଇଛି। ଭାରତରେ ଗୋଟିଏ ପ୍ରସିଦ୍ଧ ହିନ୍ଦୀ ଲୋକକଥା ଅଛି - 'ଛୋଡେଙ୍ଗେ ନେହିଁ, ଅଗର କୋଇ ଛୋଡେଗା, ତୋ ଛୋଡେଙ୍ଗେ ନେହିଁ'। ପହଲଗାମ୍ ନରସଂହାର ପରେ ଶତ୍ରୁ ଦେଶରେ ପ୍ରବେଶକରି ଆତଙ୍କବାଦୀ ଏବଂ ସେମାନଙ୍କ ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଦେଶକୁ ସୁରକ୍ଷିତ ରଖିଥିବାରୁ ସମଗ୍ର ଦେଶ ପକ୍ଷରୁ ଧନ୍ୟବାଦ। ଭାଜପା ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ୭ ଥର ଓଡ଼ିଶା ଗସ୍ତ କରିଛନ୍ତି। ଗତବର୍ଷ ତାଙ୍କ ଜନ୍ମଦିନରେ ସେ ଓଡ଼ିଶା ଆସି 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ। ଆଜି ଏହି ଯୋଜନା ଅଧୀନରେ ୧ କୋଟିରୁ ଅଧିକ ମା'ଙ୍କୁ ପ୍ରତିବର୍ଷ ୧୦,୦୦୦ ଟଙ୍କାର ସହାୟତା ମିଳୁଛି। ପରିବେଶ ସୁରକ୍ଷା ପ୍ରତି ଆପଣଙ୍କ ଚିନ୍ତା ବିଷୟରେ ସମଗ୍ର ଦେଶ ଜାଣିଛି। ଗତବର୍ଷ ଆପଣ ଯେଉଁ ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ତାହା ବର୍ତ୍ତମାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବେ ଦ୍ରୁତଗତିରେ ବିକାଶପଥରେ ଅଗ୍ରସର ହେଉଛି। ଆପଣ ଯେତେବେଳେ ଓଡ଼ିଶା ଆସନ୍ତି ରାଜ୍ୟବାସୀଙ୍କ ପାଇଁ ଅନେକ ଉପହାର ନେଇଆସନ୍ତି। ଚଳିତ ବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଉଦ୍ୟୋଗପତିମାନଙ୍କୁ ରାଜ୍ୟରେ ନିବେଶ କରିବା ପାଇଁ ଆହ୍ୱାନ ଦେଇ କହିଛନ୍ତି, ଏହି ସାଢେ ୭ ମାସ ମଧ୍ୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହ ଓଡ଼ିଶାରେ ୮୪ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି। ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗତ ୧୧ ବର୍ଷରେ ତାଙ୍କ ନେତୃତ୍ୱରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ନୂଆ ଶିଖରରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିଶୁ ସେବିକାମାନେ ...

ଖୋଲାଯାଇଛି। ଏଠାରେ କୁନି କୁନି ପିଲାଙ୍କୁ ଖେଳକୁଦ ମାଧ୍ୟମରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯିବ। ପିଲାଙ୍କ ଯତ୍ନ ନେବା ପାଇଁ ପ୍ରତି ଶିଶୁ ବାଟିକାରେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ଶିଶୁ ସେବିକାଙ୍କ କାର୍ଯ୍ୟକୁ ନେଇ ଓସେପା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସେମାନେ ଶିଶୁ ବାଟିକାରେ କ'ଣ କାମ କରିବେ ଓ କ'ଣ କରିବେ ନାହିଁ ସେନେଇ ସମସ୍ତ ଡିଇଓ ଏବଂ ଡିପିସି ସମଗ୍ର ଶିକ୍ଷାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ସେବିକାମାନେ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକଙ୍କୁ ସହଯୋଗ କରିବେ ନାହିଁ ବରଂ ଶିଶୁମାନଙ୍କ ସୁରକ୍ଷାରେ ସହାୟକ ଭାବେ କାମ କରିବେ। ଶିଶୁମାନେ ଶ୍ରେଣୀ ଗୃହରେ ହେଉ କି ଖେଳପଡ଼ିଆରେ ଯେପରି ସୁରକ୍ଷିତ ରହିବେ ସେଥିପ୍ରତି ଧ୍ୟାନ ଦେବେ। ପିଲାମାନେ ତାଙ୍କର ନିୟମିତ କାର୍ଯ୍ୟ ତଥା ହାତ ଧୋଇବା, ଖାଇବା, ବହି, ଖେଳନା ସାମଗ୍ରୀ ଦେବାରେ ଶିଶୁ ସେବିକାମାନେ ସହଯୋଗ କରିବେ। ପିଲାମାନେ ଶୌଚ କିମ୍ବା ବାହାରକୁ ଗଲେ ତାଙ୍କ ସହିତ ସେମାନେ ଯିବେ। ଯଦି କୌଣସି ଶିଶୁଙ୍କର ସ୍ୱାସ୍ଥ୍ୟ ଅସୁସ୍ଥ ଲାଗେ କିମ୍ବା କୌଣସି ଭିନ୍ନ ଆଚରଣ କରନ୍ତି, ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଜଣାଇବା ଭଳି କାର୍ଯ୍ୟ ଶିଶୁ ସେବିକାଙ୍କୁ କରିବାକୁ ପଡ଼ିବ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସେତୁ ସ୍ଥାନ ନିକଟରେ ବାଲି ଖନନ ନିଷେଧ

## ଜିଲାପାଳଙ୍କୁ ଆର୍‌ଡି ବିଭାଗ ସଚିବଙ୍କ ନିର୍ଦ୍ଦେଶ

ଯାଜପୁର,୨୭।୯(ହର୍ଷବର୍ଦ୍ଧନ ବେହେରା)

ସେତୁ ସ୍ଥାନ ନିକଟ ଉଭୟ ଉପର ଏବଂ ତଳ ପାର୍ଶ୍ୱ ନଦୀଶଯ୍ୟାରେ ବାଲି ଖନନ ଯୋଗୁ ତାହାର କୁପ୍ରଭାବ ଦେଖିବାକୁ ମିଳୁଛି। ସେତୁର ସଂରଚନାଗତ ଅସୁବିଧା ସୃଷ୍ଟି ହୋଇଛି। ଏପରି କି ସେତୁ ଭୁଶୁଡ଼ି ପଡ଼ିବା ଭଳି ଅନେକ ମାମଲା ରିପୋର୍ଟ ହୋଇଛି। ସେତୁ ପାଇଁ ରାଫ୍ଟ ଫାଉଣ୍ଡେଶନର ଡିଜାଇନ ଏବଂ ନିର୍ମାଣ ନିର୍ଦ୍ଦେଶାବଳୀ ଅନୁସାରେ ନଦୀ ଉପରମୁଣ୍ଡ ଏବଂ ତଳମୁଣ୍ଡ ପାର୍ଶ୍ୱରେ ସର୍ବନିମ୍ନ ୩୦୦ ମିଟର ଦୂରତାରେ ବାଲି ଖନନ କରାଯିବା ଉଚିତ ନୁହେଁ। ଏହି କ୍ରମରେ ଉକ୍ତ ଅଞ୍ଚଳକୁ ନିଷିଦ୍ଧ ଘୋଷଣା କରାଯିବାକୁ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗର ସଚିବ ଯାମିନୀ ଷଡ଼ଙ୍ଗୀ ଶୁକ୍ରବାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ଅତି ଗୁରୁତ୍ୱପୂର୍ଣ୍ଣ ମନେକରି ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶ ନୂଆ ନୁହେଁ। ୨ ବର୍ଷ ତଳେ ନିର୍ମାଣ ବିଭାଗର ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ ଏଭଳି ଏକ ନିର୍ଦ୍ଦେଶ ଜାରି



ଦବିଯାଇଥିବା କୁସି ସେତୁ।

କରିଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ତଳସ୍ତରୀୟ ଅଧିକାରୀମାନେ ନାଲିଫିତା ତଳେ ଚାପିଦେବାର ଅଭ୍ୟସ୍ତ ଥିବାରୁ ଏବେ ରାଜ୍ୟର ଅନେକ ସେତୁ ଦୁର୍ବଳ କିମ୍ବା ଦବିଯାଉଥିବା ଭଳି ସ୍ଥିତି ଦେଖାଦେଇଛି।

ଆର୍‌ଡି ବିଭାଗ ସଚିବ ଷଡଙ୍ଗୀ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ-୨୦୧୬ର ଧାରା ୧୪(୧୬) ରେ ପ୍ରୋସ୍ପେକ୍ଟିଂ ଲାଇସେନ୍ସ-କମ୍-ମାଇନିଂ ଲିଜ୍‌ଧାରକ କୌଣସି ସ୍ଥାନରୁ ଉପରୋକ୍ତ ଦୂରତା ମଧ୍ୟରେ କୌଣସି ମାଇନିଂ କାର୍ଯ୍ୟ ଜାରି ରଖିପାରିବେ ନାହିଁ କିମ୍ବା କରିବାକୁ ଅନୁମତି ଦେବେ ନାହିଁ। ଏହାବାଦ ରେଳ ବ୍ରିଜ୍‌ର ୧୦୦ ମିଟର ଦୂରତା ମଧ୍ୟରେ କୌଣସି ବାଲି ଖାଦାନରୁ ଉତ୍ତୋଳନ ହୋଇ ପାରିବ ନାହିଁ। ଏହାସହ ଜାତୀୟ ରାଜପଥ, ରାଜ୍ୟ ରାଜପଥ କିମ୍ବା କୌଣସି ଜଳଭଣ୍ଡାର କ୍ଷେତ୍ରରେ ଜିଲାପାଳଙ୍କ ଅନୁମତି ବିନା ବାଲି ଖାଦାନ ଲିଜ୍ ସୂତ୍ରରେ ଦିଆଯାଇ ପାରିବ ନାହିଁ। ଯେକୌଣସି ଟାଙ୍କି, ନାଳ, ରାସ୍ତା, ସାର୍ବଜନୀନ କୋଠା କିମ୍ବା ବସତି ସ୍ଥାନଠାରୁ ୫୦ ମିଟର ଦୂରରେ ବାଲି ଉତ୍ତୋଳନକୁ ନିଷେଧ କରାଯିବ। ସେତୁର ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ଏବଂ ସମ୍ଭାବ୍ୟ ଢାଞ୍ଚାଗତ କ୍ଷତିକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ନିର୍ମାଣ ଓ ଖଣି ପୋତା କାର୍ଯ୍ୟ ପାଇଁ ନଦୀ ବାଲିର ଆବଶ୍ୟକତା ବଢ଼ିଛି। ତେଣୁ ସରକାର ବାଲି ଖାଦାନ ଲିଜ୍ ପ୍ରଦାନ ପାଇଁ ଅନେକ ନୀତି ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ଏହି ନୀତିନିୟମ ବାଲି ମାଫିଆ, ଲିଜ୍‌ଧାରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଇଁ କିଛି ଫରକ ପଡୁନାହିଁ। ବରଂ ବାଲି ଉତ୍ତୋଳନରେ ଏମିତି ବେଆଇନ କାର୍ଯ୍ୟ ଚାଲିଛି ଯେ, ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ନଦୀନାଳ ଉପରେ ନିର୍ମାଣ ହୋଇଥିବା ବ୍ରିଜଗୁଡିକ ବିପଦାପନ୍ନ ହୋଇପଡ଼ିଛି। ଏଠାରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ରାଉତରାପୁରଠାରୁ କୁଣ୍ଡପାଟଣା ରାସ୍ତାର ସାମନ୍ତରାପୁରଠାରେ ନିର୍ମାଣ ହୋଇଥିବା ବ୍ରାହ୍ମଣୀ ନଦୀ ବ୍ରିଜ, ଯାଜପୁର ବ୍ଲକ ପଣସା ପଞ୍ଚାୟତର ବେଲେଶ୍ୱର ରାସ୍ତାକୁ ସଂଯୋଗ କରୁଥିବା କୁଶି ନାଳ ଉପରେ ନିର୍ମାଣ ବିଜୁ ସେତୁକୁ ଉଦାହରଣ ଭାବେ ନିଆଯାଇପାରେ। ନଦୀଗୁଡ଼ିକରେ ଥିବା ବାଲିଘାଟରୁ ବାର୍ଷିକ ୨୫ରୁ ୩୫ ହଜାର ଘନମିଟର ବାଲି ଉତ୍ତୋଳନ କରିବାକୁ ପ୍ରଶାସନିକସ୍ତରରେ ଧାର୍ଯ୍ୟ କରାଯାଇଛି। ଏଥିରେ ମେଶିନ ବ୍ୟବହାରକୁ ବାରଣ କରାଯାଇଛି। ଏହି ଅନୁସାରେ ଦିନକୁ ପ୍ରାୟ ୯୫ ଘନମିଟର ବାଲି ଉତ୍ତୋଳନ ହୋଇପାରିବ। ତଦନୁସାରେ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ଇ-ଟିପି(ଟ୍ରାନ୍‌ଜିଟ ପାସ୍)ଲିଜ୍‌ଧାରୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ଜିଲାର ପ୍ରାୟ ସମସ୍ତ ଅନୁମତିପ୍ରାପ୍ତ ବାଲିଘାଟରୁ ବଡ଼ ବଡ଼ ମେଶିନ ସହାୟତାରେ ଧାର୍ଯ୍ୟ ପରିମାଣଠାରୁ ୫୦୦ ଗୁଣରୁ ଅଧିକ ବାଲି ଉତ୍ତୋଳନ କରିବାକୁ ଲିଜ୍‌ଧାରୀମାନେ ବିଭିନ୍ନ ଉପାୟ କରୁଛନ୍ତି। କେତେକ ସ୍ଥାନରେ ବିନା ଟିପିରେ ବାଲିଚାଲାଣ ହେଉଛି। ଯାଜପୁର ଲଘୁ ଖଣି ବିଭାଗ ଅଧିକାରୀଙ୍କ ଦ୍ୱାରା ପ୍ରାୟ ପ୍ରତିଦିନ ଜିଲାର ବିଭିନ୍ନ ସ୍ଥାନରୁ ବିନା ଟିପିରେ ବାଲିଚାଲାଣ ଉପରେ ଚଢାଉ କରାଯାଇ ଜରିମାନା ଆଦାୟ ହେଉଛି। ତଥାପି ବେଆଇନ ବାଲି ଉତ୍ତୋଳନ ହ୍ରାସ ପାଉ ନ ଥିବାରୁ ବ୍ରିଜ ବିପଦାପନ୍ନ ହେଉଥିବା ମତପ୍ରକାଶ ପାଉଛି। ତେବେ ସଚିବଙ୍କ ଉପରୋକ୍ତ ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି।

# ୬ଷ୍ଠ ଦିନରେ ବେଢ଼ା ପରିକ୍ରମା କଲା ମା'ବିରଜାଙ୍କ ରଥ

**ମା'ଙ୍କ ପାଦ ଦର୍ଶନ କଲେ ଶ୍ରଦ୍ଧାଳୁ**

ଯାଜପୁରଟାଉନ,୨୭।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ରଥ ଶନିବାର ଷଷ୍ଠ ଦିନରେ ବେଢ଼ା ପରିକ୍ରମା କରିଛି। ସେହିପରି ଶ୍ରଦ୍ଧାଳୁ ମା'ବିରଜାଙ୍କ ପାଦ ଦର୍ଶନ କରିଛନ୍ତି। ପ୍ରାତଃରୁ ମା'ଙ୍କ ପାଦ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅପରାହ୍ନରେ ମା'ଙ୍କ ସିଂହଧ୍ୱଜରଥ ଟାଣିବା ପାଇଁ ରଥଦାଣ୍ଡରେ ଅସମ୍ଭାଳ ଭିଡ଼ ହୋଇଥିଲା। ସେହିପରି ପଞ୍ଚମୀଠାରୁ ବିଶେଷ ଦୁର୍ଗାପୂଜା ନିମନ୍ତେ ଆରମ୍ଭ ହୋଇଥିବା ହୋମଯଜ୍ଞ ଷଷ୍ଠୀ ଦ୍ୱିତୀୟ ଦିନରେ ପହଞ୍ଚିଛି। ମା'ଙ୍କ ବିଶେଷ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ଦ୍ୱିତୀୟାଷ୍ଟମୀଠାରୁ ଆରମ୍ଭ ହୋଇଥିବା ମା'ଙ୍କ ବିଶେଷ ଷୋଡ଼ଶୋପଚାର ପୂଜା ଚତୁର୍ଦ୍ଦଶ ଦିନରେ ପହଞ୍ଚିଛି। ମା'ଙ୍କ ଦୁର୍ଗାପୂଜା ବା ବିଶେଷ



ଷୋଡ଼ଶୋପଚାର ପୂଜାକୁ ମନ୍ଦିରର ଧର୍ମାଧିକାରୀ, ପୁରୋଧା ଓ ଦାୟିତ୍ୱରେ ଥିବା ଶ୍ରୀଅଙ୍ଗଲାଗି ସେବାୟତମାନେ ଶୃଙ୍ଖଳାର ସହ ସମ୍ପନ୍ନ କରୁଛନ୍ତି।

# ହାଇୱା ପଛରେ ପିଟିହେଲା ବସ୍, ୩ ଗୁରୁତର



ଦୁର୍ଘଟଣାଗ୍ରସ୍ତ ବସ୍।

ପାଣିକୋଇଲି,୨୭।୯(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଶୁକ୍ରବାର ରାତିରେ ଏକ ବସ୍ ହାଇୱା ସହ ଧକ୍କା ହୋଇଛି। ଫଳରେ ବସ୍ କ୍ୟାବିନରେ ବସିଥିବା ୩ ଯାତ୍ରୀ ଗୁରୁତର ହୋଇଛନ୍ତି। ପୋଲିସ ସେମାନଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ବସ୍‌ରେ ଥିବା ଅନ୍ୟ ୫୨ ଯାତ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ବସ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ବସ୍‌କୁ ଜବତ କରିଛି। ହାଇୱାଟି ଫେରାର ହୋଇଯାଇଛି। ଭୁବନେଶ୍ୱରରୁ କଲିକତା ଅଭିମୁଖେ ୫୫ ଯାତ୍ରୀଙ୍କୁ ନେଇ ଆରୟନ ନାମକ ଘରୋଇ ବସ(ଡବ୍ଲ୍ୟୁବି ୪୯ଏନ ୧୦୪୨)ଯାଉଥିଲାବେଳେ ଘଟଣାସ୍ଥଳରେ ଦ୍ରୁତଗତିରେ ଆସି ଏକ ହାଇୱା ପଛରେ ପିଟି ହୋଇଥିଲା। ଫଳରେ ବସର ସମ୍ମୁଖ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। ଖବରପାଇ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ସଦସ୍ୟ, ପାଣିକୋଇଲି ପୋଲିସ, କୁଆଖିଆ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ପହଞ୍ଚି ଗାଡ଼ି ଆଗ କାଚ ବାଟେ ଏବଂ ଜରୁରୀକାଳୀନ ଦ୍ୱାର ଦେଇ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ।

# ବାଇକ୍‌ରୁ ପଡ଼ି ବାପା ମୃତ, ପୁଅ ଗୁରୁତର

ରସୁଲପୁର,୨୭।୯(ରଞ୍ଜିତ ରାଉତ):

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ପୁରୁଣା ଥାନା ସମ୍ମୁଖ ଅପରପାର୍ଶ୍ୱରେ ଶନିବାର ରାତି ପ୍ରାୟ ୯ଟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଚାଳକ କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଶଙ୍ଖୁଆ ଅଞ୍ଚଳର ଦିଲୀପ ନାୟକ(୩୪) ଗୁରୁତର ହୋଇଛନ୍ତି। ତାଙ୍କ ବାପା ବବ୍ରୁବାହନ ନାୟକ(୫୫)ଙ୍କ ମୃତ୍ୟୁ ହୋଇଛି। ବବ୍ରୁବାହାନ ଜଣେ ପୋଲିସ ଅଧିକାରୀ ଥିଲେ ବୋଲି ଜଣାପଡ଼ିଛି। ପରିବାରର ସହ କଟକ ମାର୍କେଟିଂ କରିବାକୁ ଯାଇ ଘରକୁ ଫେରୁଥିଲେ। ପରିବାର ଲୋକେ କାର ଯୋଗେ ଆସୁଥିଲେ। ବାପପୁଅ ବାଇକ୍‌ରେ ଫେରୁଥିଲେ।

ଦୁର୍ଘଟଣାସ୍ଥଳରେ ପୋଲ ମରାମତି ପାଇଁ ରାଜପଥ ଅବରୋଧ କରାଯାଇଛି। ଏ ନେଇ କୌଣସି ସତର୍କତାମୂଳକ ସୂଚନା ଫଳକ ଲଗାଯାଇ ନ ଥିବାରୁ ବାଇକ ଚାଳକ ଜାଣି ନ ପାରି ରାସ୍ତା ବନ୍ଦ ପାଇଁ ବ୍ୟବହୃତ ମାଟି ଗଦାରେ ପିଟି ହୋଇ ଯାଇଥିଲେ। ଫଳରେ ବାଇକ୍ ଚାଳକ ଦିଲୀପ ପୋଲ ତଳକୁ ଛିଟିକି ପଡ଼ିଥିଲେ। ତାଙ୍କ ବାପା ବାଇକ୍‌ରୁ ଛିଟିକି ପଡ଼ି ପୋଲ ବାଡ଼ାରେ ପିଟି ହୋଇଯାଇଥିଲେ। ରାସ୍ତାରେ ଯାତାୟାତ କରୁଥିବା ଲୋକେ ଏହାଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ଦମକଳବାହିନୀ ସହାୟତାରେ ବାପପୁଅଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ବବ୍ରୁବାହନଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା।

# ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଯାଜପୁରରୋଡ୍,୨୭।୯ (ପବିତ୍ର ରଞ୍ଜନ ମହାନ୍ତି):

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ପ୍ରମୁଖ କାରଣ ହେଉଛି ରାସ୍ତା କଡ଼ ଉଠା ଦୋକାନ। ଉଠାଦୋକାନୀ ସହରର ରାସ୍ତା ଓ ଡ୍ରେନ୍ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଫଳରେ ଡ୍ରେନ ସଫେଇ ହୋଇ ନ ପାରି ସହରର ବର୍ଜ୍ୟ ଓ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜୁଛି। ସେହିପରି ବଡ଼ ଦୋକାନ, ମଲ, ବ୍ୟାଙ୍କ, ଅଫିସ ସମ୍ମୁଖରେ ଗାଡି ପାର୍କିଂ ଦ୍ୱାରା ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଆଗକୁ ସହରରେ ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଛି। ଏହାକୁ ଆଖି ଆଗରେ ରଖି ଶନିବାର ପୌର ପ୍ରଶାସନ ଓ ପୋଲିସ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

ଯାଜପୁରରୋଡ୍ ଥାନାଧିକାରୀ ଆଶିଷ କୁମାର ସାହୁ ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରାସ୍ତା ଓ ଡ୍ରେନକୁ ଅବରୋଧ କରି ବ୍ୟବସାୟ କରୁଥିବା ଦୋକାନକୁ ଜେସିବି ଲଗାଇ ଉଚ୍ଛେଦ କରିଛନ୍ତି। ଡାକବଙ୍ଗଳା ଛକଠାରୁ ଗ୍ରୀନ ମାର୍କେଟ ଦଳା ବାଇପାସ ପର୍ଯ୍ୟନ୍ତ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଜବରଦଖଲକାରୀଙ୍କ ନାମରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ସହ ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ସେମାନେ ଏଥିରୁ ନିବୃତ୍ତ ନ ରହିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି।

ଏହି ଉଚ୍ଛେଦ ସମୟରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ ପଢ଼ୀ, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଏସଆଇ ଲିଙ୍ଗରାଜ ବେହେରା, ପୌର ଯନ୍ତ୍ରୀ ନୀଳମାଧ ନନ୍ଦ, ପୌର ପରିମଳ ନିରୀକ୍ଷକ ମାଣିକ ରଞ୍ଜନ ନାୟକ, ପ୍ରଶାନ୍ତ ମହାନ୍ତି, ଅମିନ ରାଜେଶ ସ୍ୱାଇଁଙ୍କ ସହ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସହରର ଅନ୍ୟ ସ୍ଥାନରେ ମଧ୍ୟ ଉଚ୍ଛେଦ ପ୍ରକ୍ରିୟା ଜାରିରହିବ ବୋଲି ଥାନାଧିକାରୀ କହିଛନ୍ତି।

# ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନମେଳା

ପାଣିକୋଇଲି,୨୭।୯(ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପାଣିକୋଇଲି ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ଦାସ ଓ ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ଦାସ ଯୋଗ ଦେଇଥିଲେ। ମେଳାରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଭାଗ ନେଇ ତାଙ୍କ ସୃଜନଶୀଳତା ଓ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସିନିୟର ବିଭାଗରେ ଆରଜେ ସୋହମ ସାହୁ ପ୍ରଥମ, ସ୍ନେହାଂଶୁ ସାହୁ ଦ୍ୱିତୀୟ ଓ ଆଦଭିକ ଅନଭୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ବିଭାଗରେ ଶ୍ରେୟାଂଶ୍ରୀ ଦାଶ ପ୍ରଥମ, ମନ୍ମୟ ଦାଶ ଦ୍ୱିତୀୟ ଓ ଶିକ୍ଷା ସନୟା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ଛାତ୍ରୀଛାତଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସେନାପତି ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଚାକିରି କରାଇଦେବା ନାଁରେ ଠକେଇ, ଜଣେ ଗିରଫ



ଜବତ ଟଙ୍କା ସହ ଗିରଫ ଅଭିଯୁକ୍ତ।

କଳିଙ୍ଗନଗର, ୨୭।୯ ( ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାରେ ଚାକିରି କରେଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଦେଢ଼ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ କଳିଙ୍ଗନଗର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ସଦର ଥାନା ଶ୍ରୀରାମପୁର ଗ୍ରାମର ବୈକୁଣ୍ଠ ସ୍ୱାଇଁ(୩୯)। ଏନେଇ କଳିଙ୍ଗନଗର ଥାନାରେ ନଂ.୧୮୦/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁସାରେ ଟାଟା ଷ୍ଟିଲ୍ କାରଖାନାରେ ଚାକିରି କରେଇଦେବା ପାଇଁ କହି ବୈକୁଣ୍ଠ ମାହାଙ୍ଗା ଅଞ୍ଚଳର ଦ୍ୱାରିକାନାଥ ଜେନାଙ୍କଠାରୁ ଟାଟା ଷ୍ଟିଲ୍ ଗେଟ୍ ସମ୍ମୁଖରୁ ଦେଢ଼ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଆଜିକାଲି କହି ନିଯୁକ୍ତି ପତ୍ର ଦେଇ ନ ଥିଲେ। ଏଥିରୁ ଠକେଇ ହେଇଥିବା ଦ୍ୱାରିକାନାଥ ଜାଣିପାରି କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ବୈକୁଣ୍ଠଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଅଭିଯୁକ୍ତଙ୍କରୁ ୧ ଲକ୍ଷ ୩୦ ହଜାର ଟଙ୍କା ପୋଲିସ ଜବତ କରିଛି। ଏହି ଘଟଣାରେ କାରଖାନାର ଜଣେ ଅଧିକାରୀ ସମ୍ପୃକ୍ତ ଥିବା ନେଇ ଆଲୋଚନା ହେଉଛି।

# ଟ୍ରାକ୍ଟର ଚାଳକ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ରସୁଲପୁର,୨୭।୯(ରଞ୍ଜିତ ରାଉତ):

କୁଆଖିଆ ଥାନା ଅଧୀନ ବ୍ରାହ୍ମଣୀ ନଦୀର ରାଜେନ୍ଦ୍ରପୁର ଓ ଗୋପାଳପୁର ବେଆଇନ ବାଲିଘାଟରେ ଚଢ଼ାଉବେଳେ ଖଣି ଓ ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହେଲେ ଟ୍ରାକ୍ଟର ଚାଳକ ପ୍ରଥମାଖଣ୍ଡି ପଞ୍ଚାୟତ ଅଞ୍ଚଳର କାବୁଲା ଓରଫ ରଞ୍ଜନ ଜେନା(୪୫)। ଉକ୍ତ ଘଟଣାରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତ ପୂର୍ବତନ ସରପଞ୍ଚ ସୁଶାନ୍ତ ବେହେରା ଫେରାର ଅଛନ୍ତି। ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ରାଜ୍ୟ ବାହାରେ ଲୁଚି ରହିଥିବା ଜଣାଯାଇଛି। ପୋଲିସ ସେମାନଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ତଦନ୍ତ ଚଳାଇଛି। ଏନେଇ ପୋଲିସ ପକ୍ଷରୁ ଏକ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଗତ ବୁଧବାର ବେଆଇନ ବାଲି ପରିବହନ ହେଉଥିବା ସୂଚନା ପାଇ ଯାଜପୁର ସର୍କଲ ଖଣି ନିର୍ଦ୍ଦେଶାଳୟର କନିଷ୍ଠ ଖଣି ଅଧିକାରୀ ଶିତେଶ ନାୟକ ଯାଜପୁର ଜିଲା ରିର୍ଜଭ ପୋଲିସ ବାହିନୀ ସହାୟତାରେ ଚଢାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ପୋଲିସ ଓ ଖଣି ଅଧିକାରୀଙ୍କୁ ମାଡ଼ ମାରି ଟ୍ରାକ୍ଟର ଛଡ଼ାଇ ନେଇଥିଲେ।

# ବିଶ୍ୱ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଲେ କୁନ୍ଦନ

ବିଞ୍ଝାରପୁର,୨୭।୯(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ହଳଦୀ ପଞ୍ଚାୟତ ଫଳପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ ଓ ନିରୋଦବାଳା ସାମଲଙ୍କ ପୁଅ ଡ. କୁନ୍ଦନ ସାମଲ ବିଶ୍ୱ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଛନ୍ତି। କୁନ୍ଦନ ନିଜର ଦକ୍ଷତା ବଳରେ ଏହି ଗୌରବ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ଭୁବନେଶ୍ୱରର କିଟ୍ କଲେଜ ତରଫରୁ କୁନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୁନ୍ଦନ ପିଲାଦିନରୁ ପ୍ରତିଭାବନ ଛାତ୍ର ଥିଲେ। ସେ ସିଂହପୁର ୟୁପି ସ୍କୁଲରୁ ପାଠପଢା ଆରମ୍ଭ କରିଥିବାବେଳେ ତୃତୀୟ, ପଞ୍ଚମ ଓ ସପ୍ତମ ଶ୍ରେଣୀରେ ବୃତ୍ତି ପାଇଥିଲେ। ସିଂହପୁର ହାଇସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ମାଟ୍ରିକ ପାସ କରିଥିଲେ। ରେଭେନ୍ସା କଲେଜରୁ ଯୁକ୍ତ୨ ପରେ ସିଇଟିରେ ବିଟେକ୍ କରିଥିଲେ। ଗେଟ୍ ଏଣ୍ଟ୍ରାନ୍ସରେ



ସଫଳତା ପାଇ ତାମିଲନାଡୁର ତିରୁଚିନାପଲ୍ଲୀ ଏନ୍‌ଆଇଟିରେ ଏମ୍‌ଟେକ୍ ଓ ଆଇଆଇଟି ଭୁବନେଶ୍ୱରରୁ ପିଏଚଡ଼ି କରିଥିଲେ। ୨୦୧୯ରୁ କିଟ୍ କଲେଜରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରିବାସହ ବିଭିନ୍ନ କ୍ଷେତ୍ରରେ ଗବେଷଣା କରୁଛନ୍ତି। କୁନ୍ଦନଙ୍କ ଗବେଷଣାକୁ ନେଇ ଆମେରିକାର ଷ୍ଟାନ୍‌ଫୋର୍ଡ୍ ୟୁନିଭରସିଟି ତାଙ୍କୁ ବିଶ୍ୱର ୨ ଶତକଡା ବୈଜ୍ଞାନିକ ତାଲିକାରେ ଚୟନ କରିଛି। ସଫଳତା ପରେ ତାଙ୍କୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରବକ୍ତା ପଦ୍ମାକର ଗୁରୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଯାଜପୁର ଜିଲାର ବରପୁତ୍ରଙ୍କୁ ଅଣଦେଖା ନେଇ କ୍ଷୋଭ

## ଓଡ଼ିଶା ନାଟ୍ୟ ସଂଘ ଦିବସରେ ଆଲୋଚନାଚକ୍ର

ଯାଜପୁରରୋଡ୍,୨୭।୯ (ପବିତ୍ର ରଞ୍ଜନ ମହାନ୍ତି):



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ବ୍ୟାସନଗର କ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ୍ ସଭାଗୃହରେ ୩୮ତମ ଓଡ଼ିଶା ନାଟ୍ୟସଂଘ ଦିବସ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ତଥା ରଙ୍ଗଭୂମିର ସଭାପତି କୁଶଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାସନଗରର ନାଟ୍ୟସଂସ୍ଥା ରଙ୍ଗଭୂମି ଦ୍ୱାରା 'ସାମ୍ପ୍ରତିକ ସମାଜରେ ନାଟକର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ସମ୍ପାଦିତ ହୋଇଥିଲା। ସଂସ୍ଥାର ସମ୍ପାଦକ ପ୍ରଦୀପ୍ତ ସାମଲ ବିବରଣୀ ପାଠ କରିଥିବାବେଳେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାୟକ, ସୌରଭମୟ ଦାସ, ନାଟ୍ୟକାର ପ୍ରାଧ୍ୟାପକ ସୁକାନ୍ତ ରାଉତ, ସାମ୍ବାଦିକ ଦୁଷ୍ମନ୍ତ ରାଉତ, ସାହିତ୍ୟିକ ମଧୁସୂଦନ ମହାପାତ୍ର, ବେଲାରସେନ ପତି, ନିତ୍ୟାନନ୍ଦ ଦାଶ, ଆଇନଜୀବୀ ଶରତ କୁମାର ଖଣ୍ଡେଇ, ନାଟ୍ୟକାର ଗୌରାଙ୍ଗ ପ୍ରଧାନ, ଅଶୋକ ଖିଲାର, ଅରୁଣ ପରିଡା, ଅଭିମନ୍ୟୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନାଟକର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସ୍ଥିତି ଉପରେ ଆଲୋକପାତ କରିଥିଲେ। ବ୍ୟାସନଗରରେ ଏକ ନାଟକ ମହୋତ୍ସବ କରିବା ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀକୁ ପ୍ରସ୍ତାବ ଦିଆଯିବାକୁ ସ୍ଥିର କରାଯାଇଥିଲା। ତେବେ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶାର ବରପୁତ୍ରମାନଙ୍କ ୭୫ ପ୍ରତିମୂର୍ତ୍ତି ବିଭିନ୍ନ ଜିଲାର ମୁଖ୍ୟ ସ୍ଥାନରେ ସ୍ଥାପନା ପାଇଁ ସ୍ଥିରୀକୃତ ହୋଇଥିବାବେଳେ ଯାଜପୁର ଜିଲାରେ ଗୋଟିଏ ବି ଭାଗ ପଡ଼ିନାହିଁ। ଏହାକୁ ନେଇ ଉପସ୍ଥିତ ସାହିତ୍ୟିକ, ବୁଦ୍ଧିଜୀବୀ, ସାମ୍ବାଦିକ, ଆଇନଜୀବୀ, ଶିକ୍ଷାବିତ ଓ ଅବସର ପ୍ରାପ୍ତ କର୍ମଚାରୀ ସମୂହ କ୍ଷୋଭ ପ୍ରକାଶ କରିଥିଲେ।

ଯାଜପୁର ଜିଲାର ବରପୁତ୍ରମାନଙ୍କ ସଂଖ୍ୟା ବହୁତ ଥିବାବେଳେ ସରକାରଙ୍କ ଏତାଦୃଶ ପକ୍ଷପାତିତା ସମସ୍ତଙ୍କୁ ବ୍ୟଥିତ କରିଛି। ଯାଜପୁର ମାଟିରେ ଜନ୍ମିତ ଅଭିମନ୍ୟୁ ସାମନ୍ତ ସିଂହାର, କୃଷ୍ଣ ପ୍ରସାଦ ବସୁ, ବ୍ରଜସୁନ୍ଦର ଦାଶ, କାମପାଳ ମିଶ୍ର, ବିଚିତ୍ରାନନ୍ଦ ଦାସ, ବିରୁପାକ୍ଷ କର ପ୍ରଭୃତି ତାଙ୍କ କୃତିତ୍ୱ ପାଇଁ ଓଡ଼ିଶାକୁ ଗର୍ବିତ କରିଥିବାବେଳେ ସେମାନଙ୍କୁ ଅଣଦେଖା ଅତ୍ୟନ୍ତ ପରିତାପର ବିଷୟ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ସ୍କୁଲର ଶିକ୍ଷୟିତ୍ରୀ ପୁଷ୍ପିତା ମହାରଣା, ସ୍ୱାଗତିକା ତ୍ରିପାଠୀ, ଶୁଭସ୍ମିତା ପ୍ରଧାନ ଓ କଳ୍ପନା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଦୀପ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମା' ସିଦ୍ଧିଦାତ୍ରୀଙ୍କ କାତ୍ୟାୟନୀ ବେଶ



ନାଉଗାଁ,୨୭।୯(ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ପୋସ୍ଥିତ ସିଦ୍ଧିଶ୍ରୀକ୍ଷେତ୍ର ପୀଠରେ ଶାରଦୀୟ ପାର୍ବଣର ତ୍ରୟୋଦଶ ଓ ନବରାତ୍ରର ଷଷ୍ଠ ଦିବସ ପୂଜା ଅବସରରେ ମା' ସିଦ୍ଧିଦାତ୍ରୀଙ୍କୁ କାତ୍ୟାୟନୀ ବେଶରେ ସୁସଜ୍ଜିତ କରାଯାଇଛି। ଏହି ବେଶକୁ ପୀଠର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ଓ ଆଶ୍ରମବାସୀ ପରିଚାଳନା କରୁଛନ୍ତି। ମା'ଙ୍କ ଏହି ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

### ତ୍ରୈମାସିକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ସୂଚୀ

ଜଗତସିଂହପୁର,୨୭।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅକ୍ଟୋବରରୁ-ଡିସେମ୍ବର ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଓ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଅକ୍ଟୋବର ୬ରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ଅକ୍ଟୋବର ୧୩ରେ ଏରସମା ବ୍ଲକ କାର୍ଯ୍ୟାଳୟ, ଅକ୍ଟୋବର ୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୨୭ରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୩ରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ୧୦ରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ, ୧୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୨୪ରେ ବିରିଡ଼ି ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଡିସେମ୍ବର ୧ରେ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ୮ରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ୧୫ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୨୨ରେ ଏରସମା ବ୍ଲକ କାର୍ଯ୍ୟାଳୟ ଓ ଡିସେମ୍ବର ୨୯ରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହସବୁ ଶିବିରରେ ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ଜିଲା ପରିଷଦର ମୁଖ୍ୟ ବିକାଶ-ତଥା-ନିର୍ବାହୀ ଅଧିକାରୀ, ଉପଜିଲାପାଳ, ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଜିଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୩୦ ବୋମା, ବିସ୍ଫୋରକ, ୨୦ଲକ୍ଷର ବାଣ ଜବତ

ଜଗତ୍‌ସିଂହପୁର, ୨୭।୯ (ପ୍ରମୋଦ କୁମାର ନାୟକ)

## ହୋଲ୍‌ସେଲର କହି ରିଟେଲରଙ୍କୁ ବିକ୍ରି ମସୁଧା: ଜଣେ ଗିରଫ



ଜବତ କରାଯାଇଥିବା ବୋମା, ବାଣ, ବିସ୍ଫୋରକ ସାମଗ୍ରୀ।

ଦଶହରା ନେଇ ସାରା ଜିଲାରେ ବିଭିନ୍ନ ପୂଜା କମିଟି ଓ କ୍ଲବ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଏଭଳି ସମୟରେ ବାଣ ଚୋରା ଚାଲାଣ ବଢୁଛି। ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଜଗତ୍‌ସିଂହପୁର ଜିଲା ପୋଲିସ ପକ୍ଷରୁ ଅପରେସନ ଅଗ୍ନିକ୍ରିୟାଶୀଳ ହୋଇଛି। ଏହି ଅପରେସନ ଆଧାରରେ ଏକାଧିକ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୩୦ଟି ବୋମା, ବିସ୍ଫୋରକ ବାଦ୍ ୨୦ ଲକ୍ଷ ଟଙ୍କାର ବାଣ ଜବତ ହୋଇଛି । ଶନିବାର ସ୍ଥାନୀୟ ପୁନର୍ଗଠିତ ରିଜର୍ଭ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ଏହା କହିଛନ୍ତି । ସେ କହିଛନ୍ତି, ବିରିଡ଼ି ପୋଲିସ ପକ୍ଷରୁ ଏହି ଥାନା ଅନ୍ତର୍ଗତ ନୂଆପାରି ଗ୍ରାମରେ ଚଢ଼ାଉ କରାଯାଇ ବିଭିନ୍ନ ବ୍ରାଣ୍ଡର ସିଲ୍‌ଦିଆ ୧୨୭ ପ୍ୟାକେଟ୍ ବାଣ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଏହି ଥାନା ନୂଆପାରୀ ଗ୍ରାମର ସୁବ୍ରତ ମହାନ୍ତି (୫୦)ଙ୍କୁ ଗିରଫ କରାଯାଇଛି।

ସେ କହିଥିଲେ, ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବାଣ ଚୋରା ଚାଲାଣ ସମ୍ପର୍କରେ ବିଶେଷ ସୂତ୍ରରୁ ଖବରପାଇ ବିରିଡ଼ି ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବିଚିତ୍ରାନନ୍ଦ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇଥିଲା। ଏହି ଦଳ ଖବର ପାଇବାର ୧ ଘଣ୍ଟା ପରେ ଅର୍ଥାତ୍ ରାତି ପ୍ରାୟ ୧୧ଟାବେଳେ ସୁବ୍ରତଙ୍କ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ତାଙ୍କ ଘରେ ବହୁ ପରିମାଣର ବାଣ ଥିବା ଜଣାପଡ଼ିଥିଲା। ସୁବ୍ରତ ନିଜକୁ ବାଣ ହୋଲସେଲର କହୁଥିଲେ ସୁଦ୍ଧା ଏ ସଂକ୍ରାନ୍ତୀୟ ଲାଇସେନ୍ସ କିମ୍ବା ଅନ୍ୟ କାଗଜାତ ଦେଖାଇପାରି ନ ଥିଲେ। ଏହାପରେ ଅନୁସନ୍ଧାନ ପରେ ୮୨ଟି ବଡ ରସୁଣ ବାଣ ପ୍ୟାକେଟ, ୩୦ଟି ଛୋଟ ପପ୍ ପପ୍ (ସିଗାରେଟ ବାଣ) ପ୍ୟାକେଟ୍ ଓ ୧୫ଟି ଲମ୍ବା ଫୁଲଝରି ପ୍ୟାକେଟ୍ ଏହିପରି ମୋଟ ୧୨୭ ପ୍ୟାକେଟ୍ ଜବତ ହୋଇଥିଲା। ଏହା ଉପରେ ମାମଲା (ନଂ.୨୪୮/୨୫) ରୁଜୁ ସହ ସୁବ୍ରତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନୁରୂପ ଭାବେ ଜଗତସିଂହପୁର ଥାନା ପୋଲିସ ଅୟର ଗ୍ରାମର ୨ଟି ପୃଥକ ସ୍ଥାନରେ ଚଢାଉ କରି ବାଣ ତିଆରି ପାଇଁ ଆବଶ୍ୟକ ବାରୁଦ, ରଞ୍ଜକ ଓ କିଛି ଛୋଟ ବାଣ ଜବତ କରାଯାଇଛି। ଏନେଇ ୨ଟି ମାମଲା ରୁଜୁ ହୋଇଛି। ଏହାଛଡ଼ା ରଘୁନାଥପୁର ଥାନା ପକ୍ଷରୁ ୩୦ଟି ବୋମା, ୫ ବାଣ ଓ ୩ କିଲୋଗ୍ରାମ ବାରୁଦ ଜବତ କରାଯାଇଛି ଏହା ଉପରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବିରିଡ଼ି ଆଇଆଇସି ସୁଜାତା ବେହେରା ଓ ତଦନ୍ତକାରୀ ଅଧିକାରୀ ରମେଶ ସାହାଣୀ ଉପସ୍ଥିତ ଥିଲେ।

# ବିପୁଳ ପରିମାଣର ବିସ୍ଫୋରକ, ୭ ବୋମା ଜବତ : ଅଭିଯୁକ୍ତ ଫେରାର



ଜବତ ବିସ୍ଫୋରକ ସାମଗ୍ରୀ।

କୁଜଙ୍ଗ, ୨୭।୯(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଗାଁରେ ଶୁକ୍ରବାର ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ ବିସ୍ଫୋରକ ଓ ୭ ବୋମା ଜବତ କରିଛି। ମାତ୍ର ଅଭିଯୁକ୍ତ ବିଜୟ ପାଣି ଖସିଯିବାକୁ ସକ୍ଷମ ହୋଇଛନ୍ତି।

କୁଜଙ୍ଗ ପୋଲିସ ବେଆଇନ ବାଣ ତିଆରି ଓ କାରବାରକୁ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବାବେଳେ ଜନାର୍ଦ୍ଦନପୁର ଗାଁର ବିଜୟଙ୍କ ଘରେ ବିସ୍ଫୋରକ ମହଜୁଦ ଥିବା ପୋଲିସ ସୂଚନା ପାଇ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ବିଜୟ ଘର ପଛପଟ ଦେଇ ଖସିଯାଇଥିଲେ। ପୋଲିସ ତାଙ୍କ ଘରେ ଚଢ଼ାଉ ବେଳେ ବୋମା ତିଆରିରେ ବ୍ୟବହୃତ ବିସ୍ଫୋରକ ଯଥା ୧ କିଲୋଗ୍ରାମ୍ ଗନ୍ ପାଉଡର, ବ୍ଲାକ୍ ପାଉଡର ୫୦୦ ଗ୍ରାମ୍, ଫ୍ଲାସ୍ ପାଉଡର ୧ କିଲୋଗ୍ରାମ, ୭ ହାତତିଆରି ସୁତୁଲି ବୋମା ଓ ଗ୍ଲୋବ୍‌ସ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ କୁଜଙ୍ଗ ଥାନା ସବ୍‌ଇନ୍ସପେକ୍ଟର ପାର୍ଥ ପଟେଲ ଦେବତାଙ୍କ ଅଭିଯୋଗକ୍ରମେ ଥାନାରେ ପୋଲିସ ମାମଲା(ନଂ. ୩୫୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ୨୦୨୩ରେ ବିଜୟ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ବେଆଇନ ଭାବେ ବିସ୍ଫୋରକ ରଖି ଗିରଫ ହୋଇଥିଲେ। ବିଜୟ ବୋମା ତିଆରି କରୁଥିବା ନେଇ ପୋଲିସ ସନ୍ଦେହ କରୁଥିବାବେଳେ ସେ ଧରାପଡ଼ିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ତଦନ୍ତକାରୀ ଅଧିକାରୀ ତଥା ସବ୍‌ଇନ୍ସପେକ୍ଟର ରଶ୍ମିରଞ୍ଜନ ସାହୁ କହିଛନ୍ତି।

# ଠିକ୍ ଔଷଧ ସେବନ, ପୁଷ୍ଟିକର ଖାଦ୍ୟ ଖାଇଲେ ଯକ୍ଷ୍ମା ଦୂରହେବ




ସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମାରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟପୁଡ଼ିଆ ପ୍ରଦାନ କରୁଛନ୍ତି।

ତିର୍ତ୍ତୋଲ, ୨୭।୯(ଗୌରାଙ୍ଗ ଚରଣ ସ୍ୱାଇଁ)

## ଯକ୍ଷ୍ମାମୁକ୍ତ ଭାରତ କାର୍ଯ୍ୟକ୍ରମ

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଯକ୍ଷ୍ମାମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିପିଏଲ୍ ସହଯୋଗରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭଜ୍ୟୋତି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରୋଗର ଲକ୍ଷଣ ଓ ଅନ୍ୟ ଲୋକଙ୍କୁ କିପରି ଏହା ସଂକ୍ରମଣ ହୁଏ ସେ ସମ୍ପର୍କରେ ଡା. ମହାନ୍ତି ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ଯେଉଁମାନେ ଯକ୍ଷ୍ମା ଚିହ୍ନଟ ହେବେ ୬ ମାସ ଲାଗି ୬୦୦୦ ଟଙ୍କାର ସହାୟତା ଦିଆଯିବ। ନିକ୍ଷୟ ମିତ୍ରଙ୍କ ଦ୍ୱାରା ଠିକ୍ ଔଷଧ ସେବନ ଓ ପୁଷ୍ଟିକର ଖାଦ୍ୟ ଖାଇ ନିୟମିତ ବ୍ୟବଧାନରେ କଫ ପରୀକ୍ଷା କରାଇ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତିଲାଭ କରିପାରିବେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୂଚନା ଦେଇଥିଲେ। ଏହି ଅବସରରେ ଯକ୍ଷ୍ମାରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟପୁଡ଼ିଆ ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡା. ବଳଦେବ ସ୍ୱାଇଁ, ପ୍ରୋଗ୍ରାମ ମ୍ୟାନେଜର ଗୀତାଞ୍ଜଳି ସିଂ, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପାଞ୍ଜଳି ବେହେରା, ବରିଷ୍ଠ ଚିକିତ୍ସା ପରିଦର୍ଶକ ପ୍ରଶାନ୍ତ କୁମାର ସାହୁ, ଯକ୍ଷ୍ମାବିଜେତା ନୃସିଂହ ନାୟକ, ମନୋରଞ୍ଜନ ସାହୁ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବାଲିକୁଦା ,୨୭।୯(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ମନମୋହନ ପରିଡା(୭୧)ଙ୍କ ବର୍ଷରେ ପରଲୋକ ଘଟିଛି। ସେ ଓ ତାଙ୍କ ସ୍ତ୍ରୀ ଉଭୟ ମାଛଗାଁ ପଞ୍ଚାୟତକୁ ପ୍ରତିନିଧିତ୍ୱ କରିଥିଲେ। ଜଣେ ସଫଳ ରାଜନେତା ସମେତ ସଫଳ ବ୍ୟବସାୟୀ ଭାବେ ସେ ବାଲିକୁଦା ଅଞ୍ଚଳରେ ବେଶ ପରିଚିତ ଥିଲେ। ଓଡ଼ିନ୍ଦା ଗ୍ରାମ୍ୟ ଶ୍ମଶାନରେ ମନମୋହନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ପ୍ରକାଶ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମିତି ସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସମିତିସଭ୍ୟ ଅକ୍ଷୟ କୁମାର ମହାନ୍ତି, ଶିକ୍ଷାବିତ୍ ଅରୁଣ କୁମାର ମହାନ୍ତି, ପୂର୍ବତନ ଜିଲା ପରିଷଦ ଶୁଭେନ୍ଦୁ ଶେଖର ଦାଶ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ କୁମାର ପାଳ ପ୍ରମୁଖ ମନମୋହନଙ୍କ ଅନ୍ତିମ ଦର୍ଶନ କରି ଶୋକବ୍ୟକ୍ତ କରିଛନ୍ତି। ଖବରପାଇ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ପ୍ରଶାନ୍ତ ମୁଦୁଲି, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଡା. ଲଲାଟେନ୍ଦୁ ମହାପାତ୍ର, ଜ୍ୟୋତିଷ ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ବବିତା ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ମାଛଧରା କ୍ଷେତ୍ରରେ ଏକକ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ବର୍ଜନ କରାଯାଉ




ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମତ୍ସ୍ୟଜୀବୀ, ସାଗରମିତ୍ର କର୍ମଚାରୀ ଓ ବୋଟ୍ ମାଲିକମାନେ।

ପାରାଦୀପ,୨୭।୯(ଶରତ ରାଉତ)

## ଏମ୍‌ପିଇଡିଏ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପାରାଦୀପ ମାଛଧରା ବନ୍ଦର ପରିସରରେ ଶନିବାର ଏମ୍‌ପିଇଡିଏ(ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ)ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଛଧରା କ୍ଷେତ୍ରରେ ଏକକ ପ୍ଲାଷ୍ଟିକ୍ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ଏମ୍‌ପିଇଡିଏ ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର ଏହି ଅବସରରେ ପରାମର୍ଶ ଦେଇଥିଲେ। ଏଥିରେ ସ୍ଥାନୀୟ ମତ୍ସ୍ୟଜୀବୀ, ମତ୍ସ୍ୟ ବିଭାଗର ସାଗରମିତ୍ର କର୍ମଚାରୀ ଓ ବୋଟ୍ ମାଲିକମାନେ ଭାଗନେଇଥିଲେ।

# ଖାଉଟି ସାମଗ୍ରୀ ବିତରଣକାରୀ ଦେଉଛନ୍ତି ଭୁଲ୍ ତଥ୍ୟ

ନାଉଗାଁ,୨୭।୯(ସୁଧା ବେହୁରା)

- ସରକାରୀ ନିୟମ ଉଲ୍ଲଂଘନ
- ସରକାରୀ ତଥ୍ୟରେ ଭୁଲ୍ ପ୍ଲଟ୍ ଦର୍ଶାଯାଇଛି

ନାଉଗାଁ ବ୍ଲକରେ ଖାଉଟି ସାମଗ୍ରୀକୁ ସୁଚାରୁରୂପେ ବଣ୍ଟନ କରିବା ପାଇଁ ୨୭ ବିତରକ କେନ୍ଦ୍ର ରହିଛି। କିନ୍ତୁ ଉକ୍ତ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନେକ କେନ୍ଦ୍ରର ତଥ୍ୟ ଭୁଲ୍ ପ୍ରଦାନ କରାଯାଇଛି। ସରକାରଙ୍କ ନିୟମାନୁସାରେ ବିତରକ କେନ୍ଦ୍ରଗୁଡିକ ଖାଉଟି ସାମଗ୍ରୀ ବଣ୍ଟନ ପୂର୍ବରୁ ନିଜ କେନ୍ଦ୍ରର ଆବଶ୍ୟକ କାଗଜପତ୍ର ସହ ଯୋଗାଣ ଅଧିକାରୀଙ୍କ ନିକଟରେ ଆବେଦନ କରିବେ। ଉକ୍ତ ଆବେଦନରେ ସଂଲଗ୍ନ କରାଯାଇଥିବା କାଗଜପତ୍ରକୁ ବିଭାଗ ପକ୍ଷରୁ ଯାଞ୍ଚ କରାଯିବ। ଏହାପରେ ଉକ୍ତ ବିତରକଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ ପାଇଁ ଅନୁମତି ପ୍ରଦାନ କରାଯିବ। ବିତରକମାନେ ଯେଉଁ ସ୍ଥାନରେ ସାମଗ୍ରୀ ବଣ୍ଟନ କରିବେ ସେହି ସ୍ଥାନ ପଟ୍ଟାର ଖାତା ଓ ପ୍ଲଟ୍ ନଂ. ଦେବା ବାଧ୍ୟତାମୂଳକ। ଉକ୍ତ ପ୍ଲଟ୍ ଘରବାରି ହେବା ସହ ଖାଉଟି ସାମଗ୍ରୀ ବିତରକଙ୍କ ନାମରେ ଥିବା ଆବଶ୍ୟକ। କିନ୍ତୁ ଅନେକ ବିତରକ କେନ୍ଦ୍ରର ଠିକ୍ ପ୍ଲଟ୍ ନଂ. ଓ ଖାତା ନଂ. ନ ଥିବା ଜଣାଯାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ନିରଞ୍ଜନ ସାହୁ ସୂଚନା ଅଧିକାର ଆଇନ ବଳରେ ଉକ୍ତ କେନ୍ଦ୍ର ସମ୍ପର୍କରେ କିଛି ତଥ୍ୟ ମାଗିଥିଲେ। ୨୦୨୫ ଜୁଲାଇରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ପତ୍ରସଂଖ୍ୟା(ନଂ.୧୩୨୩୫/୧୯)ରେ ମିଳିଥିବା ତଥ୍ୟ ଅନୁସାରେ ଓଷକଣା ପଞ୍ଚାୟତରେ ଥିବା ଡିଲର ନରେଶ ସ୍ୱାଇଁଙ୍କ ଖାତା ନଂ.୧୪୭ ଓ ପ୍ଲଟ୍ ନଂ. ୮୭୭, ଧୂଆଁପଦାର ହିରଣ୍ୟ ସ୍ୱାଇଁ ଖାତା ନଂ. ୪୬ ଓ ପ୍ଲଟ ନଂ. ୫୦୦, ଶୁଦ୍ଧକଣ୍ଠିର ପ୍ରଫୁଲ୍ଲ ପରିଡ଼ା ଖାତା ନଂ.୧୭୧, ପ୍ଲଟ ନଂ. ୭୧୮ ଆଦି ପ୍ରଦାନ କରାଯାଇଛି। ମାତ୍ର ଏସବୁ ପ୍ଲଟ୍ ଠିକ୍ ନ ଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ସମ୍ପୃକ୍ତ ବିତରକମାନଙ୍କୁ କିପରି ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକଙ୍କୁ ପଚାରିବାରେ ସେ ଆସିବା ପୂର୍ବରୁ ଉକ୍ତ ତଥ୍ୟ ପ୍ରଦାନ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଦେବପ୍ରସାଦ ନାୟକ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ସଭାପତି ହେଲା ପରେ ତାଙ୍କୁ କଂଗ୍ରେସ ଜିଲା କାର୍ଯ୍ୟାଳୟ ପରିସରରେ କର୍ମୀମାନେ ସମ୍ବର୍ଦ୍ଧନା ଦେଇଛନ୍ତି।

# ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ସାଇକେଲ ଦୋକାନୀଙ୍କ ଝିଅ

ବାଲିକୁଦା, ୨୭।୯(ତାପସ ସ୍ୱାଇଁ)



ଅଲିଭା ବେହେରା

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଅନ୍ତର୍ଗତ ସମୁଦ୍ରକୂଳିଆ ଗାଁ ଫୁଲୁବେଲାରୀ ଗ୍ରାମର ସାଇକେଲ ଦୋକାନୀ ଅନନ୍ତ ବେହେରା ଓ ମାତା ଲିଲି ବେହେରାଙ୍କ ଝିଅ ଅଲିଭା ବେହେରା ଓଡ଼ିଶା ସିଭିଲ ସର୍ଭିସ୍(ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୨୭୫ ନମ୍ବର ର୍‍ୟାଙ୍କ୍‌ରେ ରହିଛନ୍ତି। ଏହି ସଫଳତା ପଛରେ ପରିବାର, ଶିକ୍ଷକମାନଙ୍କର ନିରନ୍ତର ପ୍ରେରଣା ଓ ଆଶୀର୍ବାଦ ସହ ମୋର ସହପାଠୀ ଓ ମିତ୍ରମାନଙ୍କର ସହଯୋଗ ରହିଛି ବୋଲି ଅଲିଭା କହିଛନ୍ତି। ଏହା କେବଳ ତାଙ୍କ ସଫଳତା ନୁହେଁ, ବରଂ ସମସ୍ତଙ୍କ ସହଭାଗିତାର ଫଳ। ଆଗାମୀ ଦିନରେ ସେ ସମାଜ ଓ ରାଜ୍ୟ ପାଇଁ ଦାୟିତ୍ୱବାନ୍ ଅଧିକାରୀ ଭାବେ କାମ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଅଲିଭା ପ୍ରକାଶ କରିଛନ୍ତି। ଅନନ୍ତ ଦଶବାଟିଆ ବଜାରରେ ଏକ ଛୋଟ ସାଇକେଲ ମରାମତି ଦୋକାନ କରି ବହୁ ଦୁଃଖକଷ୍ଟରେ ଅଲିଭାଙ୍କୁ ପାଠ ପଢ଼ାଇଥିଲେ। ଅଲିଭା ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢ଼ିବା ସମୟରେ ଜଣେ ମେଧାବୀ ଛାତ୍ରୀ ଥିଲେ। ଏବେ ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହେଉଛନ୍ତି। ଅଲିଭାଙ୍କ ଏହି ସଫଳତା ପରେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିଚାଲିଛି

ଜଗତ୍‌ସିଂହପୁର, ୨୭।୯(ପ୍ରମୋଦ କୁମାର ନାୟକ)

## ଜଗତ୍‌ସିଂହପୁର: ପ୍ରହସନ ପାଲଟିଛି ସଡ଼କ ସୁରକ୍ଷା ସମିତି ବୈଠକ



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ସମ୍ପ୍ରତି ଦୁର୍ଘଟଣାକୁ ନେଇ ଚିନ୍ତାଜନକ ସ୍ଥିତି ସୃଷ୍ଟି ହୋଇଛି। ପ୍ରତ୍ୟହ ଦୁର୍ଘଟଣା ଯୋଗୁ ଅନେକ ଲୋକ ମୃତାହତ ହେଉଛନ୍ତି। ସଡ଼କ ସୁରକ୍ଷା ତଥା ମୋଟରଯାନ ଆଇନର କଡ଼ାକଡ଼ି ପାଳନ ପାଇଁ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ରହିଛି। ବିଶେଷକରି ଦ୍ରୁତ ଗତିରେ ଗାଡ଼ି ଚଳାଇଲେ, ମଦ୍ୟପାନ/ନିଶାସେବନ ଅବସ୍ଥାରେ ଗାଡ଼ି ଚଳାଇଲେ, ବିନା ହେଲମେଟ୍, ଟ୍ରାଫିକ୍ ରେଡ୍ ସିଗ୍‌ନାଲ ଉଲ୍ଲଂଘନ କଲେ, ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ି ଚଳାଇଲେ, ମାଲ୍‌ବାହୀ ଗାଡ଼ିରେ ଯାତ୍ରୀ ପରିବହନ କଲେ ଓ ଧାର୍ଯ୍ୟଠାରୁ ଅଧିକ ଭାର ପରିବହନ ଆଦି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ ଆଇନରେ ଉଲ୍ଲେଖ ରହିଛି। ସରକାରୀସ୍ତରରେ ସଡ଼କ ସୁରକ୍ଷା ତଥା ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଅନେକ ପଦକ୍ଷେପ ନିଆଯାଉଥିବା ଡିଣ୍ଡିମ ପିଟାଯାଉଛି। ବାସ୍ତବରେ କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହା କେବଳ କାଗଜକଲମରେ ସୀମିତ ରହିଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) କାର୍ଯ୍ୟାଳୟ ପକ୍ଷରୁ ଔପଚାରିକତା ପୂରଣ ପାଇଁ ମାସିକିଆ ଜିଲା ସଡ଼କ ସୁରକ୍ଷା ସମିତି ବୈଠକ ବସୁଛି। ଆଉ ଏହି ବୈଠକରେ ଉପରଠାଉରିଆ ଆଲୋଚନା କରାଯାଉଛି, ଯାହା ଦୁର୍ଘଟଣାର ଗ୍ରାଫ୍‌ରୁ ସ୍ପଷ୍ଟ ବାରି ହୋଇପଡୁଥିବା ଅଭିଯୋଗ ହେଉଛି। ଆଗକୁ ଦୁର୍ଗାପୂଜା ଯୋଗୁ ଜଗତ୍‌ସିଂହପୁର, ପାରାଦୀପ ସମେତ ବିଭିନ୍ନ ବ୍ଲକ ମୁଖ୍ୟାଳୟ ଓ ଅନ୍ୟ ଅଞ୍ଚଳରେ ଗହଳି ଲାଗି ରହିବ। ଏହି ସମୟରେ ଅସାମାଜିକ ଓ ମଦ୍ୟପମାନେ ଦ୍ରୁତଗତିରେ ଗାଡ଼ି ଚଳାଇ କେବଳ ସେମାନଙ୍କର କ୍ଷତି କରିବେ ନାହିଁ, ବରଂ ଦୁର୍ଘଟଣା ଘଟାଇ ଅନ୍ୟମାନଙ୍କ ପ୍ରଭୁତ କ୍ଷତି କରିବାର ସମ୍ଭାବନା ଅଛି। ତେଣୁ ଏବେଠାରୁ ବିଭାଗୀୟ ସମନ୍ୱୟରେ ପଦକ୍ଷେପ ନିଆ ନ ଗଲେ ସମ୍ଭାବ୍ୟ ସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଯୁକ୍ତି କରାଯାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା ସମିତି ବୈଠକରେ ମଧ ଏହି ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ପାର୍ବଣ ସମୟରେ ଜଗତ୍‌ସିଂହପୁର ଓ ପାରାଦୀପ ସହରରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯିବା ଜରୁରୀ। ପାର୍କିଂ ଜୋନ୍ ଛାଡ଼ି ନୋ ପାର୍କିଂ ଜୋନ୍‌ରେ ଗାଡ଼ିମୋଟର ରଖିଲେ ଦଣ୍ଡବିଧାନ କରାଯିବା ଉଚିତ। ଏଥିସହ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ, ନାଇଟ୍ ପାଟ୍ରୋଲିଂ, ମଦ୍ୟପାନ କରି ସହରରେ ନିଶାସକ୍ତ ଅବସ୍ଥାରେ ବୁଲୁଥିବା ଯୁବପିଢ଼ିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ଆଲୋଚନା ହୋଇଥିଲା। ଏପରି କି ଲାଇସେନ୍ସ ପ୍ରଦାନ ସମୟରେ କଠୋର ନିୟମ ଲାଗୁ କରିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ପୌରୋହିତ୍ୟ କରି ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଡ୍ରିଙ୍କ୍ ଆଣ୍ଡ୍ ଡ୍ରାଇଭ୍, ନାବାଳକଙ୍କ ଗାଡିଚାଳନା ଆଦି ସମ୍ପ୍ରତି ଦୁର୍ଘଟଣାର ଏକ ପ୍ରମୁଖ କାରଣ ବୋଲି ସେ କହିଥିଲେ। ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଗାଡ଼ି ଚଳାଇବା ସମୟରେ ମୋବାଇଲରେ କଥା ହେବା ଦୁର୍ଘଟଣାର କାରଣ। ତେଣୁ ଉଭୟ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ଦାୟିତ୍ୱବାନ୍ ହେବା ସହ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରାସ୍ତାରେ ସାଇନେଜ୍ ଲଗାଇବା ସହ ରାସ୍ତାର ଖାଲଖମା ମରାମତି ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଥିଲା। ଦୁର୍ଘଟଣାରେ ସାହାଯ୍ୟ କରିବା ନିମନ୍ତେ ନୂତନ ଯୋଜନା 'ରାହବୀର' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜଗତ୍‌ସିଂହପୁର ପୌର ପରିଷଦରେ ପାର୍କିଂ, ଗିଭ୍ ୱେ ସାଇନ୍, ବୁଶ୍ କଟିଙ୍ଗ୍ ଆଦି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଗୁଡ୍ ସମାରିଟାନ୍ ଭାବେ ୩୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକାଶଥାଉ କି, ଜିଲାରେ ଏଯାବତ୍ ମୋଟ ୧୨୮ ଜଣ ବ୍ୟକ୍ତିଙ୍କୁ ଗୁଡ୍ ସମାରିଟାନ୍ ଭାବେ ସମ୍ମାନିତ କରାଗଲାଣି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରନିର୍ବାହୀ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନ୍‌ଏଚ୍‌ଏଆଇ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ ସେଠୀ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଓ ଧନ୍ୟବାଦ ଦେଇଥିଲେ।

# କଲେଜ ଛାତ୍ରୀଙ୍କୁ ଅସଦାଚରଣ

### ଫଟୋ ଏଡିଟିଂ କରି ଭାଇରାଲ ଧମକ ପରେ ମାମଲା

ନୟାଗଡ,୨୭।୯(ଲୋକନାଥ ମିଶ୍ର)

ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି କେନ୍ଦୁଡ଼ିପି କଲେଜ ରାସ୍ତାର ବାପୁଜିପଲ୍ଲୀ ନିକଟରେ ଜଣେ କଲେଜ ଛାତ୍ରୀଙ୍କୁ ଗତ ୨୫ ତାରିଖରେ ଅସଦାଚରଣ ଅଭିଯୋଗ ହୋଇଛି। ଅଭିଯୋଗ ପରେ ରଣପୁର ପୋଲିସ ବାପୁଜିପଲ୍ଲୀର ରାଜା ନାୟକ ଓ ଖଡିଆ ଭଞ୍ଜ ସାହିର ତ୍ରିନାଥ ଦାସଙ୍କ ନାଁରେ ନଂ.୨୯୫/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଛାତ୍ରୀ କଲେଜ ଯାଉଥିବା ବେଳେ ଗତ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୧୧.୪୦ରେ ବାପୁଜିପଲ୍ଲୀର ରାଜା, ତ୍ରିନାଥ ତାଙ୍କ ଚୁନିକୁ ଭିଡି ବେକକୁ ଚିପି ଚୁଟି ଘୋଷାଡି ଥିଲେ। ପରେ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ ସହ ଅସଦାଚରଣ କରିଥିଲେ। ଏପରିକି ବାଇକ୍‌ରେ ଉଠାଇ ନେବାକୁ ଉଦ୍ୟମ କରୁଥିବାବେଳେ ଛାତ୍ରୀଙ୍କ ସହପାଠୀ ପହଞ୍ଚି ଯିବାରୁ ରକ୍ଷାପାଇ ଯାଇଥିଲେ। ପରେ ଛାତ୍ରୀଙ୍କ ଫଟୋ ଏଡିଟିଂ କରି ଅଶ୍ଲୀଳ କରାଇ ଛାଡିବେ ବୋଲି ବ୍ଲାକ୍‌ମେଲିଂ କରୁଥିବା ଅଭିଯୋଗରେ ରହିଛି।

## ପାର୍ବଣ ଅବକାଶର ପର୍ବ ନବ ପତ୍ରିକା

# ଚମ୍ପତିପୁରକୁ ଗଲେ ଚଳନ୍ତି ପ୍ରତିମା ରୁପା ଶ୍ରୀମୁଖ

### ଗୋବିନ୍ଦପୁରରେ ରହିଲେ କାଉଁରୀଙ୍କ ପିତଳ ଶ୍ରୀମୁଖ

ନୟାଗଡ,୨୭।୯(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ଗୋବିନ୍ଦପୁର ମା' କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ଅବସରରେ ପାର୍ବଣ ଅବକାଶରେ ନୟାଗଡ ବ୍ଲକ ଗଦାଧରପୁର, ଶୁକଳଗାଡିଆ, ଗୋବିନ୍ଦପୁର ଓ ଚମ୍ପତିପୁର ପ୍ରମୁଖ ୪ ଗାଁ ଚଳଚଞ୍ଚଳ ହୋଇ ଉଠିଛି। ମୌଳା ଅମାବାସ୍ୟା ପରଦିନ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ଗୋବିନ୍ଦପୁରରେ ମା' କାଉଁରୀ ଠାକୁରାଣୀ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି । ଚଳନ୍ତି ପ୍ରତିମା ତପ୍ତ ଷଷ୍ଠୀରେ ଶନିବାର ରୂପା ଶ୍ରୀମୁଖରେ ଚମ୍ପତିପୁର ଗାଁକୁ ଯାଇଛନ୍ତି । ମା' ପିତଳ ଶ୍ରୀମୁଖରେ ଗୋବିନ୍ଦପୁରରେ ଭକ୍ତଙ୍କୁ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି। ମା କାଉଁରୀ ଷଷ୍ଠ ଦିବସରେ ପିତଳ ଶ୍ରୀମୁଖରେ ଧୂମକେତୁ ରୂପରେ ଗୋବିନ୍ଦପୁରରେ ଦର୍ଶନ ଦେଇଛନ୍ତି। ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ ଜମୁଛି। ଶନିବାର ଭୋର ସମୟରେ ମାଜଣା, ସୂର୍ଯ୍ୟପୂଜା ଓ ଚଣ୍ଡୀପାଠ କରାଯାଇ ଭୋଗ ଲାଗି ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ନଭୋଗ ଓ ଅପରାହ୍ନ ୪ଟାରେ ଜାଲେରୀ ଭୋଗ, ସନ୍ଧ୍ୟା ୬ଟାରେ ଟେରାଭୋଗ, ୮ଟାରେ ନୀତି ଭୋଗ, ରାତିରେ ଶଙ୍ଖୁଡି ଭୋଗ ପରେ ପହଡ ପଡିଥିଲା।

ପ୍ରତିପଦାରେ ମା' ରୂପା ଶ୍ରୀମୁଖ ଧାରଣ କରିଛନ୍ତି । ତପ୍ତ ଷଷ୍ଠୀ ଅବସରରେ ଶନିବାର ମା ଗୋବିନ୍ଦପୁରସ୍ଥ ମନ୍ଦିରରେ କାଉଁରୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା, ମନ୍ଦିରରେ ଘଟ ସ୍ଥାପନା, ବାମ୍ଫିରେ ପାଣି ତୋଳା, ପରେ ରୂପା ଶ୍ରୀମୁଖଙ୍କୁ ପୃଥକ୍ କରାଯାଇଥିଲା। ମା' ପିତଳ ଶ୍ରୀମୁଖ ଧାରଣ କରିଥିଲେ । ରୂପା ଶ୍ରୀମୁଖଙ୍କୁ ଘଟ ଓ କଦଳୀ ଭଣ୍ଡା ଦ୍ୱାରା ସଜ୍ଜିତ କରାଯାଇଥିଲା। ମା' ୧୪ ଭରି ଓଜନର ସୁନା ଅଳଙ୍କାର ପରିଧାନ କରିଥିଲେ। ରୂପା ଶ୍ରୀମୁଖ ଆଟୋପ ଶୋଭାଯାତ୍ରାରେ ପାଇକ ଖେଳ ସହ ଚମ୍ପତିପୁର ଅଭିମୁଖେ ବାହାରିଥିଲେ। ବାଟରେ ଶୁକଳଗାଡିଆ ବ୍ରାହ୍ମଣ ଶାସନରେ ଶଙ୍ଖୁଡି ଭୋଗ ଓ ବାଳ ଭୋଗ ଲାଗି ହୋଇଥିଲା। ପୁଣି ଆଙ୍କୁଲେଇପାଟଣା ସାନ କାଉଁରୀ ମନ୍ଦିରରେ ଭୋଗ ପୂଜା ଲାଗି ପରେ ମା' ଚମ୍ପତିପୁରରେ ପହଞ୍ଚି ଭୋଗଖାଇ ବିଶ୍ରାମ ନେଇଥିଲେ।

ମା' ଆସିବା ବାଟରେ ବିଭିନ୍ନ ସ୍ଥାନରେ ଭକ୍ତମାନେ କୁକୁଡା ଓ ଛେଳି ବଳି ଦେଇଥିଲେ । ମା' ପାଞ୍ଚ ଦିନ ପାଇଁ ଚମ୍ପତିପୁରରେ ରହିବେ। ପ୍ରତିଦିନ ଚମ୍ପତିପୁରରେ ଦୁଇ ଥର ଶଙ୍ଖୁଡି ଭୋଗ, ୩ଥର ବାଳ ଭୋଗ ହୁଏ। ଦଶହରା ସନ୍ଧ୍ୟାରେ ଠାକୁରାଣୀ ଗାଁ ଗାଁ ବୁଲି ଭୋଗ ଖାଇ କଦଳୀବସ୍ତ ପଡିଆରେ ପହଞ୍ଚିବେ। ସେଠାରେ ଭୋଗ, ବଳି ଖାଇ ନିଜ ଆସ୍ଥାନ ଗୋବିନ୍ଦପୁରକୁ ଫେରନ୍ତି । ପ୍ରାୟ ୩୦୨ରୁ ଊର୍ଦ୍ଧ୍ୱ ବର୍ଷ ତଳେ ନୟାଗଡ ରାଜାଙ୍କ ପ୍ରଚେଷ୍ଟାରେ ମା' ଗୋବିନ୍ଦପୁରରୁ ଚମ୍ପତିପୁରକୁ ପାର୍ବଣ ଅବକାଶରେ ଆସୁଛନ୍ତି । ରୂପା ଶ୍ରୀମୁଖରେ ମା' ୧୨୦ ଭରି ରୂପା ଓ ୧୪ ଭରି ଓଜନର ସୁନା ଅଳଙ୍କାର ପରିଧାନ କରନ୍ତି। ପାର୍ବଣ ପର୍ବ ଶେଷ ହେଲେ ଏହି ଅଳଙ୍କାର ଓ ରୂପା ପୁଣି ସାଇତି ରଖାଯାଏ । ଏନେଇ ଠାକୁରାଣୀଙ୍କ ଟ୍ରଷ୍ଟି ଅଜିତ କୁମାର ଶତପଥି ଓ ଭକ୍ତ କୃଷ୍ଣଚନ୍ଦ୍ର ରଥ କୁହନ୍ତି, ତନ୍ତ୍ର ଦେବୀ କାମାକ୍ଷା ହୋଇଥିଲେ ହେଁ ମା' କାଉଁରୀ ରୂପେ ପରିଚିତ। ମା' ଙ୍କର ନବଦିନ ବେଶ ଦେଖିବାକୁ ଭକ୍ତଙ୍କ ଭିଡ ହୁଏ । ପୁଣି ପାର୍ବଣ ପାଇଁ ଭିଡ ବଢ଼ିଥାଏ । ମା' ଭକ୍ତର ମନ କଥା ବୁଝି ମାନସିକ ପୂରଣ କରିଥାନ୍ତି ।

# ସିଧାମୂଳାରେ ରକ୍ତଦାନ ଶିବିର : ୨୯ ୟୁନିଟ୍ ସଂଗ୍ରହ



ଶିବିରରେ ଜଣେ ବ୍ୟକ୍ତି ରକ୍ତ ଦାନ କରୁଛନ୍ତି।

ଖଣ୍ଡପଡ଼ା, ୨୭।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ସିଧାମୂଳା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଣ୍ଡଳସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭାଜପା କଣ୍ଟିଲୋ ମଣ୍ଡଳ ସଭାପତି ଚିଟନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ଓ ଖଣ୍ଡପଡ଼ା ଗୋଷ୍ଠୀ ଚିକିତ୍ସାଧିକାରୀ ଡା.ଅଭିସାର ପଣ୍ଡା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ସମସ୍ତ ରକ୍ତଦାତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ସେବାପକ୍ଷ ପାଳନ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ଜଣାଯାଇଛି । ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନଙ୍କ ଦ୍ୱାରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ନୟାଗଡ଼ ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଧାମୂଳା ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା, ବାଣପୁର ପୂର୍ବତନ ସରପଞ୍ଚ ପ୍ରଦୀପ କର, ସାମାଜିକ କର୍ମୀ ଅଖିଳ କୁମାର ମହାରଣା, ଯୁଗଳ ନାୟକ, ଶୁଭ୍ରାଂଶୁ ଶେଖର ମହାରଣା, ଚନ୍ଦ୍ରଶେଖର ସ୍ୱାଇଁ ଏବଂ ପ୍ରଦୀପ ବେହେରାଙ୍କ ସମେତ ଶାସକ ଦଳର ବହୁ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଖଣ୍ଡପଡ଼ାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୭।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବରିଷ୍ଠ ଡା. ସିଦ୍ଧାର୍ଥ ଦାଶ, ଡା. ଶରତ କୁମାର ଦାସ, ସ୍ତ୍ରୀରୋଗ ବିଶେଷଜ୍ଞ ଡା. ରମାକାନ୍ତ ମହାରଣା ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ଆବଶ୍ୟକ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉପସ୍ଥିତ ଥିବା ୩୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କର ଉଚ୍ଚ ରକ୍ତଚାପ, ମଧୁମେହ ପ୍ରଭୃତି ପରୀକ୍ଷା କରାଯାଇଥିଲା। ନୂଆ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ବିଶ୍ୱରଞ୍ଜନ ସୁବୁଦ୍ଧିଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶୋଭାବର୍ଦ୍ଧନ କରୁଛି ମହାନଦୀର ସାୟଂକାଳୀନ ଦୃଶ୍ୟ



ଖଣ୍ଡପଡ଼ା,୨୭।୯
(ଅଜୟ କୁମାର ମହାରଣା)

### ଶ୍ରୀନୀଳମାଧବ ଜୀଉ ମନ୍ଦିର

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ସର୍ବଜନ ବିଦିତ। ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଶୀର୍ଷରେ ବିରାଜିତ ପ୍ରଭୁ ଶ୍ରୀନୀଳମାଧବ ମନ୍ଦିର ତଟଦେଶରେ କୁଳୁକୁଳୁ ନିନାଦରେ ପ୍ରବାହିତ ହେଉଥିବା ଚିରସ୍ରୋତା ମହାନଦୀ ଏହି ପୀଠର ଶୋଭା ବର୍ଦ୍ଧନରେ ବିଶେଷ ସହାୟକ ହୋଇଥାଏ। ସାୟଂକାଳୀନ ଦୃଶ୍ୟ ପର୍ଯ୍ୟଟକଙ୍କୁ ଅନମନା କରିଥାଏ।

ମହାନଦୀର ଦକ୍ଷିଣପାର୍ଶ୍ୱ ତଟବର୍ତ୍ତୀ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ଶ୍ରୀନୀଳମାଧବ ଜୀଉ ମନ୍ଦିରର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବିଶେଷକରି ଶ୍ରୀନୀଳମାଧବ ଜୀଉଙ୍କ ଦକ୍ଷିଣପାର୍ଶ୍ୱର ଅନତି ଦୂର ବାଘମାରୀ-ଦଶପଲ୍ଲା ପୂର୍ତ୍ତ ବିଭାଗ (୪୮ ନଂ. ରାଜ୍ୟ ରାଜପଥ) ରାସ୍ତା ଉପରେ ଯିବା ବେଳେ ମନ୍ଦିରର ଶୋଭା ଏବଂ ବାଣପୁରଠାରୁ କଣ୍ଟିଲୋ ମୁଖ୍ୟ ରାସ୍ତାରେ ଆସିବା ସମୟରେ ଏହି ମନ୍ଦିରର ପ୍ରତିବିମ୍ବ ମହାନଦୀର ପ୍ରବାହିତ ଜଳରେ ପଡ଼ି ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ଅସ୍ତଗାମୀ ସୂର୍ଯ୍ୟଙ୍କ ଦୃଶ୍ୟ ମହାନଦୀ ପାର୍ଶ୍ୱରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସବୁଜ ବଳୟ ମଧ୍ୟରେ ବିରାଜିତ ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିରର ଦୃଶ୍ୟ ପ୍ରତ୍ୟେକ ରାଜ୍ୟ ତଥା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଥାଏ। ମନ୍ଦିରର ପାର୍ଶ୍ୱରେ ରହିଥିବା ବୃକ୍ଷରାଜି ମଧ୍ୟରେ ମନ୍ଦିରର ଦୃଶ୍ୟ ଦୂରରୁ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ଅପରପକ୍ଷରେ ଠାକୁରଙ୍କ ଚନ୍ଦନପୋଖରୀ ଉତ୍ତର ପାର୍ଶ୍ୱରେ ରହିଥିବା ଜବରଦଖଲ ସ୍ଥାୟୀ ଅସ୍ଥାୟୀ ଗୃହ ସହିତ ପୋଖରୀ ହୁଡ଼ାରେ ଥିବା ଗଛଗୁଡିକ ହଟାଇବାର ଆବଶ୍ୟକତା ରହିଛି। ଏଣୁ ମନ୍ଦିରର ପାର୍ଶ୍ୱ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚନ୍ଦନପୋଖରୀ ପାର୍ଶ୍ୱ ହୁଡ଼ା ଓ ହୁଡ଼ା ତଳେ ଥିବା ଜବରଦଖଲ ଗୃହକୁ ଉଚ୍ଛେଦ କରିବାକୁ ପ୍ରଶାସନିକ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

# ବିଷ ଦେଇ ଶାଶୁଘର ଲୋକେ ମାରିଥିବା ବାପାଙ୍କ ଅଭିଯୋଗ

### ମହିଳାଙ୍କ ମୃତ୍ୟୁ

ଶରଣକୁଳ,୨୭।୯ (ଦୀପକ କର)

ନୟାଗଡ ଜିଲା ନୂଆଗାଁ ଥାନା ଲୁଣିସରା ଗ୍ରାମର ମହେଶ୍ୱର ପ୍ରଧାନଙ୍କ ଝିଅ ମିରା ୨୦୨୦ରେ ଶରଣକୁଳ ଥାନା କୁରୁଣୀ ଗ୍ରାମର ଗିରିଶ ନାୟକଙ୍କ ପୁଅ ତପନଙ୍କୁ ବିବାହ କରିଥିଲେ। ସେହି ସମୟରେ ଝିଅର ପରିବାର ଲୋକେ ଯୌତୁକ ବାବଦକୁ ୫ ଭରି ସୁନା, ରୁପା, ୧ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ତାଙ୍କର ଏକ ୩ ବର୍ଷର ଝିଅ ରହିଛି, ଶନିବାର ମଧ୍ୟାହ୍ନ ୧୨ଟାରେ ସ୍ୱାମୀ ତପନ ଶ୍ୱଶୁରଙ୍କୁ ଫୋନକରି ତୁମ ଝିଅର ଦେହ ବହୁତ ଖରାପ ଅଛି ତୁରନ୍ତ ନୟାଗଡ ମେଡିକାଲକୁ ଆସ। ମହେଶ୍ୱର ନୟାଗଡ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ଝିଅର ମୃତ୍ୟୁ ହୋଇ ସାରିଥିଲା। ବାହାଘରର କିଛି ବର୍ଷ ପରେ ପୁଅ ପରିବାର ଲୋକେ ଅଧିକ ଯୌତୁକ ଦାବିକରି ମିରାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଅଧିକ ଯୌତୁକ ଦାବିକରି ଝିଅକୁ ବିଷଦେଇ ମାରି ଦେଇଥିବା ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୧୪/୨୫ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶ ମୃତ ଝିଅ ବାପାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ବାପାଙ୍କୁ ହସ୍ତାନ୍ତର କରିଥିବା କହିଛନ୍ତି।

# ବ୍ଲକ୍‌ସ୍ତରୀୟ ହିନ୍ଦୀ ଦିବସ ସମାରୋହ

ଗଣିଆ,୨୭।୯(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତ ଗୁପ୍ତେଶ୍ୱର ବିଦ୍ୟାପୀଠ ପରିସରରେ ଶନିବାର ବ୍ଲକ୍‌ସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଜତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣିଆ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟ ଓ ମୁଖ୍ୟବକ୍ତା ଶରଣକୁଳ କଲେଜ ଓଡ଼ିଆ ଅଧ୍ୟାପକ ଗୋଦାବରୀ ବସନ୍ତିଆ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଗୋଡ଼ିପଡ଼ା ହାଇସ୍କୁଲର ନିରାକାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି ଓ ବଡ଼ଶିଲିଙ୍ଗା ଆଶ୍ରମ ହାଇସ୍କୁଲ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୀ ଭାଷା ଆମର ରାଷ୍ଟ୍ର ଭାଷା। ୧୯୪୯ ସେପ୍ଟେମ୍ବର ୧୪ କୁ ହିନ୍ଦୀ ଭାଷା ଦିବସ ଭାବେ ପାଳନ କରାଯାଉଛି। ଇଂଲିଶ ଭାଷା ପରିବର୍ତ୍ତେ ହିନ୍ଦୀକୁ ଦ୍ୱିତୀୟ ଭାଷା ଭାବେ ସରକାର ଯଦି ମାନ୍ୟତା ପ୍ରଦାନ କରିବା ସହ ବିଦ୍ୟାଳୟଗୁଡିକରେ ହିନ୍ଦୀ ଭାଷାକୁ ପ୍ରାଧାନ୍ୟ ଦିଅନ୍ତେ ତେବେ ସବୁ ଛାତ୍ରୀଛାତ୍ର ହିନ୍ଦୀ ଭାଷା କହିବା ଓ ଲେଖିବା ସହଜ ହୁଅନ୍ତା ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ।

ଆମ ରାଜ୍ୟକୁ ଛାଡ଼ିଦେଲେ ଅଧିକାଂଶ ରାଜ୍ୟରେ ହିନ୍ଦୀ ଭାଷାର ପ୍ରଚଳନ ରହିଛି। ଅନ୍ୟ ଭାଷା ତୁଳନାରେ ହିନ୍ଦୀ ଅତି ସହଜ ଓ ସୁନ୍ଦର ଭାଷା, ବାହାର ରାଜ୍ୟକୁ ଗଲେ ହିନ୍ଦୀ । ନିହାତି ଆବଶ୍ୟକ ବୋଲି ମଧ୍ୟ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଗଣିଆ ହିନ୍ଦୀ ଶିକ୍ଷକ ସଂଘ ଅଧକ୍ଷ ନବକିଶୋର ମହାରଣା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘ ସମ୍ପାଦକ ସଞ୍ଜୟ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ତେବେ ଏହି ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୪ରେ ପାଳନ କରାଯାଉଥିବା ବେଳେ ପିଲାଙ୍କ ପରୀକ୍ଷା ହେତୁ ବିଳମ୍ବରେ ଶନିବାର ପାଳନ କରାଯାଇଥିବା ସଂଘ ସମ୍ପାଦକ ପରିଡ଼ା କହିଛନ୍ତି।



ଅତିଥିମାନେ ହିନ୍ଦୀ ଦିବସ ସମ୍ପର୍କରେ ବୁଝାଉଛନ୍ତି ।

# ବିନା ଅନୁମତିରେ ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଛତ୍ରପୁର,୨୭।୯(ଦିଲ୍ଲୀପ ସାମଲ)

ଲଗାଣ ବର୍ଷା ଲାଗି ଗଞ୍ଜାମ ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାର ମୁକାବିଲା ଲାଗି ଜିଲା ପ୍ରଶାସନ ପ୍ରସ୍ତୁତ ହୋଇ ରହିଛି । ସମସ୍ତ ଲାଇନ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି। ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଶନିବାର ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ଜିଲାପାଳ ଭି. କିର୍ତ୍ତୀ ଭାସନ ଛୁଟି ଘୋଷଣା କରିଛନ୍ତି । ଜିଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀଗୁଡିକୁ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ଶୁକ୍ରବାର ରାତିରେ ଜିଲାପାଳ କିର୍ତ୍ତୀ ଭାସନ ଛତ୍ରପୁର ବ୍ଲକ ଅନ୍ତର୍ଗତ ଉପୁଲାପୁଟି, ଆର୍ଯ୍ୟପଲ୍ଲୀ ସମେତ ଗୋପାଳପୁରରେ ବିଭିନ୍ନ କୋଷ୍ଟାଲ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ସ୍ଥିତି ଯାଞ୍ଚ କରିଛନ୍ତି । ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । କୌଣସି ସରକାରୀ ଅଧିକାରୀ ବିନା ଅନୁମତିରେ ହେଡ଼ କ୍ୱାର୍ଟର ଛାଡି ଯାଇପାରିବେନି ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲାର ବ୍ଲକ ଓ ତହସିଲ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ଜରୁରୀକାଳୀନ ନମ୍ବର ଜାରି କରାଯାଇଛି। ଜରୁରୀ ହେଲେ ଲୋକେ ସେହି ନମ୍ବରରେ କଲ କରିପାରିବେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଫୁଟ ଲମ୍ବର ବଜ୍ରକାପ୍ତା ଉଦ୍ଧାର

ଖଲ୍ଲିକୋଟ,୨୭।୯(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭିତରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଜଙ୍ଗଲରୁ ଆସି ଖୋଜାପଲ୍ଲୀ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ବଜ୍ରକାପ୍ତାଟି ପଶି ଯାଇଥିଲା। ଏହା ଦେଖି ପରିବାର ଲୋକେ ଭୟଭୀତ ହେବା ସହ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଖଲ୍ଲିକୋଟ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ବଜ୍ରକାପ୍ତାଟିକୁ ଉଦ୍ଧାର କରି ଖଲ୍ଲିକୋଟ ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ପରେ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଦିବ୍ୟ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ନୀଳମାଧବ ଜେନା, ସନ୍ତୋଷ ବେହେରା, ସନ୍ତୋଷ ମଲ୍ଲିକ ଓ ଫରେଷ୍ଟ ଗାର୍ଡ ରଜେଶ୍ୱର ବେହେରା ପ୍ରମୁଖ ଉଦ୍ଧାର ହୋଇଥିବା ବଜ୍ରକାପ୍ତାଟିକୁ ଶନିବାର ଭୋର ପ୍ରାୟ ୪ ଟା ସମୟରେ ଖଲ୍ଲିକୋଟ ବନାଞ୍ଚଳର ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଥିଲେ। ତେବେ ଉଦ୍ଧାର ବଜ୍ରକାପ୍ତାଟିର ଓଜନ ୩ କିଲୋ ହୋଇଥିବା ବେଳେ ଲମ୍ବ ପ୍ରାୟ ୨ ଫୁଟ ହେବ ବୋଲି ଜଣାପଡିଛି।

# ନ୍ୟାଶନାଲ କିକ୍‌ବକ୍ସିଂ ପ୍ରତିଯୋଗିତା, ଗଞ୍ଜାମକୁ ୪ ବ୍ରୋଞ୍ଜ୍

ଗଞ୍ଜାମ,୨୭।୯(ବିଦ୍ୟାଧର ସାହୁ)

ହିମାଞ୍ଚଳ ପ୍ରଦେଶରେ ଅନୁଷ୍ଠିତ ନ୍ୟାଶନାଲ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ୪ ଜଣ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ସେମାନେ ହେଲେ ବିକାଶ ବେହେରା, ଲକ୍ଷ୍ମଣ ଆଚାରୀ, ପ୍ରତୀକ ନାୟକ ଓ ଦେବାଶିଷ ସାହୁ। ୱାକ୍ ଓଡ଼ିଶା ପ୍ରେସିଡେଣ୍ଟ କାର୍ତ୍ତିକ ଡାକୁଆ, ଗଞ୍ଜାମ ଜିଲା କୋଚ୍ ପ୍ରମୋଦ ଅପାତ, ଦୁର୍ଗାପ୍ରସାଦ ଦାସ ଏବଂ ଶିବାଜୀ ବେଜ୍‌ଙ୍କ ନେତୃତ୍ୱରେ ଜିଲାର ୪ ପ୍ରତିଯୋଗୀ ପ୍ରତୀକ, ଦେବାଶିଷ, ବିକାଶ ଏବଂ ଲକ୍ଷ୍ମଣ ପ୍ରମୁଖ ଶୁକ୍ରବାର ହିମାଞ୍ଚଳ ପ୍ରଦେଶ ଗସ୍ତ କରିଥିଲେ। ପ୍ରତିଯୋଗୀମାନେ ଜୁନିୟର କିକ୍‌ବକ୍ସିଂ ପ୍ରତିଯୋଗିତାରେ ଭାଗନେଇ ଏହି ସଫଳତା ପାଇଛନ୍ତି। ବର୍ତ୍ତମାନ ଓଡ଼ିଶା କିକ୍‌ବକ୍ସିଂ ହେଡ୍‌କ୍ୱାର୍ଟର୍ସ ଅନୁଗୋଳ କ୍ୟାମ୍ପରେ ସେମାନେ ଟ୍ରେନିଂ ନେଉଛନ୍ତି।




# ସାର ପାଇଁ ଧାଡ଼ିବାନ୍ଧିଲେ ଚାଷୀ

ବୁଗୁଡ଼ା, ୨୭।୯(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବି.କରଡ଼ାବାଡ଼ି ସେବା ସମବାୟ ସମିତି ଆଗରେ ସାର ପାଇଁ ରାତି ୨ଟାରୁ ଚାଷୀମାନେ ଲମ୍ବାରେ ଧାଡ଼ିହୋଇ ଛିଡ଼ା ହୋଇଥିଲେ। ଚାଷଜମିରେ ରୁଆ ପରେ ସାରର ଆବଶ୍ୟକ ଥିବା ବେଳେ ଚାଷୀଙ୍କୁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସେବା ସମବାୟ ସମିତିରୁ ସାର ନ ମିଳିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହିପରି ସାର ପାଇଁ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ବୁଗୁଡ଼ା ବ୍ଲକ୍ ଓ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା, ଯାହାକୁ ନେଇ ଶୁକ୍ରବାର ରାତି ୨ଟାରୁ ବି.କରଡ଼ାବାଡ଼ି ସେବା ସମବାୟ ସମିତି ଆଗରେ ସମିତି ଅଧୀନ ବିଭିନ୍ନ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ବର୍ଷାରେ ଭିଜି ଭିଜି ସାର ପାଇଁ ଲମ୍ବାଧାଡ଼ିରେ ଛିଡ଼ାହୋଇ ସାର ନେଉଥିବା ଦେଖିବାକୁ ମିଳିଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଅଭାବ, ରୋଗୀ ହନ୍ତସନ୍ତ

ଶରଣକୁଳ, ୨୭।୯(ଦୀପକ କର)




ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ବିଶେଷଜ୍ଞଙ୍କ ଅଭାବ ଲାଗି ରହିଛି। ଫଳରେ ଚିକିତ୍ସା ସେବା ସମୟରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନନ୍ୟୋପାୟ ହୋଇ ରୋଗୀମାନେ ଅତ୍ୟଧିକ ଖର୍ଚ୍ଚାନ୍ତ ହୋଇ କଟକ ଓ ଭୁବନେଶର ଆଦି ସ୍ଥାନକୁ ଯାଉଛନ୍ତି। ଦୀର୍ଘଦିନ ହେବ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ, ସ୍ତ୍ରୀରୋଗ ଏବଂ ଭେଷଜ ବିଶେଷଜ୍ଞ ପଦ ଖାଲିପଡ଼ିଛି। ପ୍ରାୟ ୩୬ ପଞ୍ଚାୟତର ଜନସାଧାରଣ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ରୋଗୀ ଏଠାରେ ଚିକିତ୍ସା ସେବା ନ ପାଇ ଦୂରସ୍ଥାନକୁ ଯାଉଛନ୍ତି। ଅପରପକ୍ଷରେ ଏଠାରେ ମୃତଦେହ ବ୍ୟବଚ୍ଛେଦ ଗୃହ ନ ଥିବାରୁ ବ୍ୟବଚ୍ଛେଦ ପାଇଁ ଅତ୍ୟଧିକ ଖର୍ଚ୍ଚାନ୍ତ ସହ ବହୁ ସମୟ ନଷ୍ଟକରି ନୟାଗଡ଼କୁ ଯିବାକୁ ପଡୁଛି। ତେଣୁ ଏଠାରେ ମୃତଦେହ ବ୍ୟବଚ୍ଛେଦ ଗୃହର ଆବଶ୍ୟକତା ରହିଛି। ଜିଲାର ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଗରିବ ଲୋକମାନଙ୍କୁ ମାଗଣାରେ ଭୋଜନ ଦେବାର ବ୍ୟବସ୍ଥା ଥିବା ବେଳେ ଆଜି ପର୍ଯ୍ୟନ୍ତ ଏଠାରେ ମାଗଣା ଭୋଜନ କେନ୍ଦ୍ରର ବ୍ୟବସ୍ଥା ହୋଇନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଦେଇଥିବା ସବୁ ସମସ୍ୟା ଦିଗରେ ସ୍ୱତନ୍ତ୍ର ଦୃଷ୍ଟିଦେଇ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଅଞ୍ଚଳର ବୁଦ୍ଧିଜୀବୀ, ପୂର୍ବତନ ଜିଲା ପରିଷଦ ମଦନ ନନ୍ଦ, ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ସାମାଜିକ କର୍ମୀ ପ୍ରମୋଦ କୁମାର ପ୍ରଧାନ ଓ ମହିଳା ଗୋଷ୍ଠୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଚାଇନାର ଗାନ୍ସୁ ପ୍ରଦେଶରେ ଭୂକମ୍ପ

ବେଜିଂ,୨୭।୯

ଚାଇନାର ଗାନ୍ସୁ ପ୍ରଦେଶରେ ଶନିବାର ଭୋର ସମୟରେ ୫.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୧ ଜଣ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଭୂକମ୍ପ ପ୍ରଭାବରେ ଛାତର ଟାଇଲ୍‌ଗୁଡ଼ିକ ଖସିପଡ଼ିଥିଲା। ଏଥିରେ ୧୭ଟି ଘର ଭାଙ୍ଗିଯାଇଥିବାବେଳେ ୩,୫୦୦ରୁ ଊର୍ଦ୍ଧ୍ୱ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଲୋଙ୍ଗକ୍ସି ଏବଂ ଝାଙ୍ଗଜିଆନ କାଉଣ୍ଟିରୁ ୬,୮୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭୋର ୫ଟା ୪୯ ମିନିଟ୍ ସମୟରେ ଲୋଙ୍ଗକ୍ସି କାଉଣ୍ଟିରେ ସଂଘଟିତ ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ବୋଲି ଚାଇନା ସରକାରଙ୍କ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା

#### ବ୍ୟାଗ୍‌ରୁ ମିଳିଲା ମୃତଦେହ

ଆଜମଗଡ଼,୨୭।୯

ଉତ୍ତରପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ସିଧାରୀରେ ଜଣେ ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶାହଜେବ୍ ନାମକ ବାଳକ ବୁଧବାର ଟିଉଶନ ଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଶୈଳେନ୍ଦ୍ର କୁମାର ନିଗମଙ୍କ ସହ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟାରେ ନିଖୋଜ ଏତଲା ଦିଆଯାଇଥିବାବେଳେ ଗୁରୁବାର ପିଲାର ଖଣ୍ଡିତ ମୃତଦେହ ମିଳିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ମୃତଦେହକୁ ଏକ ଅଖାରେ ରଖି ଜଣେ ପଡ଼ୋଶୀଙ୍କ ଫାଟକରେ ଝୁଲାଇ ଦିଆଯାଇଥିଲା। ଏହି ମାମଲାରେ ଶୈଳେନ୍ଦ୍ର, ରାଜା ନିଗମଙ୍କୁ ଗିରଫ କରାଯାଇଛି। ସେମାନେ ପୋଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ପାଲଟା ଗୁଳି ଚଳାଇଥିଲା।

### ଦିଲ୍ଲୀ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣା ଅଭିଯୁକ୍ତଙ୍କୁ ଜାମିନ


ଗଗନପ୍ରୀତ୍ କୌର

ନୂଆଦିଲ୍ଲୀ,୨୭।୯

ଦିଲ୍ଲୀରେ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣାରେ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ପଟିଆଲା ହାଉସ୍ କୋର୍ଟ ଏହି ମାମଲାରେ ଶନିବାର ଅଭିଯୁକ୍ତ ଗଗନପ୍ରୀତ୍ କୌରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ୧ ଲକ୍ଷ ଟଙ୍କାର ବଣ୍ଡ୍ ସହ ୨ଟି ସିଓରିଟି ଦାଖଲ କରି ଜାମିନରେ ଯିବା ପାଇଁ କୁହାଯାଇଛି। କୌରଙ୍କୁ ପାସ୍‌ପୋର୍ଟ ଦାଖଲ କରିବାକୁ କୁହାଯିବା ସହ ପ୍ରତି ଶୁଣାଣି ବେଳେ କୋର୍ଟରେ ଉପସ୍ଥିତ ରହିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି। ଜାମିନ ସମୟରେ ଗଗନପ୍ରୀତ୍ ନ୍ୟୁ ଲାଇଫ୍ ହସ୍ପିଟାଲ ଷ୍ଟାଫ୍ କିମ୍ବା ଅନ୍ୟ ସାକ୍ଷୀଙ୍କ ସହ ଯୋଗାଯୋଗ କରିପାରିବେ ନାହିଁ ବୋଲି ଅଦାଳତ କହିଛନ୍ତି।


କର୍ନାଟକର ମହୀଶୂରଠାରେ ଦଶରା ଏୟାର ଶୋ' ଅବସରରେ ଶନିବାର ଭାରତୀୟ ବାୟୁସେନା ହେଲିକପ୍ଟର ପ୍ରଦର୍ଶନକାରୀ ଟିମ୍ 'ସରାଙ୍ଗ' ଆକାଶମାର୍ଗରେ ଯୁଦ୍ଧାଭ୍ୟାସ ପ୍ରଦର୍ଶନ କରୁଛି।

# ବ୍ରିକ୍ସକୁ ଘାରିଲା ଟାରିଫ୍ ଚିନ୍ତା

## ବହୁପାକ୍ଷିକ ବାଣିଜ୍ୟିକ ବ୍ୟବସ୍ଥାକୁ ମଜଭୁତ କରାଯିବା ଜରୁରୀ: ଏସ୍. ଜୟଶଙ୍କର

ଜାତିସଂଘ/ନ୍ୟୁୟର୍କ,୨୭।୯



ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ରାଷ୍ଟ୍ର ସମୂହ ବ୍ରିକ୍ସ ଆମେରିକା ପକ୍ଷରୁ କଷାଯାଇଥିବା ଉଚ୍ଚ ଟାରିଫ୍‌କୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଅବିଚାରିତ ଭାବେ ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ବାଣିଜ୍ୟିକ କାରବାରରେ ବାଧା ସୃଷ୍ଟି ହେବା ସହ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକର କ୍ଷତି ହେଉଥିବା ବ୍ରିକ୍ସ ପକ୍ଷରୁ କୁହାଯାଇଛି।

୨୦୨୬ ବର୍ଷ ପାଇଁ ବ୍ରିକ୍ସରେ ଭାରତ ଅଧ୍ୟକ୍ଷତା କରିବ। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନ ପରିପ୍ରେକ୍ଷୀରେ ବ୍ରିକ୍ସ ବହିର୍ବ୍ୟାପାର/ଅନ୍ତର୍ଜାତୀୟ ସମ୍ପର୍କ ମନ୍ତ୍ରୀମାନଙ୍କ ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ରିକ୍ସ ରାଷ୍ଟ୍ର ସମୂହ ପକ୍ଷରୁ ଏକ ମିଳିତ ଘୋଷଣାନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେରିକା ପକ୍ଷରୁ ଲଗାଯାଉଥିବା ଟାରିଫ୍ ବିଶ୍ୱ ବାଣିଜ୍ୟ ପାଇଁ ଏକ ପ୍ରତିବନ୍ଧକ। ଭବିଷ୍ୟତରେ ଏହା ବାଣିଜ୍ୟିକ କାରବାର ପାଇଁ ବିପଦ ସୃଷ୍ଟି କରିବା ସହ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି କରିବ। ଏଥିସହ ଅନ୍ତର୍ଜାତୀୟ ଆର୍ଥିକ ଓ ବାଣିଜ୍ୟିକ କାର୍ଯ୍ୟକଳାପରେ ଅନିଶ୍ଚିତତା ଉପୁଜାଇବ। ଏହା କେବଳ ବ୍ରିକ୍ସ ପାଇଁ ନୁହେଁ, ବରଂ ଅନ୍ୟ ଦେଶଗୁଡ଼ିକର ଅର୍ଥନୈତିକ ପ୍ରଗତିକୁ ପ୍ରଭାବିତ କରିବ। ବ୍ରିକ୍ସରେ ସାମିଲ ଥିବା ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ଏହି ଏକତରଫା ଟାରିଫ୍ ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏପରି ଆମଦାନୀ ଶୁଳ୍କ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ନିୟମର ବିରୁଦ୍ଧାଚରଣ କରୁଛି ବୋଲି ଏହି ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ଏନେଇ ଜୟଶଙ୍କର କହିଛନ୍ତି, ସଂରକ୍ଷଣବାଦ ବୃଦ୍ଧି, ଟାରିଫ୍ ଭୋଲାଟିଲିଟି ଓ ଅଣଟାରିଫ୍ ପ୍ରତିବନ୍ଧକଗୁଡ଼ିକ ବାଣିଜ୍ୟର ସ୍ରୋତକୁ ପ୍ରଭାବିତ କରୁଥିବାରୁ ବ୍ରିକ୍ସ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ବହୁପକ୍ଷବାଦ ଚାପରେ ରହିଛି, ବ୍ରିକ୍ସ ଏକ ଯଥାର୍ଥତାର ଦୃଢ଼ ସ୍ୱର ଭାବେ ଉଭା ହୋଇ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛି। ବିଶ୍ୱ ନାନା ଅସୁବିଧା ଦେଇ ଗତିକରୁଥିବାବେଳେ ବ୍ରିକ୍ସ ଶାନ୍ତି ପ୍ରତିଷ୍ଠା, ଆଲୋଚନା, କୂଟନୀତି ଓ ଅନ୍ତର୍ଜାତୀୟ ଆଇନର ଅନୁପାଳନକୁ ଗୁରୁତ୍ୱ ଦେବା ପାଇଁ ବାର୍ତ୍ତା ପ୍ରେରଣ କରିବା ଜରୁରୀ। ଜାତିସଂଘର ପ୍ରମୁଖ ଅଂଶ ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଜିଏ)କୁ ବ୍ରିକ୍ସ ଏକ ବ୍ୟାପକ ସଂସ୍କାର ପାଇଁ ଆହ୍ୱାନ ଦେବା ଉଚିତ। ପ୍ରଯୁକ୍ତି ଓ ନବଉନ୍ମେଷ ବ୍ରିକ୍ସର ପରବର୍ତ୍ତୀ ପର୍ଯ୍ୟାୟ ସହଯୋଗକୁ ପରିଭାଷିତ କରିବ ବୋଲି ଜୟଶଙ୍କର X ରେ ଉଲ୍ଲେଖ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ମନ୍ତ୍ରୀମାନେ ଆସନ୍ତାବର୍ଷ ଭାରତ କରିବାକୁ ଥିବା ଅଧ୍ୟକ୍ଷତାକୁ ସମର୍ଥନ ଜଣାଇଛନ୍ତି। ଗତ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣକୁ ମଧ୍ୟ ବ୍ରିକ୍ସର ମିଳିତ ଘୋଷଣାନାମାରେ ନିନ୍ଦା କରାଯାଇଛି। ଆତଙ୍କବାଦ ପ୍ରତି ଶୂନ ସହନଶୀଳତାକୁ ଜୋର୍ ଦେବା ସହ ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ଆପଣାଉଥିବା ଦେଶଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏଥିରେ ପରାମର୍ଶ ଦିଆଯାଇଛି। ଜାତିସଂଘ ଏବଂ ୟୁଏନ୍‌ଏସ୍‌ସିରେ ଭାରତ ଓ ବ୍ରାଜିଲର ଆକାଂକ୍ଷାକୁ ବ୍ରିକ୍ସ ନିଜ ସମର୍ଥନ ଦୋହରାଇଛି।

### ମାର୍ଚ୍ଚ ସୁଦ୍ଧା ରୁପି ବଣ୍ଡ୍ ଆଣିବାକୁ ଯୋଜନା

ମୁମ୍ବାଇ,୨୭।୯(ରଏଟର୍ସ)

ବ୍ରିକ୍ସ ରାଷ୍ଟ୍ର ସମୂହ-ସମର୍ଥିତ ନ୍ୟୁ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏନ୍‌ଡିବି) ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତୀୟ ମୁଦ୍ରା ରୁପି ବଣ୍ଡ୍ ଜାରି କରିବାକୁ ଯୋଜନା କରିଛି। ତିନୋଟି ସୂତ୍ରରୁ ଏହି ବିଷୟ ଜଣାପଡ଼ିଥିବା ରଏଟର୍ସ ଏକ ରିପୋର୍ଟରେ ପ୍ରକାଶ କରିଛି। ପୂର୍ବରୁ ଚାଇନାର ୟୁଆନ୍ ଏବଂ ଦକ୍ଷିଣ ଆଫ୍ରିକୀୟ ମୁଦ୍ରା ର୍ୟାଣ୍ଡ୍‌ରେ ପାଣ୍ଠି ସଂଗ୍ରହ କରିଥିବା ଏନ୍‌ଡିବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ରୁପି ବଣ୍ଡ୍ ଜାରି ଲାଗି ଆଲୋଚନା କରୁଛି। ପ୍ରାଥମିକ ପର୍ଯ୍ୟାୟରେ ୩-୫ ବର୍ଷିଆ ବଣ୍ଡ୍‌ଗୁଡ଼ିକରେ ୪୦୦ ନିୟୁତରୁ ୫୦୦ ନିୟୁତ ଡଲାର ପର୍ଯ୍ୟନ୍ତ ପାଣ୍ଠି ପ୍ରତିଷ୍ଠା କରାଯାଇପାରେ। ଚାଇନା ଓ ଭାରତ ନିଜ ନିଜ କରେନ୍ସିର ଅନ୍ତର୍ଜାତୀୟ ଗ୍ରହଣୀୟତାକୁ ବଢ଼ାଇବା ପାଇଁ ଜୋର୍ ଦେଉଥିବାବେଳେ ନିବେଶକମାନେ ମଧ୍ୟ ନିଜ ଆସେଟ୍ସକୁ ବିକଶିତ ମାର୍କେଟଗୁଡ଼ିକ ଊର୍ଦ୍ଧ୍ୱକୁ ନେଇ ଏଥିରେ ବିବିଧତା ଆଣିବାକୁ ଚାହୁଁଛନ୍ତି। ଏଭଳି ସମୟରେ ଏନ୍‌ଡିବି ରୁପି ବଣ୍ଡ୍ ଅଣିବା ପାଇଁ ଭାରତ ସରକାର ଓ ନିୟନ୍ତ୍ରକଙ୍କ ସହ କାର୍ଯ୍ୟ କରୁଛି ବୋଲି ବ୍ୟାଙ୍କର ଚିଫ୍ ଫାଇନାନ୍ସିଆଲ ଅଫିସର ରଏଟର୍ସକୁ ସୂଚନା ଦେଇଛନ୍ତି। ତେବେ ଆର୍‌ବିଆଇର ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ପ୍ରକାଶ ଯେ, ଆମେରିକୀୟ ଡଲାରର ପ୍ରଭୁତ୍ୱ ହ୍ରାସ ପାଇଁ ବ୍ରିକ୍ସର କୌଣସି ପ୍ରକାର କରେନ୍ସି ଅଣାଗଲେ ସମ୍ପୃକ୍ତ ଦେଶଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ କଷାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇ ଆସୁଥିବାବେଳେ ରୁପି ବଣ୍ଡ୍ ଆଣିବା ଯୋଜନା ତାଙ୍କୁ ଆହୁରି କ୍ଷୁବ୍ଧ କରିପାରେ।

### ୱାଙ୍ଗ୍‌ଚୁକ୍‌ଙ୍କ ପାକିସ୍ତାନ ଲିଙ୍କ୍‌ର ତଦନ୍ତ ଜାରି

ଲେହ୍,୨୭।୯(ପି.ଟି.)


ସୋନମ୍ ୱାଙ୍ଗ୍‌ଚୁକ୍

ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ୬,୦୦୦ ବିକ୍ଷୋଭକାରୀ ବୁଧବାର ପୋଡ଼ାଜଳା ଓ ଟେକାମାଡ଼ କରିଥିଲେ। ସେମାନେ ସରକାରୀ ବିଲ୍ଡିଂ ଭଙ୍ଗାରୁଜା କରିବା ସହ ଭାଜପା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ ଓ ଅନେକ ଗାଡ଼ି ପୋଡ଼ିଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ ଏବଂ ଗୁଳିଚାଳନା କରିଥିଲା। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ୧୭ ସିଆର୍‌ପିଏଫ୍ ଯବାନ ଓ ୭୦ ଜଣ ସାଧାରଣ ଲୋକ ଆହତ ହୋଇଥିଲେ। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ଉତ୍ତେଜିତ ଭାଷଣକୁ ଦାୟୀ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ ସହ ୱାଙ୍ଗ୍‌ଚୁକ୍‌ଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍.ଡି. ସିଂ ଜମୱାଲ ଶନିବାର କହିଛନ୍ତି। ୱାଙ୍ଗ୍‌ଚୁକ୍‌ଙ୍କୁ ଶୁକ୍ରବାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ତଦନ୍ତରୁ ମିଳିଥିବା ତଥ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରକାଶ କରାଯାଇପାରିବ ନାହିଁ। ତେବେ ସେ ତାଙ୍କ ଭାଷଣରେ ଆରବ ସ୍ପ୍ରିଙ୍ଗ୍ ଏବଂ ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କାରେ ଘଟିଥିବା ବିଦ୍ରୋହ ସମ୍ପର୍କରେ କହି ଲୋକମାନଙ୍କୁ ଉତ୍ତେଜିତ କରିଥିଲେ ବୋଲି ପୋଲିସ ମୁଖ୍ୟ କହିଛନ୍ତି।

### ଲେହ୍‌ରେ କର୍ଫ୍ୟୁ ୪ ଘଣ୍ଟା କୋହଳ

ଲେହ୍,୨୭।୯(ପି.ଟି.)

ଲଦାଖର ହିଂସା ପ୍ରଭାବିତ ଲେହ୍ ସହରରେ ବୁଧବାରଠାରୁ କର୍ଫ୍ୟୁ ଜାରି ରହିଥିବାବେଳେ ଶନିବାର ଅପରାହ୍ନରେ ପର୍ଯ୍ୟାୟକ୍ରମେ ୪ ଘଣ୍ଟା ପାଇଁ ଏହାକୁ କୋହଳ କରାଯାଇଛି। ସ୍ଥାନୀୟ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୋକାନଗୁଡ଼ିକରେ ଲମ୍ବା ଲାଇନ୍ ଲଗାଇଥିବା ଦେଖାଯାଇଛି। ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍ ଗିରଫ ହେବା ପରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ଶନିବାର ସକାଳଠାରୁ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ପାଟ୍ରୋଲିଂକୁ ଜୋର୍‌ଦାର କରିଛି। କର୍ଫ୍ୟୁ କୋହଳ ସମୟରେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଲେହ୍ ପୁରୁଣା ସହରରେ ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୧ଟାରୁ ୩ଟା ଏବଂ ନୂତନ ଅଞ୍ଚଳରେ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି।

### ସଂସଦୀୟ କମିଟି କାର୍ଯ୍ୟକାଳ ୨ ବର୍ଷ ହୋଇପାରେ

ନୂଆଦିଲ୍ଲୀ,୨୭।୯(ପି.ଟି.)

ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କ ସହ ପରାମର୍ଶ କରି ସରକାର ସଂସଦୀୟ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷ କରିବାକୁ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। କମିଟିଗୁଡ଼ିକର ନୂଆ କାର୍ଯ୍ୟକାଳ ସେପ୍ଟେମ୍ବର ଶେଷଭାଗ କିମ୍ବା ଅକ୍ଟୋବର ପ୍ରାରମ୍ଭରେ ଆରମ୍ଭ ହୋଇଥାଏ। ଏହାର କାର୍ଯ୍ୟକାଳ ବଢ଼ାଇବା ପାଇଁ କେତେଜଣ ସଦସ୍ୟ ନିବେଦନ କରିଥିଲେ। ନୂଆ ଲୋକ ସଭା ଗଠନ ପରେ ବିଭିନ୍ନ ଦଳ ସହ ପରାମର୍ଶ କରି କମିଟି ଗଢ଼ାଯାଇଥାଏ। ସମ୍ପ୍ରତି ୨୪ଟି ବିଭାଗୀୟ ଷ୍ଟାଣ୍ଡିଂ କମିଟି ରହିଛି। ସେଥିରୁ ୮ଟିରେ ରାଜ୍ୟ ସଭା ସଦସ୍ୟ ଅଧ୍ୟକ୍ଷ ଥିବାବେଳେ ୧୬ଟିରେ ଲୋକ ସଭା ସଦସ୍ୟ ଅଧ୍ୟକ୍ଷ ରହିଛନ୍ତି। ଏହା ବ୍ୟତୀତ ବିଲ୍ ଅନୁଧ୍ୟାନ ପାଇଁ ଅର୍ଥ କମିଟି ଓ ଅସ୍ଥାୟୀ କମିଟି ଗଢ଼ାଯାଇଥାଏ।

### 'ଆଇ ଲଭ୍ ମହମ୍ମଦ' ବିବାଦ ପଛର ମୁଖ୍ୟ ଅଭିଯୁକ୍ତ ମୌଲବୀ ଗିରଫ

ବରେଲି,୨୭।୯(ପି.ଟି.)

ଉତ୍ତରପ୍ରଦେଶର ବରେଲିରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭ କରିବା ଲାଗି ଆହ୍ୱାନ ଦେଇଥିବା ସ୍ଥାନୀୟ ମୌଲବୀ ତଥା ଇତ୍ତେହାଦ-ଇ-ମିଲାତ କାଉନ୍‌ସିଲ୍ ମୁଖ୍ୟ ତୌକିର ରଜା ଖାନ୍‌ଙ୍କ ସମେତ ୮ ଜଣଙ୍କୁ ପୋଲିସ ଗିରଫ କରିଛି। ବରେଲିରେ ଶୁକ୍ରବାର ନମାଜପାଠ ପରେ ବିକ୍ଷୋଭକାରୀ ଓ ପୋଲିସ


ତୌକିର ରଜା ଖାନ୍

ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଥିଲା। ଏହା ପଛର ମାଷ୍ଟରମାଇଣ୍ଡ ରାଜା ଓ ଅନ୍ୟ ୭ ଜଣଙ୍କୁ ଶନିବାର ସ୍ଥାନୀୟ ଅଦାଲତ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେଲ ଯାଇଥିବା ଅନ୍ୟ ୭ ଜଣ ହେଲେ ସରଫରାଜ, ମୁନିଫୁଦ୍ଦିନ୍, ଅଜିମ ଅହମଦ, ମହମ୍ମଦ ଶରିଫ, ମହମ୍ମଦ ଆମିର, ରେହାନ ଏବଂ ମହମ୍ମଦ ସରଫରାଜ। ହିଂସାକାଣ୍ଡରେ ସମ୍ପୃକ୍ତି ନେଇ ପୋଲିସ ୩୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ରାଜାଙ୍କ ସମେତ ୨୫ ଜଣ ଏବଂ ୨୦୦ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି।

ହିଂସାତ୍ମକ ବିକ୍ଷୋଭ ପରେ ବାରାବାଙ୍କୀ ଏବଂ ମଉ ଜିଲାରେ ଉତ୍ତେଜନା ଲାଗି ରହିଛି। ଶନିବାର ଉକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ ହୋଇଥିବାବେଳେ ଇଣ୍ଟରନେଟ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅପରାଧମାନଙ୍କୁ ଧରିବା ପାଇଁ ପୋଲିସ ଶୁକ୍ରବାର ରାତିରେ ଘରକୁ ଘର ଯାଇ ଚଢ଼ାଉ କରିଥିଲା।


## ଗାଜାରେ ଏୟାରଷ୍ଟ୍ରାଇକ୍ : ୪୪ ମୃତ

ଡେଇର୍ ଅଲ୍-ବଲାହ,୨୭।୯

ଗାଜାରେ ଶନିବାର ସକାଳେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୪୪ ଜଣଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧ ବନ୍ଦ ପାଇଁ ଅନ୍ତର୍ଜାତୀୟ ଚାପ ବଢୁଥିବାବେଳେ ଯୁଦ୍ଧ ଜାରି ରଖିବା ଜିଦ୍‌ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅଟଳ ରହିଛନ୍ତି। କେନ୍ଦ୍ରୀୟ ଓ ଉତ୍ତର ଗାଜାରେ ଶନିବାର ଭୋର ସମୟରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ନୁସେଇରାତ ଶରଣାର୍ଥୀ କ୍ୟାମ୍ପ୍‌ରେ ଥିବା ଏକ ଘର ଉପରେ ଆକ୍ରମଣ ହେବାରୁ ଗୋଟିଏ ପରିବାରର ୯ ଜଣ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ନେତାନ୍ୟାହୁଙ୍କ ଭାଷଣର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି। ଗାଜାରେ ଧ୍ୱଂସକାରୀ ଯୁଦ୍ଧ ଜାରି ରହିବ ଏବଂ ହମାସ୍ ବିରୋଧରେ ଆମେ ଆମ କାମ ଶେଷ କରିବୁ ବୋଲି ନେତାନ୍ୟାହୁ କହିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଫ୍ରାନ୍ସ, ବ୍ରିଟେନ ସମେତ ଅନେକ ଦେଶ ସ୍ୱୀକୃତି ପ୍ରଦାନ କରିଥିବାରୁ ନେତାନ୍ୟାହୁ ଏହାର ନିନ୍ଦା କରିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଇସ୍ରାଏଲ୍ ସ୍ୱୀକୃତି ଦେବା ଅତ୍ୟନ୍ତ ପାଗଳାମି ହେବ ବୋଲି ସେ କହିଥିଲେ। ଯୁଦ୍ଧ ବନ୍ଦ ପାଇଁ ଚାପ ବଢ଼ିବା ସହ ଇସ୍ରାଏଲ୍ ଏକପ୍ରକାର ଏକଘରିକିଆ ହୋଇଯାଇଛି। ପାଲେଷ୍ଟାଇନ୍ ରାଷ୍ଟ୍ରକୁ ସମର୍ଥନ କରୁଥିବା ଦେଶ ସଂଖ୍ୟା ବଢ଼ିଚାଲିଛି। ଯୁଦ୍ଧବିରତି ଲାଗି ଇସ୍ରାଏଲ୍ ଉପରେ ଚାପ ପକାଇବାକୁ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଚଳାଇଛନ୍ତି।


ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ପରେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର କୋଠାଗୁଡ଼ିକରୁ ଧୂଆଁ ଉଠୁଛି।

## ପ୍ରେମରେ ତୃପ୍ତି


ତୃପ୍ତି ଡିମ୍ରୀ

**ମୁମ୍ବାଇ:** ପ୍ରେମରେ ପଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ତୃପ୍ତି ଡିମ୍ରୀ। ବ୍ୟବସାୟୀ ତଥା ମଡେଲ ଶ୍ୟାମ ମର୍ଚ୍ଚାଣ୍ଟଙ୍କୁ ସେ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଦୁହେଁ କିନ୍ତୁ ଏନେଇ ମୁହଁ ଖୋଲୁ ନାହାନ୍ତି। ସୋସିଆଲ ମିଡିଆରେ କେବଳ କିଛି ଫଟୋ ସମ୍ପର୍କ ଉପରେ ମୋହର ଲଗାଉଛି।

ଶ୍ୟାମ ମର୍ଚ୍ଚାଣ୍ଟ ପ୍ରଥମେ ମଡେଲିଂ ଜଗତରେ ନାଁ କମାଇବା ପରେ ବ୍ୟବସାୟରେ ପାଦ ଥାପିଥିଲେ। ତୃପ୍ତି ବଲିଉଡରେ ବହୁ ବର୍ଷ ଧରି କାମ କରୁଛନ୍ତି। ସେ ଆନିମଲ ଫିଲ୍ମରେ ରଣବୀର କପୁରଙ୍କ ସହ ଅଭିନୟ କରି ରାତାରାତି ପାଲଟି ଯାଇଥିଲେ ଷ୍ଟାର। ନିକଟରେ ଫିଲ୍ମ 'ଧଡ଼କ ୨'ରେ ସେ ନଜର ଆସିଥିଲେ। ଏହି ଫିଲ୍ମରେ ତାଙ୍କର ଅଭିନୟ ଖୁବ ପ୍ରଶଂସା ପାଇଥିଲା। ତୃପ୍ତି ତାଙ୍କ ବୋଲ୍ଡ ଅନ୍ଦାଜ ପାଇଁ ଜଣାଶୁଣା। ସୋସିଆଲ ମିଡ଼ିଆରେ ତୃପ୍ତି ନିୟମିତ ଫଟୋ ଓ ଭିଡ଼ିଓ ଶେୟାର କରନ୍ତି, ଯାହା ଇଣ୍ଟରନେଟରେ ଭାଇରାଲ ହୋଇଥାଏ। ତେବେ ଏବେ ତାଙ୍କ ଏକାନ୍ତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଆଗାମୀ ଦିନରେ ତାହା ସ୍ପଷ୍ଟ ହେବ ବୋଲି ପ୍ରଶଂସକ ଅନୁମାନ କରୁଛନ୍ତି।

# ସ୍ପେଶାଲ କ୍ରାଇମ୍ ପଞ୍ଝାରେ କୁଖ୍ୟାତ ବନ୍ଧୁକ ବେପାରୀ


ଗିରଫ ବନ୍ଧୁକ ବେପାରୀ ସେଖ୍ ନଦିମ


ଜବତ ବନ୍ଧୁକ, ଗୁଳି ଓ ଟଙ୍କା।

ଭୁବନେଶ୍ୱର, ୨୭।୯(ସତ୍ୟଜିତ ରାଉତ)

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ପଞ୍ଝାରେ ଫସିଲେ କୁଖ୍ୟାତ ବନ୍ଧୁକ ବେପାରୀ। ସେ ହେଲେ ଜଗତ୍‌ସିଂହପୁର ଜିଲା କୃଷ୍ଣନନ୍ଦପୁର ଥାନା ଅନ୍ତର୍ଗତ ଇଟାଟିକିରି ଗ୍ରାମର ସେଖ୍ ନଦିମ (୩୧)। ଶନିବାର ଭୋର ପ୍ରାୟ ୫ଟା ଧଉଳି ଜଙ୍କ୍ସନ ନିକଟରେ ଏସ୍‌ସିୟୁ ଟିମ୍ ତାଙ୍କୁ ଗିରଫ କରିଛି। ନଦିମଙ୍କ ପାଖରୁ ୧୦ଟି ସେମି ଅଟୋମେଟିକ ପିସ୍ତଲ, ୧୮ ଗୁଳି, ୧୦ ମାଗାଜିନ, ବାଇକ ଓ ମୋବାଇଲ ଜବତ ହୋଇଛି। ଏ ସମ୍ପର୍କରେ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ

**୧୦ ବନ୍ଧୁକ, ୧୮ ଗୁଳି, ୧୦ ମାଗ୍‌ଜିନ ଜବତ**

**୭ ବର୍ଷ ତଳେ କେନ୍ଦ୍ରାପଡ଼ାରେ ଏନ୍‌କାଉଣ୍ଟର ହୋଇଥିଲେ**

ମାମଲା (ନଂ.୭/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ନଦିମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଦିମ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ଡିଲରଙ୍କୁ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ଏସ୍‌ସିୟୁ ଟିମ୍ ଯୋଜନାବଦ୍ଧ ଭାବେ ତାଙ୍କୁ ଧରିଥିଲା। ତେବେ ତାଙ୍କର ଏହି ବନ୍ଧୁକ ରାକେଟକୁ ନେଇ ଅଧିକ ଛାନଭିନ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ନଦିମଙ୍କ ନାମରେ ବିଭିନ୍ନ ଥାନାରେ ବହୁ ସଙ୍ଗିନ ମାମଲା ରହିଛି। ଏପରିକି ସେ ଏହାପୂର୍ବରୁ ଏକାଧିକଥର ଜେଲ ଯାଇ ମଧ୍ୟ ଫେରିଛନ୍ତି। ଗତ ମାସେ ହେବ ଏସ୍‌ସିୟୁ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ସେ ପୁରୀ ପାର୍ଶ୍ୱରୁ ପଲସର ବାଇକରେ ଆସୁଥିବା ବେଳେ ଏସ୍‌ସିୟୁ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ତାଙ୍କୁ ଧଉଳି ଜଙ୍କ୍ସନଠାରେ ମାଡିବସିଥିଲା। ତେବେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି କୁଖ୍ୟାତ ବନ୍ଧୁକ ବେପାରୀଙ୍କ ସହ ନଦିମଙ୍କ ଲିଙ୍କ ରହିଥିବା ପୋଲିସ ଜାଣିବାକୁ ପାଇଛି।

**ପୋଲିସ ଉପରକୁ ଗୁଳି ଚଳାଇ ନିଜେ ଗୁଳି ଖାଇଥିଲେ**

୭ବର୍ଷ ତଳେ ପୋଲିସ ଉପରକୁ ଗୁଳି ଚଳାଇ ନଦିମ ଗୁଳିମାଡ଼ ଖାଇଥିଲେ। ୨୦୧୯ ଏପ୍ରିଲ ୧୨ ବିଳମ୍ବିତ ରାତିରେ ନଦୀମ ତାଙ୍କ ସହଯୋଗୀଙ୍କୁ ବନ୍ଧୁକ ଯୋଗାଇବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା କେନ୍ଦ୍ରାପଡା ଜିଲା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ଅର୍ଜୁନପୁର ଛକରେ ଛକି ରହିଥିଲା। ପୋଲିସକୁ ଦେଖି ନଦିମ ଖସି ପଳାଇବାକୁ ଚେଷ୍ଟା କରି ପ୍ରଥମେ ଗୁଳି ଚଳାଇଥିଲେ। ସେପଟୁ ପୋଲିସ ଗୁଳିମାଡ଼ କରିବାରୁ ନଦିମଙ୍କ ବାମ ଗୋଡ଼ରେ ଲାଗିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପୁତୁରାଙ୍କୁ ଠେଙ୍ଗାରେ ପିଟି ହତ୍ୟା, ଦାଦା ଗିରଫ

ବନ୍ତଲା, ୨୭।୯ (ସୁଶିତ ସାହୁ)


ଅଭିଯୁକ୍ତ ଦାଦାଙ୍କୁ ଗ୍ରାମବାସୀ ଗଛରେ ବାନ୍ଧି ଦେଇଛନ୍ତି।

ମାନସିକ ଭାବେ ଅସୁସ୍ଥ ଦାଦାଙ୍କୁ ଖାଇବାକୁ ଦେବାକୁ ଯାଇଥିବା ପୁତୁରାଙ୍କୁ ହତ୍ୟା କରିଛନ୍ତି ଦାଦା। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ବଡ଼କଞ୍ଜାନୀ ଗାଁରେ ଶୁକ୍ରବାର ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ବଡ଼କଞ୍ଜାନୀ ଗାଁର ସୁଦର୍ଶନ ଦାସ। ଅଭିଯୋଗପାଇ ଅନୁଗୋଳ ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦାଦା ବସନ୍ତ କୁମାର ଦାସଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ବଡ଼କଞ୍ଜାନୀ ଗାଁର ବସନ୍ତ ଜଣେ ମାନସିକ ରୋଗୀ। ସେ ଗାଁ ଶ୍ମଶାନରେ ରୁହନ୍ତି। ପରିବାର ଲୋକେ ଦୈନିକ ଖାଦ୍ୟ ନେଇ ତାଙ୍କୁ ଶ୍ମଶାନରେ ଦେଇଆସନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପୁତୁରା ସୁଦର୍ଶନ ଶ୍ମଶାନକୁ ଖାଦ୍ୟ ନେଇ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ଶନିବାର ସକାଳେ ସୁଦର୍ଶନଙ୍କ ସ୍ତ୍ରୀ ଖୋଜିବା ପାଇଁ ଶ୍ମଶାନଆଡ଼େ ଯାଇ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଅଭିଯୁକ୍ତ ଦାଦା ବସନ୍ତଙ୍କୁ ଏକ ଗଛରେ ବାନ୍ଧି ସୁଦର୍ଶନଙ୍କ ସମ୍ପର୍କରେ ପଚାରିଥିଲେ। ପୁତୁରାଙ୍କୁ ଠେଙ୍ଗାରେ ପିଟି ପିଟି ମାରି ଦେଇ ୨୦୦ ମିଟର ଦୂରରେ ଫିଙ୍ଗି ଦେଇଥିବା ଦାଦା ବସନ୍ତ କହିଥିଲେ। ଏହାପରେ ଗ୍ରାମବାସୀ ଅନୁଗୋଳ ସଦର ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ସାନଭାଇ ସିଦ୍ଧେଶ୍ୱର ଦାସ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୩୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମୃଣାଳ କାଲ ସୂଚନା ଦେଇଛନ୍ତି।

## ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ୨ ଗିରଫ


ଗିରଫ ୨ ଅଭିଯୁକ୍ତଙ୍କ ସହ ବନ ବିଭାଗ କର୍ମଚାରୀ।

ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)

ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୁଡ଼ାସାହି ଗ୍ରାମର ମୁନା ବେହେରା, ଭଙ୍ଗାମୁଣ୍ଡା ଗ୍ରାମର ବିଜୟ ସିଂଙ୍କୁ ଶନିବାର କେନ୍ଦୁଝର ଓ ଧଣ୍ଡାତୋପା ବନ ବିଭାଗ ଗିରଫ କରିଛି। ସୂଚନା ଅନୁଯାୟୀ, ବର୍ଷେତଳେ ଧଣ୍ଡାତୋପା ଅଞ୍ଚଳରୁ ହାତୀ ଦାନ୍ତ କେନ୍ଦୁଝରର ଚାଲାଣ କରାଯାଇଥିଲା। କେନ୍ଦୁଝର ଅଞ୍ଚଳରେ ହାତୀ ଦାନ୍ତ ଜବତ କରାଯାଇଥିବା ବେଳେ ୨ ଜଣ ଶିକାରୀ ପୂର୍ବରୁ ଗିରଫ ହୋଇଥିଲେ। ଏହି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବିଜୟ ଓ ମୁନାଙ୍କୁ ଶନିବାର ଗିରଫ କରାଯାଇଛି।

# ହାଣ୍ଡିଆ ପିଇଦେବାରୁ ସ୍ତ୍ରୀଙ୍କୁ ପିଟି ହତ୍ୟା

ଉଦଳା, ୨୭।୯(ସନ୍ତୋଷ କୁମାର ବାଛିନୀ)

ଘରେ ଥିବା ହାଣ୍ଡିଆ ପିଇଦେବାରୁ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ କାଠଫାଳିଆ ପିଟି ହତ୍ୟା କରିବା ଘଟଣା ମୟୂରଭଞ୍ଜ ଜିଲା ଉଦଳା ଥାନା ଉପର ତାଳଡିହା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ଏକ ମାମଲା(ନଂ. ୩୮୧/୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ କାଠଫାଳିଆକୁ ଜବତ କରାଯାଇଛି।

ଉପର ତାଳଡିହା ଗ୍ରାମର ଗୁରୁପ୍ରସାଦ ସିଂ ଶୁକ୍ରବାର ରାତି ୧୦ଟାରେ କାମ ସାରି ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ଘରେ ତିଆରି ହେଉଥିବା ହାଣ୍ଡିଆ ପିଇବାକୁ ଖୋଜିଥିଲେ। ହେଲେ ଏହି ସମୟରେ ସବୁତକ ହାଣ୍ଡିଆକୁ ସ୍ତ୍ରୀ ସୀତା ପିଇ ନିଶାସକ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ ସ୍ୱାମୀ ଗୁରୁପ୍ରସାଦ। ହାଣ୍ଡିଆ ପିଇବାକୁ ମାଗିବାରୁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଏତେ ଉଗ୍ରରୂପ ନେଇଥିଲା ଯେ, ସ୍ତ୍ରୀଙ୍କୁ କାଠଫାଳିଆରେ ପିଟି ପକାଇଥିଲେ ସ୍ୱାମୀ। ସ୍ତ୍ରୀଙ୍କୁ ବାଡେଇ ହତ୍ୟା କରିବା ବେଳେ ତାଙ୍କର ସାନ ପୁଅ ଦେଖିଦେବାରୁ ଏକ ଟାଙ୍ଗିଆ ଧରି ତାଙ୍କୁ ମଧ୍ୟ ମାରିବାକୁ ଗୋଡାଇଥିଲେ। ଛୋଟ ପିଲାଟି ଦୌଡି ଘରୁ ବାହାରି ପଡୋଶୀଙ୍କ ଘରକୁ ଚାଲିଯିବା ପରେ ପୁରା ଘଟଣା ବାବଦରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହାମଧ୍ୟରେ ହତ୍ୟାକାରୀ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ଚାରିପାଖରେ ମଶାରୀ ଟାଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ଏହା ସହିତ ବାରିପଦାରୁ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି।

# ନାବାଳିକା ବଳାତ୍କାରୀଙ୍କୁ ଆଜୀବନ ଜେଲଦଣ୍ଡ

ବାରିପଦା,୨୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପୋକ୍ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଞ୍ଚଳର ଅସୀତ ବେହେରା(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ବିବରଣୀ ଅନୁଯାୟୀ, ୪ ନଭେମ୍ବର ୨୦୨୪ରେ ସମ୍ପୃକ୍ତ ନାବାଳିକା ସନ୍ଧ୍ୟାରେ ଗ୍ରାମ ଦୋକାନରୁ ଘରକୁ ଫେରିବାବେଳେ ଅଭିଯୁକ୍ତ ବଳପୂର୍ବକ ନାବାଳିକାଙ୍କୁ ଟେକି ନେଇ ଦୁଇହାତ ବାନ୍ଧି ଓ ମୁହଁରେ କପଡ଼ା ଦେଇ ବଳାତ୍କାର କରିଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଘରଲୋକ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ।


**SAMAGRA SHIKSHA / ସମଗ୍ର ଶିକ୍ଷା / समग्र शिक्षा / Samagra Shiksha**

**ODISHA SCHOOL EDUCATION PROGRAMME AUTHORITY**

**"SHIKSHA SOUDHA", UNIT-V, BHUBANESWAR-751001**

**No. 10600/CW/2025** — **Date : 26/09/2025**

**NOTICE INVITING REQUEST FOR PROPOSAL (RFP)**

**No.n-** : Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for selection of an agency for providing Event Management Services for execution of different works relating to (i) State Level Childrens' Festival **"SURAVI 2025"** scheduled to be held **from 12th - 14th November 2025** & (ii) **"NIJUKTI MELA"** for appointment of teachers in Secondary & Higher Secondary Schools on **15th November 2025** at **Capital High School, Unit-III, Bhubaneswar**. The duration of the programme is for 04 days starting from **12th November 2025 to 15th November 2025**.

The RFP document will be available on the OSEPA website i.e. https://osepa.odisha.gov.in. The bidders fulfilling the prescribed eligibility criteria of the RFP can access, download the complete RFP Document and other details from the above website & apply accordingly. Corrigendum/addendum, if any, shall only be notified on the website mentioned above. Hence, the interested bidders are requested to be in continuous touch with the above website.

**The major events under the bid process are :**

| Sl. No. | List of Key Events | Dates |
|---|---|---|
| 1 | Date of availability of RFP document in OSEPA website | By 27/09/2025 |
| 2 | Last Date for Receipt of Bid | Up to 5.00 P.M. of 17/10/2025 |
| 3 | Date and Time of Opening of Technical Bid and Technical Evaluation followed by technical presentation | At 11.00 A.M. on 18/10/2025 onwards |
| 4 | Date of Opening of Financial Bid of technically qualified bidders | On 18/10/2025 (after technical evaluation & presentation) |

The proposal complete in all respects must reach the undersigned by **Speed Post/ Registered Post/ Courier only latest up to 5.00 P.M of 17/10/2025**. The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept/reject any/all BIDS / cancel the entire selection process at any stage without assigning any reason thereof.

**Address for Submission of Proposal :**
To
The State Project Director,
Odisha School Education Programme Authority (OSEPA), "Shiksha Soudha", Unit-V, Bhubaneswar, Odisha-751001

OIPR-27068/11/0060/2526 — Sd./- State Project Director



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**
No.3527//RWDBLG, Date : 24.09.2025
**1st Corrigendum to the Bid Identification No. Online tender/02/EERWD BLG/2025-26**

**No.O-921** : The tender invited vide Bid Identification No. **Online tender/02/EERWD BLG/2025-26** vide T.O. Office Letter No.**1961 dt.09.05.2025**. Due to unavoidable circumstances, the availability of tender online for bidding is from **14.05.2025** at **10.00 A.M.** to **20.05.2025** upto **5.00 P.M.** instead of 25.09.2025 at 10.00 A.M. to 09.10.2025 up to 5.00 P.M. Opening Dt.10.10.2025.
The other terms and conditions are remained unchanged.
**Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"**

Sd./- Executive Engineer
R.W.Division, Balliguda
OIPR-25150/11/0007/2526



**GOVT. OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR**
**1st Corrigendum**
Letter No.3868, Dtd.25.09.2025

**No.O-890:** In continuation to this office tender identification No. SNPR/Online 02 of 2025-26 invited vide this office letter No.3804, dtd.22.09.2025, under unavoidable circumstances partial modification of TCN has been made as follows.

| Sl. No. | Tender Identification No. | Items | Time Schedule as per Original TCN | Time Schedule as per 1st Corrigendum Notice |
|---|---|---|---|---|
| 1 | 2 | 3 | 4 | 5 |
| 1 | Bid Identification SNPR/Online-02 of 2025-26 | Availability of Tender On-line for bidding | 25.09.2025 at 11.00 AM to 04.10.2025 upto 5.00 PM | 25.09.2025 at 11.00 AM to 13.10.2025 upto 5.00 PM |
| 2 | | Date & Time of seeking tender clarification | 03.10.2025 upto 4.00 PM | 10.10.2025 upto 4.00 PM |
| 3 | | Date & Time of opening of tender | 06.10.2025 at 11.00 AM | 14.10.2025 at 11.00 AM |

OIPR-25054/11/0036/2526 — Sd./- Executive Engineer, Rural Works Division, Sonepur



**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR-751002**
**Tel-MD 0674-2340573, E-mail-mdossc ltd456@gmail.com**
**TENDER CALL NOTICE**
**No.OSSC/Engg-128/2025**

**No.CAD-1891:** The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt. of Odisha www.tenderodisha.gov.in.
**Percentage Rate Tenders** from eligible Civil works contractors registered under Competent authority of Govt. of Odisha. *Amount in Rs.*

| Sl | Name of the Work | Estimated Amt | EMD | Cost of Tender document | Completion period | Eligibility class of contractors |
|---|---|---|---|---|---|---|
| 1 | Construction of Office Building at Seed Processing Plant Shyamakhunta, Mayurbhanja | 22,76,785.00 | 22,768.00 | 6720/- | 180 | C or above |

The details of location of work, estimated amount regarding construction work alongwith cost of Tender Document, EMD and other criteria alongwith critical dates for the above Tenders can be seen in the Detailed Tender Call Notice posted in website of Govt. of Odisha www.tenderodisha.gov.in.
The last date for uploading of tender to tender portal is **dt.08.10.2025.**

OIPR-01045/11/0104/2526 — Sd./- Managing Director, OSSC Ltd., BBSR



**ODISHA MODEL TRIBAL EDUCATION SOCIETY (OMTES)**
**ST & SC DEVELOPMENT, M & BCW DEPARTMENT**
**GOVERNMENT OF ODISHA**
**Request for Proposal no 865/Date26/09/2025**

No.CAD-Sealed Request for Proposal (RFP) are requested from Interested Event Management Agencies to provide event management services during 4th National EMRS Sports Meet, 2025 to be organised at Sundargarh district from 11th to 15th November 2025.
For details of the Request for Proposal, please visit website- www.omtes.org and http://stsc.odisha.gov.in.
Last date for Tender submission is **23rd October 2025 5.00 PM**

OIPR-26009/11/0011/2526 — Sd./- Secretary, OMTES



ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & Drinking Water Department**
ଓଡ଼ିଶା ସଚିବାଳୟ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Secretariat, Sachibalaya Marg, Bhubaneswar-751 001
Fax:0674-2391413, e-mail: prsec.or@nic.in
**No.PR-RH-ESTT-0001-2025- 27155/PR&DW** — **Date:26.09.25**

**CORRIGENDUM NOTICE**

No.i- In continuation to the Tender Notice No.PR-RH-ESTT-0001- 2025-25348/ PR&DW dated 13.09.2025, inviting sealed tenders from eligible organisations for selection of service providing agencies to provide manpower for the State Project Management Unit under Pradhan Mantri Awas Yojana (Gramin), it is hereby informed that certain modifications/ clarifications have been issued.
The details of the corrigendum may be seen on the following websites:
- https://panchayat.odisha.gov.in/
- https://rh.odisha.gov.in/

All other terms and conditions of the tender shall remain unchanged.

Sd./- Director Special Projects
Panchayati Raj & Drinking Water Department
OIPR-19001/11/0032/2526



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
ଓଡ଼ିଶା ସରକାର
**POWER HOUSE SQUARE, UNIT-V, BHUBANESWAR**
Tel.No.0674-2394873, Fax:2391255/2391024
Email:sdaorissa@od.gov.in, eic-epcei@od.gov.in

**Indicative corrigendum advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

**Advt.No.Tech-EC-1188/6385/ Dated 25 September, 2025**

No.AA-29: Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is extended upto **15.10.2025, 05.00 PM.**
For details advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept/ reject any application without assigning any reasons thereof.

**Sd./- EIC (E)-cum-PCEI & SDA (O)**
OIPR-04066/11/0042/2526 "Go Electric Go Green"



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: **18819**/ଭୁ.ଉ.କ., ଭୁବନେଶ୍ୱର — ତା: **23.09.2025**ରିଖ
AL-II-4/98

**ସୂଚନା**

No. CAD-1882: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ, ସି.ଆର୍.ପି. ଛକ, ଭୁବନେଶ୍ୱର ଅନ୍ତର୍ଗତ Office Space, 3rd Floorକୁ ନବକିଶୋର ନାୟକଙ୍କ ନାମରୁ ଲିଙ୍ଗରାଜ ସାହୁ, ପିତା: ବିଶ୍ୱନାଥ ସାହୁ, ଗ୍ରାମ/ପୋଷ୍ଟ/ଥାନା: ହିଞ୍ଜିଳିକଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶାଙ୍କ ନାମରେ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଲିଙ୍ଗରାଜ ସାହୁ ଗତ ତା୦୧।୦୧।୨୦୨୪ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate No. 1547/2024 dated 06.02.2024). Legal heir Certificate No. e-LHC/2024/38209 Dated: 30.03.2024 ଅନୁଯାୟୀ ଲିଙ୍ଗରାଜ ସାହୁଙ୍କର ଉତ୍ତରାଧିକାରୀ (୧) ସସ୍ମିତା ସାହୁ (ସ୍ତ୍ରୀ), (୨) ଶୁଭ୍ରଜିତ ସାହୁ (ପୁତ୍ର) ଓ (୩) ଶିବାଙ୍ଗୀ ସାହୁ (ଅବିବାହିତା କନ୍ୟା) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ Office Space, 3rd Floorର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ Office Space, 3rd Floorର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0382/2526



Annexure-II
**Office of District Manager**
**Odisha State Civil Supplies Corporation Ltd. (OSCSC)**
**Nayagarh (District)**
**Phone : 06753252439**
**District Website :** https://nayagarh.odisha.gov.in
Tender No. : **4593, 4594, 4595, 4596, 4597, 4598, 4599 & 4600 Dt. 25.09.2025**
District Manager, Odisha State Civil Supplies Corporation Ltd. **Nayagarh** (District) invites tenders in Double Cover System through
**No.CAD-1880 ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of Paddy from Paddy Purchase Centres (PPCs) to Rice Mills and CMR from Rice Mills to Rice Receiving Centres (RRCs) for the KMS : 2025-26 (Kharif & Rabi) in the district of the State of Odisha |
| 2 | Availability of bid document in the portal | From 26.09.2025 onwards |
| 3 | Last Date / Time for Receipt of bids in the portal | Dt.15.10.2025 upto 05:00 (PM) |
| 4 | Date/Time of Opening of Technical Bid | Dt.17.10.2025 at 11:00 AM |
| 5 | Name and address of the Officer Inviting Tender | District Manager, OSCSC Ltd, Nayagarh (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd./- District Manager
OSCSC Ltd., Nayagarh
OIPR-07057/11/0011/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସଙ୍ଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗବେଷଣାରେ ଭାରତ ଜିଡିପିର ୧%ରୁ କମ୍ ଖର୍ଚ୍ଚ କରୁଛି

**ଭୁବନେଶ୍ୱର, ୨୭।୯**

ଯୁକ୍ତରାଷ୍ଟ୍ରରେ ୫୦ଟି ରାଜ୍ୟ ଥାଇ କେବଳ କାଲିଫର୍ନିଆର ଜନସଂଖ୍ୟା ୪ କୋଟି ଏବଂ ଏହାର ଜିଡିପି ୪ ଟ୍ରିଲିୟନ ଡଲାର। ୧୪୬ କୋଟି ଜନସଂଖ୍ୟା ଥାଇ ଭାରତକୁ ଏହାକୁ ଅନୁସରଣ କରିବାକୁ ହେବ। ଉନ୍ନତ ଦେଶଗୁଡ଼ିକ ସେମାନଙ୍କ ଜିଡିପିର ୨-୩% ଗବେଷଣା ଓ ବିକାଶରେ ବିନିଯୋଗ କରୁଛନ୍ତି, ମାତ୍ର ଭାରତ ୧%ରୁ କମ୍ ଖର୍ଚ୍ଚ କରୁଛି। ୨୦୪୭ ସୁଦ୍ଧା ଭାରତକୁ ଉନ୍ନତ ଦେଶ କରିବାକୁହେଲେ ଉଚ୍ଚ ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି ଏବଂ ଗବେଷଣାକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଭେଲୋରରେ ଆରମ୍ଭ ହୋଇଥିବା ୩ଦିନିଆ ଟେକ୍ନୋ-ପରିଚାଳନା ମହୋତ୍ସବ-୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ଭିଆଇଟି ପ୍ରତିଷ୍ଠାତା ଓ କୁଳପତି ଡ. ଜି. ବିଶ୍ୱନାଥନ କହିଛନ୍ତି। କୁଳପତି ବିଶ୍ୱନାଥନ କହିଛନ୍ତି, ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ସମେତ ଶିକ୍ଷା ସମସ୍ତଙ୍କ ପାଇଁ ସୁଲଭ ହେବା ଉଚିତ । ଦେଶରେ ୧୮ରୁ ୨୩ ବୟସ ବର୍ଗର ୧୪ କୋଟି ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ୪ କୋଟି ଉଚ୍ଚ ଶିକ୍ଷା ଗ୍ରହଣ କରୁଛନ୍ତି। ଅବଶିଷ୍ଟ ୧୦ କୋଟିଙ୍କ ଦୁର୍ଦ୍ଦଶାକୁ ସରକାରଙ୍କୁ ସମାଧାନ କରିବାକୁ ହେବ। ସେ ଆହୁରି କହିଲେ, ଆବୁଧାବି ଛୋଟ ହେଲେ ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧ। ଏହାର ମୁଣ୍ଡପିଛା ଆୟ ୭୫,୦୦୦ଟଙ୍କା ଥିବାବେଳେ ଭାରତର ୨,୯୦୦। ଆବୁଧାବିର ମାତ୍ର ୨୦% ଜନସଂଖ୍ୟା ସ୍ଥାନୀୟ, ୮୦% ବିଦେଶୀ, ଯେଉଁଥିରେ ଅନେକ ଭାରତୀୟ ଅଛନ୍ତି। ୟୁଏଇର ୯୫% ତୈଳ ଓ ଗ୍ୟାସ ଭଣ୍ଡାର ସହ ଆବୁଧାବି ୧ ଟ୍ରିଲିୟନ ଡଲାରର ବିନିଯୋଗ ଆକର୍ଷଣ କରୁଛି। ଭାରତ ଏହାଠାରୁ ଶିକ୍ଷା ନେବା ଉଚିତ। ଆବୁଧାବି ମ୍ୟୁନିସିପାଲିଟି ଓ ପ୍ରଶାସନ ବିଭାଗର ମନ୍ତ୍ରୀ ମଜିଦ୍ ଅଲି ଅଲ୍ ମନ୍‌ସୁରୀ କହିଲେ, ଛାତ୍ରମାନେ କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତି, ମହାକାଶ ଅନୁସନ୍ଧାନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଚ୍ୟାଲେଞ୍ଜକୁ ସମାଧାନ କରିବା ଉଚିତ। ନ୍ୟୁଜ୍‌୧୮ର ମ୍ୟାନେଜିଂ ଏଡିଟର ଆନନ୍ଦ ନରସିଂହନ କହିଲେ, ଛାତ୍ରମାନେ ଆବିଷ୍କାରକ ଓ ଉଦ୍ୟୋଗୀ ହେବାକୁ ଲକ୍ଷ୍ୟ ରଖିବା ଉଚିତ। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୭ଟି ଇଭେଣ୍ଟ, ୫୭ଟି କର୍ମଶାଳା, ୫୧ଟି ହାକାଥନ, ରୋବଟ୍ ଯୁଦ୍ଧ ଏବଂ ଡ୍ରୋନ୍ ଶୋ' ଆଦି ରହିଛି। ପ୍ରାୟ ୪୦ ହଜାର ଛାତ୍ର ଏଥିରେ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ଭିଆଇଟିର ଉପାଧ୍ୟକ୍ଷ ଡ. ଶେଖର ବିଶ୍ୱନାଥନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସନ୍ଧ୍ୟା ପେଣ୍ଟାରେଡ୍ଡୀ, ମ୍ୟାକ୍ସିମସ୍ ଇଣ୍ଡିଆର କଣ୍ଟ୍ରି ହେଡ୍ ଓ ସିନିୟର ଉପାଧ୍ୟକ୍ଷ ପ୍ରବୀଣା ଭୀମବରପୁ, ଡ. କାଞ୍ଚନା ଭାସ୍କରନ୍, ଡ. ପାର୍ଥସାରଥି ମଲ୍ଲିକ, ରେଜିଷ୍ଟ୍ରାର ଡ. ଜୟଭାରତୀ ଏବଂ ଗ୍ରାଭିଟାସ୍ ସଂଯୋଜିକା ଶର୍ମିଳା ଉପସ୍ଥିତ ଥିଲେ।



# ଗୌତମ ସୋଲାର ପକ୍ଷରୁ ଶ୍ୱେତପତ୍ର ଉନ୍ମୋଚିତ

**ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)**



ଭାରତର ଅନ୍ୟତମ ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ଗୌତମ ସୋଲାର ପକ୍ଷରୁ 'ଗ୍ଲାସ୍-ଟୁ-ଗ୍ଲାସ୍ (ଜି୨ଜି) ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ (ଜି୨ଟିବି) ସୋଲାର ମଡ୍ୟୁଲ୍ସ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଶ୍ୱେତପତ୍ର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀର ମାର୍କେଟିଂ ମ୍ୟାନେଜର(ଟେକ୍ନିକାଲ) ଅଭିନବ କୌଶିକ ଏହି ଶ୍ୱେତପତ୍ରର ଶୁଭାରମ୍ଭ କରିଛନ୍ତି। ଏଥିରେ ଦୁଇଟି ବାଇଫେସିଆଲ ପିଭି ମଡ୍ୟୁଲ ଟେକ୍ନୋଲୋଜିର ଏକ ବିସ୍ତୃତ ତୁଳନା ପ୍ରଦାନ କରାଯିବା ସହ ଏହି ଶିଳ୍ପରେ ରହିଥିବା ସାଧାରଣ ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂରକରୁଛି । ଏହି ଅବସରରେ ଗୌତମ ସୋଲାରର ସିଇଓ ଗୌତମ ମୋହଙ୍କା କହିଛନ୍ତି, ସୋଲାର ଶିଳ୍ପରେ ବାଇଫେସିଆଲ ମଡ୍ୟୁଲଗୁଡ଼ିକର ଦ୍ରୁତ ଗ୍ରହଣୀୟତା ଦେଖିବାକୁ ମିଳୁଛି। ମାତ୍ର ଗ୍ଲାସ୍-ଟୁ-ଗ୍ଲାସ୍ ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ ମଡ୍ୟୁଲଗୁଡ଼ିକର ଅନୁକୂଳତା ଓ କାର୍ଯ୍ୟଦକ୍ଷତାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଏହି ଶ୍ୱେତପତ୍ର ସହ ଆମେ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରକଳ୍ପ ଆବଶ୍ୟକତା ଉପରେ ଆଧାରକରି ସୁଚିନ୍ତିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏକ ସ୍ୱଷ୍ଟ, ନିରପେକ୍ଷ ଓ ବୈଷୟିକ ତୁଳନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଶ୍ୱେତପତ୍ର ବିଭିନ୍ନ ଜଳବାୟୁ, ପ୍ରଯୁଜ୍ୟ ଖର୍ଚ୍ଚ ଓ ପ୍ରୟୋଗ ପରିଦୃଶ୍ୟରେ ଉଭୟ ଜି୨ଜି ଓ ଜି୨ଟିବି ବାଇଫେସିଆଲ ମଡ୍ୟୁଲଗୁଡ଼ିକର ବୈଷୟିକ ବିଶେଷତା, ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତାକୁ ଆବିଷ୍କାର କରିଛି। ଏହା ଗୁରୁତ୍ୱ ଦେଉଛି ଯେ, ଉଭୟ ଟେକ୍ନୋଲୋଜି ଉନ୍ନତ ମୂଲ୍ୟ ପ୍ରଦାନ କରୁଛନ୍ତି, ସେମାନଙ୍କ ଅନୁକୂଳତା ସ୍ଥାନ-ନିର୍ଦ୍ଦିଷ୍ଟ ଓ ପ୍ରକଳ୍ପ-ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡ଼ିକ ଉପରେ ନିର୍ଭର କରୁଛି।

# ବିଓଏମ୍‌ର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ



**ଭୁବନେଶ୍ୱର, ୨୭।୯**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ -୨୦୨୫ ଅନ୍ତର୍ଗତ 'ସ୍ୱଚ୍ଛୋତ୍ସବ', ଏକ୍‌ଦିନ୍, ଏକ୍‌ଘଣ୍ଟା, ଏକ୍‌ସାଥ୍-ଶ୍ରମଦାନ' ବିଷୟ ସମ୍ପର୍କିତ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକର ଜଗତ୍‌ପୁର, ଭୁବନେଶ୍ୱର ନୀଳାଦ୍ରିବିହାରର ରାଧାକୃଷ୍ଣ ମନ୍ଦିର ପାର୍କ, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ସ୍ଥାନରେ ଏହି ସଫେଇ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଦିଲୀପ କୁମାର ରାଉଳ ଏବଂ ଉପ-ଅଞ୍ଚଳ ମୁଖ୍ୟ ସଞ୍ଜୀବ କୁମାର ଦାଶଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


## ଜନ୍ମଦିନ ଶୁଭେଚ୍ଛା



**ସଙ୍ଘମିତ୍ରା ପାତ୍ର**
୪୨ ମୌଜା, କଟକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନ ସୁଖମୟ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ: ତୋର ବାପା, ବୋଉ, ନନା, ପାପା, ତିତ୍‌ଲି, ପାପା, ମାମା, ଛୁଆପାପା, ତୋର ବଡ଼ଭାଇ ଓ ସାନଭାଇ, ଅଜା, ଆଈ
ଧ-୨୧୫୨


# ଦୁର୍ଗାପୂଜା ପାଇଁ ଭି-ଗାର୍ଡର ମେଗା ଅଫର

**ଭୁବନେଶ୍ୱର, ୨୭।୯**

ଦୁର୍ଗାପୂଜା ଅବସରରେ ଭି-ଗାର୍ଡ ପକ୍ଷରୁ ମେଗା ଅଫର ଘୋଷଣା କରାଯାଇଛି। ସମସ୍ତ ପ୍ରଡକ୍ଟରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ ସହ ପ୍ରତି ୫,୦୦୦ ଟଙ୍କା କ୍ରୟରେ ମିଳିବ ଗିଫ୍ଟ କୁପନ ଏବଂ କୁପନ ସହ ସ୍କ୍ରାଚ୍‌କରି ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ମଧ୍ୟ ରହିଛି। ଏକ୍ସଚେଞ୍ଜ ଅଫରରେ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ସଞ୍ଚୟ କରିପାରିବେ। କଟକ କେଉଟସାହି, ଚୌଧୁରୀ ବଜାରଠାରେ ଥିବା ଭି-ଗାର୍ଡ ଏକ୍ସକ୍ଲୁସିଭ ଷ୍ଟୋର ଶ୍ରୀ ସାଇ ଇଲେକ୍ଟ୍ରିକାଲ୍ସରେ ଫ୍ୟାନ୍, ଗିଜର, ବ୍ୟାଟେରି, ଇନ୍‌ଭର୍ଟର, ଗ୍ୟାସ୍ ଚୁଲା, କିଚେନ ଚିମନି, ଇଣ୍ଡକ୍ସନ ଏବଂ ମିକ୍ସର ଗ୍ରାଇଣ୍ଡର ଆଦି ପ୍ରଡକ୍ଟ ଉପଲବ୍ଧ ହେଉଛି । ଏହି ମେଗା ଅଫରର ଲାଭ ଗ୍ରାହକ ଅକ୍ଟୋବର ୧୦ ମଧ୍ୟରେ ନେଇପାରିବେ ବୋଲି ଶ୍ରୀସାଇ ଇଲେକ୍ଟ୍ରିକାଲ୍ସର ମୁଖ୍ୟ ସୋହନ ଅଗ୍ରୱାଲ କହିଛନ୍ତି।

# ଜିନ୍ଦଲ ଷ୍ଟିଲ୍‌କୁ ଆୱାର୍ଡିଂ ବଡି ମାନ୍ୟତା



**ଭୁବନେଶ୍ୱର,୨୭।୯**

ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ମନ୍ତ୍ରାଳୟ ଅଧୀନ ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପରିଷଦ (ଏନସିଭିଇଟି) ଦ୍ୱାରା ଜିନ୍ଦଲ ଷ୍ଟିଲ୍‌କୁ ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା (ଆୱାର୍ଡିଂ ବଡି) ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହା କମ୍ପାନୀର ଦକ୍ଷତା ଶିକ୍ଷା ଓ ଭାରତୀୟ ଇସ୍ପାତ କ୍ଷେତ୍ରରେ ନେତୃତ୍ୱକୁ ଦର୍ଶାଉଛି। ଏନ୍‌ସିଭିଇଟି ଓ ଜିନ୍ଦଲ ଷ୍ଟିଲ୍ ମଧ୍ୟରେ ଏକ ଚୁକ୍ତି ହୋଇଛି, ଯାହା କମ୍ପାନୀକୁ ସମଗ୍ର ଭାରତରେ ପୁରସ୍କାର ଦାତା ସଂସ୍ଥା ଭାବେ କାମ କରିବାର ଅଧିକାର ଦେଇଛି। ଏହା ଜିନ୍ଦଲ ଷ୍ଟିଲ୍‌କୁ ଉଦ୍ୟୋଗ ଅନୁଯାୟୀ ଦକ୍ଷତା କାର୍ଯ୍ୟକ୍ରମ ତିଆରି କରିବା ଓ ଭବିଷ୍ୟତ କର୍ମୀଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତି ଅଧୀନରେ ସମସ୍ତ ତାଲିମ ଓ ଯୋଗ୍ୟତାକୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ କ୍ରେଡିଟ୍ ମିଳିବ। ଏହା ଶିକ୍ଷା ଓ ଚାକିରି ମଧ୍ୟରେ ବ୍ୟବଧାନ ଦୂରକରିବ ଏବଂ ଦେଶର ସବୁଜ ଶକ୍ତି ଓ ଆଧୁନିକ ଭିତ୍ତିଭୂମି ବିକାଶରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଦିଆଯାଉଥିବା ସାର୍ଟିଫିକେଟ୍ ବିଶ୍ୱବ୍ୟାପୀ ଗ୍ରହଣୀୟ ହେବ। ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏନ୍‌ସିଭିଇଟି ଦ୍ୱାରା ଆୱାର୍ଡିଂ ବଡି ଭାବେ ମାନ୍ୟତା ପାଇବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏହା ଆମକୁ ଯୁବକମାନଙ୍କୁ ଉଦ୍ୟୋଗ ଅନୁଯାୟୀ ଶିକ୍ଷା ଓ ଦକ୍ଷତା ଦେଇ ଦେଶ ଗଠନରେ ସାହାଯ୍ୟ କରିବ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରଞ୍ଜନ କୁମାର ସ୍ୱାଇଁ (କୁନା)**
ଆବିର୍ଭାବ: ୨୩/୦୩/୧୯୬୨ | ତିରୋଧାନ: ୨୨/୦୯/୨୦୨୦

ଚାହୁଁ ଚାହୁଁ ଆସି ପାଞ୍ଚ ବର୍ଷ ହୋଇଗଲା । ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ । ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ । ତୁମର ତ୍ୟାଗ, ନିଷ୍ପାପର ସେବା, ପରକୁ ଆପଣାର କରିବା ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଗ୍ରାମବାସୀ ସମସ୍ତେ ତୁମକୁ ମନେ ପକାଉଛନ୍ତି । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବୋଉ, ସ୍ତ୍ରୀ, ସାନ ଭାଇ, ଭାଇ ବୋହୂ, ଭଉଣୀ-ଭିଣୋଇ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ଡ୍ରାମା କଳାକାର ବୃନ୍ଦ ବନ୍ଧୁ ଓ ପରିବାରବର୍ଗ ଓ ଅଟଳା ଗ୍ରାମବାସୀ ବୃନ୍ଦ ।
ଧ-୭୬୮୫୭

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଅଲେଖ ଚନ୍ଦ୍ର ପଣ୍ଡା**
କୁଞ୍ଜପଦା, ବନମାଳୀପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ତା୧୬।୧୨।୧୯୪୮
ତିରୋଧାନ: ତା୨୨।୦୯।୨୦୨୦

ଆପଣ ଥିଲେ ଆମ ପାଇଁ ଆଦର୍ଶ ଓ ପ୍ରେରଣାର ସ୍ରୋତ । ଏମିତି କୌଣସି ଦିନ ନାହିଁ ଯେଉଁ ଦିନ ଆପଣ ମନେପଡ଼ି ନାହାଁନ୍ତି। ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୧୨୪୨



# Classified Everyday

0674-2580101, 9692975378



## MATRIMONIAL

### GROOM WANTED

ବୟସ 28, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7815055186. D-2148

ବୟସ 29, High School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9668229904. D-2147

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com



## AUTOMOBILE SALE

Voltix E-Scooter Lithium Battery Three Wheeler (For Handicrafts) only 345K.M. running. Brands new for sale. Contact: 9090533314. D-60986



## REAL ESTATE SALE

ପୁରୀ ବାଟମଙ୍ଗଳା ସମ୍ମୁଖ 200 ଫୁଟ Bypass ରୋଡ୍ ପାଖରେ ଅତିଶୀଘ୍ର ଘର କରିବା ଯୋଗ୍ୟ ପ୍ଲଟ୍ ଡିସିମିଲକୁ 12 ଲକ୍ଷ୍ୟ ଟଙ୍କା। ଯୋଗାଯୋଗ-9438109040/ 8144658008. D-2134

**1600sqft. new simplex House for ready to sale at Gopinathpur Nuasahi, Balugaon. Mob- 9938639685.** D-2146

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941

**Commercial cum residential plot, Gharabari with compoundwall touching to NH-316 road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30= 2400sqft. highland from road level. @ 2750/- per sqft. 7809525452.** D-76594

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

## AFFIDAVIT

I, Chinmayee Biswal, W/o Surajit Biswal, resident of PP-56, Pandav Nagar, Bhubaneswar– 751018, Dist: Khordha, Odisha declare by this affidavit No.1814 Dtd.- 26.09.2025 that now onwards I shall be known as Chinmayee Nayak for all future purposes.
CHINMAYEE NAYAK
D-2151

By virtue of an affidavit sworn before Executive Magistrate, Bhubaneswar, dated 20.09.2025, I, **Sambit Bhuyan,** Address- Plot- 91, Satya Nagar, Bhubaneswar, Khordha, Odisha- 751007 declare that I have changed the name of my daughter from **KANISHKA BHUYAN** to **KANISHKA KAMAL.** Henceforth, she shall be known as **KANISHKA KAMAL** for all purposes.
**SAMBIT BHUYAN**
D-2140

I, Mohammad Tauheed Alam, S/o- Mohammad Tahir Hussain, R/o- Raza Nagar, P.O.- Motijharan, P.S.- Dhanupali, Dist.- Sambalpur- 768001, Odisha declare by this affidavit No.- 3313, dated- 24.09.2025, that now onwards I shall be known as "MOHD TAUHEED ALAM" for all future purposes. D-2149

By virtue of an affidavit sworn before Executive Magistrate, Sadar, Cuttack No.- 8320, dated 06.12.2024, I, Jumena Swain, W/o- Late Bhramarabar Swain, At- Korakora, P.O.- Brahmanda, P.S.- Govindpur, Dist.- Cuttack, PIN- 754003 declare that I have changed my name from Jhumuri Swain to Jumena Swain. Henceforth, I shall be known as Jumena Swain for future purposes. D-2142

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର
ସି.ଏସ୍. ନଂ.-୧୦୨/୨୦୨୪
ଶ୍ରୀମତୀ ହରପ୍ରିୟା ମିଶ୍ର ....ବାଦୀ
ବନାମ
ରେଣୁପ୍ରଭା ମହାପାତ୍ର ଓ ଅନ୍ୟମାନେ ....ପ୍ରତିବାଦୀ
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ପ୍ରତିବାଦୀ ନଂ-୨ ହରପ୍ରିୟା ମିଶ୍ର, ସ୍ୱାମୀ- ହୃଷୀକେଶ ମିଶ୍ର, ସା/ପୋ- ଡିମିରି, ଥାନା-କଣାସ, ଜିଲ୍ଲା- ପୁରୀ, ପିନ୍-୭୫୨୦୧୭ ।

ଏତଦ୍ୱାରା ପ୍ରତିବାଦୀ ନଂ.-୨ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀଙ୍କ ନିମ୍ନୋକ୍ତ ଜମିକୁ ପ୍ରତିବାଦୀ ନଂ.-୨ ଚକ୍ରାନ୍ତ କରି ବିକ୍ରୟ ଦଲିଲ ପ୍ରସ୍ତୁତ କରିଥିବାରୁ ଉକ୍ତ ଦଲିଲକୁ ଖାରଜ କରିବା ତଥା ଦାବି ସ୍ୱତ୍ୱ, ଅଧିକାର ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ଘୋଷଣା ନିମନ୍ତେ ବାଦୀ ପ୍ରତିବାଦୀଙ୍କ ବିରୁଦ୍ଧରେ ସି.ଏସ୍. ନଂ.- ୧୦୨/୨୦୨୪ ମୋକଦ୍ଦମା ମାନ୍ୟବର ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର ଦାଏର କରିଛନ୍ତି। ଉକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକ ଏବଂ କୋର୍ଟ ପ୍ରୋସେସ ସର୍ଭରଙ୍କ ମାଧ୍ୟମରେ ନୋଟିସ ଜାରି ହୋଇଥିଲା। ତେଣୁ ଉକ୍ତ ନୋଟିସ ସଠିକ ଠିକଣା ନ ପାଇବାରୁ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।
ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା୮।୧୦।୨୫ରିଖ ପୂର୍ବାହ୍ନ ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ମୌଜା- ଶଙ୍କରପୁର, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା ନଂ.-୫୫, (ହାଲ୍ ଥାନା- ଖଣ୍ଡଗିରି), ହାଲ୍ ଖାତା ନଂ.- ୨୦୩୬, ହାଲ୍ ପ୍ଲଟ୍ ନଂ.- ୩୦୩୩, ରକବା- ଏ୦.୦୫୦ଡି., କିସମ- ଶାରଦ ତିନି, ଚକ୍ରାନ୍ତ ମ୍ୟୁଟେସନ ଖାତା ନଂ.- ୨୦୭୪/୧୬୮୯, ପ୍ଲଟ୍ ନଂ.-୩୦୩୩, ରକବା ଏ୦.୦୫୦ଡି. ଯାହାର ସାବକ ଖାତା ନଂ.- ୧୩୯, ପ୍ଲଟ୍ ନଂ.- ୧୨୦୨, କ୍ରୟ ବୃତ୍ତି ରକବା ଏ୦.୦୪୯ଡି. ଯାହାର ସାବକ ମ୍ୟୁଟେସନ ଖାତା ନଂ.- ୩୬୫/୧୫୦, ପ୍ଲଟ୍ ନଂ.-୧୨୦୨/୧୫୪୧, ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୨ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।
ଭୁବନେଶ୍ୱର
ତା.୨୬।୦୮।୨୦୨୫
ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଧ-୨୧୫୦



ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଶନିବାର ଆୟୋଜିତ ସେବା ପର୍ବ-୨୦୨୫ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ୬୦ ହଜାର କୋଟି ଟଙ୍କା ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଇଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ।



ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟବର୍ଗଙ୍କୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଶନିବାର ୫୦,୦୦୦ ହିତାଧିକାରୀଙ୍କୁ ଏକକାଳୀନ କାର୍ଯ୍ୟାଦେଶ ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।



ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଆୟୋଜିତ ସେବା ପର୍ବ-୨୦୨୫ରେ ଯୋଗଦେବାକୁ କାର୍‌କେଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି।


କାର୍ଯ୍ୟକ୍ରମସ୍ଥଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଏବଂ ସୁରଟ୍ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।


କର୍ଣାଟକ ଉଡୁପିରୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି କାର୍ଯ୍ୟକ୍ରମସ୍ଥଳରେ ଉତ୍ସାହ ଭରିଦେଇଛନ୍ତି।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

# ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍

**ଏସିଆ କପ୍**

ଦୁବାଇ,୨୭।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍ଟେଜ୍ ଟାଇଟଲ ଲଢ଼େଇରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ୧୯୮୪ରେ ଆରମ୍ଭ ହୋଇଥିବା ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଫାଇନାଲରେ ପ୍ରଥମଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ତେବେ ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ଯଦି ଭାରତ ରବିବାର ଫାଇନାଲ ଜିତେ, ତେବେ ନବମଥର ପାଇଁ ଟ୍ରଫି ଉଠାଇବ। ଅନ୍ୟପକ୍ଷରେ ପାକିସ୍ତାନ ମାତ୍ର ଦୁଇଥର ଏସିଆ କପ୍ ଜିତିଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଅପରାଜେୟ ରହି ଲଗାତର ୬ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଓପନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂକରି ୨୦୦ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍‌ରେ ୩ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟରେ ସର୍ବାଧିକ ୩୦୯ ରନ୍ କରିଛନ୍ତି। ବୋଲିଂରେ କୁଲ୍‌ଦୀପ ଯାଦବ ସର୍ବାଧିକ ୧୩ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ଲିଗ୍ ଓ ସୁପର-୪ ପର୍ଯ୍ୟାୟରେ ଭାରତଠାରୁ ପରାସ୍ତ ହୋଇଥିବା ପାକିସ୍ତାନ ଅନ୍ୟ ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିଛି। ଏଠାରେ ପାକିସ୍ତାନ ଫାଇନାଲ ଫଳାଫଳରେ ପରିବର୍ତ୍ତନ କରିବା ସହ ୨୦୧୨ ପରେ ପ୍ରଥମଥର ଏସିଆ କପ୍ ଜିତିବା ଲକ୍ଷ୍ୟରେ ରହିଛି। ପାକିସ୍ତାନ ପାଇଁ ବ୍ୟାଟରଙ୍କ ମଧ୍ୟରେ ସାହିବଜାଦା(୧୬୦ ରନ୍) ଓ ଫଖର ଜମାନ(୧୩୫) ଭଲ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ଶାହିନ ଶାହ ଆଫ୍ରିଦୀ ଓ ହାରିସ ରୌଫ୍ ୯ ଲେଖାଏ ଏବଂ ସଇମ ଆୟୁବ ୮ ଉଇକେଟ ନେଇଛନ୍ତି।

ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୧୫ଟି ଟି୨୦ ଖେଳାଯାଇଥିବା ବେଳେ ଭାରତ ୧୨ଥର ବିଜୟୀ ହୋଇଛି। ପାକିସ୍ତାନ ମାତ୍ର ୩ଥର ବିଜୟ ସ୍ୱାଦ ଚାଖିଛି। ଗତ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୭୧ ରନ୍‌ର ଟାର୍ଗେଟ୍‌କୁ ଭାରତ ୪ ଉଇକେଟ ହରାଇ ୭ ବଲ୍ ପୂର୍ବରୁ ହାସଲ କରିନେଇଥିଲା। ଏଣୁ ରେକର୍ଡ ଓ ପ୍ରଦର୍ଶନ ଦୃଷ୍ଟିକୋଣରୁ ଭାରତ ମ୍ୟାଚ୍ ଜିତିବା ଲାଗି ଫେଭରାଇଟ୍। ତେବେ କୌଣସି ଟୁର୍ନାମେଣ୍ଟ ଫାଇନାଲରେ ଭାରତ ଅପେକ୍ଷା ପାକିସ୍ତାନର ପଲା ଭାରି ରହିଛି। ଏହି ଦଳ ଦ୍ୱୟ ମଧ୍ୟରେ ୫ଥର ଫାଇନାଲ ଖେଳାଯାଇଥିବା ବେଳେ ୩ଥର ପାକିସ୍ତାନ ବାଜି ମାରିଛି। ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଓପ୍‌ନର ଅଭିଷେକ ଶର୍ମା ଏବଂ ପାକିସ୍ତାନର ଘାତକ ପେସର ଶାହିନ ଶାହ ଆଫ୍ରିଦୀଙ୍କ ମଧ୍ୟରେ ହେବାକୁ ଥିବା ମୁକାବିଲା ନିର୍ଣ୍ଣାୟକ ହେବ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ କହିଛନ୍ତି।

**ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ୍(ଉପଅଧିନାୟକ), ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମ୍‌ସନ(ଉଇକେଟ୍‌କିପର), ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଯଶ୍‌ପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ/ଅର୍ଶଦୀପ ସିଂ।

**ପାକିସ୍ତାନ ଦଳ:** ସାହିବଜାଦା ଫର୍ହାନ, ଫଖର ଜମାନ, ସଇମ ଆୟୁବ, ସଲମାନ ଆଘା (ଅଧିନାୟକ), ହୁସେନ ତାଲତ, ମହମ୍ମଦ ହାରିସ (ଉଇକେଟକିପର), ମହମ୍ମଦ ନୱାଜ, ଫହିମ ଆଶ୍ରଫ, ଶାହିନ ଆଫ୍ରିଦୀ, ହାରିସ ରୌଫ, ଆବ୍ରାର ଅହମ୍ମଦ।

ମ୍ୟାଚ୍ ସମୟ- ରାତି ୮ଟା
ସ୍ଥାନ - ଦୁବାଇ
ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ



## ନକ୍‌ଭି ଉପସ୍ଥିତ ରହିବେ

ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକ୍‌ଭି ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଏସିଆ କପ୍ ଫାଇନାଲରେ ଉପସ୍ଥିତ ରହିବେ। କିନ୍ତୁ ମ୍ୟାଚ୍ ପରବର୍ତ୍ତୀ ଟ୍ରଫି ପ୍ରଦାନ ଉତ୍ସବବେଳେ ଭାରତୀୟ ଦଳର ପ୍ରତିକ୍ରିୟା ଦେଖିବା କୌତୂହଳପୂର୍ଣ୍ଣ ହେବ। ନକଭି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ମଧ୍ୟ ରହିଛନ୍ତି। କୌଣସି ବୋର୍ଡ ମୁଖ୍ୟ ମ୍ୟାଚ୍ ଦେଖିବାକୁ ଆସିବା କିଛି ବଡ଼କଥା ନୁହେଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ଏସିସି ମୁଖ୍ୟ ଥିବାରୁ ଟ୍ରଫି ପ୍ରଦାନ ଉତ୍ସବରେ ତାଙ୍କର ଉପସ୍ଥିତି ନିହାତି ଦରକାର। ଚାମ୍ପିୟନ ଟିମ୍‌ର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିବା ସହ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇବା ତାଙ୍କ ଅଧିକାର। ପାକିସ୍ତାନ ବିପକ୍ଷ ମ୍ୟାଚ୍ ବେଳେ ଭାରତୀୟ ଦଳ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିଲା। ଏଣୁ ବିସିସିଆଇ ଏହାର ଖେଳାଳିଙ୍କୁ ପିସିବି ମୁଖ୍ୟଙ୍କ ସହ ହାତ ମିଳାଇବାକୁ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ତେବେ ନକ୍‌ଭିଙ୍କ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରି ନାହିଁ।

## ଅଭିଷେକ, ହାର୍ଦ୍ଦିକ ଆହତ

ଓପନର ଅଭିଷେକ ଶର୍ମା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶୁକ୍ରବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ କ୍ରାମ୍ପର ସମ୍ମୁଖୀନ ହୋଇ ପଡ଼ିଆରୁ ଚାଲିଯାଇଥିଲେ। ଏପରିକି ପାଣ୍ଡ୍ୟା କ୍ରାମ୍ପ କାରଣରୁ ମାତ୍ର ୧ ଓଭର ବୋଲିଂ କରିଥିଲେ। ସେ ପ୍ରଥମ ଓଭର ବୋଲିଂ କରିବା ପରେ ପଡ଼ିଆରୁ ଯାଇଥିବା ବେଳେ ଅଭିଷେକ ୯.୨ ଓଭରରେ ପଡ଼ିଆ ଛାଡ଼ିଥିଲେ ଏବଂ ସୁପର ଓଭରରେ ବ୍ୟାଟିଂ କରିବାକୁ ମଧ୍ୟ ଓହ୍ଲାଇ ନ ଥିଲେ। ଏଥିଯୋଗୁ ସୁପର ଓଭରରେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ସହ ଶୁବମନ ଗିଲ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି କ୍ରାମ୍ପର ସମ୍ମୁଖୀନ ହେବା ପରେ ଆଇସ୍ ବାଥ ନେଇଥିଲେ। ସେମାନେ ଏବେ କେବଳ ବିଶ୍ରାମ ନେବେ। ପରେ ଖେଳାଳିଙ୍କ ଲାଗି ପୁଲ ସେଶନ ରଖାଯାଇଛି। ସେମାନଙ୍କୁ ମସାଜ୍ ଦିଆଯିବ। ଏଣୁ ସେମାନେ ମ୍ୟାଚ୍ ବେଳକୁ ଫିଟ୍ ହୋଇଯିବେ, ଏହା ଆମେ ଆଶା ରଖିଛୁ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ରଶ୍ମିକା-କପିଳଙ୍କୁ ସ୍ୱର୍ଣ୍ଣ



**ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍**

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଟପ୍-ଟୁ ପୋଡିୟମ ଫିନିଶ କରିଥିବା ବେଳେ ସ୍କିଟ୍ ବିଶାରଦ ରାଇଜା ଧିଲ୍ଲୋଁ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ନିକଟରେ କାଜାଖସ୍ତାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୦ ମିଟର ଏୟାର ପିସ୍ତଲ ମହିଳା ଓ ପୁରୁଷ ସ୍ୱର୍ଣ୍ଣ ଜିତିଥିବା ରଶ୍ମିକା ସହଗଲ ଓ କପିଲ ଯୋଡ଼ି ଏଠାରେ ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ଜିତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି। ଏହି ଯୋଡ଼ି ଟାଇଟଲ ରାଉଣ୍ଡରେ ଅନ୍ୟ ଭାରତୀୟ ଯୋଡ଼ି ବଂଶିକା ଚୌଧାରୀ ଓ ଆଣ୍ଟୋନୀ ଜୋନାଥନ ଗାଭିନଙ୍କୁ ୧୬-୧୦ରେ ହରାଇ ଦେଇଛନ୍ତି। ସ୍ପାନିଶ ଯୋଡ଼ି ଇନେସ ଓର୍ଟେଗା ଇନେସ ଓର୍ଟେଗା କାଷ୍ଟ୍ରୋ ଓ ଲୁକାସ ସାଞ୍ଚେଜ ୧୬-୧୪ରେ ଇରାନର ପାରିମାହ ଆମିରି ଓ ମହମାଦ୍ରେଜା ଅହମଦିଙ୍କୁ ପରାସ୍ତ କରି ବ୍ରୋଞ୍ଜ ଜିତିଥିଲେ।

# ଶୀତଲ, ତୋମାନଙ୍କୁ ସ୍ୱର୍ଣ୍ଣ ପଦକ

**ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍**

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୭।୯ (ପି.ଟି.)

ଭାରତ ଏଠାରେ ଚାଲିଥିବା ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ ଜାରି ରଖିଛି। ଶନିବାର ତୀରନ୍ଦାଜମାନଙ୍କ ପାଇଁ ଭଲ ଦିନ ଥିଲା। ୧୮ବର୍ଷୀୟା ଶିତଲ ଦେବୀ ପ୍ରଥମ ଭାରତୀୟ ଆର୍ମଲେସ୍ ଆର୍ଚର ଭାବେ କମ୍ପାଉଣ୍ଡ ବ୍ୟକ୍ତିଗତ ବିଭାଗରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତୋମାନ କୁମାର ପୁରୁଷ ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଫଳତଃ ଭାରତ ଦୁଇ ବିଶ୍ୱ ଚାମ୍ପିୟନ ସୃଷ୍ଟି କରିବା ସହ ପଦକ ସଂଖ୍ୟା ୫କୁ ବୃଦ୍ଧି କରିପାରିଛି। ଶିତଲ ବିଶ୍ୱର ନମ୍ବର-୧ ତଥା ତୁର୍କୀର ଓଜ୍‌ନୁର କିୟୋର ଗିର୍ଦ୍ଦିଙ୍କୁ ୧୪୬-୧୪୩ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ସହ ଇତିହାସ ପୁସ୍ତକରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଜମ୍ମୁ ଓ କଶ୍ମୀରର ଏହି ତୀରନ୍ଦାଜ ଟୁର୍ନାମେଣ୍ଟରେ ହାତ ବିହୀନ ପ୍ରତିଯୋଗୀ ଥିଲେ। ପ୍ରତିଯୋଗିତାରେ ସେ ତାଙ୍କ ପାଦ ଓ ଥୋଡ଼ିର ସହାୟତା ନେଇଥିଲେ। ଏହା ପୂର୍ବରୁ ଜଣେ ହାତ ବିହୀନ ତୀରନ୍ଦାଜ ୨୦୨୨ରେ ଦୁବାଇ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ସେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ମଟ୍ଟାଟ୍ ଷ୍ଟୁଜ୍‌ମାନ। ଶିତଲ ପୂର୍ବରୁ ତୋମାନ କୁମାରଙ୍କୁ ସାଥୀ କରି ମିକ୍ସଡ ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଗ୍ରେଟ୍ ବ୍ରିଟେନର ଜୋଡି ଗ୍ରିନ୍‌ହାମ୍ ଓ ନାଥାନ ମ୍ୟାକ୍‌କୁଇନ୍‌ଙ୍କୁ ୧୫୨-୧୪୯ରେ ହରାଇ ଦେଇଛନ୍ତି। ସେହିପରି ମହିଳା କମ୍ପାଉଣ୍ଡ ଓପନ ଟିମ୍ ଇଭେଣ୍ଟ ଫାଇନାଲରେ ତୁର୍କୀଠାରୁ ପରାଜିତ ହୋଇ ରୌପ୍ୟ ଜିତିଥିଲେ ଶିତଲ ଓ ସରିତା। ପରେ ଏକ ଅଲ୍-ଇଣ୍ଡିଆନ ଫାଇନାଲରେ ରାକେଶ କୁମାର ଓହରିଯିବାରୁ ତୋମାନ ପୁରୁଷ କମ୍ପାଉଣ୍ଡ ଟାଇଟଲ ଜିତିଥିଲେ। ରାକେଶ ହେଉଛନ୍ତି ଜଣେ ପ୍ୟାରିସ ପାରାଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା। ତାଙ୍କ ଧନୁରେ ଏକ ପୁଲି ସମସ୍ୟା ଦେଖାଦେବାରୁ ୪ଟି ଶଟ୍ ପରେ ସେ ଓହରିଯାଇଥିଲେ। ଫଳତଃ ତୋମାନ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ପଦାର୍ପଣରେ ଚାରି ଉତ୍ତମ ତୀରଚାଳନା ସହ ଟାଇଟଲ ବିଜୟୀ ହୋଇଥିଲେ।

# ସୁନୀଲ ଯୋଶୀ ସ୍ପିନ୍ ବୋଲିଂ କୋଚ୍

ନୂଆଦିଲ୍ଲୀ,୨୭।୯

ଭାରତର ପୂର୍ବତନ ସ୍ପିନର ସୁନୀଲ ଯୋଶୀ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ସ୍ପିନ୍ ବୋଲିଂ କୋଚ୍ ଭାବେ ଅକ୍ଟୋବର ୧ରେ ଯୋଗଦେବେ। ୫୫ ବର୍ଷୀୟ ପୂର୍ବତନ ସ୍ପିନର ନିକଟରେ ଶେଷ ହୋଇଥିବା ଦୁଲୀପ ଟ୍ରଫି ସହ ଜଡ଼ିତ ରହି ଅଷ୍ଟ୍ରେଲିଆ ଏ' ବିପକ୍ଷ ମ୍ୟାଚ୍ ପାଇଁ ଭାରତ ଏ' ସହିତ ଟ୍ରାଭେଲ କରିଥିଲେ। ଯୋଶୀ ସିଓଇରେ ଯୋଗ ଦେଇଥିବାରୁ ପଞ୍ଜାବ କିଙ୍ଗ୍ସକୁ ଜଣେ ନୂଆ ଆସିଷ୍ଟାଣ୍ଟ କୋଚ୍ ଖୋଜିବାକୁ ପଡ଼ିବ। ଆଇପିଏଲ୍ ଛଡ଼ା ଯୋଶୀ ଘରୋଇ କ୍ରିକେଟ୍‌ରେ ଉତ୍ତର ପ୍ରଦେଶ ଦଳର କୋଚ୍ ଓ ବାଂଲାଦେଶର ସ୍ପିନ୍ ବୋଲିଂ ପରାମର୍ଶଦାତା ରହିଥିଲେ। ଯୋଶୀଙ୍କ ପୂର୍ବରୁ ସାଇରାଜ ବାହୁତୁଲେ ସିଓଇରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ ଚଳିତବର୍ଷ ରାଜସ୍ଥାନ ରୟାଲ୍ସ ସହ ଯୋଡ଼ିହେବା ପାଇଁ ନିଜ ପଦରୁ ଇସ୍ତଫା ଦେଇଥିଲେ।

# ଭାରତର ଦ୍ୱିତୀୟ ପରାଜୟ

**ଜୁନିୟର ମହିଳା ହକି**

କାନବେରା, ୨୭।୯(ପି.ଟି.)

ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତର ଜୁନିୟର ମହିଳା ହକି ଦଳ ସେଠାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଦଳ ଅଷ୍ଟ୍ରେଲିଆଠାରୁ ୦-୫ ଗୋଲ୍‌ରେ ପରାଜିତ ହୋଇଛି। ଆୟୋଜକ ଦଳ ତରଫରୁ ମାକେଲା ଜୋନ୍ସ ହାଟ୍ରିକ୍(୧୦ମ, ୧୧ଶ, ୫୨ତମ ମିନିଟ୍) ଗୋଲ୍ ସ୍କୋର କରିଥିବା ବେଳେ ସାମି ଲଭ୍(୩୮ତମ) ଓ ମିଗାଲିୟା ହାୱେଲ(୫୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨-୩ ଗୋଲ୍‌ରେ ପରାଜିତ ହୋଇଥିଲା।

# ନିଖିଳ ଓଡ଼ିଶା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର/ ବ୍ରାହ୍ମଣଝରିଲୋ, ୨୭।୯(ଅନାଦି କର)

କଟକସ୍ଥିତ ଫୁଲନଖରାର ଆମ୍ରପଲ୍ଲୀ ରିର୍ସଟରେ ଶନିବାର ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍ ଆର ନିଖିଳ ଓଡ଼ିଶା ଫିଡେ ରେଟେର୍ଡ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଲିମ୍ପିଆନ ତଥା ଦୌଡ଼ ରାଣୀ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍ ଆର୍ ଚେସ୍ ସେଣ୍ଟର ତରଫରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଜଣ ଅନ୍ତର୍ଜାତୀୟ ରେଟେର୍ଡ ଖେଳାଳିଙ୍କ ସହ ୫୩ ଜଣ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିହୀନ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ଭାଗ ନେଇଛନ୍ତି। ୪ ଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ଶ୍ରୀୟାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ରବିନ୍ଦ୍ର କୁମାର ଓଝା, ସୌୟମ ଲକ୍ଷ୍ମୀଦତ୍ତ ସାବତ୍ତ, ସୁଧୀର ମହାନ୍ତି, ଶ୍ରଦ୍ଧା ସ୍ମରଣିକା ନନ୍ଦଙ୍କ ସହ ୭୦ ଜଣ ଖେଳାଳି ସମ୍ପୂର୍ଣ୍ଣ ୨ ପଏଣ୍ଟ ଲେଖାଏ ଅର୍ଜନ କରି ଶୀର୍ଷରେ ରହିଛନ୍ତି। ଏସ୍.ଆର. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦୂରଦର୍ଶୀର ସମ୍ପାଦକ ତଥା ଯୁବ ସଂଗଠକ ଦୁର୍ଗା ସାମନ୍ତ ରାୟ, ରାଜ୍ୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ଉବେଶ ମହାନ୍ତି, କେନ୍ଦୁଝର ଜିଲା ଚେସ୍ ସଂଘର ସମ୍ପାଦକ ଅମର ମହାନ୍ତି, ସ୍ୱର୍ଗତ ଭାଗ୍ୟଶ୍ରୀଙ୍କ ବାପା ପ୍ରଦୀପ ପଣ୍ଡା ଓ ବଡ଼ ବାପା ପ୍ରତାପ ପଣ୍ଡା ଯୋଗ ଦେଇଥିଲେ। ଆଜିର ପ୍ରଥମ ରାଉଣ୍ଡକୁ କଟକ ଜିଲା ସଂଘ ମେଣ୍ଟର ଚୌଧୁରୀ ପ୍ରଦିମ୍ନ ମିଶ୍ର ଓ ଦ୍ୱିତୀୟ ରାଉଣ୍ଡକୁ ବଲାଙ୍ଗୀର ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଆରମ୍ଭ କରିଥିଲେ। ଏହି ଅବସରରେ କ୍ରୀଡ଼ା ଖବରଦାତା ବେଣୁଧର ଦାଶ ଓ ଅଜୟ ଦାଶଙ୍କୁ କ୍ରୀଡ଼ା ଖବରଦାତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏସ୍ ଆର୍ ଚେସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ଅତିଥି ସମ୍ମାନିତ କରୁଛନ୍ତି।



ନୂଆଦିଲ୍ଲୀସ୍ଥିତ ଜବାହରଲାଲ ଷ୍ଟାଡିୟମରେ ଚାଲିଥିବା ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୫ର ଜାଭେଲିନ୍ ଥ୍ରୋ ଏଫ୍୪୬ ଫାଇନାଲରେ ଥ୍ରୋ କରୁଛନ୍ତି ଉଜ୍‌ବେକିସ୍ତାନର ଶାହିନାଖୋନ ୟିଗିତାଲିଭା।

# ଥେକ୍ରା ଅଲ୍‌କାବିଙ୍କ ବିଶ୍ୱ ରେକର୍ଡ

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ**

ନୂଆଦିଲ୍ଲୀ, ୨୭।୯(ପି.ଟି.)

ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଦିବସରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଅପ୍ରତିଦ୍ୱନ୍ଦ୍ୱୀ ଥେକ୍ରା ଅଲ୍‌କାବି ମହିଳା ୧୦୦ ମିଟର ଟି୭୧ ଫ୍ରେମ୍ ରନିଂ ଇଭେଣ୍ଟରେ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଅଲ୍‌କାବି ୧୯.୮୯ ସେକେଣ୍ଡ ଟାଇମିଂରେ ରେକର୍ଡ ପ୍ରତିଷ୍ଠା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି, ଯେଉଁଥିରେ କି ପ୍ରତିଯୋଗୀମାନେ ଏକ ତିନିଚକିଆ ରନିଂ ଫ୍ରେମ୍ ବ୍ୟବହାର କରିଥିଲେ। ଏଥିରେ ସ୍ୟାଡେଲ ଓ ବଡି ସପୋର୍ଟ ରହିଛି, କିନ୍ତୁ ପ୍ୟାଡେଲ ନାହିଁ। ଚଳିତବର୍ଷ ଜୁଲାଇରେ ଲିଥୁଆନିଆର ବେଲା ମୋର୍କସ ୨୦.୦୮ ସେକେଣ୍ଡ ଟାଇମିଂ ସହ କରିଥିବା ବିଶ୍ୱ ରେକର୍ଡକୁ ୨୩ ବର୍ଷୀୟା ଅଲ୍‌କାବି ଭାଙ୍ଗି ଦେଇଛନ୍ତି। ଶନିବାର ମୋର୍କସ ୨୧.୫୩ ସେକେଣ୍ଡ ଟାଇମିଂ ସହ ରୌପ୍ୟ ଜିତିଥିବା ବେଳେ ପୋଲାଣ୍ଡର ମିରିଆମ୍ ଡୋମିନିକୋସ୍କା ୨୩.୫୬ ସେକେଣ୍ଡ ଟାଇମିଂ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ମହିଳା ୧୦୦ ମିଟର ଟି୭୧ ଇଭେଣ୍ଟରେ ଅଲ୍‌କାବିଙ୍କ ଶ୍ରେଷ୍ଠ ଟାଇମିଂ ୨୩.୫୮ ସେକେଣ୍ଡ ରହିଥିଲା। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସ ଏଫ୍୩୨ କ୍ଲବ ଥ୍ରୋ'ରେ ସେ ଏକ ବ୍ରୋଞ୍ଜ ଜିତିଥିଲେ। ମହିଳା ଲଙ୍ଗଜମ୍ପ ଟି୩୭ରେ ଆଶାନୁରୂପ ବିଶ୍ୱ ରେକର୍ଡ ଅଧିକାରିଣୀ ଚାଇନାର ୱେନ୍ ଜିଆଓୟାନ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ୫.୩୨ ମିଟର ଜମ୍ପକରି ଏକ ମିଟ୍ ରେକର୍ଡ କରିଛନ୍ତି। ଏହା ପୂର୍ବରୁ ମିଟ୍ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଥିଲା। ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣରେ ୫.୨୨ ମିଟର ଜମ୍ପକରି ସେ ମିଟ୍ ରେକର୍ଡ କରିଥିଲେ। ତାଙ୍କ ନାମରେ ଆହୁରି ମଧ୍ୟ ବିଶ୍ୱ ରେକର୍ଡ ରହିଛି। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସରେ ୫.୪୫ ମିଟର ସହ ସେ ଏହି ରେକର୍ଡ କରିଥିଲେ। ମରିସସ୍‌ର ଆନାଇସ୍ ଆଞ୍ଜେଲିନ୍ ୪.୫୯ ମିଟର ସହ ରୌପ୍ୟ ପଦକ ଲାଭ କରିଥିବା ବେଳେ ଆମେରିକାର ଜାଲିନ୍ ରବର୍ଟ୍ସ (୪.୫୩ ମିଟର) ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସର ନୋଏଲି ରୁଡ୍ରା ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଏଫ୍୪୬ ଶ୍ରେଣୀ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଶ୍ରେଷ୍ଠ ପ୍ରୟାସ ୪୩.୭୩ ମିଟର ରହିଥିବା ବେଳେ ଉଜ୍‌ବେକିସ୍ତାନର ଶାହିନାଖୋନ୍ ଇଜିଟାଲିଭା ଓ ଗ୍ରେଟ୍ ବ୍ରିଟେନ୍‌ର ହୋଲି ଆର୍ନୋଲ୍ଡ ଯଥାକ୍ରମେ ୪୧.୯୭ ଓ ୪୧.୯୪ ମିଟର ସହ ରୌପ୍ୟ ଏବଂ ବ୍ରୋଞ୍ଜ ଜିତିଥିଲେ। ଭାରତର ଭାବନା ସିଂ ଏହି ଇଭେଣ୍ଟରେ ୩୫.୩୪ ମିଟର ଥ୍ରୋ ସହ ୮ମ ସ୍ଥାନରେ ରହିଥିଲେ।



## ଭାରତର ପଦକ ଖାତା ଖୋଲିଲେ ଶୈଳେଶ



ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଭାରତର ପଦକ ଖାତା ଖୋଲିଛନ୍ତି ଶୈଳେଶ କୁମାର ଓ ବରୁଣ ସିଂ ଭଟି। ଶନିବାର ଅନୁଷ୍ଠିତ ପୁରୁଷ ହାଇଜମ୍ପ ଟି୬୩ ଇଭେଣ୍ଟରେ ଏହି ଦୁଇ ଆଥଲେଟ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଛନ୍ତି। ୨୫ବର୍ଷୀୟ ଶୈଳେଶ ଟି୪୨ କାଟେଗୋରିରେ ୧.୯୧ମିଟର ପ୍ରୟାସ ସହ ପୋଡିୟମ ଟପ୍‌ରେ ରହି ଚାମ୍ପିୟନଶିପ୍ ରେକର୍ଡ ଓ ଏସିଆନ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବତନ ପାରା ଏସିଆନ ଗେମ୍ସ ପଦକ ବିଜେତା ଭଟି ବ୍ରୋଞ୍ଜ ଜିତିଥିବା ବେଳେ ଅଲିମ୍ପିକ ଚାମ୍ପିୟନ ଆମେରିକାର ଇଜ୍ରା ଫ୍ରେଚ୍ ରୌପ୍ୟ ଲାଭ କରିଛନ୍ତି। ଉଭୟେ ଭଟି ଓ ଫ୍ରେଚ୍‌ଙ୍କ ଶ୍ରେଷ୍ଠ କ୍ଲିୟରାନ୍ସ ୧.୮୫ ମିଟର ରହିଥିଲା। ମାତ୍ର ଆମେରିକୀୟ ଜଣକ କାଉଣ୍ଟ ବ୍ୟାକ୍‌ରେ ଭାରତୀୟଙ୍କୁ ପରାସ୍ତ କରିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ତୃତୀୟ ଭାରତୀୟ ରାହୁଲ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧.୭୮ମିଟର ସହ ଚତୁର୍ଥ ସ୍ଥାନରେ ରହିଥିଲେ।

# ପୂଜାରେ ଫଟୋଶୁଟ୍

## ନ ହେଉ ଚିନ୍ତାର କାରଣ

ମା'ଙ୍କ ଆଗମନରେ ଏବେ ସବୁଆଡ଼େ ଉତ୍ସବମୁଖରା। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଶପିଂ କରିବା, ବିଭିନ୍ନ ସ୍ଥାନରେ ଆୟୋଜିତ ଦାଣ୍ଡିଆ ନାଇଟ୍ସରେ ଡ୍ୟାନ୍ସ କରିବାକୁ ସମସ୍ତେ ତତ୍ପର। ତା'ସହ ଏସବୁର ଫଟୋ ଏବଂ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଅଧିକାଂଶଙ୍କ ଭିତରେ ବେଶି କ୍ରେଜ୍। ହେଲେ କେବେକେବେ ଏହି ଖୁସି ଭିତରେ ଟେନ୍ସନ୍ ବଢ଼ାଇଦିଏ ମୋବାଇଲ୍ ଚୋରି। ତେଣୁ ପୂଜାରେ ଫଟୋଶୁଟ୍ କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...



ବର୍ତ୍ତମାନ ଅଧିକାଂଶଙ୍କଠାରେ, ବିଶେଷକରି ଯୁବପିଢ଼ିଙ୍କଠାରେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବା, ଅଧିକ ଲାଇକ୍, କମେଣ୍ଟ ପାଇବା ଲାଗି ଫଟୋ, ଭିଡିଓ ଏବଂ ରିଲ୍ସ କରିବା ନିଶା ଘାରିଛି। ଯେଉଁଥିପାଇଁ ପୂଜାରେ ଫଟୋ, ଭିଡିଓ ଆଦି କରିବାକୁ ସେମାନେ ବେଶ୍ ଉତ୍କଣ୍ଠିତ। ହେଲେ ବର୍ତ୍ତମାନ ପୂଜାମଣ୍ଡପଗୁଡ଼ିକରେ ଅଧିକ ଗହଳି ଥିବାରୁ ମୋବାଇଲ୍ ଫୋନ୍ ଚୋରି ଆଶଙ୍କା ଅଧିକ। ତେଣୁ ଏହି ଫେଷ୍ଟିଭ୍ ସିଜନ୍‌ରେ ନିଜ ମୋବାଇଲ୍‌କୁ ସୁରକ୍ଷିତ ରଖିବା ଲାଗି କେତୋଟି କଥା ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

– ପୂଜା ପେଣ୍ଡାଲ୍‌ରେ ଗହଳିର ସୁଯୋଗ ନେଇ ଲୁଟେରାମାନେ ମୋବାଇଲ୍ ଚୋରି ଅଧିକ କରିଥା'ନ୍ତି। ଫୋନ୍‌ରେ ଫଟୋ କିମ୍ବା ଭିଡିଓ କରୁଥିଲେ ସରିବାମାତ୍ରେ ଫୋନ୍‌କୁ ହାତରେ ନ ଧରି ତୁରନ୍ତ ବ୍ୟାଗ୍ ଭିତରେ ରଖିଦିଅନ୍ତୁ ଏବଂ ବ୍ୟାଗ୍‌କୁ ହାତରେ ଆଗପଟକୁ କରି ରଖନ୍ତୁ। ସେହିପରି ଯୁବକମାନେ ଫୋନ୍‌କୁ ପ୍ୟାଣ୍ଟର ପଛ ପକେଟରେ ଆଦୌ ରଖନ୍ତୁ ନାହିଁ। ଏଥିପାଇଁ ସ୍ଲିଙ୍ଗ୍ ବ୍ୟାଗ୍ କିମ୍ବା ୱେଷ୍ଟ ବ୍ୟାଗ୍ ବ୍ୟବହାର କରିପାରିବେ।

– ଫୋନ୍‌ରେ ଏକ ରିଷ୍ଟ ଷ୍ଟ୍ରାପ୍ ଲଗାଇବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାଦ୍ୱାରା କୌଣସି କାରଣରୁ ହାତରୁ ଫୋନ୍ ଖସିଗଲେ ତଳେ ପଡ଼ି ନଷ୍ଟ ହେବ ନାହିଁ କିମ୍ବା କେହି ହଠାତ୍ ଛଡ଼ାଇ ନେଇପାରିବେ ନାହିଁ।



## ନିଜେ ସତର୍କ ରହିବା ଜରୁରୀ

**ମୃତ୍ୟୁଞ୍ଜୟ ସ୍ୱାଇଁ** (ଆଇଆଇସି, ମଞ୍ଚେଶ୍ୱର ଥାନା)– ପାର୍ବଣ ଅବସରରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଅଧିକ ଭିଡ଼ ପରିଲକ୍ଷିତ ହେଉଥିବାରୁ ଲୁଟେରାମାନେ ଏହାର ଖୁବ୍ ଫାଇଦା ନେଉଛନ୍ତି। ଗତ କିଛିବର୍ଷ ହେବ ପୂଜା ସମୟରେ ବହୁ ସଂଖ୍ୟାରେ ମୋବାଇଲ୍ ଫୋନ୍ ଚୋରି ଘଟଣା ନଜରକୁ ଆସିଛି। ଯେହେତୁ ସେଲ୍‌ଫି ନେବା କିମ୍ବା ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ଏବେ ସଭିଙ୍କର ବିଶେଷକରି ଯୁବପିଢ଼ିଙ୍କ ଠାରେ ଅଧିକ ଦେଖିବାକୁ ମିଳୁଛି, ଏମିତିରେ ସେମାନଙ୍କ ଫୋନ୍ ଚୋରି ହେବା ଆଶଙ୍କା ବେଶି ବଢ଼ିଯାଉଛି। ତେଣୁ ନିଜେ ସତର୍କ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଫଟୋ ଉଠାଇବା ବେଳେ ଫୋନ୍‌କୁ ଭଲ ଭାବେ ଧରିବା ସହ ଉଠାଇ ସାରିଲେ ଏହାକୁ ଠିକ୍ ଭାବେ ରଖିବା ଦରକାର। ଯୁବକମାନେ ପ୍ୟାଣ୍ଟର ପଛ ପକେଟ୍‌ରେ ଫୋନ୍ ରଖିବା ଠିକ୍ ନୁହେଁ, ଏହାଦ୍ୱାରା ଚୋରଙ୍କୁ ପକେଟ୍‌ମାର କରିବା ସହଜ ହୋଇଥାଏ। ସେହିପରି ଯୁବତୀମାନେ ପଛ ପ୍ୟାଣ୍ଟ ପକେଟ୍‌ରେ ଫୋନ୍ ନ ରଖିବା ଭଲ। ଭ୍ୟାନିଟି ବ୍ୟାଗ୍‌ରେ ଫୋନ୍ ରଖୁଥିଲେ ଏହାକୁ ପଛକୁ କିମ୍ବା କଡ଼ରେ ନ ରଖି ଆଗ ପଟକୁ ରଖିବା ଦରକାର। ତେବେ ପୋଲିସ୍ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଣ୍ଡପଗୁଡ଼ିକରେ ୟୁନିଫର୍ମରେ ଏବଂ ସାଦା ପୋଷାକରେ ମଧ୍ୟ ପୋଲିସ୍ ମୁତୟନ କରାଯାଇଛି। ତଥାପି କୌଣସି ଅସୁବିଧା ହେଲେ ତୁରନ୍ତ ସହାୟତା ପାଇଁ ପ୍ରତ୍ୟେକ ଥାନା ନମ୍ବର ଏବଂ କଣ୍ଟ୍ରୋଲ ନମ୍ବରରେ ତୁରନ୍ତ ଯୋଗାଯୋଗ କରିପାରିବେ। ତେବେ କେବଳ ମୋବାଇଲ୍ ଫୋନ୍ ନୁହେଁ, ସୁରକ୍ଷା ଦୃଷ୍ଟିରୁ ପୂଜା ସମୟରେ ଗହଳି ଅଧିକ ଥିବାରୁ ସୁନା କିମ୍ବା କୌଣସି ଦାମୀ ଗହଣା ନ ପିନ୍ଧିବାକୁ ଏବଂ ପାଖରେ ଅଧିକ କ୍ୟାଶ୍ ନ ରଖି ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବାକୁ ମଧ୍ୟ ବାରମ୍ବାର ସଚେତନ କରାଯାଉଛି।





**ଧ୍ୟାନ ଦିଅନ୍ତୁ:** ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ବି କେବେକେବେ ମୋବାଇଲ୍ ଚୋରି ହୋଇଯାଏ। ଯେହେତୁ ମୋବାଇଲ୍‌ରେ ଫଟୋ, ଭିଡିଓ, କଣ୍ଟାକ୍ଟ ନମ୍ବର ଭଳି ସମସ୍ତ ପର୍ସନାଲ୍ ଡାଟା ଏବଂ ବ୍ୟାଙ୍କ୍ ଡିଟେଲ୍ସ ଆଦି ରହୁଛି, ତେଣୁ ଏହା ଚୋରି ହୋଇଗଲେ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜିପାରେ। ତେଣୁ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ନିହାତି ଜାଣିରଖିବା ଦରକାର...

**ଗୁଗୁଲ୍ ଆଇଡି ଡିଟେଲ୍ସ ରଖନ୍ତୁ:** ସାଧାରଣତଃ ଫୋନ୍‌ରେ ଗୁଗୁଲ୍ ଆଇଡି ସେଟ୍ କରିବା ପରେ ଆମେ ଏହା ସମ୍ବନ୍ଧିତ ସୂଚନା ଯେପରି ଆଇଡି, ପାସ୍‌ୱାର୍ଡ ଆଦି ମନେ ରଖି ନ ଥାଉ। ଯଦ୍ୱାରା ଫୋନ୍ ଚୋରି ହେଲେ ଏହା ମିଳିବା କଷ୍ଟ ହୋଇଥାଏ। ତେଣୁ ଏସବୁ ଡିଟେଲ୍ସ ସବୁବେଳେ ଲେଖି ରଖିବା ଦ୍ୱାରା ଯଦି କୌଣସି କାରଣରୁ ଫୋନ୍ ଚୋରି ହୁଏ, ତେବେ ଅନ୍ୟ ଫୋନ୍‌ରୁ ଏହାକୁ ଆକ୍ସେସ୍ କରି ତୁରନ୍ତ ଫୋନ୍‌ରୁ ଆଇଡି ଲଗ୍‌ଆଉଟ୍ କରି ନିଜ ପର୍ସନାଲ୍ ଡାଟାକୁ ସୁରକ୍ଷିତ ରଖିପାରିବେ।

## କ'ଣ କୁହନ୍ତି ଏମାନେ...

### ସତର୍କତା ଅବଲମ୍ବନ କରିବି



**ପାର୍ଥସାରଥୀ ସାମନ୍ତରାୟ**(ଖୋର୍ଦ୍ଧା)– ଗତ ଦୁଇ ବର୍ଷ ହେବ ୟୁଟ୍ୟୁବ୍ ଚ୍ୟାନେଲ୍ କରି ବିଭିନ୍ନ ଭ୍ଲଗ୍ କରୁଛି। ଚଳିତବର୍ଷ ଭୁବନେଶ୍ୱର ଓ କଟକ ଦୁର୍ଗା ପୂଜା ସମେତ ଖୋର୍ଦ୍ଧା ପ୍ରସିଦ୍ଧ ଲକ୍ଷ୍ମୀପୂଜା ଶୁଟ୍ କରିବା ଯୋଜନା କରିଛି। ସାଙ୍ଗସାଥିଙ୍କ ସହ ପୂଜାମଣ୍ଡପ ବୁଲାବୁଲିର ମୋବାଇଲ ଭିଡିଓ ଶୁଟ୍ କରିବି। ହେଲେ ଗତ କିଛି ବର୍ଷ ପୂଜା ମଣ୍ଡପରେ ଯେଉଁ ଭଳି ମୋବାଇଲ୍ ଚୋରୀ ଘଟଣା ଶୁଣିବାକୁ ମିଳିଛି ସେଥିପାଇଁ ବିଶେଷ ଭାବେ ସତର୍କତା ଅବଲମ୍ବନ କରିବି। ଦୂରରୁ ଭିଡିଓରେ କ୍ଲାରିଟି ରହୁ ନ ଥିବାରୁ ଭିଡରେ ପେଣ୍ଡାଲ୍ ପାଖକୁ ଯାଇ ଶୁଟ୍ କରିବା ବେଳେ ଯଥା ସମ୍ଭବ ସତର୍କ ରହିବି। ସେଲ୍ଫି ଷ୍ଟିକ୍ ବ୍ୟବହାର କରିବି ଏବଂ ଶୁଟିଂ ସରିବା ମାତ୍ରେ ଫୋନ୍‌କୁ ପକେଟ୍‌ରେ ନ ରଖି ବ୍ୟାଗ୍‌ରେ ରଖିବି, ଯାହାଦ୍ୱାରା ଚୋରୀ ରିସ୍କ ରହିବ ନାହିଁ ବୋଲି ମୋର ଆଶା।

### ସୁରକ୍ଷା ପାଇଁ ୱେଷ୍ଟ ବ୍ୟାଗ୍ ଭଲ ଅପ୍ସନ



**କାଜଲ ଅଗ୍ରୱାଲ**( ବରଗଡ)– ପାର୍ବଣ ଋତୁ ଆସିଲେ ମା'ଙ୍କ ଆଗମନରେ ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଯାଏ। ସବୁଠି ଉତ୍ସବମୁଖର ହୋଇଉଠେ। ଏ ସମୟରେ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ଆଉ ଦାଣ୍ଡିଆ ନାଇଟ୍ସ ଏଞ୍ଜୟ କରିବାକୁ ମୋତେ ବହୁତ ଭଲ ଲାଗେ। ଆଉ ଏସବୁ ମୁହୂର୍ତ୍ତକୁ ମୁଁ ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ପୋଷ୍ଟ ବି କରେ। ହେଲେ ଏହି ଖୁସି ଭିତରେ ଟେନ୍‌ଶନ୍ ବଢାଇଦିଏ ବିଭିନ୍ନ ଚୋରି ଖବର। ଏପରି ଅସୁବିଧାର ସମ୍ମୁଖିନ ନ ହେବା ଲାଗି ଗହଳି ସ୍ଥାନକୁ ଯିବା ବେଳେ ମୋବାଇଲ୍ ରଖିବା ଲାଗି ୱେଷ୍ଟ ବ୍ୟାଗ୍ ବ୍ୟବହାର କରିବି। ଦୁର୍ଭାଗ୍ୟବଶତଃ ଏପରି କେବେ ହେଲେ ପର୍ସନାଲ୍ ଡାଟା ସୁରକ୍ଷିତ ରଖିବା ଲାଗି ମୋବାଇଲ୍‌ରେ ସେଫ୍ଟି ଆପ୍ ବି ଇନ୍‌ଷ୍ଟଲ୍ କରି ରଖିଛି। ମୋ ମତରେ କେବଳ ପୂଜା ସମୟରେ ନୁହେଁ ମୋବାଇଲ୍ କୌଣସି କାରଣରୁ ଚୋରୀ ଅବା ହଜିଗଲେ ଯେପରି କେହି ଏହାର ମିସ୍‌ୟୁଜ୍ ନ କରନ୍ତି ସେଥିପାଇଁ ସମସ୍ତେ ସେଫ୍ଟି ଆପ୍ ବ୍ୟବହାର କରିବା ଦରକାର।

**ଇଏମ୍‌ଇଆଇ ନମ୍ବର ଜାଣିବା ଜରୁରୀ:** ଆପଣ ଯେଉଁ ଫୋନ୍ ବ୍ୟବହାର କରୁଛନ୍ତି, ତା'ର ଇଏମ୍‌ଇଆଇ ନମ୍ବର ନିହାତି ଜାଣିବା ବା ଲେଖିରଖିବା ଦରକାର। ଯଦ୍ୱାରା ଫୋନ୍ ଚୋରି ହୋଇଗଲେ ପୋଲିସ୍ ଏହା ସାହାଯ୍ୟରେ ଆପଣଙ୍କ ଫୋନ୍ ଟ୍ରାକ୍ କରି ଖୋଜିପାରିବେ। ଏହାକୁ ଜାଣିବା ପାଇଁ ନିଜ ଫୋନ୍‌ର ସେଟିଂରେ ଥିବା ଏବାଉଟ୍ ଅପ୍ସନ୍‌କୁ କ୍ଲିକ୍ କରି ଇଏମ୍‌ଆଇ ନମ୍ବର ଓପନ୍ କରନ୍ତୁ ଏବଂ ଏହାକୁ ଲେଖିରଖନ୍ତୁ। ଏହାଦ୍ୱାରା ଫୋନ୍ ଟ୍ରାକ୍ ରହିବା ସହ ଡିଭାଇସ୍‌କୁ ବ୍ଲକ୍ ମଧ୍ୟ କରିପାରିବେ।

**ଫାଇଣ୍ଡ ମାଇଁ ଡିଭାଇସ୍:** ଗୁଗୁଲ୍ ଦ୍ୱାରା ପ୍ରସ୍ତୁତ ଏହି ଆପ୍ ଦ୍ୱାରା ଅନ୍ୟ ଏକ ଫୋନ୍‌ରେ ନିଜ ଆଇଡି ଏବଂ ପାସ୍‌ୱାର୍ଡ ଦେଇ ନିଜ ଚୋରି ହୋଇଥିବା ଫୋନ୍ ଖୋଜିପାରିବେ। ଏହାଦ୍ୱାରା ଫୋନ୍‌ର ଲୋକେଶନ୍, ସେଥିରେ ବର୍ତ୍ତମାନ କେଉଁ ସିମ୍ ପଡ଼ିଛି ଆଦି ଟ୍ରାକ୍ କରିପାରିବେ।

**ହ୍ୟାମର୍ ସିକ୍ୟୁରିଟି ଆପଣାନ୍ତୁ:** ଏହା ଏକ ଖୁବ୍ ସୁରକ୍ଷିତ ଏବଂ ଲୋକପ୍ରିୟ ଆପ୍, ଯାହାକି ମୋବାଇଲ୍‌କୁ ଚୋରି ହେବା ବା ଚୋରକୁ ଧରିବାରେ ସାହାଯ୍ୟ କରିଥାଏ। ଏହି ଆପ୍ ପ୍ଲେ ଷ୍ଟୋରରେ 'ଟ୍ରାକ୍ ଇଟ୍ ଇଭେନ୍ ଇଫ୍ ଇଟ୍ ଇଜ୍ ଅଫ୍' ନାଁରେ ରହିଛି। ଏଥିରେ ଫେକ୍ ସ୍ୱିଚ୍ ଅଫ୍ ଅପ୍ସନ ଏବଂ ଫେକ୍ ଏରୋପ୍ଲେନ୍ ମୋଡ୍ ଅପ୍ସ ରହିଛି। ଫଳରେ ଚୋରି କଲେ ବି ଚୋର ଯେବେ ଏହାକୁ ସ୍ୱିଚ୍ ଅଫ୍ କରିବ କିମ୍ବା ଏରୋପ୍ଲେନ୍ ମୋଡ୍‌ରେ ରଖିବ, ତେବେ ତାହା ଫେକ୍ ଅପ୍ସନ ଦେଖାଇବ ଏବଂ ଫୋନ୍ ଅନ୍ ଅଛି ବୋଲି ସେ ଜାଣିପାରିବ ନାହିଁ। ତା'ଛଡ଼ା ଏଥିରେ ଥିବା ପ୍ୟାନିକ୍ ମୋଡ୍ ଆକ୍ଟିଭ୍ ରଖିବା ଦ୍ୱାରା ତୁରନ୍ତ ଚୋରର ସେଲ୍ଫି ଓ ଲୋକେଶନ୍ ଆପଣଙ୍କ ଏମର୍ଜେନ୍ସି କଣ୍ଟାକ୍ଟ ନମ୍ବରକୁ ଚାଲିଯାଇଥାଏ, ଯାହାକୁ ଟ୍ରାକ୍ କରି ଫୋନ୍‌କୁ ଖୋଜିବା ସହଜ ହୋଇଥାଏ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ପୂଜା ସମୟରେ ଦୁର୍ଭାଗ୍ୟବଶତଃ ଫୋନ୍ ଚୋରି ହୋଇଯାଏ, ତେବେ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ସିମ୍ କାର୍ଡ ବ୍ଲକ୍ କରିବା ସହ ନିକଟସ୍ଥ ପୋଲିସ୍ ଷ୍ଟେଶନ୍‌ରେ ଖବର ଦେବା ଜରୁରୀ।

– ପୌର୍ଣ୍ଣମାସୀ

## ୟୁଥ୍ ଆଲର୍ଟ

➔ପୂଜା ସମୟରେ ମାର୍କେଟ ସହିତ ପୂଜାସ୍ଥଳ ନିକଟରେ ମଧ୍ୟ ଅନେକ ଫୁଡ୍ ଷ୍ଟଲ୍ ଦେଖିବାକୁ ମିଳିଥାଏ। ଆଉ ଯୁବପିଢ଼ି ଏ ସବୁ ଖାଇବାର ମଉକା ଆଦୌ ହାତଛଡ଼ା କରି ନ ଥା'ନ୍ତି। ହେଲେ ଅପରପକ୍ଷେ ଏଭଳି ଖାଦ୍ୟ ଖାଇବା ଦ୍ୱାରା ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। କେବେକେବେ ଫୁଡ୍ ପଏଜନିଂ ହୋଇ ଝାଡ଼ା, ବାନ୍ତି ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ବାହାରେ ଯଥାସମ୍ଭବ କମ୍ ଖାଆନ୍ତୁ।

➔ପୂଜା ବେଳେ ଲାଭ ପାଇବା ଆଶାରେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ବ୍ୟବସାୟୀ ଅଧିକ ରଙ୍ଗ, ଖରାପ ତେଲ ଆଦି ମଧ୍ୟ ବ୍ୟବହାର କରିଥା'ନ୍ତି ; ଯାହାକୁ ଖାଇଲେ ଶରୀରକୁ ବିଷାକ୍ତ ପଦାର୍ଥ ଚାଲିଯାଏ ଏବଂ ପେଟ ସମସ୍ୟା ଉପୁଜିଥାଏ। ଏହାକୁ ଦୂର କରିବା ଲାଗି ବା ଶରୀରକୁ ଡିଟକ୍ସ ନିମିତ୍ତ ପ୍ରୋବାୟୋଟିକ୍ ସବୁଠୁ ଭଲ। ଏଥିପାଇଁ ଦହି ଖାଆନ୍ତୁ। ଏହାଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

## ପୂଜାବେଳେ ବାହାର ଖାଦ୍ୟ ଖାଉଥିଲେ...

ଆରମ୍ଭ ହୋଇଯାଇଛି ଦଶହରା। ପୂଜାମଣ୍ଡପଗୁଡ଼ିକ ନିକଟରେ ମିଳୁଛି ନାନାଦି ପ୍ରକାର ଖାଦ୍ୟର ସମ୍ଭାର। ହେଲେ ଏସବୁ ଖାଦ୍ୟ ଅଧିକ ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ତେଣୁ ପୂଜାରେ ଏଭଳି ଖାଦ୍ୟ ଖାଉଥିଲେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ପ୍ରତି ଧ୍ୟାନ ଦେବା ଜରୁରୀ...



– ପୂଜା ଦିନରେ ଅତିକମ୍‌ରେ ଦିନକୁ ୩–୪ ଲିଟର ପାଣି ପିଅନ୍ତୁ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବା ସହ ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ଶରୀରକୁ ସୁସ୍ଥ ରଖିଥାଏ।

– ପୂଜା ଆଳରେ ବୁଲାବୁଲି ସହ ବାହାରେ ଅଧିକ ଲୁଣ, ରାଗ, ତେଲ, ମସଲାଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ଆବଶ୍ୟକ।

– ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବା ଲାଗି ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଅନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧– ଏନ୍‌ଏମ୍‌ଏଚ୍‌ସିର ଫୁଲ୍‌ଫର୍ମ ............ ?
୨– ଆଇଏନ୍‌ଏସ୍ ରାଜାଲି ତାମିଲନାଡୁରେ ଥିବା ଏକ ............ ?
୩– ନିକଟରେ ........... ଦେଶ ଭାରତରୁ ବାଦାମ ଆମଦାନୀ ବନ୍ଦ କରିଦେଇଛି ?
୪– ଦି ଗଲ୍ଫ ଅଫ୍ ଫିନ୍‌ଲାଣ୍ଡ ................ ଠାରେ ରହିଛି ?
୫– ୱେଶ୍ ଆଣ୍ଡ ମିଜାଇଲ୍ ଟ୍ରାକିଂଶିପ୍ ଉଆନ୍ ୟାଙ୍ଗ୍ ୫ ........ ଦେଶ ନିର୍ମାଣ କରିଛି ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ୩୮
୩ ଚେନ୍ନାଇ
୪ ତାଞ୍ଜାନିଆ ଏବଂ କେନିଆ
୫ ଅକ୍ଟୋବର ୧୫

## ଉତ୍ତର ଦାତା



ଛବିଲାଲ୍ ଭାଟି
କଳାହାଣ୍ଡି



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଶେଖ୍ ୟାକୁବ୍
ଗୋପ

ଜାଣନ୍ତୁ ଦୁନିଆ

## ବିନା ଦୀପ ଆଉ ବତିରେ ଜଳୁଛି ଅଖଣ୍ଡ ଜ୍ୟୋତି

ଆମ ଦେଶରେ ଅନେକ ଦେବୀ ମନ୍ଦିର ରହିଛି, ଯାହା ମଧ୍ୟରୁ ଏମିତି ଏକ ଅଲୌକିକ ଶକ୍ତିପୀଠ ରହିଛି; ଯେଉଁଠାରେ ବିନା ଦୀପ ଏବଂ ବତିରେ ଅଖଣ୍ଡ ଜ୍ୟୋତି ପ୍ରକାଶିତ ହେଉଥିବା ଦେଖିବାକୁ ମିଳେ। ହିମାଚଳ ପ୍ରଦେଶରେ ଥିବା ଏହି ଶକ୍ତିପୀଠ ହେଉଛି ମା' ଜ୍ୱାଳା ଦେବୀ ମନ୍ଦିର। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି କଥା...



❖ଆମ ଦେଶରେ ଥିବା ୫୧ଟି ଶକ୍ତପୀଠ ମଧ୍ୟରେ ହିମାଚଳ ପ୍ରଦେଶରେ ଥିବା ଜ୍ୱାଳାଦେବୀ ମନ୍ଦିର ଅନ୍ୟତମ।

❖ଶିବାଳକ ପର୍ବତମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶରେ ଥିବା ଏହି ମନ୍ଦିରର ଅନେକ ଧାର୍ମିକ ମାନ୍ୟତା ରହିଛି। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

❖ହିନ୍ଦୁ ପୌରାଣିକ କଥା ଅନୁସାରେ, ଯେବେ ମା' ସତୀ ପିତା ଦକ୍ଷଙ୍କ ଯଜ୍ଞରେ ନିଜ ସ୍ୱାମୀ ଶିବଙ୍କ ଅପମାନ ସହି ନ ପାରି ଆତ୍ମଦାହ କରିଥିଲେ, ସେତେବେଳେ ଭଗବାନ ଶିବ ଅତ୍ୟନ୍ତ ରାଗରେ ସତୀଙ୍କ ଜଳିଯାଇଥିବା ଶରୀର ଧରି ବ୍ରହ୍ମାଣ୍ଡସାରା ବୁଲୁଥିଲେ। ଶିବଙ୍କୁ ଶାନ୍ତ କରିବା ଲାଗି ନାରାୟଣ ନିଜ ଚକ୍ରରେ ଦେବୀ ସତୀଙ୍କ ପୋଡ଼ା ଶରୀରକୁ କାଟି ଦେଇଥିଲେ, ଯାହାକି ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଉକ୍ତ ସ୍ଥାନଗୁଡ଼ିକ ପରବର୍ତ୍ତୀ ସ୍ଥାନରେ ଶକ୍ତିପୀଠ ପାଲଟିଛି। ତେବେ କୁହାଯାଏ, ଏଠାରେ ମା'ଙ୍କ ଜିଭ ପଡିଥିଲା ; ଯାହାକି ଏବେ ବି ନିରନ୍ତର ଜଳୁଛି ଏବଂ ତାହା ମା' ଜ୍ୱାଳାମୁଖୀଙ୍କ ନାମରେ ପରିଚିତ।

❖ଏହା ବ୍ୟତୀତ ଆଉ କେତେକ କିମ୍ବଦନ୍ତୀ ବି ରହିଛି। କୁହାଯାଏ, ମୋଗଲ ବାଦଶାହ ଆକବର ଯେବେ ଏହି ମନ୍ଦିର ବିଷୟରେ ଜାଣିଲେ, ନିଜ ସେନାବାହିନୀ ଧରି ଏହି ଜ୍ୟୋତି ଲିଭେଇବା ଲାଗି ଆସିଲେ। ହେଲେ ବହୁ ଚେଷ୍ଟା ପରେ ମଧ୍ୟ ଅସଫଳ ରହିଥିଲେ। ଆଉ ଏଥିପାଇଁ ସେ ମଧ୍ୟ ଏହି ଅଲୌକିକ ଘଟଣାରେ ବିଶ୍ୱାସ କରିବା ସହ ଉକ୍ତ ମନ୍ଦିରରେ ସୁନାର ଛତ୍ର ଚଢ଼ାଇଥିଲେ।

❖ଏହି ମନ୍ଦିରର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ କୌଣସି ମୂର୍ତ୍ତିର ପୂଜା କରାଯାଇ ନ ଥାଏ। ମନ୍ଦିରର ବିଭିନ୍ନ ସ୍ଥାନରେ ଅନାଦି କାଳରୁ ପ୍ରାକୃତିକ ଜ୍ୟୋତି ପ୍ରଜ୍ୱଳିତ ହୋଇଆସୁଛି, ଯାହାକୁ ମା'ଙ୍କ ସ୍ୱରୂପ ବୋଲି ଗ୍ରହଣ କରାଯାଏ ଏବଂ ଭକ୍ତ ଉକ୍ତ ଜ୍ୟୋତିକୁ ପୂଜାର୍ଚ୍ଚନା କରିଥା'ନ୍ତି।

❖କିମ୍ବଦନ୍ତୀ ଅନୁଯାୟୀ, କେତେକ ସ୍ଥାନରେ ଏମିତିବି ବର୍ଣ୍ଣନା ରହିଛି ଯେ, ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରାଇଥିଲେ। ସେବେଠୁ ଏହାକୁ ଆସ୍ଥା ଏବଂ ଶ୍ରଦ୍ଧାର ପ୍ରତୀକ ବୋଲି ବିଶ୍ୱାସ କରାଯାଉଛି। ମାର୍ଚ୍ଚ–ଏପ୍ରିଲ୍ ଏବଂ ଅକ୍ଟୋବର–ନଭେମ୍ବରରେ ନବରାତ୍ର ସମୟରେ ଏଠାରେ ମେଳା ଆୟୋଜନ ହୋଇଥାଏ ଏବଂ ଦେଶ ବିଦେଶରୁ ଅନେକ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ହୋଇ ମା'ଙ୍କ ପୂଜା କରିଥା'ନ୍ତି। ଏହି ସମୟରେ ଏଠାକାର ଦୃଶ୍ୟ ଆହୁରି ଭବ୍ୟ ଓ ମନୋରମ ହୋଇଉଠେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମୟରେ ମା'ଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଶ୍ରଦ୍ଧା ଓ ନିଷ୍ଠାର ସହିତ ଭକ୍ତ ଯେଉଁ ମନସ୍କାମନା କରନ୍ତି, ତାହା ନିଶ୍ଚୟ ପୂରଣ ହୋଇଥାଏ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


TVS
ମହା ସଞ୍ଚୟ
GST ହାର ହ୍ରାସ ଯୋଗୁଁ
₹5 400^ ପର୍ଯ୍ୟନ୍ତ ସଞ୍ଚୟ
ନୂତନ
ଏକ୍ସ-ଶୋରୁମ ମୂଲ୍ୟ
₹59 300# ରୁ ଆରମ୍ଭ
ପୁରୁଣା
ଏକ୍ସ-ଶୋରୁମ ମୂଲ୍ୟ
₹64 492# ରୁ ଆରମ୍ଭ
10* ବର୍ଷର ୱାରେଣ୍ଟି
15% ଅଧିକ ମାଇଲେଜ୍*
ଡାଉନ୍ ପେମେଣ୍ଟ
₹5 999** ରୁ ଆରମ୍ଭ
www.tvsmotor.com
TVS Sport
ମାଇଲେଜ୍ କା ବାପ୍
Finance Partners: TVS CREDIT, IDFC FIRST Bank ALWAYS YOU FIRST, SHRIRAM Finance, L&T Finance, Muthoot Finance, TATA CAPITAL Two Wheeler Loans
#Odisha Ex-showroom price of TVS Sport ES Variant. Prices are subject to change without any prior notice. ^Price Benefit from Revised GST rates on TVS Sport ES+ Variant.
**Finance at the sole discretion of the financer. Price Mentioned are Applicable from 22nd Sep'25. Limited period offer. Accessories shown here may not be part of standard fitment. *T&C apply.
FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA:8249710415, JATANI:7077588558, 9124605556, BALUGAON:9937886712, NIRAKARPUR:7735402179, 8658517804, BHUBANESHWAR:9337022334, KHURDA:7008412374, BALIPATNA:9776036999, MENDHASALA:9437072019, SUNDARPADA:8249094931, PIPILI:9861150706, SAKHIGOPAL:8249769742, NIMAPARA:7381765800, DELANG:9090214582, BRAHMAGIRI:8480928882, 6370937155, CHARI CHOWK:8327783765, KAKATPUR:9776125534, KANAS:9090214582, ABHIMANPUR POST:9937019555, BANKI:9437666687, NIALI:9437307967, PHULNAKHARA,CUTTACK:7440037801, NISCHINTAKOILI:9337438686, KANDARPUR:9090098000, SISUA:8018556514, ADASHPUR:82498 57169, TANGI: 83277 14238, PATTAMUNDAI:9938602209, MARSHAGHAI:9938837705, RAJNAGAR:9439650236, GARADAPUR:9437527214, MANGALPUR:9853486660, BARI:9437510237, BINJHARPUR:9090503379, KUAKHIA:9348035630, SINGHPUR:9040646458, ROHIBANK:6371229226, KALAPATHAR:9937844941, RANPUR:9778520193, KHANDAPADA:7008659421, PURUNAKATAK:9439071610, CHANDPUR:9337112565, RAJ SUNAKHELA:9437637421, NARASINGHPUR:9658410027, ODOGAON:7815050701, BHAPUR:7389040805.